# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୨୧/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) Sambalpur, Wednesday, August 21 / 2019 ★★

୧୫ଶ ଭାଗ ୨୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



KP GROUP
Quality Since 1965

# Safal

PAN MASALA

ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!




₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୨୧/୨୦୧୯ | Sambalpur, Wednesday, August 21 / 2019 | ପୃଷ୍ଠା-୧




## ଓଡ଼ିଶାର ସୁମିତ୍ରା ଅଧିନାୟିକା

ଲାଓସରେ ହେବାକୁଥିବା ୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ପାଇଁ ଓଡ଼ିଶାର ସୁମିତ୍ରା ନାୟକ ଭାରତୀୟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। **୧୭**

**୧୧** 

## 'କୁଲି ନମ୍ବର-୧'ରେ ରଜତ ରାଓ୍ଵଲ

'ବଡିଗାର୍ଡ'ରେ ହାସ୍ୟାଭିନୟ କରି ଦର୍ଶକଙ୍କୁ ମୁଗ୍ଧ କରିଥିବା ଅଭିନେତା ରଜତ ରାଓ୍ଵଲ ବରୁଣ ଧାଓ୍ଵନଙ୍କ ଅଭିନୀତ 'କୁଲି ନମ୍ବର-୧'ରେ ଯୋଗ ଦେଇଛନ୍ତି।



# ଚନ୍ଦ୍ରକକ୍ଷରେ ଚନ୍ଦ୍ରୟାନ-୨

**ଇସ୍ରୋ ଟିମ୍‌କୁ ମୋଦିଙ୍କ ଅଭିନନ୍ଦନ**



**ନୂଆଦିଲ୍ଲୀ,୨୦।୮(ଆଇଏଏନ୍ଏସ୍)**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ଦ୍ୱିତୀୟ ଲୁନାର ମିଶନ୍ ଚନ୍ଦ୍ରୟାନ-୨ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଛି। ଇସ୍ରୋ ଦ୍ୱାରା ଚନ୍ଦ୍ରୟାନ-୨ରେ ଥିବା ମୋଟରକୁ ଫାୟାରିଂ କରାଯିବା ପରେ ଏହା ଉପରକୁ ଠେଲିହୋଇ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଥିଲା। ଏହାପରେ ଚନ୍ଦ୍ରୟାନକୁ ଅଗଷ୍ଟ ୨୧, ୨୮, ୩୦ ଓ ସେପ୍ଟେମ୍ବର ୧ରେ ଏହିପରି ଚାରି ପର୍ଯ୍ୟାୟ ଦେଇ ଚନ୍ଦ୍ରର ଚୂଡ଼ାନ୍ତ କକ୍ଷପଥରେ ପ୍ରବେଶ କରାଯିବ। ସେତେବେଳେ ଚନ୍ଦ୍ରପୃଷ୍ଠରୁ ଏହା ୧୦୦କିଲୋମିଟର ଉଚ୍ଚତାରେ ଅବସ୍ଥାନ କରିଥିବ। ଲ୍ୟାଣ୍ଡର 'ବିକ୍ରମ' ଅର୍ବିଟରଠାରୁ ପୃଥକ୍ ହେବାପରେ ସେପ୍ଟେମ୍ବର ୭ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଧୀରେ ଧୀରେ ଅବତରଣ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋର ଏହି ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ସେ ଟୁଇଟ୍ କରି ଜଣାଇଛନ୍ତି, 'ଚନ୍ଦ୍ରୟାନ-୨କୁ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରାଇଥିବାରୁ ଇସ୍ରୋ ଟିମ୍‌କୁ ଅଭିନନ୍ଦନ। ଚନ୍ଦ୍ର ଅଭିଯାନ ପାଇଁ ଉଲ୍ଲେଖନୀୟ ଯାତ୍ରାପଥରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚନ୍ଦ୍ରୟାନର ସଫଳ ଯାତ୍ରା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା।'

ଜୁଲାଇ ୨୨ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶଧାଓ୍ଵନ ସ୍ପେସ୍ ସେଣ୍ଟରରୁ ଚନ୍ଦ୍ରୟାନ-୨କୁ ସବୁଠୁ ଓଜନିଆ ରକେଟ ଜିଏସ୍ଏଲ୍‌ଭି ମେକ୍-୩ ଦ୍ୱାରା ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା। ଉକ୍ତ ସ୍ପେସ୍‌କ୍ରାଫ୍ଟ ୩ଟି ଅଂଶକୁ ନେଇ ଗଠିତ। ଦି ଅର୍ବିଟର(୨୩୭୯ କିଲୋଗ୍ରାମ), ଦି ଲ୍ୟାଣ୍ଡର 'ବିକ୍ରମ'(୧୪୭୧ କିଲୋଗ୍ରାମ) ଏବଂ ରୋଭର 'ପ୍ରଜ୍ଞାନ'(୨୭କିଲୋଗ୍ରାମ)।

# ମିଶନରେ କେନ୍ଦୁଝରର ବୈଜ୍ଞାନିକ ଅଟଳକୃଷ୍ଣ



କେନ୍ଦୁଝର, ୨୦।୮(ସ୍ୱ.ପ୍ର.)- ଚନ୍ଦ୍ରାୟନ-୨ରେ କେନ୍ଦୁଝର ଜିଲାର ଯୁବ ବୈଜ୍ଞାନିକ ଅଟଳକୃଷ୍ଣ ଖଟୁଆଙ୍କ ଉଦ୍ୟମ ଏବେ ରାଜ୍ୟ ପାଇଁ ଗୌରବ ଆଣିଛି। ଅଟଳକୃଷ୍ଣ ଇସ୍ରୋର ରିଲାଇବିଲିଟି ବିଭାଗରେ ଦୀର୍ଘ ୬ ବର୍ଷ ହେଲା ବୈଜ୍ଞାନିକ ଭାବେ କାମ କରୁଛନ୍ତି। ଏଥିପାଇଁ ତାଙ୍କୁ ସବୁବେଳେ ଥିରୁବନନ୍ତପୁରମ୍‌ରୁ ଶ୍ରୀହରିକୋଟା ଯିବାକୁ ପଡୁଥିଲା। ବିଶେଷ କରି ଚନ୍ଦ୍ରାୟନ-୨ ପାଇଁ କ୍ରାୟୋଜନିକ ଷ୍ଟେଜ ଓ ଥର୍ମାଲ ପ୍ରୋଟେକ୍ସନ ସିଷ୍ଟମ ବିଭାଗରେ ସେ କାମ କରୁଛନ୍ତି। ଅଟଳକୃଷ୍ଣଙ୍କ ଘର କେନ୍ଦୁଝର ସହର ମାଗୁରଗାଡିଆ ସାହିରେ। ତାଙ୍କ ବାପା ଇଂ ଅମରବର ଖଟୁଆ ସର୍ଭେୟର ଭାବରେ କାମ କରୁଥିବାବେଳେ ମା' ସରୋଜିନୀ ପୃଷ୍ଟି ଜଣେ ଅଧ୍ୟାପିକା। ଅଟଳ କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ପାସ କରି କଳିଙ୍ଗ ଭାରତୀ ଆବାସିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଅଧ୍ୟୟନ କରିଥିଲେ। ଏହା ପରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ସ୍ପେସ ସାଇନ୍ସ ଆଣ୍ଡ ଟେକ୍ନୋଲଜି, ଥିରୁବନନ୍ତପୁରମ୍, କେରଳରୁ ବିଟେକ ଡିଗ୍ରୀ ହାସଲ କରି ଇସ୍ରୋରେ ବୈଜ୍ଞାନିକ ଭାବେ କାମ କରିଆସୁଛନ୍ତି।

## ଥାନାରୁ ଗିରଫ ଅଭିଯୁକ୍ତ ଫେରାର ଘଟଣା

# ୮ ପୋଲିସ କର୍ମଚାରୀ ନିଲମ୍ବିତ

ବରଗଡ଼ ଅଫିସ୍,୨୦।୮- ବରଗଡ଼ ଜିଲା ବରପାଲି ଓ ଭଟଲି ଥାନାରୁ ୨ ଗିରଫ ଅଭିଯୁକ୍ତ ଫେରାର୍ ହେବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବରଗଡ଼ ଜିଲା ଦାୟିତ୍ୱରେ ରହିଥିବା ବଲାଙ୍ଗୀର ଏସ୍‌ପି କେ. ଶିବା ସୁବ୍ରାମଣି ଉଭୟ ଘଟଣାରେ ବରପାଲି ଓ ଭଟଲି ଥାନାରେ କାର୍ଯ୍ୟରତ ୮ ପୋଲିସ କର୍ମଚାରୀଙ୍କୁ ମଙ୍ଗଳବାର ନିଲମ୍ବିତ କରିଛନ୍ତି। ସେମାନେ ହେଲେ ବରପାଲି ଥାନାର ଏଏସଆଇ ଜଗନ୍ନାଥ ପଣ୍ଡା, କନଷ୍ଟେବଲ ପହିଲି ସାହୁ, ଆକାଶ ପ୍ରଧାନ, ହୋମଗାର୍ଡ଼ ଛନ୍ଦାଚରଣ ବାରିକ। ସେହିପରି ଭଟଲି ଥାନାର ଏଏସଆଇ ନାରାୟଣ ସେଠ, କନଷ୍ଟେବଲ ସତ୍ୟବାଦୀ ସାହୁ, ସୁକାନ୍ତି ବିଶି ଓ ବୈଲୋଚନ ମାଝିଙ୍କୁ ନିଲମ୍ବିତ କରାଯାଇଛି। ଗୋଟିଏ ଦିନରେ ଜିଲାର ୮ପୋଲିସ କର୍ମଚାରୀ ନିଲମ୍ବନ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶଥାଉକି, ଗତ ୧୬ତାରିଖରେ ଏକ ମୋବାଇଲ ଚୋରି ଘଟଣାରେ ସାଲେଭଟା ଅଞ୍ଚଳରୁ ଗିରଫ ହୋଇଥିବା ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଭଏଁଷା ଗ୍ରାମର ଶୁଭଲତା ସିଂ ବରପାଲି ଥାନାରୁ ଫେରାର୍ ହୋଇ ଯାଇଥିଲେ । ପରେ ଖୋଜାଖୋଜି କରି ବିଳମ୍ବରେ ପୋଲିସ ତାଙ୍କୁ ପୁଣି ଧରିଥିଲା। ତେବେ ସେହି ଘଟଣାକୁ ୩ଦିନ ବିତି ନ ଥିବାବେଳେ ସୋମବାର ଭଟଲି ଥାନାରୁ ଆଉ ଜଣେ ବଳାତ୍କାରୀ ଗିରଫ ଅଭିଯୁକ୍ତ ଡବଲଙ୍ଗ ଗ୍ରାମର ସୁଦର୍ଶନ ସାହୁ ଫେରାର ହୋଇ ଯାଇଥିଲେ। ଏଯାଏ ତାଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇନାହିଁ। ପୋଲିସ ହେପାଜତରୁ ଗିରଫ ଅଭିଯୁକ୍ତ ଫେରାର୍ ହେବା ପରେ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ ତଦନ୍ତ ପାଇଁ ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବରଗଡ଼ ଜିଲା ଦାୟିତ୍ୱରେ ରହିଥିବା ବଲାଙ୍ଗୀର ଏସ୍‌ପି ସୁବ୍ରାମଣିଙ୍କ ତତ୍ତ୍ୱାବଧାନରେ ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ ଉଭୟ ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିଲେ। ସେହି ରିପୋର୍ଟ ଆଧାରରେ ଉପରୋକ୍ତ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି ।

**ଆଜିର ସମ୍ପାଦକୀୟ**

**କାହା ପାଇଁ ସଂଯୋଗ**

## ■ ରାଜ୍ୟର ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା

# ସରକାରଙ୍କ ଉପରେ ଏନ୍‌ଜିଟି କ୍ଷୁବ୍ଧ

- ■ ସେପ୍ଟେମ୍ବର ୨୫ରେ ହାଜର ହେବାକୁ ନିର୍ଦ୍ଦେଶ
- ■ ସବୁ ସହରରେ ସ୍ଥାପନ ହେବ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ
- ■ ମହିଳା ଏସ୍ଏଚ୍‌ଜିଙ୍କ ହାତରେ ରହିବ ସହର ସ୍ୱଚ୍ଛତା

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

ସହରାଞ୍ଚଳରୁ ବାହାରୁଥିବା କୁଢ଼କୁଢ଼ ବର୍ଜ୍ୟବସ୍ତୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) କ୍ଷୁବ୍ଧ ହୋଇଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ଦୀର୍ଘମିଆଦୀ ଯୋଜନା କରୁ ନ ଥିବାରୁ ରାଜ୍ୟ ସରକାରଙ୍କୁ ଏନ୍‌ଜିଟି କଡ଼ା ଭର୍ତ୍ସନା କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ଏନ୍‌ଜିଟି ସରକାରଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ସତର୍କ କରାଇ ଦେଇଛନ୍ତି। ବର୍ଜ୍ୟବସ୍ତୁ ଯେପରି ପରିବେଶକୁ ତିଳେମାତ୍ର କ୍ଷତି ନ ପହଞ୍ଚାଇବ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଆସନ୍ତା ସେପ୍ଟେମ୍ବର ୨୫ ସୁଦ୍ଧା ହାଜର ହୋଇ ଜଣାଇବାକୁ ଏନ୍‌ଜିଟି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟ ସରକାର ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଦୀର୍ଘଦିନ ଧରି ଅଳିଆ ଆବର୍ଜନା ଟ୍ରାନ୍‌ଜିଟ ପଏଣ୍ଟରେ ପଡ଼ିରହୁଛି। ମନଇଚ୍ଛା ଯେଉଁଠି ନାହିଁ ସେଠି ଫିଙ୍ଗି ଦିଆଯାଉଛି। ଫଳରେ ପରିବେଶ ପ୍ରତି ଏହା ଭୟଙ୍କର ବିପଦ ସୃଷ୍ଟି କରୁଛି। ରାଜ୍ୟରେ ୧୧୪ଟି ପୌରାଞ୍ଚଳ ରହିଛି। ଏଥିରେ ରାଜ୍ୟର ସମୁଦାୟ ଜନସଂଖ୍ୟାର ୧୬.୬୮% ଲୋକ ବାସ କରୁଛନ୍ତି। ରାଜ୍ୟରେ ୫ଟି ମହାନଗର ନିଗମ ଥିବାବେଳେ ୪୮ ମ୍ୟୁନିସିପାଲିଟି ଏବଂ ୬୧ ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ଏହିସବୁ ସହରାଞ୍ଚଳରୁ ବାର୍ଷିକ ୯୮ ନିୟୁତ ଟନ୍ ବର୍ଜ୍ୟବସ୍ତୁ ବାହାରୁଛି ବୋଲି ରାଜ୍ୟ ସରକାର ଏନ୍‌ଜିଟିକୁ ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେଥିରୁ ମାତ୍ର ୨୨.୭% ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଥିବା ସରକାର ଦର୍ଶାଇଛନ୍ତି। ଏନ୍‌ଜିଟିଙ୍କ କଡ଼ା ତାଗିଦ୍ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହରାଞ୍ଚଳ ବର୍ଜ୍ୟବସ୍ତୁକୁ ଠିକ୍ ଢଙ୍ଗରେ ପରିଚାଳନା କରିବାକୁ ଅଣ୍ଟା ଭିଡ଼ିଛି। ବିଭାଗୀୟ ସଚିବଙ୍କ ସମେତ ୧୩ଜଣ ଅଧିକାରୀ ଚେନ୍ନାଇରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ବୁଲି ଦେଖିଛନ୍ତି। ଚେନ୍ନାଇ ଢାଞ୍ଚାରେ ଏଣିକି ରାଜ୍ୟର ସହରଗୁଡ଼ିକୁ ବର୍ଜ୍ୟବସ୍ତୁ ମୁକ୍ତ କରାଯିବ। ଆଉ କେଉଁଠି ଅଳିଆ ଗଦା ହୋଇ ରହିବ ନାହିଁ। ସଂଗ୍ରହ ହେବା ସହିତ ବର୍ଜ୍ୟବସ୍ତୁଗୁଡ଼ିକୁ ଅଲଗା କରି ତୁରନ୍ତ ନଷ୍ଟ କରାଯିବ। କୌଣସି ସ୍ଥାନରେ ଆଉ ପକାଇ ରଖାଯିବ ନାହିଁ। ଏଥିପାଇଁ ସହରର ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ ସ୍ଥାପନ କରାଯିବ। ଏହି କାର୍ଯ୍ୟରେ ମହିଳା ସ୍ୱେଚ୍ଛାସେବୀ ସଂସ୍ଥାକୁ ନିୟୋଜିତ କରାଯିବ। ସେମାନଙ୍କ ମଧ୍ୟରୁ ୨୬୦୦ ସ୍ୱଚ୍ଛସାଥୀ ଏବଂ ୬୫୦ ସୁପରଭାଇଜରଙ୍କୁ ଜନସଚେତନ ଓ ପ୍ଲାଣ୍ଟ ପରିଚାଳନା କାର୍ଯ୍ୟରେ ନିୟୋଜିତ କରାଯିବ। ପ୍ରତି ୬୦୦ ଜନସଂଖ୍ୟାରେ ଜଣେ ସ୍ୱଚ୍ଛସାଥୀ ନିୟୋଜିତ ହେବେ। ପନିପରିବା ଚୋପା, ବିଭିନ୍ନ ଫଳମୂଳ ଓ ଶୀଘ୍ର ନଷ୍ଟ ହେଉଥିବା ବର୍ଜ୍ୟବସ୍ତୁକୁ ଜୈବିକ ଖତରେ ପରିଣତ କରାଯିବ। ସେହି ଖତଗୁଡିକକୁ ଚାଷୀଙ୍କୁ ଯୋଗାଇ ଦିଆଯିବ। ପଲିଥିନ ଓ ଅନ୍ୟାନ୍ୟ ସାମଗ୍ରୀକୁ ପୃଥକ୍ କରାଯାଇ ପ୍ରୋସେସିଂ ପ୍ଲାଣ୍ଟ ଏବଂ ସିମେଣ୍ଟ ପ୍ରସ୍ତୁତ କାରଖାନାକୁ ପଠାଯିବ। ଏ ବାବଦରେ ଯେଉଁ ଅର୍ଥ ଆୟ ହେବ ସେସବୁକୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। କୋଟପାଡ ଏନ୍ଏସିକୁ ସମ୍ପୂର୍ଣ୍ଣ ବର୍ଜ୍ୟବସ୍ତୁ ମୁକ୍ତ ସହର ଭାବେ ଘୋଷଣା କରାଯାଇଛି। କଟକ ଓ ଭୁବନେଶ୍ୱର ମହାନଗରରେ ☞ପୃଷ୍ଠା-୨



ବ୍ରହ୍ମପୁରରେ ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁ କେସି ଟାଉନ ହାଇସ୍କୁଲ ଶ୍ରେଣୀଗୃହରେ ବର୍ଷାପାଣି ପଶିଯାଇଛି । (ଫଟୋ: ସମୀର ରଥ)

# ଚିଦାମ୍ବରମଙ୍କ ଘରେ ସିବିଆଇ, ଇଡି ଟିମ୍

## ■ କୌଣସି ସମୟରେ ଗିରଫ ହୋଇପାରନ୍ତି

- ■ ଆଇଏନ୍ଏକ୍ସ ମିଡିଆ ମାମଲା
- ■ ହାଇକୋର୍ଟରୁ ମିଳିଲାନି ଆଗୁଆ ଜାମିନ, ସୁପ୍ରିମ୍‌କୋର୍ଟ ଗଲେ



ପି. ଚିଦାମ୍ବରମ୍

**ନୂଆଦିଲ୍ଲୀ,୨୦।୮**

ଆଇଏନ୍ଏକ୍ସ ମିଡିଆ ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କୁ ବଡ଼ ଝଟକା ଲାଗିଛି। ତାଙ୍କର ଆଗୁଆ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଗିରଫରୁ ବର୍ତ୍ତିବା ପାଇଁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ବୁଧବାର ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସୁପ୍ରିମକୋର୍ଟ ଚିଦାମ୍ବରମଙ୍କୁ କହିଥିବା ଜଣାପଡିଛି। ଅନ୍ୟପକ୍ଷରେ ଚିଦାମ୍ବରମଙ୍କ ଦିଲ୍ଲୀ ବାସଭବନରେ ସିବିଆଇର ଏକ ଟିମ୍ ପହଞ୍ଚିଥିଲେ ହେଁ ତାଙ୍କୁ ନ ପାଇ ଫେରିଆସିଛନ୍ତି। ସିବିଆଇ ଟିମ୍ ଫେରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଟିମ୍ ମଧ୍ୟ ଚିଦାମ୍ବରମ୍‌ଙ୍କ ବାସଭବନରେ ପହଞ୍ଚିଥିଲା।

ସିବିଆଇ ଏବଂ ଇଡି ପକ୍ଷରୁ ଦାଏର ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଚିଦାମ୍ବରମଙ୍କ ପିଟିଶନ୍ ଖାରଜ ହୋଇଯାଇଥିବା ଜଷ୍ଟିସ୍ ସୁନୀଲ ଗୌର କହିଥିଲେ। ମାମଲାରେ ସେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି। ତେଣୁ ତାଙ୍କୁ ଜେରା କରିବାରେ ଅଦାଲତ ଆଇନଗତ ପ୍ରତିବନ୍ଧକ ଲଗାଇପାରିବେ ନାହିଁ ବୋଲି ବିଚାରପତି କହିଥିଲେ। ଏହା ମନିଲଣ୍ଡରିଂର ଏକ କ୍ଲାସିକ୍ ମାମଲା। ଅପରାଧର ଗୁରୁତ୍ୱ ଦୃଷ୍ଟିରୁ ଏବଂ ଜେରା ବେଳେ ଚିଦାମ୍ବରମ୍ ସନ୍ଦେହଜନକ ଜବାବ ରଖୁଥିବାରୁ ତାଙ୍କୁ ଆଗୁଆ ଜାମିନ ପ୍ରଦାନ କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଥିଲେ।

ହାଇକୋର୍ଟ ରାୟ ଘୋଷଣା କରିବା ପରେ ଚିଦାମ୍ବରମ୍‌ଙ୍କ ଓକିଲ ଦୟାନ କ୍ରିଷ୍ଣନ୍ ଏହା ବିରୋଧରେ ଅପିଲ ପାଇଁ ୩ ଦିନ ସମୟ ମାଗିଥିଲେ ହେଁ କୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ତେଣୁ ଯେକୌଣସି ମୁହୂର୍ତ୍ତରେ ଚିଦାମ୍ବରମଙ୍କୁ ଗିରଫ ହୋଇପାରନ୍ତି। ତାଙ୍କୁ ହାଜତକୁ ନେଇ ଜେରା କରିବା ଆବଶ୍ୟକ ବୋଲି ଉଭୟ ସିବିଆଇ ଏବଂ ଇଡି ହାଇକୋର୍ଟରେ ଯୁକ୍ତି ରଖିଥିଲେ। ୨୦୦୭ରେ ଚିଦାମ୍ବରମ ଅର୍ଥମନ୍ତ୍ରୀ ଥିବାବେଳେ ଆଇଏନ୍ଏକ୍ସ ମିଡିଆ ଗ୍ରୁପ୍‌କୁ ବିଦେଶରୁ ୩୦୫ କୋଟି ଟଙ୍କା ଗ୍ରହଣ କରିବା ପାଇଁ ବିଦେଶୀ ପୁଞ୍ଜିନିବେଶ ପ୍ରୋତ୍ସାହନ ବୋର୍ଡ (ଏଫଆଇପିବି) ମଞ୍ଜୁରୀ ପ୍ରଦାନ କରିଥିଲା ବୋଲି ଉଭୟ ତଦନ୍ତକାରୀ ସଂସ୍ଥା କୋର୍ଟଙ୍କୁ ଜଣାଇଥିଲେ। ଯେଉଁ କମ୍ପାନୀଗୁଡ଼ିକ ଜରିଆରେ ଏହି ଅର୍ଥ ଟ୍ରାନ୍ସଫର ହୋଇଥିଲା ସେଗୁଡିକ ଚିଦାମ୍ବରମଙ୍କ ପୁଅ କାର୍ତ୍ତିଙ୍କ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ନିୟନ୍ତ୍ରଣରେ ରହିଛି। ତେଣୁ କାର୍ତ୍ତିଙ୍କ ହସ୍ତକ୍ଷେପ ଯୋଗୁ ଆଇଏନ୍ଏକ୍ସ ମିଡିଆକୁ ଏଫଆଇପିବି ମଞ୍ଜୁରୀ ପ୍ରଦାନ କରିଥିବା କୁହାଯାଉଛି। ଏହି ମାମଲାରେ ପୂର୍ବରୁ କାର୍ତ୍ତି ଚିଦାମ୍ବରମ ଓ ତାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏସ୍. ଭାସ୍କରରମଣ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ। ପରେ ସେମାନଙ୍କୁ ଜାମିନ ମିଳିଥିଲା।

ଆଇଏନ୍ଏକ୍ସ ମିଡିଆକୁ ଏଫଆଇପିବିର ମଞ୍ଜୁରୀ ପ୍ରଦାନରେ ଅନିୟମିତତାକୁ ନେଇ ସିବିଆଇ ୨୦୧୭ ମେ ୧୫ରେ ଏତଲା ଦାଏର କରିଥିଲା। ପରେ ୨୦୧୮ରେ ଇଡି ଏହି ଘଟଣାରେ ମନିଲଣ୍ଡରିଂକୁ ନେଇ ଆଉ ଏକ ମାମଲା ରୁଜୁ କରିଥିଲା। ସେହିବର୍ଷ ଜୁଲାଇ ୨୫ରେ ଦୁଇଟି ମାମଲାରେ ହାଇକୋର୍ଟ ଚିଦାମ୍ବରମଙ୍କୁ ଆଗୁଆ ଜାମିନ ପ୍ରଦାନ କରିବା ସହ ଏହାର ଅବଧିକୁ ଏକାଧିକ ଥର ବଢ଼ାଇଥିଲେ। ଶେଷରେ ହାଇକୋର୍ଟ ମଙ୍ଗଳବାର ତାଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରି ଦେଇଛନ୍ତି। ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଯାଇଥିଲେ ହେଁ ତାଙ୍କୁ ବୁଧବାର ସକାଳେ ପିଟିଶନ ଦାଏର କରିବାକୁ କୁହାଯାଇଛି।

**ଆଜିର ମନ୍ତବ୍ୟ** ଅସହିଷ୍ଣୁତା, ସାମ୍ପ୍ରଦାୟିକ ଧ୍ରୁବୀକରଣ ଓ ହିଂସ୍ର ଅପରାଧର ଅରୁଚିକର ଧାରା ଆମ ରାଷ୍ଟ୍ରନୀତିକୁ ଧ୍ୱଂସ କରିଦେବାକୁ ବସିଛି। **-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ**

## ■ ଖାଦ୍ୟ ସୁରକ୍ଷା ଯୋଜନାରେ ଅଧିକ ଲୋକଙ୍କୁ ସାମିଲ ସୁଯୋଗ

# ଆଉ ୫ ମାନଦଣ୍ଡ ସାମିଲ

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବାକୁ ରାଜ୍ୟ ସରକାର ନୂତନ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏଥିରୁ ବାଦ୍ ପଡୁଥିବା ଅଧିକ ଲୋକଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଆଉ ୫ଟି ସ୍ୱତଃ ଗ୍ରହଣ (ଅଟୋ ଇନକ୍ଲୁଜନ) ମାନଦଣ୍ଡ କାର୍ଯ୍ୟକାରୀ କରିଛନ୍ତି। ପୂର୍ବରୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ୬ଟି ଅଟୋ ଇନକ୍ଲୁଜନ ଏବଂ ଏଥିରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର ୯ଟି ଗାଇଡ୍‌ଲାଇନ୍ କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନାରେ ସ୍ୱତଃ ସାମିଲ ହେବାକୁ ହେଲେ ହିତାଧିକାରୀ ବାସହୀନ ପରିବାର ହୋଇଥିବା ବେଳେ ଭିକ୍ଷାବୃତ୍ତି କରି ଜୀବିକା ନିର୍ବାହ କରୁଥିବେ, ସମସ୍ତ ଆଦିମ ଆଦିବାସୀ, ଯେଉଁ ପରିବାରରେ କୌଣସି ସଦସ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ବିଧବା ଭତ୍ତା ପାଉଥିବେ ଓ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା କୌଣସି ବାଦ୍ ଦେବା ମାନଦଣ୍ଡ ଦ୍ୱାରା ଅଯୋଗ୍ୟ ହୋଇ ନ ଥିବେ। ସେହିପରି କୌଣସି ବ୍ୟକ୍ତି ଶତକଡା ୪୦ ଭାଗରୁ ଅଧିକ ଶାରୀରିକ ବିକଳାଙ୍ଗ ହୋଇଥିବେ ଏବଂ କିନ୍ନର ଶ୍ରେଣୀର ଆବେଦନକାରୀଙ୍କୁ ଆପଣାଛାଏଁ ରାଶନକାର୍ଡ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ତେବେ ରାଜ୍ୟ ସରକାର ଏଥିରେ ଆଉ ୫ଟି ମାନଦଣ୍ଡକୁ ସାମିଲ କରିଛନ୍ତି। ସେଗୁଡିକ ହେଲା କୌଣସି ବ୍ୟକ୍ତି ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବେ ଏବଂ ତାଙ୍କର କୌଣସି ନିୟମିତ ଆୟ ନ ଥିବ, ପରିବାରରେ କେବଳ ବୃଦ୍ଧାବୃଦ୍ଧ ଥିବେ, ଶାରୀରିକ ଓ ମାନସିକ କ୍ଷେତ୍ରରେ ଦୁର୍ବଳ ଥିବେ, ଯେଉଁ ପରିବାରରେ କୌଣସି ବୟସ୍କ ସଦସ୍ୟ ନ ଥିବେ ଏବଂ ଯେଉଁବ୍ୟକ୍ତି ନିଜର ପରିବାର ପ୍ରତିପୋଷଣ ପାଇଁ ଦୈନିକ ମଜୁରି ଲାଗୁଥିବେ। ଏହାଛଡା କୁଷ୍ଠ, ଏଚ୍ଆଇଭି ଏବଂ ଅନ୍ୟ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ବ୍ୟକ୍ତିଙ୍କୁ ମଧ୍ୟ ଏହି ଯୋଜନାରେ ଆପେ ଆପେ ସାମିଲ କରାଯାଇ ପାରିବ।

ସେହିପରି ହିତାଧିକାରୀ ତାଲିକାରୁ ବାଦ୍ ପଡିବା ଗାଇଡ୍‌ଲାଇନ୍‌ରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ବିଜୁ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ ଯୋଜନା ଏବଂ ବିସ୍ଥାପନ ଓ ଥଇଥାନ ନୀତିଦ୍ୱାରା ସାମିଲ ହୋଇଥିବା ପରିବାର, ଯାହାଙ୍କର ୩ଟି କୋଠରିବିଶିଷ୍ଟ କୋଠାଘର ଥିବ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦିଆଯାଇଛି।


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**



NATIONAL EGG CO-ORDINATION COMMITTEE | 20.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 70 | 119 | 129 |
| BDK | 70 | 119 | 129 |
| BLS | 71 | 120 | 130 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers





**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରେ ଚାଉଳ ଉତ୍ପାଦନ ୩.୨୫% ବୃଦ୍ଧି ଘଟି ୧୧୬.୪୨ ନିୟୁତ ଟନ୍ ଛୁଇଁଛି।
– କୃଷି ମନ୍ତ୍ରଣାଳୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପିୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଲାଙ୍ଗୀର ଲଳିତନଗରରେ ଗଣ୍ଡଗୋଳ, ୩ ଆହତ

ବଲାଙ୍ଗୀର ଅଫିସ, ୨୦।୮-ବଲାଙ୍ଗୀର ଲଳିତନଗରରେ ମଙ୍ଗଳବାର ଅପରାହ୍ଣରେ ଗଣ୍ଡଗୋଳ ଘଟି ୩ ଜଣ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ପଡାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ପରେ ଶତାଧିକ ମହିଳା ଓ ପୁରୁଷ ଟାଉନ୍ ଥାନାକୁ ଆସିଥିଲେ। ଲଳିତନଗରର ଯୋଗେଶ ବେହେରା ଗାଡିଆରୁ ଗାଧେଇ ଫେରୁଥିବାବେଳେ ତାଙ୍କୁ ହେମନ୍ତ କାଲସାଲ, ପ୍ରଶାନ୍ତ କାଲସାଏ, ଗେଡି, ରାଜା ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଯୋଗେଶଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହି ଘଟଣାକୁ ନେଇ ପଡାର କିଛି ଲୋକ ଆକ୍ରମଣକାରୀ ହେମନ୍ତ ଓ ପ୍ରଶାନ୍ତଙ୍କୁ ମାଡ ମାରିବାରୁ ସେମାନଙ୍କର ମଧ ମୁଣ୍ଡ ଫାଟି ଯାଇଥିଲା। ଲଳିତ ନଗରରେ ଜମି ବିବାଦକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ଟାଉନ୍ ଥାନା ଅଧିକାରୀ ତୋଫାନ୍ ବାଗ କହିଛନ୍ତି।

# ଫନୀ ପରବର୍ତ୍ତୀ ପୁନରୁଦ୍ଧାର | କେନ୍ଦ୍ର ଦେଲା ୩୩୩୮.୨୨ କୋଟି ଅତିରିକ୍ତ ସହାୟତା

- ପୂର୍ବରୁ ମିଳିଛି ୬୮୮.୮୭୫ କୋଟି ଟଙ୍କା
- ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ବାତ୍ୟା 'ଫନୀ' କ୍ଷୟକ୍ଷତି ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ୩୩୩୮.୨୨ କୋଟି ଟଙ୍କାର ଅତିରିକ୍ତ ସହାୟତା ରାଶି ଘୋଷଣା କରିଛନ୍ତି। ନୂଆଦିଲ୍ଲୀରେ ମଙ୍ଗଳବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଉଚ୍ଚସ୍ତରୀୟ କମିଟି ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ଏହାପୂର୍ବରୁ ଓଡ଼ିଶାକୁ ଫନୀ ସହାୟତା ବାବଦରେ ୬୮୮.୮୭୫ କୋଟି ଟଙ୍କା ମିଳିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ଓଡ଼ିଶା ବ୍ୟତୀତ ମରୁଡ଼ି ଦ୍ୱାରା ପ୍ରଭାବିତ କର୍ନାଟକକୁ ୧୦୨୯.୩୯ କୋଟି ଟଙ୍କା ଏବଂ ପ୍ରବଳବର୍ଷା ଓ ପର୍ବତ ସ୍ଖଳନଜନିତ କ୍ଷତି ପାଇଁ ୬୪.୪୯ କୋଟି ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି। ବୈଠକରେ ମନ୍ତ୍ରୀ ଶାହଙ୍କ ସମେତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ସହାୟତା ରାଶି ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ସହାୟତା ରାଶି ଫନୀ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଗତ ମେ ୩ରେ ଫନୀ ପ୍ରକୋପ ବହୁଳ ଭାବେ ଉପକୂଳ ଓଡ଼ିଶାରେ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷତିଗ୍ରସ୍ତ ଅଞ୍ଚଳ ଅନୁଧ୍ୟାନ କରିବା ସହ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ୧୦୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ନେଇ ଘୋଷଣା କରିଥିଲେ। ଏହାବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଫନୀ ଦ୍ୱାରା ପ୍ରାଣ ହରାଇଥିବା ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କା ଏବଂ ମାତ୍ରାଧିକ ଆହତ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ୫୦,୦୦୦ ଟଙ୍କାର ସହାୟତା ଘୋଷଣା କରାଯାଇଥିଲା। ଫନୀ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୃଣମୂଳସ୍ତରରେ କ୍ଷୟକ୍ଷତି ଆକଳନ କରାଯାଇଥିଲା। ଏଥିସହିତ ସହାୟତା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ପ୍ରାୟ ୯୩୩୬ କୋଟି ଟଙ୍କାର କ୍ଷୟକ୍ଷତି ପାଇଁ ତୁରନ୍ତ ୫୨୨୮ କୋଟି ଟଙ୍କାର ସହାୟତା ଏନ୍‌ଡିଆରଏଫ୍‌ରୁ ମଗାଯାଇଥିଲା।

# ଆଜି ଶ୍ରୀମନ୍ଦିରରେ ରାହୁରେଖା ଲାଗି

ପୁରୀ ଅଫିସ, ୨୦।୮-ଶ୍ରୀମନ୍ଦିରରେ ବୁଧବାର ରାହୁରେଖା ଲାଗି ହେବେ ମହାପ୍ରଭୁ। ଏଥିପାଇଁ ଅପରାହ୍ଣ ପ୍ରାୟ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅର୍ଥାତ୍ ୫ଘଣ୍ଟା ଦର୍ଶନ ବନ୍ଦ ରହିବ। ପ୍ରଥମ ଭୋଗ ମଣ୍ଡପ ପୂଜା ପରେ ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବେ। ଏହି ନୀତି ସମ୍ପନ୍ନ ପରେ ପୁଣି ଭକ୍ତଙ୍କୁ ଦର୍ଶନ ପାଇଁ ଛଡ଼ାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ରାହୁରେଖା ଓଲାଗି ହୋଇ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ରାହୁରେଖା ଲାଗି ହୋଇଥାନ୍ତି।

# ବ୍ରହ୍ମପୁରରେ ବର୍ଷା ବିଭ୍ରାଟ

ବ୍ରହ୍ମପୁର ଅଫିସ,୨୦।୮

ବ୍ରହ୍ମପୁରରେ ମଙ୍ଗଳବାର ଅପରାହ୍ଣରେ ହୋଇଥିବା ବର୍ଷା ବିଭ୍ରାଟରୁ ବାଦ ପଡି ନ ଥିଲା ଶିକ୍ଷାନୁଷ୍ଠାନ। ରାମଲିଙ୍ଗମ ଟେମ୍ପୁଲରୋଡସ୍ଥିତ କେସି ଟାଉନ ହାଇସ୍କୁଲରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ମାତ୍ର ଦେଢଘଣ୍ଟା ବର୍ଷାରେ ଅଞ୍ଚଳର ଡ୍ରେନ୍ ଜଳ ସ୍କୁଲର ବିଭିନ୍ନ କୋଠରି ମଧ୍ୟରେ ପ୍ରବେଶ କରିଥିଲା। ସ୍କୁଲ ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠ ସମେତ ଅଫିସ, ଲାଇବ୍ରେରୀ, ଶିକ୍ଷକଙ୍କ ପ୍ରକୋଷ୍ଠ, ଶ୍ରେଣୀଗୃହରେ ୨ଫୁଟର ନର୍ଦ୍ଦମା ମିଶା ବର୍ଷା ଜଳ ପଶି ଯାଇଥିଲା। ଭୟରେ ଛାତ୍ରୀଛାତ୍ର, ଶିକ୍ଷକ ଟେବୁଲ ଉପରେ ଚଢ଼ି ଯାଇଥିଲେ। ଏଣୁ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ମଧ୍ୟରେ ଫସି ରହିଥିଲେ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

# ବାଉଁଶ ଉତ୍ପାଦନ, ପ୍ରକ୍ରିୟାକରଣକୁ ରାଜ୍ୟ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ରାଜ୍ୟରେ ବାଉଁଶଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରିତାକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏନେଇ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବାଉଁଶ ସମ୍ପର୍କିତ କାର୍ଯ୍ୟକଳାପ ଏବଂ ଯୋଜନା ପାଇଁ ୨୭୩୩ ଲକ୍ଷ ଟଙ୍କା ଅନୁଦାନକୁ ମଞ୍ଜୁର କରାଯାଇଛି। ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ମୁଖ୍ୟ ଶାସନ ସଚିବ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା(ଓବିଡିଏ)କୁ ନିର୍ଦ୍ଦେଶ ଦେଇଛନ୍ତି।

ତୃଣମୂଳସ୍ତରରେ ଏହି ଉନ୍ନୟନ ସଂସ୍ଥାକୁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି, ଜୈବ ଉନ୍ନୟନ କମିଟି ଏବଂ କୃଷକ ଫାର୍ମ ଇତ୍ୟାଦି ସହଯୋଗ କରିବେ। ସେହିପରି ପୂର୍ବ ଯୋଜନା ଅନୁଯାୟୀ ଏହା କାର୍ଯ୍ୟକାରୀ ହୋଇଛି ନା ନାହିଁ, ସେ ନେଇ ତୃତୀୟ ପକ୍ଷ ସମୀକ୍ଷା ମଧ କରିବେ। ବୈଠକରେ ଜଙ୍ଗଲ ଓ ପରିବେଶ ପ୍ରମୁଖ ଶାସନ ସଚିବ ମୋନା ଶର୍ମା ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ। ସେହିପରି ଓବିଡିଏ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏ.କେ. ପାଠକ କହିଥିଲେ ଯେ, ସରକାରୀ ଅଣଜଙ୍ଗଲ ଜମି ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନ ତଥା ଘରୋଇ ମାଲିକାନାରେ ଥିବା ଜମିରେ ବାଉଁଶ ଉତ୍ପାଦନକୁ ଗୁରୁତ୍ୱ ଦିଆଯିବ। ଏହା ଦ୍ୱାରା ବାଉଁଶଭିତ୍ତିକ ଶିଳ୍ପ ପାଇଁ କଞ୍ଚାମାଲର ଅଭାବ ଅନୁଭୂତ ହେବ ନାହିଁ। ସେହିପରି ତୁଲ୍ଦା, ଭଲଗାରିଜ୍ ଏବଂ ନୁଟନ୍ସ ପ୍ରଭୃତି ପ୍ରଜାତି ରୋପଣ କରାଯିବ। ୩ ବର୍ଷ ପାଇଁ ଏକ ହେକ୍ଟର ଖେତରେ ବାଉଁଶ ଉତ୍ପାଦନ ପିଛା ୫୦,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏକ ହେକ୍ଟର ଜମିରେ ପ୍ରାୟ ୪୧୭ଟି ମଞ୍ଜି ରୋପଣ କରାଯାଇପାରିବ। ପ୍ରତି ଚାରା ପିଛା ୧୨୦ ଟଙ୍କା ହିସାବରେ ସହାୟତା ପ୍ରଦାନ କରାଯିବ। ପିସିସିଏଫ୍ ସନ୍ଦୀପ ତ୍ରିପାଠୀଙ୍କ ପକ୍ଷରୁ ଗତବର୍ଷ ବାଉଁଶ ଉତ୍ପାଦନ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା। ୨୦୧୭-୧୮ରେ ବାଉଁଶ ଉତ୍ପାଦନ ୧୧.୨ ଲକ୍ଷ ହେକ୍ଟର ଜମିରେ ହୋଇଥିବାବେଳେ ୨୦୧୮-୧୯ରେ ଏହା ୧୪ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ସରକାରଙ୍କ ...

ଯଥାକ୍ରମେ ୧୨ ଓ ୩୫ଟି ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ ଆରମ୍ଭ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ସମସ୍ତ ସହରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ଆଧାରରେ ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯିବ ବୋଲି ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାତୁଆ, ଗଞ୍ଜାମ

**ମେଷ**
ଆଜି ଶ୍ରୀଚନ୍ଦ୍ର ପ୍ରଭାବରେ ଅର୍ଥଲାଭ କିନ୍ତୁ ଯାତ୍ରା, ବିବାଦ, ଗୃହାରମ୍ଭାଦି କାର୍ଯ୍ୟରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ଆପଣ ମନେ ମନେ ଯାହା ଭାବୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। ବ୍ୟବସାୟ ଓ ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ**
ଶନିଙ୍କ ପ୍ରଭାବରୁ ଅତୀତ ଦିନର ପାରିବାରିକ ସମସ୍ୟା ବିଷୟକୁ ବାରମ୍ବାର ଚିନ୍ତା କରିବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ଏଣେ କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ଘଟଣାବଳୀ ମନକୁ ବାରମ୍ବାର ଆଲୋଡିତ କରିବ। ରାହୁଙ୍କ କୁପ୍ରଭାବରୁ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ବନ୍ଧୁମାନଙ୍କ ପ୍ରତି ସ୍ନେହ ସହୃଦୟତା ମନୋଭାବ ଗ୍ରହଣ କରିପାରନ୍ତି।

**ମିଥୁନ**
ଧନସ୍ଥାନସ୍ଥ ବୁଧ ଯୋଗୁ ଆର୍ଥିକ ପରିସ୍ଥିତି ଆପଣଙ୍କ ମନୋବଳ ବୃଦ୍ଧିରେ ସହାୟକ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ପରିବାରରେ ପିଲାମାନଙ୍କ ବିଷୟ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ଆଲୋଚନା ପରିସରରେ ବନ୍ଧୁମାନଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ।

**କର୍କଟ**
ଆଜିର ଗ୍ରହସ୍ଥିତି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିବା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ଅସୁବିଧା ହେବନି। ସାମୟିକ ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**ସିଂହ**
ରାଶ୍ୟାଧିପଙ୍କ ସହ ଶୁକ୍ର ଓ ମଙ୍ଗଳ କଣାକୁଜା ଯୋଗ ସୃଷ୍ଟିକରି ଅର୍ଥ, ସମ୍ମାନ, ସମ୍ବର୍ଦ୍ଧନା ପ୍ରଦାନ କରିପାରନ୍ତି। ସାମାଜିକ ସ୍ତରରେ, କର୍ମକ୍ଷେତ୍ରରେ ନିଜର ପତିଆରା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟି ହଠାତ୍ ହୋଇଯିବ। ମାତ୍ର ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ମିତ୍ରଜନଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା**
ଯାହା ପାଇବା ପାଇଁ ଆଶା ବାନ୍ଧି ବସିଛନ୍ତି ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ପାଇବା ଦୁରୂହ ହୋଇପାରେ। ବିଚାର ନ କରି ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କଲେ ହଇରାଣ ହେବାକୁ ପଡ଼ିବ। ଅପୂରଣୀୟ ଆଶା ମନକୁ ଆଲୋଡ଼ିତ କରିବା କାରଣରୁ ସାମୟିକ ଅଶାନ୍ତି ରହିପାରନ୍ତି। ଅବଶ୍ୟ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**ତୁଳା**
ଆଜି ସତର୍କତା ଅଭାବରୁ ଧନହାନି ଘଟିବା ସହ ଆପଣଙ୍କ କଥା ଅନ୍ୟପାଇଁ ଶ୍ରୁତିକଟୁ ହୋଇପାରେ। ଫଳରେ ବିନା କାରଣରେ ଅଶାନ୍ତି ଓ ସମ୍ପର୍କରେ ବାଧା ଆସିବାର ଆଶଙ୍କା ଦେଖାଦେଇପାରେ। ତଥାପି ଚୁକ୍ତିପତ୍ର, ନିର୍ମାଣ, ପ୍ରକଳ୍ପ କାର୍ଯ୍ୟ ପ୍ରତିଯୋଗିତା, ମାଲିମକଦ୍ଦମା ପ୍ରଭୃତିରେ ବିଜୟଲାଭ ଅବଶ୍ୟମ୍ଭାବୀ।

**ବିଛା**
ଆଜି ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ଆପଣଙ୍କ ଯାତ୍ରାରେ ବ୍ୟୟବହୁଳତା ସୃଷ୍ଟି କରିବ। ଆପଣଙ୍କ ଉନ୍ନତ ଚିନ୍ତା ଓ ନୂତନ ଯୋଜନା କାର୍ଯ୍ୟକାରୀ କରିବାରେ ମାନସିକ ଅସ୍ଥିରତା ବାଧକ ସାଜିବ। କ୍ରୀଡା, କଳା ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ବ୍ୟବହାରରେ ସଂଯମତାର ଅଭାବ ସମସ୍ୟା ସୃଷ୍ଟିର କାରଣ ହୋଇପାରେ।

**ଧନୁ**
ଆଜି ସକାଳୁ ସକାଳୁ ଘର କଥା ଓ ପିଲାମାନଙ୍କ କିଛି ବ୍ୟତିକ୍ରମ ହେତୁ ମନଟା ଅସ୍ଥିର ରହିବ। ପ୍ରିୟଜନଙ୍କ ସହ ଯାତ୍ରା ଏବଂ ପରିବହନ, ବ୍ୟବସାୟ ଓ ବାଣିଜ୍ୟ ମାନ୍ଦା ହେବ ନାହିଁ। ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇ ପାରନ୍ତି।

**ମକର**
ପରିବାରରେ ଶାନ୍ତି ଫେରି ଆସିବା ପାଇଁ ବନ୍ଧୁଙ୍କ ପରାମର୍ଶକୁ ଶ୍ରେୟ ମନେ କରିପାରନ୍ତି। ନିର୍ମାଣ ଓ ପରିବହନ ଭଲରେ ଚାଲିବା ସହ ରପ୍ତାନି କାରବାର, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବବିବାଦକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନେ ହତାଦର କରିପାରନ୍ତି। ଅନାଗତ ଭବିଷ୍ୟତର ଅହେତୁକ ଆଶଙ୍କା ଚିନ୍ତାକରି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କୁମ୍ଭ**
ଆଜିର ଚନ୍ଦ୍ରଙ୍କ ସ୍ଥିତି ସ୍ୱଜନ ସମ୍ପର୍କକୁ କ୍ଷୁଣ୍ଣ କରିବା ସହ ସହକର୍ମୀଙ୍କ ସହ ମଧ ମତାନ୍ତର ସୃଷ୍ଟି କରିବ। ଗ୍ରହସ୍ଥିତି ବିଶେଷ ଭଲ ନ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି କାମ କରିବା ଭଲ। ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଅବଶ୍ୟ ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ କରି ପାରିବେ।

**ମୀନ**
ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ଅନିୟମିତତା ଓ ଗରିଷ୍ଠଖାଦ୍ୟ ଭୋଜନଜନିତ ହଠାତ୍ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ମିଳିବ।

ଆଜି ଭାଦ୍ରବ କୃଷ୍ଣ ଷଷ୍ଠୀ ବୁଧବାର, ଅଗଷ୍ଟ ୨୧ ତାରିଖ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୧୦।୦୮ମି. ଗତେ, ଘ୧।୪୭ମି. ମଧ୍ୟେ ଘ୪।୪୪ମି. ଗତେ, ଘ୬।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୯ମି. ଗତେ ଘ୧।୨୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Wanted Science stream charming graduate bride 5'4"+ (Academic career) for Bhubaneswar, Viswakarma boy, 1993, 5'8", B.Tech, Engineer, Pune. Cashless marriage. Mobile: 9237023852. D-65679

29 ବୟସ୍କା, business କରୁଥିବା ଖୋର୍ଦ୍ଧା ସ୍ଥିତ ଅବିବାହିତ Marwadi ପୁଅଙ୍କ ପାଇଁ ଝିଅ ଦରକାର। 7008080967. D-13952

Now Matrimonial ads. only on Wednesday & Sunday Book 1 Get 1 FREE

Khandayat groom, Engineer 38, Bank manager 43 (Caste-no-bar). Contact: 7873374269. D-67044

ଚାର୍ଟାଡ ଆକାଉଣ୍ଟାଣ୍ଟ ବ୍ରାହ୍ମଣ ପୁଅ ପାଇଁ ଗଞ୍ଜାମ ଜିଲ୍ଲାରୁ କନ୍ୟା ଆବଶ୍ୟକ। ରାଶି ୧୨/୫ ୨୯ ବର୍ଷ। ଯୋଗାଯୋଗ: 7873427735. D-66614

**GROOM WANTED**

32 ବୟସ୍କା ଅନାଥ ଛାଡ଼ପାତ୍ରୀ private ଚାକିରି କରୁଥିବା Brahmin ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460016. D-13951

Beautiful Bengali (Kayastha) girl, Dec.1988, 5'5", MBA, VAISNABI. 0674 2551286, 9238578590. D-66179

୪୨, Govt. Nurse ନିମାପଡ଼ା ବାସିନ୍ଦା କରଣ ଝିଅ ପାଇଁ Job / Business man proposal ଖୋଜା ଚାଲିଛି। 9078940188. D-13953

46 ବର୍ଷ Govt.ର administrator ଭାବରେ ଖଣ୍ଡାୟତ୍ର ଘରର divorcee ଝିଅପାଇଁ ଉପଯୁକ୍ତ ବୟସର ବରପାତ୍ର ଆବଶ୍ୟକ। ଯେକୌଣସି ଜାତିର ମଧ୍ୟମ ପରିବାରର ବରପାତ୍ର ଆବଶ୍ୟକ। 7377689793. D-63782




**SALE**

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

Sale of House at Chhayapath, Nayagarh on 10 dec. land. Contact: 9937300620. D-66285

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ BDA plot sqft. 600/- ରେ କିଣନ୍ତୁ। Contact: 9337091021, 9439101373. D-13967

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66282

Own sthitiban residential 1200 sqft. plot for sale. 9937816565, 9937568585. D-13942




Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3BR flat at Acropolis, Gothapatna near IIIT on rent. Contact: 9937300620. D-66286

3BHK flat with additional room at Vipul Garden Ghatikia, Bhubaneswar (family prefered). Contact: 9777156770, 9337766776. D-13964

Shop for rent on mainroad opposite Indradhanu Market, Bhubaneswar. For details contact: 9438744451, 8328932447. D-56650




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Herbal full body massage by smart / expert therapist. Contact: 8338067247. D-67356

Kajal ayurvedic massage club fully relaxed by smart lady, home service available. 9937637219. D-66943

Welcome to seva Enjoy sensual massage by smart Therapist- 6371291612. D-67045

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13970

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**AFFIDAVIT**

I, Ramamurthy Anitha D/o- K. Ramamurthy born on 23.04.1980 residing at Qtr. no. D1/101, GMR staff colony, Po- Kamalanga, Dist- Dhenkanal, Pin- 759121 have changed my name to Anitha Raghunath vide affidavit dated 16.08.2019 at Angul. D-13985

By virtue of an affidavit, I No- 13891551 - X, EX/NK Kartikeswar Paschimkabat, Nilakantha Nagar, Chudanga Sahi, Post- Puri, PS- Puri Town, Dist- Puri, St- Odisha. My son and wife name has been corrected from Kumari Tilotama, DOB- 19.04.1968 to Tilottama Paschimkabat, DOB- 04.08.1968, corrected from son Kailash, DOB- 02.09.1990 to Kailash Chandra Paschimkabat, DOB- 02.09.1990 for all purposes. D-64084

**ଜନ୍ମଦିନ ଶୁଭେଚ୍ଛା**


ପିୟୁଷ ସିଂ ଦଳପତି
ଗଡରାମୁଣ୍ଡା, ଖଡିଆଳ, ଜି- ନୂଆପଡା
ଆଜି ତୋ ଜନ୍ମଦିନର ୫ମ ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ତୋ ଚଲାପଥ କୁସୁମିତ ହେବା ସଙ୍ଗେ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ, ଯଶସ୍ୱୀ ହେଉ, ଏହା ହିଁ ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ
ଜେଜେ ମା', ବଡବାପା, ବଡ ମା', ବାପା, ମା', ଚିନି ଦିଦି, ଟିଟୁନ ଦାଦା, ନିଖିଳ ଦାଦା, ନିହାଲ ଦାଦା, ନିଲୁ ଓ ଟିଲୁ ଭାଇ
ଧ-୧୩୯୮୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ(ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

■ଶକ୍ତିମନ୍ତ୍ରୀଙ୍କ ଘୋଷଣାକୁ ବିରୋଧ

# ସ୍ମାର୍ଟ ସିଟିରେ ପ୍ରଥମେ ଲାଗୁ ସ୍ମାର୍ଟ ମିଟର

ସମ୍ବଲପୁର,୨୦।୮(ବ୍ୟୁରୋ)

ଏଣିକି ବିଦ୍ୟୁତ୍ ଚୋରି ରୋକିବା ପାଇଁ ରାଜ୍ୟରେ ସ୍ମାର୍ଟ ପ୍ରିପେଡ୍ ମିଟର ଲଗାଯିବ। ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ରାଉରକେଲାରୁ ଏହା ଆରମ୍ଭ କରାଯିବ। ସୋମବାର ଶକ୍ତିମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଏହି ଘୋଷଣା କରିଥିଲେ। ତେବେ ମନ୍ତ୍ରୀଙ୍କ ଏହି ଘୋଷଣାକୁ ସମ୍ବଲପୁରରେ ତୀବ୍ର ବିରୋଧ କରାଯାଇଛି। ସ୍ମାର୍ଟ ସିଟି ଭୁବନେଶ୍ୱରରେ ପ୍ରଥମେ ପାଇଲଟ ପ୍ରକଳ୍ପ ଭାବେ ସ୍ମାର୍ଟ ପ୍ରିପେଡ୍ ମିଟର ବ୍ୟବହାର କରାଯାଉ। ସେଠାରେ ସବୁ ସ୍ମାର୍ଟ ବ୍ୟବସ୍ଥା ରହିଛି। ତେଣୁ ମିଟର ମଧ୍ୟ ଲଗାଯିବା କଥା। ପ୍ରଥମେ କାହିଁକି ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ରାଉରକେଲାକୁ ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଛି। ପଶ୍ଚିମ ଓଡ଼ିଶାକୁ ସବୁ ସମୟରେ ଅବହେଳା କରାଯାଉଛି। ସବୁ ନିୟମ ଏଠାରୁ ଆରମ୍ଭ କରାଯାଉଛି। ଏହାଦ୍ୱାରା ପଶ୍ଚିମ ଓଡ଼ିଶାବାସୀଙ୍କୁ ହଇରାଣ କରିବାକୁ ସରକାର ଯୋଜନା କରୁଛନ୍ତି। କୌଣସି ଯୋଜନା କଲେ ପ୍ରଥମେ ଉପକୂଳ ଓଡ଼ିଶାରେ କାହିଁକି ଲାଗୁ କରାଯାଉ ନାହିଁ ବୋଲି ପ୍ରଶ୍ନ କରିଛି ସମ୍ବଲପୁର ଜିଲା ଓକିଲ ସଂଘ। ମନ୍ତ୍ରୀଙ୍କ ଘୋଷଣା ଅନୁସାରେ ସ୍ମାର୍ଟ ମିଟର ଲଗାଗଲେ ବିଦ୍ୟୁତ୍ ଚୋରି ରୋକାଯାଇପାରିବ। ଏହାର ଅର୍ଥ ସମ୍ବଲପୁରର ଉପଭୋକ୍ତାମାନେ ବିଦ୍ୟୁତ୍ ଚୋରି କରୁଛନ୍ତି। ପରୋକ୍ଷ ଭାବେ ମନ୍ତ୍ରୀ ଜିଲାବାସୀଙ୍କୁ ଚୋର ବୋଲି କହିଛନ୍ତି। ଏଥିପାଇଁ ମନ୍ତ୍ରୀ ମିଶ୍ର ତୁରନ୍ତ କ୍ଷମା ମାଗନ୍ତୁ। ନଚେତ୍ ଆଗାମୀ ଦିନରେ ମନ୍ତ୍ରୀ ଓ ସରକାର ଓକିଲ ସଂଘର ବିରୋଧର ସମ୍ମୁଖୀନ ହେବେ ବୋଲି ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ଜିଲା ବାର୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଲେ ଯେ ମନ୍ତ୍ରୀ ମିଶ୍ର ପ୍ରଥମେ ନିଜ ବିଧାନସଭା କ୍ଷେତ୍ର ଓ ଜିଲାରେ ଏହି ବ୍ୟବସ୍ଥା ଲାଗୁ କରି ଉଦାହରଣ ସୃଷ୍ଟି କରନ୍ତୁ। ହୀରାକୁଦ ଡ୍ୟାମ୍ ନିର୍ମାଣ ସମୟରେ ଜିଲାବାସୀ ବିସ୍ଥାପିତ ହୋଇଛନ୍ତି। ସେମାନେ ଘର, ଜମି ସବୁ ହରାଇଛନ୍ତି। ଅନେକ ଲୋକଙ୍କୁ ଆଜିପର୍ଯ୍ୟନ୍ତ

■ମନ୍ତ୍ରୀ, ବିଧାୟକ, ଅମଲାଙ୍କ ଘରୁ ଆରମ୍ଭ ହେଉ

■ସମ୍ବଲପୁର ଓକିଲ ସଂଘର ନିନ୍ଦା

କ୍ଷତିପୂରଣ ମିଳିନାହିଁ। ହୀରାକୁଦ ଡ୍ୟାମ୍‌ରୁ ବିଦ୍ୟୁତ୍ ଉତ୍ପାଦନ ହେଉଛି। ତେଣୁ ଏଠାକାର ଲୋକଙ୍କୁ ମାଗଣାରେ ବିଦ୍ୟୁତ ଯୋଗାଇଦେବା କଥା। ସରକାର ତାହା ନ କରି ଓଲଟି ସ୍ମାର୍ଟ ପ୍ରିପେଡ୍ ମିଟର ଲଗାଇ ଜିଲାବାସୀଙ୍କୁ ହଇରାଣ କରିବାକୁ ଯୋଜନା କରିଛନ୍ତି ବୋଲି ପ୍ରଧାନ ଅଭିଯୋଗ କରିଥିଲେ। ସରକାର ତୁରନ୍ତ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରନ୍ତୁ। ନଚେତ୍ ଆନ୍ଦୋଳନର ସାମ୍ନା କରିବାକୁ ପ୍ରସ୍ତୁତ ରହନ୍ତୁ ବୋଲି ସେ ଚେତାବନୀ ଦେଇଥିଲେ।

ମନ୍ତ୍ରୀ ମିଶ୍ରଙ୍କ ଏହି ଘୋଷଣାକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ମଧ୍ୟ ବିରୋଧ କରିଛି। ମଞ୍ଚ ନେତୃତ୍ୱରେ ବିଭିନ୍ନ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏଡିଏମ୍ ଅଜୟ କୁମାର ଜେନାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପଶ୍ଚିମ ଓଡ଼ିଶାରୁ ଖଣି, ପାଣି, ଜମି ନେଇ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ପଶ୍ଚିମ ଓଡ଼ିଶାବାସୀ ଧୂଆଁ, ଧୂଳିର ଶିକାର ହେଉଛନ୍ତି। ହେଲେ ଅଧିକାଂଶ ସମୟରେ ଏଠାରେ ବିଦ୍ୟୁତ୍‌କାଟ କରାଯାଉଛି। ସ୍ମାର୍ଟ ମିଟର ଲଗାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ପ୍ରଥମେ ପଶ୍ଚିମ ଓଡ଼ିଶାର ଦୁଇଟି ସ୍ଥାନକୁ କାହିଁକି ପାଇଲଟ ପ୍ରକଳ୍ପ ଭାବେ ନିଆଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସରକାର ବିଦ୍ୟୁତ୍ ବିଭାଗରୁ କ୍ଷତି ସହୁଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାବାସୀଙ୍କୁ ଲୁଟ୍ କରିବାକୁ ଯୋଜନା କରିଛନ୍ତି। ପ୍ରଥମେ ମନ୍ତ୍ରୀ, ବିଧାୟକ, ଅମଲାମାନଙ୍କ ଘରେ ସ୍ମାର୍ଟ ମିଟର ବ୍ୟବହାର କରାଯାଉ। କ୍ଷତିରେ ସୁଧାର ଆଣିବା ପାଇଁ ବଡ଼ କମ୍ପାନୀରେ ବକେୟା ପଡ଼ିଥିବା କୋଟି କୋଟି ଟଙ୍କା ବିଲ୍ ଆଦାୟ କରାଯାଉ। କମ୍ପାନୀଗୁଡ଼ିକରେ ସ୍ମାର୍ଟ ପ୍ରିପେଡ୍ ମିଟର ଲଗାଯାଉ। ନିରୀହ ଗରିବ ଜନତା ଉପରେ ଏହି ନିୟମ ଲାଗୁକଲେ ସରକାରଙ୍କ ଯୋଜନାର ଲକ୍ଷ୍ୟ ପୂରା ହୋଇପାରିବ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନୁଷ୍ଠାନ ଆବାହକ ଭବାନୀ ଭୋଇ, ପ୍ରକଳ୍ପ ସଂଯୋଜକ ସମୀର ରଞ୍ଜନ ବାବୁ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଆଇନଜୀବୀ ପ୍ରଦୀପ କୁମାର ବହିଦାର, ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ସୁଧୀର କୁମାର ବହିଦାର, ଶମ୍ଭୁ ବରେଲିଆ, ସଞ୍ଜୟ ଷଡ଼ଙ୍ଗୀ, କାହ୍ନୁ ଶର୍ମା, ମୋନୁ ଶର୍ମା, ବିପ୍ଳବ ଦଣ୍ଡସେନା, ଶଙ୍କର ମେହେର, ଦେବରାଜ ପଟେଲ, ସଞ୍ଜୟ ବର୍ମା, ରାହୁଲ ମୋଦକ, କାର୍ତ୍ତିକ ମେହେର, ଶ୍ରୀଧର ଦାସ, ହେମନ୍ତ କୁମାର ସେନାପତି, ଅରୁଣ କୁମାର ଦାସ, ପଙ୍କଜିନୀ ମେହେର, ଅନ୍ନପୂର୍ଣ୍ଣା ବାରିକ, କାନ୍ତୀ ମେହେର, ଭବାନୀ ଦୁଷର, ଅଞ୍ଜଳି ଛୁରା, ସ୍ନେହଲତା ଦେବୀ, ସବିତା ହୋତା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ସମ୍ବଲପୁର ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ବିକ୍ଷୋଭ ଓ ରାଲି।

# ଇଟାରେ ଆକ୍ରମଣ, ମହିଳା ଗୁରୁତର

ସମ୍ବଲପୁର,୨୦।୮(ବ୍ୟୁରୋ)

■କୋମା ଅବସ୍ଥାରେ ବୁର୍ଲାରେ ଚିକିତ୍ସାଧୀନ

■ମା'ଙ୍କ ଅଭିଯୋଗକ୍ରମେ ବାପା ନାଁରେ ମାମଲା

■ଅଭିଯୁକ୍ତ ଫେରାର

ସମ୍ବଲପୁର ବୁର୍ଲା ଥାନା ସିକିର୍ଡା ଗ୍ରାମର ଶ୍ୟାମସୁନ୍ଦର ବାଗଙ୍କ ବିବାହିତା ଝିଅ ରଞ୍ଜିତା (୨୪)ଙ୍କୁ ମଙ୍ଗଳବାର ତାଙ୍କ ବାପା ଏକ ଇଟାରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ରଞ୍ଜିତାଙ୍କ ମା' କୁନ୍ତଳା ବାଗଙ୍କ ଅଭିଯୋଗ ଆଧାରରେ ପୋଲିସ ଶ୍ୟାମସୁନ୍ଦରଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଶ୍ୟାମସୁନ୍ଦର ଫେରାର ହୋଇଯାଇଛନ୍ତି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳେ ବାପଝିଅଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶ୍ୟାମସୁନ୍ଦର ଇଟାରେ ରଞ୍ଜିତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରଞ୍ଜିତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପ୍ରାୟ ୧ ଘଣ୍ଟା ପଡ଼ି ରହିଥିଲେ। ପଡ଼ୋଶୀ ପରିବାର ସଦସ୍ୟ ତାଙ୍କୁ ବସ୍ ଯୋଗେ ବୁର୍ଲା ମେଡିକାଲ ନେଇଥିଲେ। ସୂଚନାଯୋଗ୍ୟ, ରଞ୍ଜିତା ବିବାହ କରିଛନ୍ତି। ତାଙ୍କର ୨ ବର୍ଷର ଏକ ପୁଅ ଅଛି। ତେବେ ଦୀର୍ଘଦିନ ହେଲା ସେ ବାପଘରେ ରହିଆସୁଛନ୍ତି। ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଚଳିବା କଷ୍ଟକର ହେଉଥିଲା। ଏହାକୁ ନେଇ ପରିବାରରେ ଅସନ୍ତୋଷ ଲାଗି ରହିଥିଲା। ମଙ୍ଗଳବାର ଏହା ଉଗ୍ରରୂପ ନେଇଥିଲା। ବିବାହ ପରେ ରଞ୍ଜିତା ଶାଶୁ ଘରେ ନ ରହି ବାପାଘରେ କାହିଁକି ରହୁଥିଲେ ସେ ଦିଗରେ ମଧ୍ୟ ପୋଲିସ ତଦନ୍ତ କରୁଛି।

GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm
M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY)
8249598936- (DMLT),7982724451,
7381578301 (PHYSIOTHERAPY)

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଛା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
SCABIRAJ LOTION
ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

Government College (Auto), Angul
www.gaca.nic.in
Admission Notice: 2019-20
Applications in prescribed Form are invited for admission into the following Self-financing Courses (PPP) offered under Utkal University for the academic session 2019-20

| Course | Eligibility |
|---|---|
| 5-Yr. I-MBA | +2 or Eqv. with 40% in aggregate |
| 2-Yr. MBA (Lateral entry) | +3 or Equivalent with 40% in aggregate |
| 2-Year M.Com. (Finance & Control) | |

Scholarship: Available for eligible SC, ST, OBC & Minority category.
The Application form can be obtained from the College on all working days on payment of Rs. 100/- and the last date for sale and receipt of form is 26.08.2019
PRINCIPAL
Phone: 06764-237370
I-MBA: 9853590609, MBA (LE): 9439494248, M.Com (F&C): 9040717438




## ହୀରାକୁଦ ଡ୍ୟାମ୍: ବନ୍ଦ ହେଲା ୧୦ ଗେଟ୍

# ୪ ଗେଟ୍‌ରେ ଜଳ ନିଷ୍କାସନ ଜାରି

ସମ୍ବଲପୁର,୨୦।୮(ବ୍ୟୁରୋ)

ହୀରାକୁଦ ଡ୍ୟାମର ୧୦ଟି ସ୍ଲୁଇସ୍ ଗେଟ୍‌କୁ ମଙ୍ଗଳବାର ବନ୍ଦ କରିଦିଆଯାଇଛି। ଏବେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ପ୍ରତି ସେକେଣ୍ଡ ଡ୍ୟାମ୍‌କୁ ୮୪ ହଜାର ୧୩୦ ଘନଫୁଟ ପାଣି ପ୍ରବେଶ କରୁଛି। ୪ ଗେଟ୍‌ରେ ପ୍ରତି ସେକେଣ୍ଡ ୮୪ ହଜାର ୧୩୦ ଘନଫୁଟ ପାଣି ନିଷ୍କାସିତ ହେଉଛି। ପାୱାର ଚାନେଲରେ ୧୮ ହଜାର ୬୧୧, ବିଭିନ୍ନ କେନାଲରେ ୨ହଜାର ୮୭୭ ଓ ଶିଳ୍ପକୁ ୧୭୦ ଘନଫୁଟ ପାଣି ଛଡ଼ାଯାଉଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍ ତଳମୁଣ୍ଡ ବେଲଗାଁରେ ୨୧ ହଜାର ୫୦୦, ପଥରିଆରେ ୬୨ ହଜାର ୩୮୦, ଖଇରମାଲରେ ୩ଲକ୍ଷ ୩୦ ହଜାର, ବୁରମୁଲାରେ ୩ଲକ୍ଷ ୧୨ ହଜାର ୭୫୦ ଓ ମୁଣ୍ଡଲୀରେ ୨ଲକ୍ଷ ୬୫ ହଜାର ୮୦୦ ଘନଫୁଟ ଜଳ ପ୍ରବାହିତ ହେଉଛି। ଡ୍ୟାମ୍ ଉପର ମୁଣ୍ଡରେ ବର୍ଷା ଅଧିକ ରହିଛି। ବୁର୍ଲାରେ ୨୩ ମିମି, ହୀରାକୁଦରେ ୫୮.୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଡ୍ୟାମ୍ ଜଳସ୍ତର ୬୨୦.୪୫ ରହିଥିବା ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଇ-ବିଧାନ କାର୍ଯ୍ୟକାରୀ ନେଇ ଅଧ୍ୟୟନ କରିବ ଗୃହ କମିଟି

ବାଚସ୍ପତିଙ୍କ ନେତୃତ୍ୱରେ ଗସ୍ତ କଲା ଦଳ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ନେତୃତ୍ୱରେ କମ୍ପ୍ୟୁଟରୀକରଣ ସମ୍ପର୍କିତ ଗୃହ କମିଟି ମଙ୍ଗଳବାର ହିମାଚଳ ପ୍ରଦେଶ ଯାତ୍ରା କରିଛନ୍ତି। ଶିମ୍‌ଲାଠାରେ ହିମାଚଳପ୍ରଦେଶ ବିଧାନସଭାର ବାଚସ୍ପତିଙ୍କୁ ସାକ୍ଷାତ୍ କରିବା ସହ ବିଧାନସଭାର ପଦାଧିକାରୀଙ୍କ ସହିତ ଇ- ବିଧାନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଏହି କମିଟି ଆଲୋଚନା କରିବ। ଏହା ଛଡ଼ା କମିଟି ହିମାଚଳ ପ୍ରଦେଶ ବିଧାନସଭା ଅଧିବେଶନର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବ ଓ ବିଧାନସଭାର ବିଭିନ୍ନ ଶାଖା ପରିଦର୍ଶନ କରିବ। ଏଥି ସହିତ ଏହି କମିଟି ମଧ୍ୟ ପଞ୍ଜାବ ଓ ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି କମିଟିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍, ବିଧାୟକ ତାରାପ୍ରସାଦ ବାହିନୀପତି, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବିଧାନସଭା ସଚିବ ଦାଶରଥି ଶତପଥୀ, ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳାଇ, ଉପବିଭାଗ ଅଧିକାରୀ ଆଶିଷ ରଞ୍ଜନ ଖୁଣ୍ଟିଆ ଓ ରିପୋର୍ଟର ଦିଲୀପ କୁମାର ମହାନ୍ତି ମଧ୍ୟ ବାଚସ୍ପତି ଡ. ପାତ୍ରଙ୍କ ସହ ଅଧ୍ୟୟନ ଗସ୍ତରେ ଯାଇଛନ୍ତି।

# ଆଜି ୭ ଜିଲାରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ରାଜ୍ୟର ବିଭନ୍ନ ସ୍ଥାନରେ ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ଓ ଆଉ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ତେବେ ୨୨ରୁ ବର୍ଷା ପରିମାଣ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ବିଶେଷ କରି ବ୍ରହ୍ମପୁରରେ ପ୍ରବଳ ବର୍ଷା ହେବାରୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ବୁଧବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଆଦି ୭ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାଛଡ଼ା ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହୋଇପାରେ। ତେବେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ୨୨ ଓ ୨୩ ତାରିଖ ଦୁଇଦିନ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ୨୫ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପ ବର୍ଷା ହେବ। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ୨୨ରୁ ୨୫ ତାରିଖ ମଧ୍ୟରେ ପ୍ରତିଦିନ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ସମେତ ଉତ୍ତର ଉପକୂଳରେ ବର୍ଷା ହୋଇପାରେ। ତେବେ ଉତ୍ତର ଓଡ଼ିଶାରେ ସବୁଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

■ଧାରା ୩୭୦ ଉଚ୍ଛେଦକୁ ଅପରାଜିତାଙ୍କ ପ୍ରଶଂସା

# ଲୋକଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ମିଳିବ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଧାରା ୩୭୦ ଉଚ୍ଛେଦ ଏକ ଐତିହାସିକ ନିଷ୍ପତ୍ତି। ଏପରି ଏକ ବ୍ୟବସ୍ଥା ଯୋଗୁ ଜମ୍ମୁ-କଶ୍ମୀର ଓ ଲଦାଖର ଭଉଣୀ, ଭାଇମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ବିକାଶରେ ଯେଉଁ ବାଧକ ଥିଲା ତାହା ବର୍ତ୍ତମାନ ଦୂର ହୋଇଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ବାବା ସାହେବ ଆମ୍ବେଡ଼କର, ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ କୋଟିକୋଟି ଦେଶବାସୀଙ୍କ ଯେଉଁ ସ୍ୱପ୍ନ ଥିଲା ତାହା ବର୍ତ୍ତମାନ ପୂରଣ ହୋଇଛି ବୋଲି ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ଜମ୍ମୁ-କଶ୍ମୀର ଏବଂ ଲଦାଖରେ ନୂଆ ଯୁଗର ଆରମ୍ଭ ହୋଇଛି। ଏବେ ଦେଶର ସମସ୍ତ ନାଗରିକଙ୍କ ଅଧିକାର ଏବଂ ଦାୟିତ୍ୱ ସମାନ। ଅନୁଚ୍ଛେଦ ୩୭୦ ଏବଂ ୩୫(ଏ) ଜମ୍ମୁ-କଶ୍ମୀରକୁ ବିଚ୍ଛିନ୍ନତାବାଦ, ଆତଙ୍କବାଦ, ପରିବାରବାଦ ଏବଂ ବ୍ୟବସ୍ଥାରେ ବ୍ୟାପକ ଭ୍ରଷ୍ଟାଚାର ବ୍ୟତୀତ କିଛି ଦେଇନାହିଁ। ଏହି ଦୁଇଟି ଅନୁଚ୍ଛେଦକୁ ଦେଶ ବିରୋଧରେ, କିଛି ଲୋକଙ୍କ ଭାବନାକୁ ଉତ୍ତେଜିତ କରିବା ପାଇଁ ପାକିସ୍ତାନ ପକ୍ଷରୁ ଅସ୍ୱଭାବେ ଉପଯୋଗ କରାଯାଉଥିଲା। ଏହି କାରଣରୁ ଗତ ତିନି ଦଶନ୍ଧି ମଧ୍ୟରେ ପାଖାପାଖି ୪୨ ହଜାର ନିର୍ଦ୍ଦୋଷ ଲୋକଙ୍କୁ ଜୀବନ ହରାଇବାକୁ ପଡିଛି। ଜମ୍ମୁ-କଶ୍ମୀର ଏବଂ ଲଦାଖରେ ବିକାଶ ଯେଉଁ ଗତିରେ ହେବା କଥା ସେଭଳି ହୋଇପାରିନାହିଁ। ବର୍ତ୍ତମାନ ବ୍ୟବସ୍ଥାର ଏହି ଅଭାବ ଦୂର ହେବା ଫଳରେ ଜମ୍ମୁ-କଶ୍ମୀର ଓ ଲଦାଖର ଲୋକମାନଙ୍କ ସ୍ଥିତି ସୁଧୁରିବା ସହିତ ସେମାନଙ୍କ ଭବିଷ୍ୟତ ମଧ୍ୟ ସୁରକ୍ଷିତ ହେବ। ଜମ୍ମୁ-କଶ୍ମୀର ଏବଂ ଲଦାଖରେ ଖାଲିଥିବା ସମସ୍ତ କେନ୍ଦ୍ର ଓ ରାଜ୍ୟ ପଦବୀ ପୂରଣ କରିବାର ପ୍ରକ୍ରିୟା ଆରମ୍ଭ କରାଯିବ। ଏଥିରୁ ସ୍ଥାନୀୟ ଯୁବତୀ,ଯୁବକଙ୍କ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ମିଳିପାରିବ। ଏହାଦ୍ୱାରା ସେହି ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ମଧ ହ୍ରାସ ପାଇବ। ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରାଯିବ। ଜମ୍ମୁ-କଶ୍ମୀରର ବହୁ ଲୋକ ଯେଉଁମାନେ ଲୋକସଭା ନିର୍ବାଚନରେ ଭୋଟ ଦେବାର ଅଧିକାର ପାଉଥିଲେ ସେମାନେ ବିଧାନସଭା ଏବଂ ସ୍ଥାନୀୟ ପଞ୍ଚାୟତ ନିର୍ବାଚନରେ ମତଦାନ କରିପାରୁ ନ ଥିଲେ। ବର୍ତ୍ତମାନ ସେମାନଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ମିଳିବ ବୋଲି ଅପରାଜିତା କହିଛନ୍ତି। ଜମ୍ମୁ-କଶ୍ମୀର ଏବଂ ଲଦାଖ ବିଶ୍ୱର ସବୁଠୁ ବଡ଼ ପର୍ଯ୍ୟଟନ ଲକ୍ଷ୍ୟସ୍ଥଳୀ ହେବାର କ୍ଷମତା ରହିଛି। ସେହି ଅଞ୍ଚଳର ଯେଉଁ ଯୁବକମାନେ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଚାହୁଁଛନ୍ତି ତାଙ୍କୁ ସାହାଯ୍ୟ କରାଯିବ। ନୂଆ କ୍ରୀଡ଼ା ପ୍ରଶିକ୍ଷଣ, ନୂଆ ଖେଳ ଷ୍ଟାଡିୟମ, ବୈଜ୍ଞାନିକ ପରିବେଶରେ ତାଲିମ, ସେମାନଙ୍କୁ ବିଶ୍ୱରେ ନିଜ ପ୍ରତିଭା ପ୍ରଦର୍ଶନ କରିବାରେ ସହାୟତା ମିଳିପାରିବ ବୋଲି ଅପରାଜିତା କହିଛନ୍ତି। ଏହି ନିଷ୍ପତ୍ତି ପାଇଁ ଅପରାଜିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଅପରାଜିତା ଷଡ଼ଙ୍ଗୀ

ROYALE SALE
UPTO 50%* OFF
From 12th July to 1st Sept.
*Conditions Apply
prelude/kmr/2019
KMR
Kalamandir Royale
309, DISTRICT CENTRE, CHANDRASEKHARPUR, PH : 2303866/966
364, SAHID NAGAR, JANPATH, PH : 2544299/399
MENSWEAR, SAREES, LEHENGAS AND GOWNS

# କାହା ପାଇଁ ସଂଯୋଗ

ସୋସିଆଲ ମିଡିଆରେ ବ୍ୟବହୃତ ପ୍ରୋଫାଇଲ ସହ ଆଧାର କାର୍ଡ ସଂଯୋଗ କରିବା ନେଇ ମାଡ୍ରାସ୍, ବମ୍ବେ ଓ ମଧ୍ୟପ୍ରଦେଶ ହାଇକୋର୍ଟରେ ବିଚାରାଧୀନ ରହିଥିବା ମାମଲା ଉପରେ ଶୁଣାଣି କରିବା ଲାଗି ସୁପ୍ରିମକୋର୍ଟ ୨୦ ଅଗଷ୍ଟରେ ରାଜି ହୋଇଛନ୍ତି। ଏଥିସହିତ କେନ୍ଦ୍ର ସମେତ ଗୁଗଲ, ୟୁଟ୍ୟୁବ୍, ଟୁଇଟର ଆଦି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ୧୩ ସେପ୍ଟେମ୍ବର ସୁଦ୍ଧା ଏ ନେଇ ମତ ରଖିବାକୁ ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ମିଥ୍ୟା, ମାନହାନିମୂଳକ, ଦେଶ ବିରୋଧୀ ଏବଂ ଆତଙ୍କବାଦ ସଂକ୍ରାନ୍ତ ତଥ୍ୟ ପ୍ରସାର କରିବାରେ ସୋସିଆଲ ମିଡିଆ ସହାୟକ ହେଉଥିବାରୁ ସେଥିରେ ନିୟନ୍ତ୍ରଣ ଆଣିବା ଲାଗି ଆଧାର କାର୍ଡ ଲିଙ୍କ୍ କରିବା ଉପରେ ତାମିଲନାଡୁ ସରକାର ୧୯ ଅଗଷ୍ଟରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ଏହାକୁ ଫେସ୍‌ବୁକ୍ ଇନ୍‌କର୍ପୋରେଟେଡ୍ (ଇଙ୍କ୍) ବିରୋଧ କରିଚାଲିଛି। ତେଣୁ ବିଭିନ୍ନ ହାଇକୋର୍ଟରେ ଥିବା ମାମଲାକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରାଯାଇ ବିଚାର କରିବା ଲାଗି ଫେସ୍‌ବୁକ୍ ଇଙ୍କ୍ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ସୁପ୍ରିମକୋର୍ଟ ତାମିଲନାଡୁ ସରକାରଙ୍କ ଯୁକ୍ତି ଉପରେ ମତ ଦେଇ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ମାଡ୍ରାସ୍ ହାଇକୋର୍ଟରେ ଥିବା ମାମଲା ଉପରେ ଶୁଣାଣି ଚାଲିବ, ମାତ୍ର ହାଇକୋର୍ଟ ଚୂଡ଼ାନ୍ତ ରାୟ ଦେଇପାରିବେ ନାହିଁ। ଏପଟେ ଫେସ୍‌ବୁକ୍ ଇଙ୍କ୍‌ର ଯୁକ୍ତି ହେଉଛି ଯେ, ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ଓ ବାୟୋମେଟ୍ରିକ୍ ଏକକ ପରିଚୟ ଯଦି ସୋସିଆଲ ମିଡିଆରେ ଥିବା ନାଗରିକଙ୍କ ପ୍ରୋଫାଇଲ୍ ସହ ସଂଯୋଗ କରାଯାଏ, ତେବେ ତାହା ଲୋକଙ୍କ ଅନ୍ତରଙ୍ଗ ତଥା ଗୋପନୀୟତାକୁ କ୍ଷୁଣ୍ଣ କରିବ। ବ୍ୟକ୍ତିଙ୍କ ତଥ୍ୟ ତୃତୀୟ ପକ୍ଷକୁ ପ୍ରଦାନ କରାଯାଇପାରିବ ନାହିଁ ବୋଲି କମ୍ପାନୀର ଗୋପନୀୟତା ନିୟମରେ ଉଲ୍ଲେଖ ରହିଥିବା ଫେସ୍‌ବୁକ୍ କହିଛି। ଫେସ୍‌ବୁକ୍ ପକ୍ଷରୁ କରାଯାଉଥିବା ଯୁକ୍ତି ସ୍ୱାଗତଯୋଗ୍ୟ।

ସରକାର ନିଜ ଜିଦ୍‌ରେ ଅଟଳ ରହିବା ପାଇଁ ଆଧାରକୁ ସବୁ କ୍ଷେତ୍ରରେ ବ୍ୟବହାର କରିବାକୁ ଚାହୁଁଥିବାରୁ ଏବେ ନାଗରିକଙ୍କ ଜୀବନ ବିପଦରେ ପଡ଼ିଲାଣି। କାରଣ ପ୍ରତ୍ୟେକ ବ୍ୟକ୍ତିଙ୍କ ଅନ୍ତରଙ୍ଗ ତଥ୍ୟ ବଜାରରେ ସହଜରେ ଉପଲବ୍ଧ ହୋଇଯାଉଛି। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଜାଣତରେ ନିଜର ମୋବାଇଲ ନମ୍ବର କୌଣସି କମ୍ପାନୀକୁ ଦେଇ ନ ଥିଲେ ମଧ୍ୟ ତାଙ୍କ ପାଖକୁ ସାମଗ୍ରୀ ବା ସେବା ପାଇବା ପାଇଁ ଏକାଧିକ ଫୋନ୍ କଲ୍ ଆସୁଛି। ଏଥିରୁ ବୁଝିବାକୁ ହେବ ଯେ, ଅସଂଖ୍ୟ ଆଧାର ନମ୍ବରକୁ ନିଆଯାଇ ପ୍ରସ୍ତୁତ ଡାଟାବେସ୍ ବା ତଥ୍ୟାବଳିକୁ ଦାୟିତ୍ୱରେ ଥିବା ସଂସ୍ଥା ବା ବ୍ୟକ୍ତିବିଶେଷ ସହଜରେ ବିକ୍ରି କରିଦେଉଛନ୍ତି। ଏଭଳି ସ୍ଥଳେ ଯଦି ସୋସିଆଲ ମିଡିଆରେ ଥିବା ପ୍ରୋଫାଇଲ ଆଧାର ସହ ଲିଙ୍କ୍ ହୋଇଯିବ, ତାହା ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ସବୁ ପ୍ରକାର ତଥ୍ୟ ବଜାରରେ ହାଉଜାଉ ହେବ। ଏହି ପରିସ୍ଥିତିକୁ ଅନ୍ୟ ଏକ ଚିତ୍ର ଦେଇ କୁହାଯାଇପାରିବ ଯେ, ଏବେକାର ସରକାର ପ୍ରତ୍ୟେକ ନାଗରିକକୁ ଉଲଗ୍ନ କରି ମଝି ରାସ୍ତାରେ ଛିଡ଼ା କରିବାକୁ ଯୋରସୋର ପ୍ରୟାସ କରୁଛି। ଏହାଦ୍ୱାରା ନାଗରିକର ପ୍ରତିଟି ଗତିବିଧି, ତା'ର ମାନସିକ ଚିନ୍ତା ସହିତ ଭବିଷ୍ୟତ ପାଇଁ ରଖୁଥିବା ଯୋଜନା ପ୍ରଶାସନର ଦୃଷ୍ଟିକୁ ଆସିବ। କେହି ସ୍ୱୀକାର କରୁନ୍ତୁ ବା ନ କରନ୍ତୁ, ଆଧାରକୁ ଯେତେ ଅଧିକ ସଂଯୋଗ କରାଯିବ ସେତିକି ଅଧିକ ବ୍ୟକ୍ତିବିଶେଷର ଅନ୍ତରଙ୍ଗ ତଥ୍ୟ ମିଳିପାରିବ। ସାଧାରଣରେ ଦେଖାଯାଏ, ଆଧାର ନମ୍ବର ମାଗୁଥିବା ସଂସ୍ଥାକୁ ସମ୍ପୂର୍ଣ୍ଣ ଆଧାର କାର୍ଡର ଅବିକଳ ନକଲ ଅଶିକ୍ଷିତ ଜନସାଧାରଣଙ୍କ ଦ୍ୱାରା ଦେଇ ଦିଆଯାଉଛି। ସେଭଳି ଅଶିକ୍ଷିତ ବା ଅସଚେତନ ନାଗରିକଙ୍କୁ ନିୟନ୍ତ୍ରଣାଧୀନ ରଖିବା ଅତ୍ୟନ୍ତ ସହଜ ହୋଇଥାଏ। ଯେତିକି ଅଧିକ କଟକଣା ବୃଦ୍ଧି କରାଯାଇପାରିଛି, ସେହି ପରିମାଣରେ ଗଣତନ୍ତ୍ରର ମୃତ୍ୟୁ ଘଟିବ।

କିଛି ମାସ ପୂର୍ବରୁ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରିବା ଲାଗି ନିର୍ବାଚନ କମିଶନ ଏକ ପ୍ରସ୍ତାବ ଆଣିଥିଲେ। ଏପରି କି ଆଇନ କମିଶନଙ୍କ ନିକଟକୁ ଫାଇଲ ପଠାଯାଇଥିଲା। ଏହାକୁ ନେଇ କେତେକ ଚିନ୍ତାଶୀଳ ବ୍ୟକ୍ତି ବିରୋଧ କରିବା ପରେ ତାହା ବସ୍ତୁତଃ କାର୍ଯ୍ୟକାରୀ ହୋଇପାରି ନାହିଁ। ଦେଖିବାକୁ ଗଲେ ଭୋଟର ପରିଚୟପତ୍ର ହେଉଛି ନାଗରିକତ୍ୱର ପ୍ରମାଣପତ୍ର। ଅନ୍ୟପକ୍ଷରେ ଆଧାର କାର୍ଡ ସ୍ୱେଚ୍ଛାକୃତ ଦଲିଲ, ଯାହା ଜଣଙ୍କୁ ପରିଚୟ ଦେବାରେ ସହାୟକ ହୋଇଥାଏ। ଆଧାର କାର୍ଡକୁ ନେଇ ଜଣେ ଜାତୀୟତାର ପ୍ରମାଣ ଦେଇପାରିବେ ନାହିଁ ବୋଲି କୁହାଯାଉଛି। ଭବିଷ୍ୟତରେ ଏହା କେଉଁ ରୂପ ଧାରଣ କରିବ ଏବେ କହିବା କଷ୍ଟକର। ସେହି ଦୃଷ୍ଟିରୁ ଦେଖିଲେ ଆଧାର କାର୍ଡକୁ ନାଗରିକ ଜୀବନର ପ୍ରତି ପଦକ୍ଷେପ ସହ ଯୋଡ଼ି ଦିଆଗଲେ, ତାହା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବ। ଆଧାରର ସ୍ୱରୂପ ଦେଖିଲେ ଏହା ଏକ ନିରନ୍ତର ପ୍ରକ୍ରିୟା। କରଦାତାଙ୍କ ଅନେକ ହଜାର କୋଟି ଟଙ୍କା ବ୍ୟୟରେ କରାଯାଉଥିବା ଏହି କାର୍ଯ୍ୟକ୍ରମର ଅନ୍ତ ନାହିଁ। କାରଣ ପ୍ରତି ମୁହୂର୍ତ୍ତରେ ଶିଶୁ ଜନ୍ମ ନେଉଥିବାରୁ ତାହାର ଆଧାର କାର୍ଡ ସୃଷ୍ଟି କରାଯିବାର ବ୍ୟବସ୍ଥା କରାଯାଇଛି। ପ୍ରଶ୍ନ ଉଠିବା ସ୍ୱାଭାବିକ, ଭୋଟର ପରିଚୟପତ୍ର ଜଣେ ନାଗରିକର ପ୍ରମାଣପତ୍ର ଭାବେ ରହିଥିବା ବେଳେ ଆଧାର ଭଳି କାର୍ଡର ଆବଶ୍ୟକତା କ'ଣ ରହିଛି। ସେହି ଖିଅକୁ ଧରି କୁହାଯାଇପାରେ ଯେ ଏବେ ଉଠୁଥିବା ପ୍ରଶ୍ନ, ଯେଉଁଥିରେ ସୋସିଆଲ ମିଡିଆରେ ଥିବା ପ୍ରୋଫାଇଲ ସହ ଆଧାର ସଂଯୋଗ ପ୍ରକୃତରେ କାହାର ମଙ୍ଗଳ ପାଇଁ ଉଦ୍ଦିଷ୍ଟ।

# ପାହାଡ଼ ମଣିଷ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ପୃଥିବୀରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ପୁଣ୍ୟ ଅର୍ଜନ କରି ପାରଲୌକିକ ସୁଖ ଲାଭ କରିବା ପାଇଁ ମନ୍ଦିର, ମସ୍‌ଜିଦ, ଗୀର୍ଜାକୁ ଯାଇଥାନ୍ତି। ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ଏହି ତଥାକଥିତ ଧର୍ମାନୁଷ୍ଠାନକୁ ଯାଆନ୍ତି ନାହିଁ। ମାତ୍ର ସମାଜର ଅନ୍ୟମାନଙ୍କ ମଙ୍ଗଳ ପାଇଁ ନିଜ ଜୀବନକୁ ବାଜି ଲଗାଇ ଦିଅନ୍ତି। ସେଇଥିରେ ଥାଏ ସେମାନଙ୍କ ସନ୍ତୋଷ ଓ ଆନନ୍ଦ। ମନ୍ଦିର ଯାଇ ଦେବଦେବୀଙ୍କୁ ପୂଜା କଲେ ପୁଣ୍ୟ ଅର୍ଜନ କରିହୁଏ କି ନା ଆମେ ଜାଣୁନା। ମାତ୍ର ଯିଏ ନିଜ ସୁଖସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନକରି ଅନ୍ୟର ସୁଖସୁବିଧା ପାଇଁ ନିଜର ଜୀବନ ସମର୍ପଣ କରେ ସେ ଯେ ନିଶ୍ଚିତ ପୁଣ୍ୟ ଅର୍ଜନ କରେ ଏଥିରେ ଦ୍ୱିମତ ହେବାର ନାହିଁ। ଏହିଭଳି ଜଣେ ମଣିଷଙ୍କ କଥା। କେନ୍ଦୁଝର ଜିଲାର ଦୈତାରି ନାୟକ ଗୁପ୍ତଗଙ୍ଗାରୁ ବାହାରିଥିବା କତରକଟା ନଦୀର ପାଣିକୁ ନିଜର କଠିନ ପରିଶ୍ରମ ବଳରେ ଦୀର୍ଘ ୪/୫ କିଲୋମିଟର ପର୍ଯ୍ୟନ୍ତ ପାହାଡ଼ କାଟି ଚାଷଜମିରେ ପହଞ୍ଚାଇ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଥିଲେ। ଏଥିପାଇଁ ୨୦୦୯ ମାର୍ଚ୍ଚ ୧୬ ତାରିଖରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ମାତ୍ର ଏହି ଘଟଣାର ବହୁ ପୂର୍ବରୁ ବିହାରର ଗୟା ନିକଟସ୍ଥ ଗେହଲର ଗାଁର ଶ୍ରମଜୀବୀ ଦଥରଥ ମାଝି (୧୯୨୯-୨୦୦୭) ନିହାଣ ଓ ହାତୁଡ଼ି ଧରି ଏକକ ପ୍ରଚେଷ୍ଟାରେ ୧୧୦ ମି. ଲମ୍ବ, ୭.୬ ମି. ଗଭୀର ଓ ୯.୧ ମି. ଓସାରର ଏକ ରାସ୍ତା ନିର୍ମାଣ କରିଥିଲେ। ଏହାଦ୍ୱାରା ଗେହଲର ଓ ଗୟା ମଧ୍ୟରେ ଦୂରତା ୫୫ କି.ମି.ରୁ କମିଯାଇ ୧୫ କି.ମି.ରେ ସୀମିତ ହୋଇଯାଇଥିଲା। ଏଥିପାଇଁ ତାଙ୍କୁ ସମୟ ଲାଗିଥିଲା ଦୀର୍ଘ ୨୨ ବର୍ଷ (୧୯୬୦-୧୯୮୨)। ବିହାର ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ମାତ୍ର ସେତେବେଳେ ତାହା ସମ୍ଭବ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ।

ଦଶରଥ ଜନ୍ମ ନେଇଥିଲେ ବିହାରର ଗେହଲର ଗାଁର ଏକ ଦଳିତ ମୂଷାହର ପରିବାରରେ। ପିଲାଦିନେ ରୋଜଗାର ଅନ୍ୱେଷଣରେ ସେ ଗାଁ ଛାଡ଼ି ଚାଲିଯାଇ ଧାନବାଦର ଏକ କୋଇଲା ଖଣିରେ ସାତବର୍ଷ ଧରି କାମ କରିଥିଲେ। ପରେ ସେ ଗାଁକୁ ଫେରି ବିବାହ କରିବାକୁ ଚାହିଁଲେ ପିଲାଦିନୁ ଜାଣିଥିବା ଫାଲ୍‌ଗୁନୀ ନାମ୍ନୀ ଜଣେ ମହିଳାଙ୍କୁ। ମାତ୍ର ସେତେବେଳେ ଦଶରଥ କୌଣସି ଚାକିରି କରୁ ନ ଥିବାରୁ ଫାଲ୍‌ଗୁନୀଙ୍କ ପିତା ଏହି ବିବାହ ପ୍ରସ୍ତାବରେ ରାଜିହୋଇ ନ ଥିଲେ।

ଶେଷରେ ଦଶରଥ ଓ ଫାଲ୍‌ଗୁନୀ ପଳାୟନ କଲେ ଓ ସ୍ୱାମୀସ୍ତ୍ରୀ ଭାବରେ ରହିଲେ। ଫାଲ୍‌ଗୁନୀ ପ୍ରଥମେ ଜନ୍ମ ଦେଇଥିଲେ ଏକ ପୁତ୍ରସନ୍ତାନ। ୧୯୬୦ରେ ସେ ପୁଣି ଗର୍ଭବତୀ ହେଲେ। ବିହାରର ଗେହଲର ଗାଁ ହେଉଛି ଏକ ଅନୁନ୍ନତ ଅଞ୍ଚଳ। ସେତେବେଳେ ସେଠି ଉଗ୍ର ଜାତିଆଣ ଭାବ ଥାଏ। ଦଳିତ ଅନୁସୂଚିତ ଜାତିର ଲୋକମାନେ ଗାଁ ମୁଖିଆଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥାନ୍ତି। ଗୟାର ବଜିରଗଞ୍ଜ ସହର ଓ ଗେହଲର ଗାଁ ମଝିରେ ଛିଡ଼ା ହୋଇଛି ଏକ ପାହାଡ଼। ଗାଁରୁ ସହରକୁ ଯିବା ପାଇଁ ଜନସାଧାରଣଙ୍କୁ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡୁଥାଏ। ଦିନକର ଘଟଣା। ଦଶରଥ ପାହାଡ଼ ସେପାରି ଜମିରେ କାମ କରୁଥାନ୍ତି। ଫାଲ୍‌ଗୁନୀ ମଧ୍ୟାହ୍ନ ଭୋଜନ ଧରି ପାହାଡ଼ିଆ ରାସ୍ତାରେ ଦଶରଥଙ୍କ ପାଖକୁ ଯାଉଥାନ୍ତି। ଅକସ୍ମାତ୍ ଅନ୍ତଃସତ୍ତ୍ୱା ଫାଲ୍‌ଗୁନୀଙ୍କ ଗୋଡ ପାହାଡରେ ଖସିଗଲା। ସେ ପଡିଯାଇ ରକ୍ତାକ୍ତ ହେଲେ। ହସ୍ପିଟାଲ ଥିଲା ପାହାଡର ଅନ୍ୟ ପାର୍ଶ୍ୱରେ ଗୟା ନିକଟରେ। ପାହାଡକୁ ଅତିକ୍ରମ କରିବା ପାଇଁ ଦୀର୍ଘ ପଥରେ ଯାଇ ହସ୍ପିଟାଲ ପହଞ୍ଚିଲା ବେଳକୁ ଫାଲ୍‌ଗୁନୀଙ୍କ ମୃତ୍ୟୁ ହୋଇଯାଇଥାଏ। ପ୍ରାଣ ଦେଇ ଭଲ ପାଉଥିବା ଫାଲ୍‌ଗୁନୀଙ୍କ ମୃତ୍ୟୁରେ ଦଶରଥ ଦାରୁଣ ଆଘାତ ପାଇଲେ।

ପତ୍ନୀଙ୍କ ମୃତ୍ୟୁ ଦଶରଥଙ୍କୁ ଭାବପ୍ରବଣ କରିଦେଲା। ସେ ଚିନ୍ତାକଲେ ପାହାଡ଼ଟି ପ୍ରତିବନ୍ଧକ ହୋଇ ନ ଥିଲେ ସେ ତାଙ୍କ ପତ୍ନୀଙ୍କୁ କମ୍ ସମୟରେ ହସ୍ପିଟାଲରେ ପହଞ୍ଚାଇ ପାରିଥାନ୍ତେ ଓ ହୁଏତ ତାଙ୍କର ଜୀବନ ରକ୍ଷା ହୋଇପାରିଥାନ୍ତା। ସେ ପାହାଡ଼କୁ ଅଭିଶାପ ଦେଲେ। ସେ ପ୍ରତିଜ୍ଞା କଲେ ପାହାଡ଼କୁ କାଟି ରାସ୍ତା ନିର୍ମାଣ କରିବେ ଓ ଗୟା ସହରକୁ ଦୂରତା କମାଇବେ। ଧରିଲେ ନିହାଣ ଓ ହାତୁଡ଼ି। ପାହାଡ଼ କାଟିବା ଆରମ୍ଭ କଲେ। ଗ୍ରାମବାସୀ ତାଙ୍କୁ ଉପହାସ କଲେ। କେହି କେହି ତାଙ୍କୁ ପାଗଳ ବୋଲି କହିଲେ। ମାତ୍ର ଦଶରଥ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଲେ। ଏକକ ଉଦ୍ୟମରେ ପାହାଡ଼ କାଟିବା କାମ ଚାଲୁ ରଖିଲେ ଦଶରଥ। ଅନେକ ବର୍ଷ ଅତିକ୍ରାନ୍ତ ହେଲା। ଗେହଲରରେ ପଡିଲା ମରୁଡ଼ି। ଲୋକେ ଜୀବିକା ନିର୍ବାହ ପାଇଁ ଗାଁ ଛାଡ଼ି ସହର ଅଭିମୁଖେ ଯାତ୍ରା କଲେ। ମାତ୍ର ଦଶରଥ ଗାଁରେ ରହିଲେ। ଭୋକଉପାସରେ ରହି ବି ସେ ପାହାଡ଼ କାଟି ରାସ୍ତା କରିବା କାମରୁ କ୍ଷାନ୍ତ ହେଲେ ନାହିଁ। ୧୯୭୫ ମସିହାରେ ଜରୁରିକାଳୀନ ପରିସ୍ଥିତି ଜାରି ହେଲା। ସେତେବେଳେ ଏକ ଜନସମାବେଶରେ ଭାଷଣ ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବିହାର ଆସିଥାନ୍ତି। ସେଠିକି ଯାଇଥାନ୍ତି ଦଶରଥ ମାଝି। ଇନ୍ଦିରା ଗାନ୍ଧୀ ମଞ୍ଚରେ ଭାଷଣ ଦେଉଥିବା ବେଳେ ହଠାତ୍ ମଞ୍ଚଟି ଭୁଶୁଡ଼ିବାକୁ ଲାଗିଲା। ସେତେବେଳେ ଦଶରଥ ଓ ଆଉ କିଛି ଲୋକ ମଞ୍ଚକୁ ଟେକି ଧରିବାରୁ ଇନ୍ଦିରା ଗାନ୍ଧୀ ଭାଷଣ ଚାଲୁ ରଖିପାରିଥିଲେ। ଏହି ଘଟଣାରେ ଦଶରଥ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ସହ ତାଙ୍କର ଏକ ଫଟୋ ମଧ୍ୟ ଉତ୍ତୋଳିତ ହୋଇଥିଲା। ତାଙ୍କ ପରିକଳ୍ପିତ ସେହି ପାହାଡ଼ିଆ ରାସ୍ତା ପାଇଁ ସରକାରଙ୍କଠାରୁ ଅର୍ଥ ମଞ୍ଜୁର କରିବାକୁ ଦରଖାସ୍ତ କରିବା ପାଇଁ ଗାଁର ମୁଖିଆ ଦଶରଥଙ୍କଠାରୁ ଏକ ଟିପ ଚିହ୍ନ ନେଇଥିଲେ। ମାତ୍ର ସେମିତି କିଛି ସାହାଯ୍ୟ ମିଳି ନ ଥିଲା। ଦଶରଥ ପ୍ରଧାନମନ୍ତ୍ରୀଙ୍କୁ ଦିଲ୍ଲୀରେ ଭେଟିବା ପାଇଁ ନିଷ୍ପତ୍ତି ନେଲେ। ଚାଲି ଚାଲି ଦିଲ୍ଲୀ ଗଲେ। ସାଙ୍ଗରେ ନେଇଥାନ୍ତି ଇନ୍ଦିରା ଗାନ୍ଧୀଙ୍କ ସହ ଉଠିଥିବା ଫଟୋ। ମାତ୍ର ପୋଲିସ ତାଙ୍କୁ ଘଉଡାଇ ଦେଲେ ଓ ଫଟୋଟିକୁ ଚିରିଦେଲେ। ହତାଶ ହୋଇ ଫେରିଆସିଲେ ଦଶରଥ।

ଅପମାନିତ ଓ ଉପହସିତ ହେବା ସତ୍ତ୍ୱେ ଦଶରଥ ଜୀବନରେ ହାରି ନ ଥିଲେ। ଚାଲୁ ରଖିଲେ ପାହାଡ଼ କାଟିବା କାର୍ଯ୍ୟ। ଦୀର୍ଘ ୨୨ ବର୍ଷର କଠିନ ପରିଶ୍ରମ ପରେ ୧୯୮୨ ମସିହାରେ ପାହାଡ଼ରେ ରାସ୍ତା ନିର୍ମାଣ ସରିଲା। ଗାଁ ଓ ସହର ମଧ୍ୟରେ ଦୂରତା କମିଲା। ଅନେକ ଗ୍ରାମବାସୀ ଏହାଦ୍ୱାରା ଉପକୃତ ହେଲେ। ତା' ପରେ ତାଙ୍କ ପ୍ରତି ସରକାରଙ୍କ ଦୃଷ୍ଟି ପଡିଲା। ବିହାର ସରକାର ୨୦୦୬ ମସିହାରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କଲେ। କୌଣସି କାରଣରୁ ସେ ଏହି ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହେଲେନାହିଁ। ସେ ବିହାରରେ ବଞ୍ଚି ରହିଲେ ପାହାଡ଼ ମଣିଷ ଭାବରେ। ପରବର୍ତ୍ତୀ ସମୟରେ ସେ ପିତ୍ତକୋଷ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ଏମ୍ସ ନୂଆଦିଲ୍ଲୀରେ ଚିକିତ୍ସିତ ଥିବା ଅବସ୍ଥାରେ ମୃତ୍ୟୁବରଣ କଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କ ପାଇଁ ରାଜ୍ୟସ୍ତରୀୟ ଅନ୍ତ୍ୟେଷ୍ଟିକ୍ରିୟା ଘୋଷଣା କଲେ। ମୃତ୍ୟୁ ବେଳକୁ ତାଙ୍କୁ ହୋଇଥିଲା ୭୮ ବର୍ଷ। ସେ ଦିନଟି ଥିଲା ୨୦୦୭ ଅଗଷ୍ଟ ୧୭ ତାରିଖ। ଦଶରଥଙ୍କ ସ୍ୱପ୍ନ ଥିଲା ତାଙ୍କ ତିଆରି ରାସ୍ତାଟି ପକ୍କା ହେଉ। ତାହା ସମ୍ଭବ ହୋଇଥିଲା ତାଙ୍କ ମୃତ୍ୟୁ ପରେ। ସରକାର ସେହି ପାହାଡ଼ ରାସ୍ତାର ପ୍ରବେଶ ଦ୍ୱାରକୁ ଦଶରଥ ମାଝିଙ୍କ ନାମରେ ନାମିତ କରିବା ସଙ୍ଗେ ସଙ୍ଗେ ତାଙ୍କ ଗାଁରେ ତାଙ୍କର ଏକ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚିତ ହେଲା। ତାଙ୍କ ସମ୍ମାନରେ ଏକ ପୋଷ୍ଟାଲ ଷ୍ଟାମ୍ପ ମଧ୍ୟ ପ୍ରକାଶ ପାଇଲା। ସରକାର ତାଙ୍କୁ ପାଞ୍ଚ ଏକର ଜମି ଦାନ କଲେ। ମାତ୍ର ଦଶରଥ ସେହି ଜମିକୁ ଏକ ହସ୍ପିଟାଲ କରିବା ପାଇଁ ଦାନ କରିଦେଲେ। ୨୦୧୪ ମସିହାରେ ଆମୀର ଖାନ୍‌ଙ୍କ ଦ୍ୱାରା ପ୍ରଯୋଜିତ ପ୍ରଥମ 'ସତ୍ୟମେବ ଜୟତେ' କାର୍ଯ୍ୟକ୍ରମ ତାଙ୍କୁ ସମର୍ପିତ ହୋଇଥିଲା। ୨୦୧୫ ମସିହାରେ ଦଶରଥ ମାଝିଙ୍କ ଜୀବନକୁ ନେଇ କେତନ ମେହେଟ୍ଟା 'ମାଝି, ଦି ମାଉଣ୍ଟେନ ମ୍ୟାନ' ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଆଜି କେବଳ ବିହାର ନୁହେଁ, ସମଗ୍ର ଭାରତରେ ଦଶରଥ ମାଝି ଏକ ପ୍ରେରଣାର ଉତ୍ସ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ-୯୪୩୭୩୨୯୨୬୩

# ନୀତିଶିକ୍ଷାକୁ ଗୁରୁତ୍ୱ ଦିଅ



ଡ. ଭରତ ଝୁନ୍‌ଝୁନ୍‌ୱାଲା

ଅଯୋଧ୍ୟାରୁ ମାତା ସୀତା ନିର୍ବାସିତ ହେବା ପରେ ବାଲ୍ମୀକି ଆଶ୍ରମରେ ରହିଥିଲେ। ଏହି ଆଶ୍ରମର ଅବସ୍ଥିତି ଉପରେ ଏବେ ପାଞ୍ଚଟି ସ୍ଥାନକୁ ନେଇ ଦାବି କରାଯିବା ନଜରକୁ ଆସେ। ସେହି ସ୍ଥାନଗୁଡିକ ମଧ୍ୟରେ ରହିଛି ରାଜସ୍ଥାନ ବାରାଂର ସୀତାବାଡି ଓ ସୀତାମାତା ଅଭୟାରଣ୍ୟ, ଅମୃତସରର ରାମତୀରଥ, ହରିୟାଣା କୈଥାଲ ଜିଲାର ମୁନ୍ଦରି ଏବଂ ଉତ୍ତରପ୍ରଦେଶ ପ୍ରୟାଗରାଜର ସୀତା ସମାହିତ ସ୍ଥଳ। ସେହିପରି ଶ୍ରୀରାମଙ୍କ ଜନ୍ମସ୍ଥାନ ଉତ୍ତରପ୍ରଦେଶର ଅଯୋଧ୍ୟା ଏବଂ ପଞ୍ଜାବର ପଟିଆଲା ଜିଲାରେ ଥିବା ଘଡାମ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ସମସ୍ତେ ଜାଣନ୍ତି ଅଯୋଧ୍ୟା ଶ୍ରୀରାମଙ୍କ ଜନ୍ମସ୍ଥାନ। ୧୯୬୯ରେ ପଟିଆଲାସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ପଟିଆଲା ଆଣ୍ଡ୍ ଇଟ୍‌ସ ହିସ୍ଟୋରିକାଲ ସରାଉଣ୍ଡିଂ' ଶୀର୍ଷକରୁ ଜଣାଯାଏ ଯେ, ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ସହ ପଟିଆଲାର ସମ୍ପର୍କ ରହିଛି। କିମ୍ବଦନ୍ତୀ ମୁତାବକ ପଟିଆଲାଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଘୁରାମରେ ଶ୍ରୀରାମ ଜନ୍ମ ହୋଇଥିଲେ। ଜୁଲାଇ ୨୧, ୧୯୯୮ରେ କୋଲକାତାରୁ ପ୍ରକାଶିତ ଟେଲିଗ୍ରାଫର ରିପୋର୍ଟରୁ ଶ୍ରୀରାମଙ୍କ ଜନ୍ମସ୍ଥାନ ସମ୍ପର୍କରେ ବି କିଛି ତଥ୍ୟ ଜଣାପଡ଼େ। ସେଥିରେ ପ୍ରକାଶ ପାଇଛି- ଶ୍ରୀରାମ କେଉଁଠି ଜନ୍ମ ହୋଇଥିଲେ? ଘରାମରେ, ଯାହା ପଟିଆଲାଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ। ଆଉ ମଧ୍ୟ ପ୍ରକାଶ ପାଇଛି ଯେ, ରାଜା ଦଶରଥ ଘରାମକୁ ବରାତ ନେଇ ଆସିଥିଲେ। ସେଠାକାର ମହାରାଜାଙ୍କ କନ୍ୟା କୌଶଲ୍ୟାଙ୍କୁ ଦଶରଥ ବିବାହ କରିଥିଲେ ଓ ଶ୍ରୀରାମ ତାଙ୍କ ଅଜାଙ୍କ ରାଜପ୍ରାସାଦରେ ଜନ୍ମ ହୋଇଥିଲେ। ଠିକ୍ ଏକା ପ୍ରକାର ରିପୋର୍ଟ ବି ଅକ୍ଟୋବର ୩, ୨୦୦୪ରେ ପଟିଆଲା ଭାସ୍କର ଏବଂ ଫେବୃୟାରୀ ୧୫, ୨୦୦୮ରେ ପଞ୍ଜାବକେଶରୀ ଏବଂ ସେପ୍ଟେମ୍ବର ୨୫, ୨୦୧୦ରେ ଇଣ୍ଡିଆନ ଏକ୍ସପ୍ରେସ୍‌ରେ ପ୍ରକାଶ ପାଇଛି।

ଏବେ ଆମେ ଆଉ କିଛି ପ୍ରାମାଣିକ ତଥ୍ୟର ସାହାଯ୍ୟ ନେବା। ପ୍ରଥମେ ଆସିବା ବାଲ୍ମୀକି ରାମାୟଣକୁ। ଏହାର ଅଯୋଧ୍ୟା କାଣ୍ଡ (୫୪:୪)ରେ ମହର୍ଷି ଭରଦ୍ୱାଜ ଶ୍ରୀରାମଙ୍କୁ କହୁଛନ୍ତି- ପଶ୍ଚିମମୁଖୀ ହୋଇ ଗଙ୍ଗା ଯମୁନା ସହ ଯେଉଁଠି ମିଶିଛି ତୁମେ ଦୁଇଭାଇ ସେଠାକୁ ଯାଅ। ଏହାର ଅର୍ଥ ଗଙ୍ଗା ଯେତେବେଳେ ଯମୁନା ସହ ମିଳିତ ହୋଇଛି ସେତେବେଳେ ଗଙ୍ଗା ପଶ୍ଚିମମୁଖୀ ଥିଲା। ଏହା ମଧ୍ୟ ପ୍ରମାଣ କରେ, ଯମୁନା ମଧ୍ୟ ପଶ୍ଚିମମୁଖୀ ହୋଇ ପ୍ରବାହିତ ହେଉଥିଲା। କାରଣ, ଯଦି ଦୁଇଟି ଯାକ ନଦୀ ବିପରୀତମୁଖୀ ହୋଇ ପ୍ରବାହିତ ହୋଇଥାନ୍ତେ ତା'ହେଲେ ସେମାନେ ମିଳିତ ହୋଇପାରି ନ ଥାନ୍ତେ। ପ୍ରତ୍ନତାତ୍ତ୍ୱିକ ତଥ୍ୟରୁ ପ୍ରମାଣ ମିଳେ ଯେ, ଖ୍ରୀଷ୍ଟପୂର୍ବ ୧୫୦୦ ବେଳକୁ ଯମୁନାନଗରରୁ ଯମୁନା ପଶ୍ଚିମମୁହାଁ ହୋଇ ପ୍ରବାହିତ ହେଉଥିଲା। ଏହା ପରଠାରୁ ଯମୁନା ପୂର୍ବାଭିମୁଖୀ ହୋଇ ପ୍ରବାହିତ ହେବା ଆରମ୍ଭ କରିଛି। କିନ୍ତୁ ବର୍ତ୍ତମାନ ଶ୍ରୀରାମଙ୍କ ସମୟ ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବର ବୋଲି କୁହାଯାଉଛି। ଏଣୁ ଶ୍ରୀରାମଙ୍କ ସମୟର ଯେଉଁ ଯମୁନା କଥା କୁହାଯାଉଛି ତାହା ହୁଏତ ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବରୁ ନିଶ୍ଚିତ ପ୍ରବାହିତ ହେଉଥିବ ଏବଂ ଏହା କେବଳ ହରିୟାଣା ଓ ରାଜସ୍ଥାନରେ ପଶ୍ଚିମମୁଖୀ ହୋଇ ପ୍ରବାହିତ ହେଉଥିବା ସେହି ପୁରାତନ ଯମୁନା ବୋଲି କୁହାଯାଇପାରେ। ତା'ପରେ ଦେଖିବା ସରଯୂ ନଦୀ କଥା। ଏହା ଗଙ୍ଗା ଓ ଯମୁନାର ଉପନଦୀ ଥିଲା। ଏଣୁ ଏହା ମଧ୍ୟ ସେହି ସମୟରେ ପଶ୍ଚିମ ଦିଗକୁ ପ୍ରବାହିତ ହୋଇଥିବ।

ଶ୍ରୀରାମଙ୍କ ଜନ୍ମସ୍ଥାନ ସମ୍ପର୍କରେ ଘାଘରା ନଦୀ ମଧ୍ୟ ଆମ ଦୃଷ୍ଟି ଆକର୍ଷଣ କରେ। କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ଅଧ୍ୟକ୍ଷତାରେ ୨୦୧୬ରେ ଗଠିତ 'ରିପୋର୍ଟ ଅଫ୍ ଦି ଏକ୍ସପର୍ଟ କମିଟି ଟୁ ଷ୍ଟଡି ଦି ପାଲେଓଚାନେଲ୍ସ ଅଫ୍ ନର୍ଥ ଇଣ୍ଡିଆ' (ଉତ୍ତର ଭାରତରେ ସୁପ୍ତ ବା ମୃତ ନଦୀ ଉପରେ ଅନୁଧ୍ୟାନ କରୁଥିବା ବିଶେଷଜ୍ଞ କମିଟିର ରିପୋର୍ଟ)ରେ ପ୍ରତ୍ନତତ୍ତ୍ୱବିତ୍ କେ.ଏସ୍. ବଲିଦ୍ୟା ଦର୍ଶାଇଛନ୍ତି ଯେ, ଘୁରାମ ନାମକ ସ୍ଥାନ (ପଞ୍ଜାବ)ରେ ଥିବା ଏହି ଘାଘରା ନଦୀକୁ ସରଯୂ କୁହାଯାଉଥିଲା। ଘଡାମ ମଧ୍ୟ ଘାଘରା ନଦୀ କୂଳରେ ଅବସ୍ଥିତ। ଏଣୁ ବାଲ୍ମୀକି ରାମାୟଣର ଭୌଗୋଳିକ ପ୍ରମାଣକୁ ଆଧାର କଲେ ଘଡାମ ପୁରାତନ ଅଯୋଧ୍ୟା ଥିଲା ବୋଲି କୁହାଯାଇପାରେ। ପୂର୍ବରୁ ଯାହା ଉଲ୍ଲେଖ କରାଯାଇଛି- ଗଙ୍ଗା ପଶ୍ଚିମାଭିମୁଖୀ ହୋଇ ଯମୁନା ସହ ମିଶିଛି, ଗଙ୍ଗାର ଉପନଦୀ ସରଯୂ ମଧ୍ୟ ପଶ୍ଚିମ ଦିଗକୁ ପ୍ରବାହିତ, ଘାଘରା ସରଯୂ ନାମରେ ପରିଚିତ ଏବଂ ଘାଘରା କୂଳରେ ଅବସ୍ଥିତ ଘଡାମ ହୁଏତ ପୁରାତନ ଅଯୋଧ୍ୟା ହୋଇଥାଇପାରେ।

ଶ୍ରୀରାମ ତାଙ୍କ ପୈତୃକ ଘର ଅଯୋଧ୍ୟା ନା ଅଜାଙ୍କ ଘର ଘଡାମରେ ଜନ୍ମ ନେଇଛନ୍ତି, ଏଭଳି ପ୍ରଶ୍ନର ସମାଧାନ ଏହିସବୁ ତଥ୍ୟରୁ ସ୍ଥିର କରାଯାଇପାରିବ ନାହିଁ। ବାଲ୍ମୀକି ରାମାୟଣ ମଧ୍ୟ ଏହା ଉପରେ ନୀରବ। ମୋତେ ବି କେତେଜଣ ଲୋକଗୀତିକାର କହିଛନ୍ତି ଯେ, କୋଶଳ ରାଜାଙ୍କର କୌଣସି ପୁତ୍ରସନ୍ତାନ ନ ଥିବାରୁ ସେ ତାଙ୍କ ନାତି ଶ୍ରୀରାମଙ୍କୁ ଉତ୍ତରାଧିକାରୀ ଭାବେ ବାଛିଥିଲେ। କିନ୍ତୁ ଏହି ତଥ୍ୟ ଉପରେ ଅଧିକ ଗବେଷଣା ଦରକାର। ଏମିତି ବି ହୋଇପାରେ, ଶ୍ରୀରାମ ଘଡାମ କିମ୍ବା ଅଯୋଧ୍ୟା ଏହି ଦୁଇଟି ସ୍ଥାନରୁ ଯେ କୌଣସି ଗୋଟିକରେ ଜନ୍ମ ଗ୍ରହଣ କରିଥିବେ। ବିଶ୍ୱାସକୁ ଗ୍ରହଣ କଲେ ହୁଏତ ଶ୍ରୀରାମ ଘଡାମରେ ଥିବା ତାଙ୍କ ଅଜାଙ୍କ ଘରେ ଜନ୍ମ ହୋଇଥିବେ କିମ୍ବା ଭୌଗୋଳିକ ତଥ୍ୟ ଆଧାରରେ ପୁରାତନ ଅଯୋଧ୍ୟାରେ ଜନ୍ମ ନେଇଥିବେ।

ଆମ ଆଗରେ ପ୍ରଶ୍ନ, ଆମେ ଶ୍ରୀରାମଙ୍କ ଜନ୍ମସ୍ଥାନ ଉପରେ ଗୁରୁତ୍ୱ ଦେବା ନା ତାଙ୍କ ନୀତିଶିକ୍ଷାକୁ ମାନିନେବା। ଉପରିଲିଖିତ ଐତିହାସିକ ତଥ୍ୟ ମୁତାବକ ଶ୍ରୀରାମଙ୍କ ଜନ୍ମସ୍ଥାନ ଏବେ ବିତର୍କ ଭିତରକୁ ଠେଲି ହୋଇଯାଇଛି। ଅନ୍ୟପକ୍ଷରେ ଶ୍ରୀରାମଙ୍କ ନୀତିଶିକ୍ଷା ପୂରା ସ୍ୱଚ୍ଛ ଓ ଶାଶ୍ୱତ। ତେଣୁ ଆମେ ଶ୍ରୀରାମଙ୍କ ଜନ୍ମସ୍ଥାନ ବିବାଦରେ ନ ପଶି ତାଙ୍କ ଆଦର୍ଶ ଓ ନୀତିଶିକ୍ଷାକୁ ଗୁରୁତ୍ୱ ଦେବା ଉଚିତ।

bharatjj@gmail.com

## ଏଇ ଭାରତରେ

ପରିବାରରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ବିବାଦ ଥିଲେ ଛାଡ଼ପତ୍ର ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ସାଧାରଣ କଥା। ମାତ୍ର ଉତ୍ତରପ୍ରଦେଶ ମିରଟ ଜିଲାରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ସବୁବେଳେ ଲଡୁ ଖାଇବାକୁ ଦେବାରୁ ଏଥିରେ ବିରକ୍ତ ହୋଇ ସ୍ୱାମୀ ଛାଡ଼ପତ୍ର ପାଇଁ ଫ୍ୟାମିଲି କୋର୍ଟରେ ଆବେଦନ କରିଛନ୍ତି। ସେ କହିଛନ୍ତି, ତାଙ୍କ ଦେହ କିଛିଦିନ ତଳେ ଖରାପ ଥିଲା। ଏଥିନେଇ ସ୍ତ୍ରୀ ଜଣେ ତାନ୍ତ୍ରିକଙ୍କ ସହିତ ପରାମର୍ଶ କରିଥିଲେ। ତାନ୍ତ୍ରିକ ତାଙ୍କୁ ବୁଝାଇ ଦେଇଥିଲେ, ସବୁଦିନେ ଲଡୁ ଖାଇବାକୁ ଦେଲେ ତୁମ ସ୍ୱାମୀ ଆରୋଗ୍ୟ ହୋଇଯିବେ। ସେବେଠାରୁ ଏହି ମହିଳା ତାଙ୍କ ସ୍ୱାମୀଙ୍କୁ କେବଳ ଲଡୁ ହିଁ ଖାଇବାକୁ ଦେଉଛନ୍ତି। ଏପରିକି ତାଙ୍କୁ ବାହାରେ ଖାଇବାକୁ ମଧ୍ୟ ବାରଣ କରୁଛନ୍ତି। ଏଥିପାଇଁ ସ୍ୱାମୀ ଅତିଷ୍ଠ ହୋଇପଡିଲେଣି। ସେ ଅନ୍ୟ କୌଣସି ଉପାୟ ନ ପାଇ ଶେଷରେ ସ୍ତ୍ରୀଙ୍କୁ ବିଦାକରିବା ଲାଗି ଛାଡ଼ପତ୍ର ଏକମାତ୍ର ବିକଳ୍ପ ବୋଲି ଭାବି ନେଇଛନ୍ତି। ତେଣୁ ସେ ଫ୍ୟାମିଲି କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଉକ୍ତ ମହିଳାଙ୍କୁ କାଉନ୍‌ସେଲିଂ ପାଇଁ ବ୍ୟବସ୍ଥା କରାଯାଇଛି। ସ୍ତ୍ରୀଙ୍କ ଅନ୍ଧବିଶ୍ୱାସକୁ କିପରି ଦୂର କରାଯିବ ସେ ଲାଗି ଚିନ୍ତା କରାଯାଉଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଚିରନ୍ତନୀ

ଧ୍ୱଂସର ଡାକ ଭାସି ଆସେ ଦଶ ଦିଶୁଁ
ରଣଭେରୀ ତୋର ସେ ଭୀମ ଶବଦେ ମିଶୁ
ମରଣ ତୋହର ମୁକତିରେ ବୀର ଶିଶୁ!
ତିନି କାଳ ତୋର ଜୀବନର ଅନୁଯାୟୀ
ପଥ କାହିଁ? ପଥ କାହିଁ?
(ପଥ କାହିଁ)
କେତେ ଢେଉ ଉଠେ ପଡ଼େ
ବିଶ୍ୱର ମାନବ-ପାରାବାରେ
କେତେ ଧ୍ୱନି କେତେ ଛନ୍ଦ
ମିଳାଏ ଯେ ଅସୀମର ପାରେ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅଗଷ୍ଟ ୧୯୯୪

- ବାଂଲାଦେଶର ଚାନ୍ଦପୁର ଜିଲାରେ ମେଘନା ନଦୀରେ ଗୋଟିଏ ନୌକା ବୁଡିଯିବାରୁ ୨୫୦ ଜଣଙ୍କ ମୃତ୍ୟୁ।
- ବିସମିଲ୍ଲା ଖାଁଙ୍କୁ ୨ୟ ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାର ପ୍ରଦାନ।
- ଓଡ଼ିଶା ସରକାର ଏକ ଅଧ୍ୟାଦେଶ ବଳରେ ଜିଲା ପରିଷଦ ଆଇନ ସଂଶୋଧିତ କରି ପ୍ରାର୍ଥୀ ନିଜ ନିର୍ବାଚନମଣ୍ଡଳୀର ହେବା ବାଧ୍ୟତାମୂଳକ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | 4 | | 9 | 1 | 2 | | | 6 | C | B |
| B | 8 | | | | 9 | | A | 7 | | | | | | 5 |
| | D | | | E | | B | | 0 | | 1 | A | | 2 | 3 |
| | | | | | C | 3 | | | | | | | 7 | |
| | 9 | | | D | B | | | 6 | 8 | | | 1 | E | |
| | | 5 | 3 | 6 | | | 4 | A | | | 8 | | | 0 |
| | 7 | | | | 0 | | | | | B | | | 6 | |
| | | | | 8 | | | 5 | 9 | | E | | | | A |
| | | | 7 | 9 | | D | | | 6 | A | | E | B | |
| | | E | | | | 0 | 2 | | C | | | | | |
| | | | | | | 2 | | | | | | 8 | A | |
| 8 | | A | | | | | 3 | 5 | 9 | | D | 2 | | |
| | E | | 1 | | 3 | | | D | | | | 7 | | 6 |
| | | 9 | | | | | | | | 4 | C | 0 | | |
| 2 | | 3 | | | | | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 4 | 9 | 5 | 3 | 6 | 2 | B | 8 | 7 | 1 | 0 | D | A | C |
| A | 1 | 8 | 4 | 9 | B | 7 | 3 | D | C | 5 | 6 | 2 | E | 0 |
| 2 | 0 | 6 | E | A | D | 9 | 1 | C | 8 | 3 | 4 | 7 | 5 | B |
| B | 5 | C | 8 | 7 | 2 | 6 | 4 | 0 | E | A | D | 9 | 3 | 1 |
| 7 | D | 3 | 1 | C | 0 | E | 5 | A | B | 2 | 9 | 8 | 6 | 4 |
| 1 | 7 | 2 | 3 | 0 | 5 | C | D | 6 | 4 | B | A | E | 8 | 9 |
| 4 | 6 | D | 7 | 2 | 8 | B | E | 3 | 0 | 9 | C | 5 | 1 | A |
| C | 9 | 0 | A | E | 1 | 8 | 2 | 4 | 6 | D | 5 | 3 | B | 7 |
| 5 | 8 | A | 6 | B | 4 | 1 | 0 | 9 | 3 | E | 7 | C | 2 | D |
| 3 | E | B | C | D | 9 | 5 | A | 7 | 1 | 8 | 2 | 4 | 0 | 6 |
| D | 3 | E | 0 | 6 | A | 4 | 9 | 5 | 2 | 7 | 1 | B | C | 8 |
| 9 | 2 | 4 | B | 8 | E | 0 | 7 | 1 | A | C | 3 | 6 | D | 5 |
| 0 | C | 7 | 2 | 1 | 3 | D | 6 | B | 5 | 4 | 8 | A | 9 | E |
| 6 | B | 5 | D | 4 | C | A | 8 | 2 | 9 | 0 | E | 1 | 7 | 3 |
| 8 | A | 1 | 9 | 5 | 7 | 3 | C | E | D | 6 | B | 0 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୃଥିବୀ ପାଇଁ ସତର୍କତା

ମହାଶୟ,

ବର୍ତ୍ତମାନ ମାନବ ହିଁ ପ୍ରକୃତି ବିରୋଧରେ ଯାଉଛି। ଫଳରେ ପୃଥିବୀର ଜୈବସନ୍ତୁଳନ ଓ ପରିବେଶର ସ୍ୱଚ୍ଛତା ନଷ୍ଟ ହେବାରେ ଲାଗିଛି। ଶାଗୁଣା, ଚିଲ, ଘରଚଟିଆ ଓ ହଳଦୀବସନ୍ତ ପ୍ରଭୃତି ଜୀବମାନେ ଅଦୃଶ୍ୟ ହୋଇଗଲେଣି। ଏହାବ୍ୟତୀତ ବହୁ ଛୋଟବଡ ପଶୁ ଧୀରେ ଧୀରେ ଲୋପ ପାଉଛନ୍ତି। ଯେହେତୁ ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ, ଏ ସୃଷ୍ଟିର ସନ୍ତୁଳନ ରକ୍ଷା ନିମନ୍ତେ ବିଶେଷ ଭାବେ ଚିନ୍ତା ପ୍ରକଟ ସହ ଉଦ୍ୟମ କରିବା ଉଚିତ। ନଚେତ୍ ବିଲୁପ୍ତ ହୋଇଯାଇଥିବା ପ୍ରାଣୀମାନଙ୍କ ଭଳି ମଣିଷ ବି ଦିନେ ନିଶ୍ଚିହ୍ନ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ଧରିତ୍ରୀରେ ପ୍ରକାଶିତ ଡ. ଦେବାନନ୍ଦ ବେଉରାଙ୍କ 'ଜୀବ ସୁରକ୍ଷା ପୃଥିବୀ ରକ୍ଷା' ଲେଖାଟି ଏହି ଦୃଷ୍ଟିରୁ ବିଶେଷ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା,
ଗୋଗୁଆ, କେନ୍ଦ୍ରାପଡ଼ା

### ରାଜତନ୍ତ୍ର ବନାମ ଗଣତନ୍ତ୍ର

ରାଜତନ୍ତ୍ରରେ ସମ୍ରାଟ୍ ବା ରାଜାମାନେ ନିଜର ସାମ୍ରାଜ୍ୟ ବା ରାଜ୍ୟକୁ ନିଜର ବୋଲି ଭାବୁଥିଲେ। ପ୍ରଜାମାନଙ୍କୁ ମଧ୍ୟ ନିଜର ପ୍ରଜା ଭାବି ସେମାନଙ୍କର ସର୍ବାଙ୍ଗୀଣ ଉନ୍ନତି କରିବାରେ ନିଜକୁ ନିୟୋଜିତ କରୁଥିଲେ। ରାଜପୁତ୍ରମାନେ ଆଗାମୀ ଦିନର ରାଜା ବୋଲି ଜାଣୁଥିଲେ ଏବଂ ସେହିଭଳି ନିଜକୁ ପ୍ରସ୍ତୁତ କରୁଥିଲେ। ଆଜିର ଗଣତନ୍ତ୍ରରେ ତା'ର ପରିଭାଷା ବଦଳି ଯାଇଛି। ପ୍ରତ୍ୟେକ ରାଜନେତା ରାଜ୍ୟର ରାଜା ବା ସାମ୍ରାଜ୍ୟର ସମ୍ରାଟ ହେବାକୁ ପ୍ରତିଯୋଗିତାରେ ବ୍ୟସ୍ତ। ସେମାନେ ନିର୍ବାଚିତ ହେବା ପରେ ଅର୍ଥପିପାସୁ, କ୍ଷମତାଶାଳୀ ଓ ପ୍ରଭାବଶାଳୀ ହୋଇଯାଉଛନ୍ତି। କ୍ଷମତାର ଅପବ୍ୟବହାର କରି ଦୁର୍ନୀତିଗ୍ରସ୍ତ ହେଉଛନ୍ତି। ୧୯୧୪ ମସିହାରେ ଆମ ବିଧାନସଭାରେ ୭୬ ଜଣ କୋଟିପତି ବିଧାୟକ ଥିଲା ବେଳେ ୨୦୧୯ ବେଳକୁ ତାହା ୯୫କୁ ବୃଦ୍ଧି ପାଇଛି। ୨୦୧୪ ମସିହାରେ ୫୪ ଜଣ ଅପରାଧ ପୃଷ୍ଠଭୂମିର ବିଧାୟକ ଥିଲାବେଳେ ୨୦୧୯ ବେଳକୁ ତାହା ୭୬ରେ ପହଞ୍ଚିଗଲା। କ୍ଷମତାଶାଳୀ ଓ ଧନଶାଳୀ ବ୍ୟକ୍ତି କଳେବଳେକୌଶଳେ କ୍ଷମତାକୁ ଆସୁଛନ୍ତି। ତା'ପରେ ଆରମ୍ଭ ହୋଇଯାଉଛି ସେମାନଙ୍କର ଶୋଷଣ। ଏଥିରେ କ'ଣ ପରିବର୍ତ୍ତନ ଆସିବ ନାହିଁ?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ





## ଜିଲା ଚିଠି ଖୋର୍ଦ୍ଧା

# ବଦନାମର ବୋଝ

ଖୋର୍ଦ୍ଧା ଓ ବେଗୁନିଆ ତହସିଲ ଅଞ୍ଚଳରେ ପଥର ବ୍ୟବସାୟୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଥିଲା। ଅନୁମତି ନ ଥାଇ ଜଗନ୍ନାଥ ମହାପ୍ରଭୁଙ୍କ ୫୦ରୁ ଊର୍ଦ୍ଧ୍ୱ ଗ୍ରାନାଇଟ୍ ପାହାଡରେ ବେଆଇନ ବ୍ଲାଷ୍ଟିଂ ଓ କ୍ରଶର ଚାଲୁଥିଲା। ଏହାର ପ୍ରଭାବରେ ଆଖପାଖ ଜନବସତିରେ କୃତ୍ରିମ ମୃଦୁ ଭୂମିକମ୍ପ ଅନୁଭୂତ ହେଉଥିଲା। ବହୁ ପାହାଡ ସମତୁଲ ହୋଇ ପରିବେଶ ଉପରେ କୁପ୍ରଭାବ ପକାଉଥିଲା। ବନ୍ୟଜନ୍ତୁ ଗାଁମୁହାଁ ହେଉଥିବାବେଳେ ଜନସାଧାରଣଙ୍କ ଧନଜୀବନ ନଷ୍ଟ ହେବାରେ ଲାଗିଥିଲା। ବ୍ଲାଷ୍ଟିଂ ସମୟରେ ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଥିଲା। ଗୁରୁତର ରୋଗୀ, ଜରୁରୀ କାମଥିବା ଲୋକ, ଛାତ୍ରୀଛାତ୍ର ହଇରାଣର ସମ୍ମୁଖୀନ ହେଉଥିଲେ। ବେଆଇନ ବ୍ଲାଷ୍ଟିଂ ଓ ଖଣି ଖନନକୁ ରୋକିବାକୁ ବିଭିନ୍ନ ସମୟରେ ଅଞ୍ଚଳବାସୀ ପ୍ରତିବାଦ, ଅଭିଯୋଗ କରୁଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ବି ଦେଉଥିଲେ। ତଥାପି ଫଳ ଶୂନ ଥିଲା। ଅଭିଯୋଗର ଫାଇଲ ଶୀତଳଭଣ୍ଡାରକୁ ଚାଲି ଯାଉଥିଲା। ପ୍ରଶାସନ ସବୁ ଜାଣି ଅଜଣା ରହୁଥିବାରୁ ପଥର ବ୍ୟବସାୟୀ ସେମାନଙ୍କର କାରବାରକୁ ଅବାଧରେ ଚାଲୁ ରଖିଥିଲେ। ଏପରି କି ମାମଲା କୋର୍ଟରେ ବିଚାରାଧୀନ ଥିଲେ ମଧ୍ୟ ବେଆଇନ ଖଣି ଖନନକୁ ରୋକା ଯାଇ ପାରି ନ ଥିଲା। ସେହିଭଳି ଖୋର୍ଦ୍ଧା ପୋଲିସ ଜିଲାରେ ବେଆଇନ ନିଶା କାରବାର ବଢ଼ି ଚାଲିଥିବାର ଅଭିଯୋଗ ହୋଇ ଆସୁଥିଲା। ଲୋକଙ୍କ ଅଭିଯୋଗ ପରେ ପୋଲିସ, ଅବକାରୀ ଓ ଜିଲା ପ୍ରଶାସନ ସେଭଳି ପଦକ୍ଷେପ ନେଉ ନ ଥିଲା। ମଝିରେ ମଝିରେ ଯେଉଁ ଲୋକଦେଖାଣିଆ ଚଢ଼ାଉ ହେଉଥିଲା, ତାହା କାରବାରକୁ ବନ୍ଦ କରିବା ପରିବର୍ତ୍ତେ ବଢ଼ାଇ ଚାଲିଥିଲା। ଏହା ପଛରେ ଲୁଚି ରହିଥିଲା ଲାଞ୍ଚ। ମାସିକିଆ ବଟି ଓ ଉପହାର ବନ୍ଦ ହୋଇଗଲେ ଭୟ ସଞ୍ଚାର ପାଇଁ ଚଢ଼ାଉ କରାଯାଉଥିବାର ଅଭିଯୋଗ ଥିଲା। ଏଭଳିସ୍ଥଳେ ନିଶା ଓ ଖଣି କାରବାର ଉପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ପକ୍ଷରୁ ବାରମ୍ବାର ଚଢ଼ାଉ ଓ ଗିରଫଦାରି, ଏନ୍‌କାଉଣ୍ଟର ପରେ ସ୍ଥିତି ବଦଳିଲା। ଫଳରେ ଲୋକେ ଥାନା, ଅବକାରୀ ବିଭାଗ, ରାଜସ୍ୱ ବିଭାଗ ଓ ପ୍ରଶାସନ ଥିଲା ପରି ଅନୁଭବ କଲେ ନାହିଁ। ଏଣୁ ବଦନାମର ବୋଝ ନ ମୁଣ୍ଡାଇ ସମସ୍ତେ ସାଧୁ ବୋଲି ଦେଖାଇବା ପ୍ରୟାସ ଆରମ୍ଭ ହେଲା। ଲୋକଙ୍କ ନିକଟତର ହେବା ପାଇଁ ଖୋର୍ଦ୍ଧା ପୋଲିସ ଜିଲା ପକ୍ଷରୁ ଆରମ୍ଭ ହେଲା ଅପରେଶନ କ୍ଲିନ। ଏଥିରେ ଅଭିଯୁକ୍ତମାନଙ୍କୁ ଗିରଫ କରି ପୋଲିସ ବାହାବା ନେବାକୁ ଉଦ୍ୟମ କରିଥିଲା। ବେଆଇନ ଖଣି ନିଶା କାରବାରରେ ଲଗାମ ଲଗାଯାଇଛି ବୋଲି ଖବରଦାତା ସମ୍ମିଳନୀ କରି କୁହାଗଲା। ତେବେ ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ ଓ ଖୋର୍ଦ୍ଧା ସଦର ଥାନା ଆଇଆଇସି ବିକ୍ରମ ଜେନା ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ ପରେ ସବୁ କିଛି ବିଗିଡି ଗଲା। ଆଇଆଇସିଙ୍କୁ ୨୦୧୯ ଅଗଷ୍ଟ ୧୫ରେ ମିଳିବାକୁ ଥିବା ପୋଲିସ ପଦକ ବାତିଲ ହୋଇଗଲା। ଖୋର୍ଦ୍ଧା ତହସିଲଦାରଙ୍କର ପଦୋନ୍ନତି ହୋଇ ସାରିଥିଲା। ତେବେ ଷ୍ଟେଶନ ନ ଛାଡ଼ିବା ତାଙ୍କ ପାଇଁ ସମସ୍ୟା ଡାକି ଆଣିଥିଲା। ବେଆଇନ ପଥର ଖନନ ଘଟଣାରେ ଅନେକ ସରକାରୀ କର୍ମଚାରୀ ସମ୍ପୃକ୍ତ ରହିଥିବା ଅଭିଯୋଗ ଥିବାରୁ ଦୁଇ ଅଧିକାରୀଙ୍କୁ ନୋଟିସ ଛନକା ସୃଷ୍ଟି କରିଛି। ଦେଖାଯାଉ ଏହି ଘଟଣାରେ ଆଉ କେଉଁମାନଙ୍କୁ ନୋଟିସ୍ ପରିସରଭୁକ୍ତ କରାଯାଉଛି। ସେହିପରି ବଦନାମର ବୋଝ ଆଉ କିଏ ସମ୍ଭାଳୁଛି ସେନେଇ ଜିଲାବାସୀଙ୍କର ଅପେକ୍ଷା।

– ଲୋକନାଥ ମିଶ୍ର

# ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବ ଓଡ଼ିଶା

- ପୁରୀ, କୋଣାର୍କକୁ ମିଳିପାରେ ଆଇକନିକ୍ ଟ୍ୟାଗ୍
- ଜାତୀୟ ସମ୍ମିଳନୀରେ ସୂଚନାଦେଲେ କେନ୍ଦ୍ର ପର୍ଯ୍ୟଟନମନ୍ତ୍ରୀ
- ବିଦେଶୀ ପର୍ଯ୍ୟଟକ ଆଗମନ ଦୁଇଗୁଣା କରିବାକୁ ପରାମର୍ଶ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବ ଓଡ଼ିଶା। ଖୁବ୍‌ଶୀଘ୍ର ରାଜ୍ୟର ଗୋଟିଏ କିମ୍ବା ଦୁଇଟି ପର୍ଯ୍ୟଟନସ୍ଥଳୀକୁ ମିଳିବ ଆଦର୍ଶ ପର୍ଯ୍ୟଟନସ୍ଥଳୀର ମାନ୍ୟତା। ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀମାନଙ୍କ ଜାତୀୟ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ। ଓଡ଼ିଶାରୁ ପୁରୀ ଏବଂ କୋଣାର୍କ ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବାର ସମସ୍ତ ଯୋଗ୍ୟତାକୁ ପୂରଣ କରୁଛି। କେହି ଚାହିଁଲେ ମଧ୍ୟ ଏହି ଦୁଇଟି ସ୍ଥାନକୁ ଆଇକନିକ୍ ଟ୍ୟାଗ୍ ପାଇବାରୁ ବାଦ୍ ଦେଇପାରିବେ ନାହିଁ। ଓଡ଼ିଶା ପକ୍ଷରୁ ଆମକୁ ପର୍ଯ୍ୟଟନସ୍ଥଳୀ ସମ୍ପର୍କିତ ଠିକ୍ ଏବଂ ନିର୍ଦ୍ଦିଷ୍ଟ ତଥ୍ୟ ମିଳି ନ ଥିବାରୁ ଦୁର୍ଭାଗ୍ୟଜନକଭାବେ ଏହି ଦୁଇଟି ସ୍ଥାନ ତାଲିକାରୁ ବାଦ୍ ପଡ଼ିଥିଲା। ତେବେ ଖୁବ୍‌ଶୀଘ୍ର ଓଡ଼ିଶାକୁ ଆଇକନିକ୍ ହେରିଟେଜ୍ ଷ୍ଟାଟସ୍ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପଟେଲ କହିଛନ୍ତି।

୧୯ ରାଜ୍ୟର ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପର୍ଯ୍ୟଟନ ସଚିବ ଏବଂ ବରିଷ୍ଠ ପର୍ଯ୍ୟଟନ ଅଧିକାରୀଙ୍କୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଦେଶର ପର୍ଯ୍ୟଟନ ଶିଳ୍ପକୁ ବ୍ୟାପକ କରିବା ଲାଗି ମାନସମନ୍ଥନ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ପଟେଲ କହିଲେ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତଭାବେ ପର୍ଯ୍ୟଟନର ବିକାଶ ଦିଗରେ କାର୍ଯ୍ୟ କରିବା ସହ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିପାଇଁ କାମ କରିବା ଜରୁରୀ। ବିଦେଶୀଙ୍କ ମନରେ ଭାରତକୁ ନେଇ ଯେଉଁ ନକରାତ୍ମକ ଧାରଣା ରହିଛି ତାହା ଜାଣିବା ଲାଗି ରାଜ୍ୟ ସରକାରମାନେ ଏକ ସର୍ଭେ କରନ୍ତୁ। ଏଥିସହ ଆଗାମୀ ୫ବର୍ଷ ମଧ୍ୟରେ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଯେପରି ଦୁଇଗୁଣା ବୃଦ୍ଧିପାଇବ ସେହି ଲକ୍ଷ୍ୟ ନେଇ କାମ କରିବାକୁ ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପଟେଲ କହିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଆଡ୍‌ଭେଞ୍ଚର୍ ଟୁରିଜିମ୍‌ର ବିକାଶ, ବ୍ରେଡ୍ ଆଣ୍ଡ୍ ବ୍ରେକ୍‌ଫାଷ୍ଟ ଏବଂ ହୋମ୍ ଷ୍ଟେ' ଯୋଜନାର ଗାଇଡ୍‌ଲାଇନ, ସ୍ୱଦେଶ ଦର୍ଶନ ଓ ପ୍ରସାଦ ଯୋଜନାର ଉପଯୋଗିତା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ 'ଇନ୍‌କ୍ରେଡିବଲ୍ ଇଣ୍ଡିଆ' ୱେବ୍‌ସାଇଟର ହିନ୍ଦୀ ଭର୍ସନ ଲୋକାର୍ପଣ କରାଯାଇଥିବାବେଳେ ଆସନ୍ତା ମାସରେ ଚାଇନିଜ୍, ଆରବିକ୍ ଓ ସ୍ପାନିଶ୍ ଭର୍ସନରେ ଏହି ୱେବ୍‌ସାଇଟ୍ ଲୋକାର୍ପିତ ହେବ ବୋଲି ସୂଚନା ଦିଆଯାଇଥିଲା।

ସୂଚନାଯୋଗ୍ୟ, ୨୦୧୯-୨୦ ଆର୍ଥିକ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ପାଇଁ ଦେଶର ୧୭ ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରାଯିବ ବୋଲି ଘୋଷଣା କରିଥିଲେ। ତେବେ ଏହି ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ଓଡ଼ିଶାର ଗୋଟିଏ ବି ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇ ନ ଥିଲା। ଏହାକୁ ନେଇ ବିରୋଧ ହେବାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




ଜାତୀୟ ସମ୍ମିଳନୀରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଉଦ୍‌ବୋଧନ ଦେଉଛନ୍ତି।

# ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ସମୟ ପରିବର୍ତ୍ତନ

## ସେପ୍ଟେମ୍ବର ପହିଲାରୁ ଲାଗୁ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ନଂ.୧୨୮୯୪ର ସମୟକୁ ପରିବର୍ତ୍ତନ କରାଯାଇଛି। କେବଳ ବଲାଙ୍ଗୀରରୁ ଭୁବନେଶ୍ୱର ଯାତ୍ରା ସମୟରେ ପରିବର୍ତ୍ତନ କରାଯାଇଥିବାବେଳେ ଭୁବନେଶ୍ୱରରୁ ବଲାଙ୍ଗୀର ଯାତ୍ରା ସମୟକୁ ସ୍ଥିର ରଖାଯାଇଛି। ଆସନ୍ତା ସେପ୍ଟେମ୍ବର ପହିଲାରୁ ପରିବର୍ତ୍ତିତ ସମୟରେ ଏହି ଏକ୍ସପ୍ରେସ ଚଳାଚଳ କରିବ। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଅପରାହ୍ନ ୨ଟା ୩୦ ପରିବର୍ତ୍ତେ ୨ଟା ୪୫ରେ ବଲାଙ୍ଗୀରରୁ ଯାତ୍ରାରମ୍ଭ କରିବ। ସେହି ଅନୁସାରେ ଭୁବନେଶ୍ୱରରେ ରାତି ୯ଟା ୪୦ ପରିବର୍ତ୍ତେ ୯ଟା ୪୫ରେ ପହଞ୍ଚିବ। ସେହିଭଳି ବଲାଙ୍ଗୀର ଓ ଭୁବନେଶ୍ୱର ମଧ୍ୟରେ ଏହି ଏକ୍ସପ୍ରେସ ପାଇଁ ବିଭିନ୍ନ ଷ୍ଟେଶନରେ ସ୍ଥିରୀକୃତ ସମୟକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଲୋଇସିଂହାରୁ ଅପରାହ୍ନ ୩ଟା ୦୩, ବରଗଡ଼ ରୋଡ୍‌ରୁ ଅପରାହ୍ନ ୩ଟା ୪୯, ସମ୍ବଲପୁରରୁ ଅପରାହ୍ନ ୪ଟା ୫୦, ରେଢ଼ାଖୋଲରୁ ଅପରାହ୍ନ ୫ଟା ୫୭, ଅନୁଗୋଳରୁ ରାତି ୭ଟା ୨୯, ତାଳଚେର ରୋଡ୍‌ରୁ ରାତି ୭ଟା ୪୧, ଢେଙ୍କାନାଳରୁ ରାତି ୮ଟା ୩୧ ଓ ନରାଜ ମାର୍ଥାପୁରରୁ ରାତି ୯ଟା ୧୭ ମିନିଟ୍‌ରେ ଟ୍ରେନ୍‌ଟି ଭୁବନେଶ୍ୱର ଅଭିମୁଖେ ବାହାରିବ। ତେବେ ଭୁବନେଶ୍ୱରରୁ ସକାଳେ ଛାଡୁଥିବା ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ (ନଂ.୧୨୮୯୩)ର ସମୟରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୂର୍ବର ଧାର୍ଯ୍ୟ ସମୟ ଅନୁସାରେ ସକାଳ ୬ଟା ୩୦ରେ ଭୁବନେଶ୍ୱରରୁ ଯାତ୍ରା କରି ବଲାଙ୍ଗୀରରେ ଅପରାହ୍ନ ୧ଟା ୨୫ରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରୁ ବଲାଙ୍ଗୀର ମଧ୍ୟରେ ଥିବା ଷ୍ଟେଶନଗୁଡ଼ିକରେ ପୂର୍ବ ସ୍ଥିରୀକୃତ ସମୟରେ ଏହି ଏକ୍ସପ୍ରେସ ଯାତ୍ରା କରିବ ବୋଲି ରେଳପଥ ପକ୍ଷରୁ ସୂଚନା ମିଳିଛି।

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି ବାରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୧୭୫୩୧୦

**ବିଜ୍ଞାପନ**

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା ନିମ୍ନଲିଖିତ ସ୍ଥାନ ମାନଙ୍କରେ ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

୧. ନାରୀ କଲ୍ୟାଣ କେନ୍ଦ୍ର, ସୁନ୍ଦରଗଡ଼-ତା.୦୪/୦୯/୧୯ ଠାରୁ ତା.୧୪/୦୯/୧୯
୨. ଏମ୍.ସି.ଏଲ୍, ବସୁନ୍ଧରା, ରାଉରକେଲା - ତା.୧୬/୦୯/୧୯ ଠାରୁ ତା.୨୩/୦୯/୧୯
୩. ଏମ୍.ସି.ଏଲ୍, ବଳନ୍ଦା, ରାଉରକେଲା - ତା.୨୭/୦୯/୧୯ ଠାରୁ ତା.୦୪/୧୦/୧୯

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ ତା.୨୫/୦୮/୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ପୃଥକ ପୃଥକ ଭାବରେ ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ। ସ୍ୱା/- ପରିଚାଳନା ନିର୍ଦ୍ଦେଶକ

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** — **ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ : ପିପିଲି, ଜିଲ୍ଲା: ପୁରୀ, ଫୋନ୍ ନଂ.: ୦୬୭୫୮-୨୪୧୭୧୮, ମୋ.: ୯୮୬୧୩୫୫୮୦୭

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡ଼ି ଗୁଡ଼ିକ ବିକ୍ରୟ ନିମିତ୍ତ ଜଉମୁଦ ଟେଣ୍ଡର ସହ ପ୍ରତ୍ୟେକ ଗାଡ଼ି ନିମନ୍ତେ ଭିନ୍ନ ଭିନ୍ନ ଲଫାପାରେ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ପୈଠ ଦର୍ଶାଇ** ନିମ୍ନରେ ସମ୍ପୃକ୍ତ ଶାଖା ନିମନ୍ତେ ଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି** ଠାରେ ମଧ୍ୟାହ୍ନ **୧୨.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବନ୍ଦ ଲଫାପା ଉପରେ "ଗାଡ଼ି ନିଲାମ ବିକ୍ରୟ", ଶାଖାର ନାମ, ଗାଡ଼ିର ମଡ଼େଲ, ଗାଡ଼ି ନଂ. କିମ୍ବା ଇଞ୍ଜିନ ନଂ. ଉଲ୍ଲେଖ କରିବା ଉଚିତ।

| କ୍ର. ନଂ. | ଶାଖା / ନିଲାମ ସ୍ଥାନ ଏବଂ ତାରିଖ / ଲୋନ୍ ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଗାଡ଼ିର ମଡ଼େଲ / ଗାଡ଼ି ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି |
|---|---|---|---|
| | **ଅସ୍ତରଙ୍ଗ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୦୮.୨୦୧୯ରିଖ** | | |
| ୧. | ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୧୦୦୨୬ / ଋଣଗ୍ରହୀତା: ଅକ୍ଷୟ କାଣ୍ଡି, ପିତା: ମାର୍କଣ୍ଡ କାଣ୍ଡି, ସା: ଦକ୍ଷିଣ ପନ୍ତାଳ, ପୋ: ନଗର, ଜିଲ୍ଲା: ପୁରୀ | Tata Magic, REGD NO.: OR-02-BU-6947, ENGINE NO.: 275IDI06MYYSP0178, CHASSIS NO.: MAT445112BVPA5039 | ଟ.୧୮,୭୫୦/- / ଟ.୬,୦୦୦/- |
| ୨. | ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୧୦୦୨୧ / ଋଣଗ୍ରହୀତା: ହର୍ଷା ବାରିକ, ସ୍ୱାମୀ: ସନାତନ ବାରିକ, ସା: ବେଗୁନିଆ ବସ୍ତ, ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Tata Magic, REGD NO.: OR-02-BU-1387, ENGINE NO.: S1J8000027, CHASSIS NO.: MAT491121BJK07939 | ଟ.୧୫,୦୦୦/- / ଟ.୬,୦୦୦/- |
| ୩. | ଆକାଉଣ୍ଟ ନଂ.: ୦୦୦୧୦୩୧୧୭୨୧୪୦୦୦୧ / ଋଣଗ୍ରହୀତା: ଶଙ୍କର ଛାଟୋଇ, ପିତା: ସାଧୁ ଛାଟୋଇ, ସା/ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | John Deere 5038 D Tractor (only Engine), REGD NO.: OD-02-N-1297, ENGINE NO.: PY3029D349729, CHASSIS NO.: 1PY5038DEDA010060 | ଟ.୧,୩୫,୦୦୦/- / ଟ.୬,୦୦୦/- |
| ୪. | ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୨୦୦୦୧୧ / ଋଣଗ୍ରହୀତା: ବିନ୍ଦୁସାଗର ମଲ୍ଲିକ, ପିତା: ଗଙ୍ଗାଧର ମଲ୍ଲିକ, ସା/ପୋ: ଡେରୁଣିଆ, ଜିଲ୍ଲା: ପୁରୀ | Tata Indigo ECS Car, REGD NO.: OR-02-BW-7657, ENGINE NO.: 475IDT14BXYP09046, CHASSIS NO.: MAT607146CWB10097 | ଟ.୬୦,୦୦୦/- / ଟ.୬,୦୦୦/- |
| ୫. | ଆକାଉଣ୍ଟ ନଂ.: ୦୦୦୧୦୩୬୪୧୦୦୦୦୦୧୦ / ଋଣଗ୍ରହୀତା: ନିରଞ୍ଜନ ସାହୁ, ପିତା: ପ୍ରହ୍ଲାଦ ସାହୁ, ସା: ବାଜପୁର, ପୋ: କେ.ଏନ୍. ପାଟଣା, ଜିଲ୍ଲା: ପୁରୀ | Tavera, REGD NO.: OR-02-BF-8495, ENGINE NO.: 3AK102128, CHASSIS NO.: MA6AB605AAHI01560 | ଟ.୧,୨୦,୦୦୦/- / ଟ.୬,୦୦୦/- |
| | **ବାମନାଳ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୦୮.୨୦୧୯ରିଖ** | | |
| ୬. | ଆକାଉଣ୍ଟ ନଂ.: ୦୦୧୧୦୩୧୭୧୨୦୦୦୦୨ / ଋଣଗ୍ରହୀତା: ନିରଞ୍ଜନ ବଳବନ୍ତରାୟ, ପିତା: ସୁରେନ୍ଦ୍ର ବଳବନ୍ତରାୟ, ସା: ଯାଆଁରା, ପୋ: ସଲଙ୍ଗ, ଜିଲ୍ଲା: ପୁରୀ | Mahindra 475 DI Tractor (only Engine) , REGD NO.: OD-13-A-9334, ENGINE NO.: NJNWL1383, CHASSIS NO. NJNWL1383 | ଟ.୧,୨୭,୫୦୦/- / ଟ.୬,୦୦୦/- |
| ୭. | ଆକାଉଣ୍ଟ ନଂ.: ୦୦୧୧୦୩୧୭୧୨୦୦୦୦୯ / ଋଣଗ୍ରହୀତା: ଭାଗ୍ୟଧର ବାରିକ, ପିତା: ଫଗୁ ବାରିକ, ସା/ପୋ: ସଲଙ୍ଗ (ମଠସାହି), ଜିଲ୍ଲା: ପୁରୀ | Piaggio Auto D 35, REGD NO.: OD-13-1349, ENGINE NO.: RZJ2200240, CHASSIS NO.: MBX0001CFPJ577433 | ଟ.୧୩,୫୦୦/- / ଟ.୩,୦୦୦/- |
| | **ବାଙ୍କୁରୀଗାଁ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୦୮.୨୦୧୯ରିଖ** | | |
| ୮. | ଆକାଉଣ୍ଟ ନଂ.: ୦୦୧୨୦୩୧୭୧୨୦୦୦୨୧ / ଋଣଗ୍ରହୀତା: ଶ୍ରୀମତୀ ଅମୀୟବାଳା ପ୍ରଧାନ, ସ୍ୱାମୀ: ପ୍ରଶାନ୍ତ କୁମାର ପ୍ରଧାନ, ସା: ଛେନୁଆଁ, ପୋ: ଶିଶୁଅ, ଥାନା: କୋଣାର୍କ, ଜିଲ୍ଲା: ପୁରୀ | Tata Indigo ECSLX Car, REGD NO.: OR-02-BY-8572, ENGINE NO.: 475IDT14EXYP31208, CHASSIS NO. MAT607161CWE28697 | ଟ.୬୭,୫୦୦/- / ଟ.୬,୦୦୦/- |
| ୯. | ଆକାଉଣ୍ଟ ନଂ.: ୦୦୧୨୦୩୬୪୧୧୦୦୦୦୯ / ଋଣଗ୍ରହୀତା: ସୁଧାକର ମହାନ୍ତି, ପିତା: ମାୟାଧର ମହାନ୍ତି, ସା: ପାଟସୁନ୍ଦରପୁର, ପୋ: କାକଟପୁର, ଜିଲ୍ଲା: ପୁରୀ | Mahindra 475 DI Tractor, REGD NO.: OR-13-H-3401, ENGINE NO.: SBTWL1659, CHASSIS NO.: SBTWL1659 | ଟ.୯୩,୭୫୦/- / ଟ.୬,୦୦୦/- |
| ୧୦. | ଆକାଉଣ୍ଟ ନଂ.: ୦୦୧୨୦୩୧୭୧୨୦୦୦୦୪ / ଋଣଗ୍ରହୀତା: ଶେଖ୍ ଜିଆଫତ୍ ରବାନି, ପିତା: ଶେଖ୍ କେଫାୟତୁଲ୍ଲା, ସା: ସୁହାଣପୁର, ପୋ: ଓଥକା, କାକାଟପୁର, ଜିଲ୍ଲା: ପୁରୀ | Mahindra Maximo Mini Van, REGD NO.: OR-02-BV-6604, ENGINE NO.: MCB6M31127, CHASSIS NO.: MA1FB2MCRB6M52763 | ଟ.୬୦,୦୦୦/- / ଟ.୬,୦୦୦/- |
| | **ଏରବଙ୍ଗ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୦୮.୨୦୧୯ରିଖ** | | |
| ୧୧. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୧୧ / ଋଣଗ୍ରହୀତା: ଧଡା ବେହେରା, ପିତା: ଉଦୟନାଥ ବେହେରା, ସା: ଅଚ୍ୟୁତପୁର, ପୋ: ଗଡ଼ରୂପାସ, ଜିଲ୍ଲା: ପୁରୀ | APE Piaggio Auto, REGD NO.: OD-13-1839, ENGINE NO.: R2K2219241, CHASSIS NO. MBX0000ZFPK593488 | ଟ.୧୩,୫୦୦/- / ଟ.୩,୦୦୦/- |
| ୧୨. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୭୮ / ଋଣଗ୍ରହୀତା: ପ୍ରଶାନ୍ତି ସ୍ୱାଇଁ, ସ୍ୱାମୀ: କୈଳାଶ ସ୍ୱାଇଁ, ସା: ମାଙ୍କରଗୋରଡି, ପୋ: କୁଣେଇ, ଜିଲ୍ଲା: ପୁରୀ | Mahindra Maximo Load Carrier, REGD NO.: OD-13-0991, ENGINE NO.: HRC6J42048, CHASSIS NO.: MA1FA2HRRC6J24041 | ଟ.୩୭,୫୦୦/- / ଟ.୬,୦୦୦/- |
| ୧୩. | ଆକାଉଣ୍ଟ ନଂ.: ୦୦୩୪୦୩୬୪୧୩୦୦୦୩୧ / ଋଣଗ୍ରହୀତା: ସୌମ୍ୟରଞ୍ଜନ ପ୍ରଧାନ, ପିତା: ରାମ ଚନ୍ଦ୍ର ପ୍ରଧାନ, ସା/ପୋ: ଶିଶୁଅ, ଜିଲ୍ଲା: ପୁରୀ | Indigo ECS Car, REGD NO.: OD-02-G-6991, ENGINE NO.: 475IDTWYP24374, CHASSIS NO.: MAT60761DWE05119 | ଟ.୬୭,୫୦୦/- / ଟ.୬,୦୦୦/- |
| ୧୪. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୦୯ / ଋଣଗ୍ରହୀତା: ପ୍ରଭାତୀ ଭଟ୍ଟ, ସ୍ୱାମୀ: ପ୍ରମୋଦ ଭଟ୍ଟ, ସା: ସଫୀପୁର, ପୋ: ଗଡକରମଳା, ଜିଲ୍ଲା: ପୁରୀ | New Holland 3037 Tractor (Engine & Trolly), ENGINE NO.: D86031, CHASSIS NO.: 6205671 | ଟ.୧,୧୨,୫୦୦/- / ଟ.୬,୦୦୦/- |
| ୧୫. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୨୩ / ଋଣଗ୍ରହୀତା: ସନ୍ତୋଷ କୁମାର ପ୍ରଧାନ, ପିତା: ଲୋକନାଥ ପ୍ରଧାନ, ସା/ପୋ: ଏରବଙ୍ଗ, ଜିଲ୍ଲା: ପୁରୀ | Mahindra Maximo Load Carrier, REGD NO.: OD-13-2102, ENGINE NO.: HRC6HG0606, CHASSIS NO.: MA1FA2HRRC6H22126 | ଟ.୩୭,୫୦୦/- / ଟ.୬,୦୦୦/- |
| ୧୬. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୨୨ / ଋଣଗ୍ରହୀତା: ନକୁଳ କାଣ୍ଡି, ପିତା:: ପୂର୍ଣ୍ଣ କାଣ୍ଡି, ସା/ପୋ: ସାରଡା, ଜିଲ୍ଲା: ପୁରୀ | Mahindra Yubraj 215 Tractor (Engine & Trolly), ENGINE NO.: AF21925, CHASSIS NO.: AGR21820 | ଟ.୬୦,୦୦୦/- / ଟ.୬,୦୦୦/- |
| ୧୭. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୫୬ / ଋଣଗ୍ରହୀତା: ଦୀପକ କୁମାର ଦାଶ, ପିତା: ଗୋପାଳ ଚନ୍ଦ୍ର ରାମାନୁଜ ଦାଶ, ସା: କୁଶୁପୁର, ପୋ: ଗୋପ, ଜିଲ୍ଲା: ପୁରୀ | Mahindra 475 BP Tractor (Engine & Trolly), REGD NO.: OD-13-4234/4235, ENGINE NO.: NJNWL2021, CHASSIS NO.: NJNWL2021 | ଟ.୯୩,୭୫୦/- / ଟ.୬,୦୦୦/- |
| ୧୮. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୧୪ / ଋଣଗ୍ରହୀତା: ଶରତ କାଣ୍ଡି, ପିତା: ବାସୁ କାଣ୍ଡି, ସା/ପୋ: ସାରଡା, ଜିଲ୍ଲା: ପୁରୀ | Mahindra Yubraj 215 Tractor (Engine & Trolly), ENGINE NO.: 178322, CHASSIS NO.: AGR19288 | ଟ.୫୨,୫୦୦/- / ଟ.୬,୦୦୦/- |
| | **ନରିଶ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୦୮.୨୦୧୯ରିଖ** | | |
| ୧୯. | ଆକାଉଣ୍ଟ ନଂ.: ୦୦୬୯୦୩୧୭୧୨୦୦୦୪୩ / ଋଣଗ୍ରହୀତା: ନିରୁପମା ସ୍ୱାଇଁ, ସ୍ୱାମୀ: ସତ୍ୟନାରାୟଣ ସ୍ୱାଇଁ, ସା/ପୋ: ନହନ୍ତରା, ଜିଲ୍ଲା: ପୁରୀ | Mahindra 475 DI Tractor, ENGINE NO.: RJNY - 00284, CHASSIS NO.: RJNY - 00284 | ଟ.୧,୧୨,୫୦୦/- / ଟ.୬,୦୦୦/- |
| | **ପଶ୍ଚିମଦ୍ୱାର ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୦୮.୨୦୧୯ରିଖ** | | |
| ୨୦. | ଆକାଉଣ୍ଟ ନଂ.: ୦୧୨୭୦୩୧୭୧୨୦୦୦୪୬ / ଋଣଗ୍ରହୀତା: ବାସୁଦେବ ସ୍ୱାଇଁ, ପିତା: ଯଦୁ ସ୍ୱାଇଁ, ସା: ଚକ୍ରବର୍ତ୍ତୀ ପାଟଣା, ପୋ: ଗୋପିନାଥପୁର, ଜିଲ୍ଲା: ପୁରୀ | Mahindra 475 DI Tractor (Engine With Trolly), REGD NO.: OD-13-0726/0727, ENGINE NO.: SBSWL2527, CHASSIS NO.: SBSWL2527 | ଟ.୯୦,୦୦୦/- / ଟ.୬,୦୦୦/- |

ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୧ ଏବଂ ୨ ନିମନ୍ତେ): ଆର୍‌ଆଇସି ପାର୍କିଂ ୟାର୍ଡ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଅସ୍ତରଙ୍ଗ ଶାଖା ପଛପାର୍ଶ୍ୱ, ଜିଲ୍ଲା: ପୁରୀ, ଯୋଗାଯୋଗ ବ୍ୟକ୍ତି: ରମେଶ ପ୍ରଧାନ, ମୋବାଇଲ୍ ନଂ: ୮୦୧୮୨୫୪୨୮୩
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୩, ୪, ୫, ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୧୮ ଏବଂ ୨୦ ନିମନ୍ତେ): ଆର୍‌ଆଇସି ପାର୍କିଂ ୟାର୍ଡ, ସା: ବ୍ରହ୍ମପୁରା, ୪୨ ମୌଜା, ଜିଲ୍ଲା: କଟକ, ଯୋଗାଯୋଗ ବ୍ୟକ୍ତି: ଜିତେନ୍ଦ୍ର ଦାସ, ମୋବାଇଲ୍ ନଂ: ୮୧୪୪୬୭୬୦୩୬
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୬, ୭ ଏବଂ ୧୯ ନିମନ୍ତେ): ଆଇଆଇସି, ମଙ୍ଗରାଜ ଷ୍ଟକ୍ ୟାର୍ଡ, ତାଳଖାଇ ମନ୍ଦିର ନିକଟ, ଝାରପଡ଼ା, ଭୁବନେଶ୍ୱର ଯୋଗାଯୋଗ ବ୍ୟକ୍ତି: ପି.ସି. ପ୍ରଧାନ, ମୋବାଇଲ୍ ନଂ.: ୭୫୩୮୦୮୫୧୪୫

ଆଗ୍ରହୀ ନିଲାମଧାରୀମାନେ ଉପର ଦର୍ଶିତ ଗାଡ଼ି ଗୁଡ଼ିକ ସପକ୍ଷରେ ପଠାଇଥିବା ଜଉମୁଦ ଟେଣ୍ଡର ଲଫାପାଗୁଡ଼ିକ ସମ୍ପୃକ୍ତ ଶାଖା ନିମନ୍ତେ ଉପରଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି ଠାରେ ଅପରାହ୍ନ ୦୨.୩୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ଉପରୋକ୍ତ ପାର୍କିଂ/ଷ୍ଟକ୍ ୟାର୍ଡର ମୋବାଇଲ୍ ନଂ. ରେ ଯୋଗାଯୋଗ କରି ଗାଡ଼ିଗୁଡ଼ିକ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ନିଲାମ ଡ଼ାକ ଚୂଡ଼ାନ୍ତ ହେଲେ ସେ ବିକ୍ରୟ ମୂଲ୍ୟର ୧୦% **ଆବଶ୍ୟକ ଜିଏସ୍‌ଟି ସହିତ** ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **ଆବଶ୍ୟକ ଜିଏସ୍‌ଟି ସହିତ ୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/କ୍ୟାସ୍ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ସମ୍ପୃକ୍ତ ଶାଖାକୁ ପୈଠ ଦର୍ଶାଇ ସମ୍ପୃକ୍ତ ଶାଖା କାର୍ଯ୍ୟାଳୟରେ** ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଉକ୍ତ ଗାଡ଼ିକୁ ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଏବଂ ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ତାରିଖ : ୨୦.୦୮.୨୦୧୯, ସ୍ଥାନ : ପିପିଲି — କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

# ଜେଏନ୍‌ୟୁ ସାରଳା ଦାସ ଚେୟାର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦିକବି ସାରଳା ଦାସ ଚେୟାର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ମଙ୍ଗଳବାର ସହବନ୍ଧନ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ଜେଏନ୍‌ୟୁ ଭାରତୀୟ ଭାଷା କେନ୍ଦ୍ରଠାରେ ହୋଇଥିବା ଏହି ଚୁକ୍ତିର ମୂଳଲକ୍ଷ୍ୟ ହେଲା ବିଶ୍ୱସ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ଉଚ୍ଚତର ଗବେଷଣା। ଚୁକ୍ତି ଅନୁସାରେ, ଉଭୟ ବିଶ୍ୱବିଦ୍ୟାଳୟ ସହଯୋଗରେ ସାରଳା ମହାଭାରତର ଜ୍ଞାନକୋଷ ପ୍ରସ୍ତୁତି, ବିଭିନ୍ନ ତାଳପତ୍ର ପୋଥିର ପୁନରୁଦ୍ଧାର, ଓଡ଼ିଆ କ୍ଲାସିକ ସାହିତ୍ୟର ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ, କ୍ଲାସିକ ସାହିତ୍ୟର ଡିଜିଟାଇଜେସନ, ଶାରଳା ମହାଭାରତର ଶୁଦ୍ଧ ପାଠ ନିର୍ଣ୍ଣୟ ଭଳି ଗବେଷଣା ପ୍ରକଳ୍ପ ପରିଚାଳିତ ହେବ। ଏହାଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟର ଭାଷା, ସାହିତ୍ୟ ଓ ସଂସ୍କୃତି ଉତ୍କର୍ଷ କେନ୍ଦ୍ର, ସ୍ନାତକୋତ୍ତର ଓଡ଼ିଆ ବିଭାଗ ଏବଂ ଜେଏନ୍‌ୟୁ ସାରଳା ଦାସ ଚେୟାର ସହଯୋଗରେ ଛାତ୍ରୀଛାତ୍ରମାନେ ଅଧିକ ଗବେଷଣା କରିପାରିବେ। ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଜେଏନ୍‌ୟୁ ଭାଷା ସାହିତ୍ୟ ସଂସ୍କୃତି ସଂସ୍ଥାନର ଡିନ୍ ପ୍ରଫେସର ସୟଦ ଅୟିନୁଲ ହାସନ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ପ୍ରବୋଧ କୁମାର ହୋତା ଏହି ଚୁକ୍ତି ସ୍ୱାକ୍ଷର କରିଥିଲେ। ଜେଏନ୍‌ୟୁ ପ୍ରଫେସର ଏମ୍. ଜଗଦେଶ କୁମାର, ରେକ୍ଟର ପ୍ରଫେସର ଚିନ୍ତାମଣି ମହାପାତ୍ର, ଆଦିକବି ସାରଳା ଶାରଳା ଦାସ ଚେୟାରର ପ୍ରଫେସର ହୃଦୟାନାଥ ସାହୁ, ଭାରତୀୟ ଭାଷା କେନ୍ଦ୍ର ଅଧକ୍ଷ ପ୍ରଫେସର ଓମ୍‌ପ୍ରକାଶ ସିଂଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ସହିତ ଅଧାପିକା ଅଧ୍ୟାପକ, ଛାତ୍ରୀଛାତ୍ରଙ୍କର ଭାବ ବିନିମୟ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. MSM-TCC-SBP-19
**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ଷ୍ଟେସନ ଠାରେ ଟ୍ରେନ୍ ନଂ. 02410 / 02409 ଏକ୍ସପ୍ରେସ୍‌ର ଟର୍ମିନାଲ କୋଚ (Terminal Coach)ର ସଫେଇ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 33,71,395.50, EMD (ଟଙ୍କାରେ) : ₹ 67,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 02 (ଦୁଇ) ବର୍ଷ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.09.2019 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ସମ୍ବଲପୁର
PR-303/K/19-20

# ରମାଦେବୀ ପରିସରରୁ ହଟିବ ଯୁକ୍ତ୨

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରୁ ଜୁନିଅର୍ କଲେଜ ଅଲଗା ହେବ। ୟୁନିଟ-୯ସ୍ଥିତ ବାଳିକା ହାଇସ୍କୁଲ ପରିସରରେ ହାୟର ସେକେଣ୍ଡାରୀ ସ୍କୁଲ ପ୍ରତିଷ୍ଠା ହେବ। ହାଇସ୍କୁଲ ପରିସରରେ ୩ଏକର ଜମି ଚିହ୍ନଟ କରାଯାଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପଦ୍ମଜା ମିଶ୍ର ସୂଚନା ଦେଇଛନ୍ତି। ଇତିମଧ୍ୟରେ ସର୍ଭେ କାମ ପାଖାପାଖି ସରିଥିବାବେଳେ ଆଗକୁ ବିଲ୍ଡିଂ ନିର୍ମାଣ ଆରମ୍ଭ ହେବ। ତେବେ ନିର୍ମାଣ ସମ୍ପୂର୍ଣ୍ଣ ସରିବା ପରେ ବିଶ୍ୱବିଦ୍ୟାଳୟ ପରିସରରୁ ଯୁକ୍ତ୨ କଲେଜ ଅଲଗା ହେବ। ଏଥିପାଇଁ ଆହୁରି ଦୁଇ ତିନି ବର୍ଷ ଲାଗିବ ବୋଲି କୁଳପତି ମିଶ୍ର କହିଛନ୍ତି।

# ଲାଞ୍ଚ ନେଇ ବିଇଓ ଅଫିସ ମୁଖ୍ୟ କିରାଣି ଗିରଫ

■ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୫ ହଜାର ଟଙ୍କା ନେଉଥିଲେ

ବଲାଙ୍ଗୀର ଅଫିସ, ୨୦।୮

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) କାର୍ଯ୍ୟାଳୟ ମୁଖ୍ୟକିରାଣି ଡମନ୍ ପ୍ରସାଦ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ନେଲାବେଳେ ମଙ୍ଗଳବାର ଭିଜିଲାନ୍ସ ହାବୁଡରେ ପଡିଛନ୍ତି। ଅଭିଯୁକ୍ତ ମିଶ୍ର ହାଡୁ ଭୋଇ ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ୨୫ ବର୍ଷର ଏସିପି ଏରିୟର ଏବଂ ପେନସନ୍ କାଗଜପତ୍ର କରିବା ବାବଦକୁ ଏହି ଟଙ୍କା ମାଗିଥିଲେ। ଶିକ୍ଷକ ମିଶ୍ର ଏ ନେଇ ଭିଜିଲାନ୍ସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଡମନ୍ ପ୍ରସାଦ ମିଶ୍ର

ମଙ୍ଗଳବାର ଭିଜିଲାନ୍ସ ଟିମ୍‌ର ଯୋଜନା ମୁତାବକ ଶିକ୍ଷକ ଭୋଇ ଗୁଡଭେଲା ବିଇଓ ଅଫିସକୁ ଯାଇ ମୁଖ୍ୟ କିରାଣି ମିଶ୍ରଙ୍କୁ ୫ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ବିଇଓ ଅଫିସରେ ଚଢ଼ାଉ କରି ମୁଖ୍ୟ କିରାଣି ମିଶ୍ରଙ୍କୁ ଧରିଥିଲେ। ମିଶ୍ରଙ୍କ ଅଫିସ ଆଲମିରାରୁ ୫ ହଜାର ଟଙ୍କା ଜବତ କରାଯାଇଥିଲା। ଏହାପରେ ତାଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାକୁ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (୨୫/୨୦୧୯) ରୁଜୁ ହୋଇଛି। ଗିରଫ ମୁଖ୍ୟ କିରାଣି ମିଶ୍ରଙ୍କୁ ବଲାଙ୍ଗୀର ସ୍ପେଶାଲ ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିବା ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 09-eT-ACMS/DRH/SBP/H.DIET, ତା: 14.08.2019
**କାର୍ଯ୍ୟର ନାମ :** 03 (ତିନି) ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁରରେ ଇନ୍‌ଡୋର ରୋଗୀମାନଙ୍କୁ ଶାକାହାରୀ(Veg) ଏବଂ ମାଂସାହାରୀ(Non-Veg) ଆହାର ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 24,27,472.40, EMD (ଟଙ୍କାରେ) : ₹ 48,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,000/- (ଫେରସ୍ତ ଯୋଗ୍ୟ ନୁହେଁ), କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି) ବର୍ଷ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.09.2019 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ(ଇନ୍‌ଡୋର), ସମ୍ବଲପୁର
PR-302/K/19-20

# ଓଡ଼ିଶାକୁ ନିଜ ଗୋଡ଼ରେ ଠିଆ କରିବାକୁ ୩୩୩୮ କୋଟିର ସହାୟତା: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ):** ଚଳିତବର୍ଷ ବାତ୍ୟା 'ଫନୀ' ଦ୍ୱାରା ଗୁରୁତର ପ୍ରଭାବିତ ହୋଇଥିବା ଓଡ଼ିଶାର ପୁନରୁଦ୍ଧାର ଓ ଲୋକଙ୍କ ଜୀବନଜୀବିକା ପାଇଁ ୩୩୩୮.୨୨ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ମିଳିଛି। ଏହି ଅର୍ଥକୁ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହାସହ ମୋଦି ସରକାର ଓଡ଼ିଶାବାସୀଙ୍କ ପାଇଁ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି ବୋଲି ସାମାଜିକ ଗଣମାଧମ ଜରିଆରେ ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି, ବାତ୍ୟା 'ଫନୀ' ଦ୍ୱାରା ପ୍ରଭାବିତ ଓଡ଼ିଶାର ଲୋକଙ୍କ ପାଇଁ ରିଲିଫ୍ ଓ ପୁନଃ ଥଇଥାନ ଲାଗି ରାଷ୍ଟ୍ରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ୩୩୩୮.୨୨ କୋଟି ଟଙ୍କା ମଞ୍ଜୁରୀ କାମକୁ ତ୍ୱରାନ୍ୱିତ କରିବ। କେନ୍ଦ୍ର ସରକାରଙ୍କ ଏହି ଆର୍ଥିକ ସହାୟତା ପୂର୍ବାପେକ୍ଷା ଅଧିକ। ସାମୁଦ୍ରିକ ବାତ୍ୟା 'ଫନୀ' ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କୁ ୩୪୦ କୋଟି ଟଙ୍କାର ଅଗ୍ରିମ ରାଶି କେନ୍ଦ୍ର ତରଫରୁ ପ୍ରଦାନ କରାଯାଇଥିଲା। ଗତ ମେ ୬ ତାରିଖରେ ପ୍ରଧାନମନ୍ତ୍ରୀ ଫନୀ ପ୍ରଭାବିତ ଅଞ୍ଚଳ ବୁଲିବା ସହ ଆହୁରି ୧ ହଜାର କୋଟି ଟଙ୍କାର ତ୍ୱରିତ ସହାୟତା ରାଶି ଦେବା ପାଇଁ ଘୋଷଣା କରିଥିଲେ। ଓଡ଼ିଶାକୁ ନିଜ ଗୋଡ଼ରେ ଠିଆ ହେବା ପାଇଁ କେନ୍ଦ୍ର ସରକାର ଏହି ସହାୟତା ଯୋଗାଇ ଦେଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।



## ଘରୋଇ କମ୍ପାନୀ ଅଫିସରୁ ଟଙ୍କା ଲୁଟ୍ ଅଭିଯୋଗ

**ବେଲପାହାଡ଼, ୨୦।୮ (ଡି.ଏନ୍.ଏ.)** କେତେଜଣ ଯୁବକ ଏକ ଘରୋଇ କମ୍ପାନୀ ଅଫିରେ ପଶି କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ କ୍ୟାଶିୟରଙ୍କ ଟେବୁଲ ଡ୍ରୟାରରୁ ଟଙ୍କା ଲୁଟି ନେଇଥିବା ଅଭିଯୋଗ ବେଲପାହାଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ତଦନ୍ତ ଚଳାଇଛି। ଏହି ଘଟଣା ବେଲପାହାଡ଼ ଫାଟକସ୍ଥିତ ଭିଏଫ୍‌ପିଏଲ୍‌ଏଏସ୍‌ଆଇପିଏଲ୍‌ଜେଭି ନାମକ ଏକ କମ୍ପାନୀ ଅଫିସରେ ଘଟିଛି। କମ୍ପାନୀ ମହାପ୍ରବନ୍ଧକ ରାଧେଶ୍ୟାମ ସିଂ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର କର୍ମଚାରୀମାନେ କାର୍ଯ୍ୟରତ ଥିବା ସମୟରେ ଯୁବକମାନେ ହଠାତ୍ ଅଫିସରେ ପଶି ଗାଳିଗୁଲଜ କରିଥିଲେ। ଏଥିସହିତ ସେମାନେ ୨୦ ହଜାର ୪୦୦ ଟଙ୍କା ଲୁଟି ନେଇଥିଲେ। ଉକ୍ତ ପୋଲିସ ଦଫା ୩୪୧, ୩୨୩, ୨୯୪, ୫୦୬, ୩୭୯ ଓ ୩୪ ଆଇପିସିରେ ମାମଲା (ନଂ ୧୩୬/୨୦୧୯) ରୁଜୁ କରିଛି। ଟଙ୍କା ଲୁଟ ଘଟଣାରେ ଯୁରାବଗାର ଜଣେ ଓ ଗୁମାଡେରା ନୂଆପଡ଼ାର ୪ ଯୁବକଙ୍କ ସହ ଅନ୍ୟ ୫ରୁ ୬ ଜଣ ଯୁବକ ସାମିଲ ଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ଏହି ଘଟଣାରେ ପୋଲିସ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଦୀଘା ଗସ୍ତ

## ଆଜି ଆସିପାରନ୍ତି ଉଦୟପୁର

**ଭୋଗରାଇ, ୨୦।୮ (ଡି.ଏନ.ଏ.)** ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ସୈକତସହରକୁ ୩ଦିନିଆ ଗସ୍ତରେ ଆସିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଗତ ସୋମବାର ଅପରାହ୍ନରେ ସେ ଦୀଘା ହେଲିପ୍ୟାଡ୍ ପଡ଼ିଆରେ ଅବତରଣ କରି ଓଲ୍‌ଡଦୀଘା ସୈକତ ଆବାସରେ ଅବସ୍ଥାନ ପରେ ମଙ୍ଗଳବାର ଓଡ଼ିଶା ସୀମାନ୍ତରେ ଥିବା ୭୦କୋଟି ୩୬ ଲକ୍ଷ ଟଙ୍କାର ଆନ୍ତର୍ଜାତିକ କନଭେନସନ୍ ସେଣ୍ଟରକୁ ଉଦ୍‌ଘାଟନ କରିବା ସହ ଦୀଘା ସମୁଦ୍ର ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ସିଜେଟ୍ ଚାଲୁ କରିବାକୁ ପର୍ଯ୍ୟଟନ ବିଭାଗକୁ ଅନୁମତି ଦେଇଛନ୍ତି।

ଓଡ଼ିଶା ସୀମାନ୍ତରେ ଦୀର୍ଘବର୍ଷ ଧରି ସୀମା ବିବାଦ ଲାଗି ରହିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଇଛି। ବୁଧବାର ରାଜ୍ୟ ପ୍ରଶାସନ ସ୍ତରରେ ଓଲ୍‌ଡ ଦୀଘାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମମତା ସୀମା ସମସ୍ୟା ସମ୍ପର୍କରେ ମତ ରଖିବେ ବୋଲି ପଶ୍ଚିମବଙ୍ଗ ତୃଣମୂଳ କଂଗ୍ରେସ ନେତା ସୂଚନା ଦେଇଛନ୍ତି। ମମତାଙ୍କ ଆକସ୍ମିକ ଭାବେ ଓଡ଼ିଶାର ଉଦୟପୁର ବେଳାଭୂମି ପରିଦର୍ଶନରେ ଆସିପାରନ୍ତି ବୋଲି ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଚର୍ଚ୍ଚା ହେଉଛି। ଏଥିପାଇଁ ଓଡ଼ିଶାର ଉଦୟପୁରରେ ଥିବା ତାଳସାରୀ ମେରାଇନ୍ ଥାନା ପୋଲିସ ସଜାଗ ରହିଛି।

# ନାତିକୁ ୨୦ ହଜାର ଟଙ୍କାରେ ବିକିଦେଲେ ଆଈ

**ଖଇରା, ୨୦।୮ (ଡି.ଏନ.ଏ.)** ଜଣେ ମହିଳା ନିଜ ଦେଢବର୍ଷର ନାତିକୁ ୨୦ହଜାର ଟଙ୍କାରେ ବିକ୍ରି କରିବା ଘଟଣା ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ନୟାଗଡ ଜିଲା ରଣପୁର ଥାନା ବନ୍ଧପଲା ଗ୍ରାମର ପ୍ରଭାକର ବେହେରା, ତାଙ୍କ ସ୍ତ୍ରୀ ମାମି ବେହେରା ଓ ଝିଅ ସିଲୁ ମହାରାଷ୍ଟ୍ରର ପନବିର ଅଞ୍ଚଳରେ ଦୀର୍ଘଦିନ ହେଲା ବସବାସ କରି ଆସୁଛନ୍ତି। ପ୍ରଭାକର ସେହି ଅଞ୍ଚଳର ଇଷ୍ଟନ ସାଙ୍ଗମାଙ୍କ ସହିତ ସିଲୁଙ୍କୁ ବିବାହ ଦେଇଥିଲେ। ବିବାହ ପରେ ସିଲୁଙ୍କ ୨ଟି ପୁତ୍ର ସନ୍ତାନ ହୋଇଥିଲା। ସାନପୁଅର ବୟସ ଦେଢବର୍ଷ। ଗତ ଜୁନ ମାସରେ ସିଲୁଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଏକ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ତାଙ୍କର ୨ପିଲାଙ୍କୁ ମା' ମାମିଙ୍କ ଦାୟିତ୍ୱରେ ଛାଡି ଦେଇ ଯାଇଥିଲେ। ଏହି ସମୟ ମଧ୍ୟରେ ମାମି ତାଙ୍କ ଦେଢବର୍ଷର ନାତି କିଆନ ସାଙ୍ଗମାଙ୍କୁ ବାଲେଶ୍ୱର ଜିଲା ଖଇରା ଥାନା ଖରିଦା ଗ୍ରାମକୁ ଆସି ଗଣେଶ୍ୱର ଜେନାଙ୍କୁ ୨୦ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ବିକ୍ରି ବେଳେ ମାମି କହିଥିଲେ ଯେ, ତାଙ୍କ ଝିଅ ପ୍ରଥମ ସ୍ୱାମୀଙ୍କୁ ଛାଡି ଅନ୍ୟଜଣଙ୍କ ସହ ପଳାଇ ଯାଇଥିବାରୁ ସେ ୨ଟି ଶିଶୁପୁତ୍ରଙ୍କୁ ଲାଳନପାଳନ କରିବାକୁ ଅକ୍ଷମ। ଏଥିପାଇଁ ସେ ସାନନାତିଙ୍କୁ ବିକ୍ରି କରୁଛନ୍ତି। ସେହି ଅନୁସାରେ ସୋର ନୋଟାରୀରେ ଏକ ଚୁକ୍ତିପତ୍ର ମଧ୍ୟ ଗଣେଶଙ୍କ ସହ କରିଥିଲେ। ସେପଟେ ଡାକ୍ତରଖାନାରୁ ଫେରିବା ପରେ ସିଲୁ ପୁଅକୁ ନ ପାଇ ବହୁତ ଖୋଜାଖୋଜି କରିଥିଲେ। ତାଙ୍କ ମା' ଏଣୁତେଣୁ କଥା କହି ଭୁଲାଇବାକୁ ଚେଷ୍ଟା କରିଥିଲେ। ଶେଷରେ କନ୍ଦାକଟା କରିବା ପରେ ବାପା ପ୍ରଭାକର ଏ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ସିଲୁ ଏକୁଟିଆ ଭୁବନେଶ୍ୱର ଆସି ପୂର୍ବରୁ ଜଣାଶୁଣା ଥିବା ବିଜେଡି ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ବିଜୟ ବସନ୍ତିଆ ଓ ତାଙ୍କ ସହଯୋଗୀ ପ୍ରଭାକର ସାମନ୍ତରାୟଙ୍କୁ ଜଣାଇଥିଲେ। ସେଠାରୁ ସମସ୍ତେ ଖଇରା ଆସି ପୋଲିସକୁ ଲିଖିତ ଭାବେ ଜଣାଇବା ପରେ ପୋଲିସ ଖଇରା ଚାଇଲ୍ଡଲାଇନ ସହ ଗ୍ରାମକୁ ଯାଇ ଶିଶୁ କିଆନଙ୍କୁ ଉଦ୍ଧାର କରିଥିଲେ। ପରେ ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି।



ମା' କୋଳରେ ଉଦ୍ଧାର ଶିଶୁ।

## ■ ଗୁଣି ସନ୍ଦେହ
# ଡବଲ ମର୍ଡର
## ୩ ଅଟକ

**ଝୁମ୍ପୁରା/ଯୋଡ଼ା/କେନ୍ଦୁଝର, ୨୦।୮ (ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଦୁର୍ଗମ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ମୁଣ୍ଡା ସାହିରେ ସୋମବାର ବିଳମ୍ବିତ ରାତିରେ ଡବଲ ମର୍ଡର ଘଟିଛି। ମଙ୍ଗଳବାର ସକାଳେ ପୋଲିସ ପହଞ୍ଚି ସୁବାସ ମୁଣ୍ଡା (୬୫) ନାମ୍ନୀ ଜଣେ ମହିଳା ଏବଂ ଚେତନ ମୁଣ୍ଡା (୨୭) ନାମକ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ପରେ ଗାଁରେ ଆତଙ୍କ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ବାମେବାରୀ ଥାନାଠାରୁ ୧୨କି.ମି. ଦୂର ନୟାଗଡ଼ ମୁଣ୍ଡା ସାହିରେ ଛୋଟ ପିଲାମାନେ କିଛିଦିନ ଧରି ଥଣ୍ଡା, ଜ୍ୱର ଆଦି ରୋଗରେ ପୀଡ଼ିତ ଥିଲେ। ବୃଦ୍ଧା ସୁବାସ ଗୁଣିଗାରେଡ଼ି କରୁଥିବାରୁ ପିଲାଙ୍କ ଦେହ ଖରାପ ରହୁଥିବା ଗାଁର କେତେ ଜଣ ଲୋକ ସନ୍ଦେହ କରୁଥିଲେ। ସୋମବାର ବିଳମ୍ବିତ ରାତିରେ କେତେ ଜଣ ବ୍ୟକ୍ତି ବୃଦ୍ଧା ଶୋଇଥିବା ଘରକୁ ଯାଇ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ଘଟାଇ ଖସି ପଳାଇ ଯାଉଥିବାବେଳେ ପଡ଼ୋଶୀ ଯୁବକ ଚେତନ ସାମ୍ନାକୁ ଚାଲିଆସିଥିଲେ। ଫଳରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏପରି କି ମୃତକଙ୍କ ପରିବାର ଲୋକେ ହତ୍ୟାକାଣ୍ଡ ଘଟିବା ଜାଣି ଚିତ୍କାର କରିବାରୁ ଗାଁ ଲୋକେ ରୁଣ୍ଡ ହୋଇଯାଇଥିଲେ। ପରେ ଏସମ୍ପର୍କରେ ବାମେବାରୀ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ମଙ୍ଗଳବାର ସକାଳ ୯ଟା ବେଳେ ବସ୍ତିରେ ପହଞ୍ଚି ତଦନ୍ତ କରିଥିଲା। ଏନେଇ ଏକ ହତ୍ୟା ମାମଲା (ନଂ.୧୦୩/୧୯) ରୁଜୁ ହୋଇଛି। ପୋଲିସ ବସ୍ତିର ୩ଜଣଙ୍କୁ ସନ୍ଦେହରେ ଥାନାକୁ ନେଇ ତଦନ୍ତ ଜାରି ରଖିଛି। ଡିଆଇଜି ଡିଏସପି ହରିଶ ପାଣ୍ଡେ ଏସମ୍ପର୍କରେ କହିଛନ୍ତି, ତଦନ୍ତ ପରେ ସମ୍ପୂର୍ଣ୍ଣ ଘଟଣା ଜଣାପଡିବ। ହତ୍ୟା ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ଗୁଣିଗାରେଡି ସନ୍ଦେହରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଏସପି ଜୟ ନାରାୟଣ ପଙ୍କଜ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚହଚହକା, ମହମହକା**
**ପାଇ ଆଣିଥିଲି ତତେ**
**ଟାକୁଆ ଗାଲରେ ମାଉଁସ ଲାଗିଲା**
**ଜବାବ ଦେଉଛୁ ମତେ ?**

ଯାହାକୁ ପାଳିପୋଷି ମଣିଷ କରାଯାଇଥାଏ ତା'ପ୍ରତି ସ୍ୱତଃପ୍ରବୃତ୍ତ ମନରେ ସ୍ନେହ ସରାଗ ଭରି ରହିଥାଏ, ଦରଦଭାବ ରହିଥାଏ। ଏପରିସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ଅତୀତ କଥା ଭୁଲିଯାଇ ଉପକାର କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚିତ୍ତ ଜାଣେ ପାପ,**
**ମାଆ ଜାଣେ ବାପ।**

ସନ୍ତାନର ପ୍ରକୃତ ପିତା କିଏ ତାହା କେବଳ ଜନ୍ମଦାତ୍ରୀ ମା' ହିଁ ଜାଣିଥାଏ। ନିଜର ପାପକଥା କେବଳ ନିଜ ମନ ହିଁ ଜାଣିଥାଏ। ଅନ୍ତରର ଗୋପନୀୟତା କେବଳ ଅନୁଭବୀ ହିଁ ଜାଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜି କ'ଣ କେଉଁଠି

**ଭେଡେନ**
- ■ ଆଇଟିଆଇ କଲେଜରେ ରକ୍ତଦାନ ଶିବିର, ଦୁଇମୁହାଁଣି, ପୂର୍ବାହ୍ନ ୧୦ଟା।

**ପୁରୁଣାକଟକ**
- ■ ପାଞ୍ଚଦିନିଆ ଯୋଗ ଶିବିର ଉଦ୍‌ଯାପନୀ, ବଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସକାଳ ୭ଟା।

**କଣ୍ଟାବାଞ୍ଜି**
- ■ କ୍ୟାନ୍ସର ଚିହ୍ନଟ ଶିବିର, ହରିଭବନ ରୋଡ ନଂ-୨, ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା।

**ବିଜେପୁର**
- ■ ଗଙ୍ଗାଧର ଜୟନ୍ତୀ ଓ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ, ଲାଉମୁଣ୍ଡା ନୋଡାଲ ହାଇସ୍କୁଲ, ସକାଳ ୮ଟା।

**ଲୋଇସିଂହା**
- ■ ଜିଲାସ୍ତରୀୟ ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ ଓ ବୁର୍ଡା-ବଡଟୀକା ଏକାଦଶ ମଧ୍ୟରେ ପ୍ରଥମ ମ୍ୟାଚ, ଲୋଇସିଂହା ଷ୍ଟାଡିୟମ, ଅପରାହ୍ନ ୩।୩୦ମିନିଟ।

**ସିନାପାଲି**
- ■ ଗଣେଶ ପୂଜା, ଦୁର୍ଗାପୂଜା ମେଢ ବିସର୍ଜନ ପାଇଁ କମିଟି ଗଠନ ସଭା, ଜଗନ୍ନାଥ ଛକ, ସନ୍ଧ୍ୟା ୭ଟା।

**ସମ୍ବଲପୁର**
- ■ କଳସ ଶୋଭଯାତ୍ରା, ମାରୱାଡି ଧର୍ମଶାଳା, ପୂର୍ବାହ୍ନ ୯ଟା।
- ■ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ, ବସ୍ତି ମାରୱାଡି ପଞ୍ଚାୟତ ଧର୍ମଶାଳା, ଅପରାହ୍ନ ୩ଟା।
- ■ ସମ୍ବଲପୁର ଫଟୋଗ୍ରାଫି କ୍ଲବ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗୀତା, ସିଟି ସେଣ୍ଟର, ପୂର୍ବାହ୍ନ ୧୧ଟା।

**ବେଲପଡା**
- ■ ଗଙ୍ଗାଧର ମେହେର ଜୟନ୍ତୀ, ବାସୁଦେବପଡା ହନୁମାନ ମନ୍ଦିର, ଅପରାହ୍ନ ୩ଟା।

**ବୌଦ୍ଧ**
- ■ ଜିଲା ବରିଷ୍ଠ ନାଗରିକ ମଞ୍ଚର ବିଶ୍ୱ ନାଗରିକ ଦିବସ ପାଳନ, ଗୁଣ୍ଡିଚା ମନ୍ଦିର, ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ■ ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନ ଓ ଭକ୍ତି ଯଜ୍ଞ, ଅଗ୍ରସେନ ଭବନ, ଅପରାହ୍ନ ୩ଟା।
- ■ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା।

**ଅମରପାଲି**
- ■ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ, ବୀରମହାରାଜପୁର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।

**ବରଗଡ଼**
- ■ ଜିଲାସ୍ତରୀୟ ଗଙ୍ଗାଧର ଜୟନ୍ତୀ ପାଳନ, ସୌଖୀନ ରଙ୍ଗମଞ୍ଚ ବରଗଡ଼, ସକାଳ ସାଢେ ୮ଟା।
- ■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ, ଝାରବନ୍ଧ ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

# ଦୁଇ ନକଲି ହୋମଗାର୍ଡ ପରୀକ୍ଷାର୍ଥୀ ଅଟକ

**ଭଦ୍ରକ ଅଫିସ, ୨୦।୮:** ମଙ୍ଗଳବାର ଚରମ୍ପା ରିଜର୍ଭ ପୋଲିସ ପଡିଆରେ ହୋମଗାର୍ଡ ନିଯୁକ୍ତି ପାଇଁ ସାକ୍ଷାତକାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ଜଣ ନକଲି ଆବେଦନକାରୀଙ୍କୁ ପୋଲିସ ଚିହ୍ନଟ କରିଥିବା ଜଣାପଡିଛି। ଟାଉନ ଥାନା ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ଚାଲିଥିବାରୁ ଏ ନେଇ ଅଧିକ ତଥ୍ୟ ଦେବାକୁ ଥାନାଧିକାରୀ ସରୋଜିନୀ ସିଂ ମନା କରି ଦେଇଛନ୍ତି। ଡ୍ରାଇଭିଂ ଓ କମ୍ପ୍ୟୁଟର ଅପରେଟର୍ ପାଇଁ ଏହି ୨ ନକଲି ଆବେଦନକାରୀ ସାକ୍ଷାତକାର ପରୀକ୍ଷା ଦେଉଥିବା ବେଳେ ଚିହ୍ନଟ ହୋଇଥିବା କୁହାଯାଉଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No. 7491845997 7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764 9911417461
BISWANATHPUR, BALARAMAPUR, BALESWAR, ODISHA - 756024

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1%।
Help LINE
7683949359 7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663 9910294940

See Color Display Classified on every Tuesday & Friday

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ସ୍ମାର୍ଟ ମିଟର ବ୍ୟବସ୍ଥାକୁ ବିରୋଧ

**ସମ୍ବଲପୁର,୨୦।୮(ବ୍ୟୁରୋ):** ରାଜ୍ୟରେ ବିଦ୍ୟୁତ୍ ଚୋରି କରୁଛି ଶକ୍ତି ବିଭାଗ। କିନ୍ତୁ ବିଦ୍ୟୁତ୍ ଅପଚୟ ଓ ଚୋରି ରୋକିବା ବାହାନାରେ ପ୍ରିପେଡ୍ ଓ ସ୍ମାଟ ମିଟର ଲଗାଇବାକୁ ରାଉରକେଲା ଓ ସମ୍ବଲପୁର ସହରକୁ ସ୍ଥିର କରାଯାଇଛି। ଏହା ପଶ୍ଚିମ ଓଡ଼ିଶା ଲାଗି ଅପମାନ। ତେଣୁ ରାଜ୍ୟର ସ୍ମାର୍ଟ ସିଟି ଭୁବନେଶ୍ୱରରୁ ପ୍ରିପେଡ୍ ଓ ସ୍ମାର୍ଟ ମିଟର ଲଗାଇବା ବ୍ୟବସ୍ଥା ଆରମ୍ଭ କରିବାକୁ ସମ୍ବଲପୁର କୋରମ୍ ଦାବି କରିଛି। କୋରମ ସଭ୍ୟ ଶ୍ରୀକାନ୍ତ ପାଣିଗ୍ରାହୀ, ମୁକେଶ ଜରିୱାଲ, ସୂର୍ଯ୍ୟ ପାଣିଗ୍ରାହୀ, ସରୋଜ ସାହୁ, ଦେଓକିରଣ ପଟ୍ଟନାୟକ, ଡା. ପ୍ରଭାସ ଦେବତା, ସୁବାସ ସାହୁ, ରଣଜିତ ରଥ ପ୍ରମୁଖ ପ୍ରେସ୍ ବିବୃତିରେ ଏହା କହିଛନ୍ତି।

### ରଣଜିତା ଉତ୍ସବ ଲାଗି ଶୁଭସ୍ତମ୍ଭ ସ୍ଥାପନ

**ସମ୍ବଲପୁର,୨୦।୮(ବ୍ୟୁରୋ):** ରାଜପୁତ କ୍ଷେତ୍ରୀୟ ସମାଜ ପକ୍ଷରୁ ଶ୍ରାବଣାଭିଷେକ ତଥା ରଣଜିତା ଉତ୍ସବ ଲାଗି ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ସମଲେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପୁରୋହିତ ହୃଷୀକେଶ ଦାଶ ମନ୍ତ୍ର ଉଚ୍ଚାରଣ କରିଥିଲେ। ରାଜପୁତ କ୍ଷେତ୍ରୀୟ ସଭାପତି ତଥା ଆଖଡ଼ା ଉସ୍ତାତ ପୀତାମ୍ବର ରାୟ, ପୂଜକ ଛଗନ ରାୟ, ଗୌରାଙ୍ଗ ରାୟ, ସଞ୍ଜୀବ ମହାପାତ୍ର, ପୂର୍ବତନ ଟ୍ରଷ୍ଟ ବୋର୍ଡ ସଭ୍ୟ ଉଦ୍ଧବ ମହାପାତ୍ରଙ୍କ ସମେତ ମନ୍ଦିର ପୂଜକ ଉପସ୍ଥିତ ଥିଲେ। ହନୁମାନ ମନ୍ଦିର ଆଖଡ଼ା ପଡ଼ିଆରେ ଶୁଭସ୍ତମ୍ଭ ସହ ଧ୍ୱଜାରୋହଣ କରାଯାଇଥିଲା। ସମାଜ ଉପସଭାପତି ଅକ୍ଷୟ କୁମାର ରାୟଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ଶିବପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି, ସୂର୍ଯ୍ୟନାରାୟଣ ପଟ୍ଟନାୟକ ବକ୍ତା, ମଧୁସୂଦନ ସିଂ ରାୟ, କିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ଆହତ

**ପଡ଼ିଆବାହାଲ/ଜମନକିରା, ୨୦।୮(ଡି.ଏନ୍.ଏ.):** ୫୩ନଂ ଜାତୀୟ ରାଜପଥର କୁଣ୍ଡେସରା ନିକଟରେ ମଙ୍ଗଳବାର ଅପରାହ୍ନ ୪ଟାରେ ସଡ଼କ ଦୁର୍ଘଟଣା ଘଟି ଝାରସୁଗୁଡ଼ା ମାଲିମୁଣ୍ଡା ଅଞ୍ଚଳର ସୁନୀଲ ବେହେରାଙ୍କ ପୁଅ ଚନ୍ଦ୍ରଶେଖର ବେହେରା ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ବର୍ତ୍ତମାନ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ନିର୍ମାଣକାରୀ ସଂସ୍ଥାର ବେପରୁଆ ନୀତି ଯୋଗୁ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିଥିବାବେଳେ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏଥିଯୋଗୁ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ମଙ୍ଗଳବାର ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। କୁଚିଣ୍ଡା ତହସିଲଦାର, ଜମନକିରା ଥାନା, ଗୌଡ଼ପାଲି ଫାଣ୍ଡି ଅଧିକାରୀ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୨୫ ଦିନ ଭିତରେ ରାସ୍ତା କାମ ସାରିବାକୁ ଠିକାସଂସ୍ଥା ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେବାପରେ ଦୀର୍ଘ ୪ ଘଣ୍ଟା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

### ମାରପିଟ ଅଭିଯୋଗ, ଜଣେ ଗିରଫ

**ସମ୍ବଲପୁର,୨୦।୮(ବ୍ୟୁରୋ):** ମାରପିଟ ଅଭିଯୋଗରେ ଅଇଁଠାପାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବୁଢ଼ାରଜାର ଟୁଲୁ ମୁଣ୍ଡା (୨୫)। ଏ ନେଇ ଏକ ମାମଲା (ନଂ. ୩୩୮/୧୯) ରୁଜୁ କରାଯାଇ ଟୁଲୁଙ୍କୁ କୋର୍ଟଚାଲାଣ କରାଯାଇଛି। ବଲାଙ୍ଗୀର ଜିଲା ରାଘବପାଲି ଗ୍ରାମର ନରେଶ ସାହୁ ଏକ କମ୍ପାନୀରେ କାମ କରୁଥିଲେ। ସୋମବାର ସେ ଏକ ସ୍କୁଟିରେ ଯାଉଥିବା ସମୟରେ ଟୁଲୁ ଆସି ତାଙ୍କୁ ସ୍କୁଟି ଚାବି ମାଗିଥିଲେ। ଚାବି ନ ଦେବାକୁ ମାରପିଟ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

# ଜମନକିରାରେ ଜିଲାପାଳଙ୍କ ଜନଶୁଣାଣି

**ଜମନକିରା,୨୦।୮(ଡି.ଏନ୍.ଏ.)**



ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ଜମନକିରା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି, ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ବଣ୍ଟନ ଓ ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଛି। ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲାପାଳ ଶୁଭମ ସକସେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ଅତିରିକ୍ତ ଏସ୍‌ପି ପ୍ରଦୀପ ମହାପାତ୍ର ଯୋଗଦେଇଥିଲେ। ଏଥିରେ ୭୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ୪୩ ବ୍ୟକ୍ତିଗତ ଓ ୩୫ ସାମୂହିକ ଅଭିଯୋଗ ଆସିଥିଲା। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ବଣ୍ଟନ ଓ ସହାୟତା ରାଶି ପ୍ରଦାନ କରାଯାଇଥିଲା। ୩୫ଜଣଙ୍କୁ ମଧୁବାବୁ ପେନସନ, ୮ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନା, ୨ଜଣଙ୍କୁ ବିବାହ ପ୍ରୋତ୍ସାହନ, ୨୦ ଜଣଙ୍କୁ ତିନିଚକିଆ ସାଇକେଲ, ୨୨ ଜଣଙ୍କୁ ହୁଇଲ ଚେୟାର, ୮ ଜଣଙ୍କୁ ଶ୍ରବଣଯନ୍ତ୍ର, ୮ ଜଣଙ୍କୁ ଆଶାବାଡ଼ି, ୨ ଜଣଙ୍କୁ ୱାକର, ୪ ଜଣଙ୍କୁ ନି' କ୍ୟାପ୍ ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଙ୍କଜିନୀ ପଣ୍ଡା, ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ, ଜମନକିରା ବ୍ଲକ ଅଧକ୍ଷ ଅରୁଣ ନାଏକ, ସିଡିଭିଓ ହାଡ଼ିବନ୍ଧୁ ଭୋଇ, ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ଦାଶ, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି, ଡିଏସ୍‌ଡବ୍ଲ୍ୟୁଓ ଗୀତାଞ୍ଜଳି ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶ, ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ କଳ୍ପନା ପଣ୍ଡା, ଡିଏସ୍‌ଏସ୍‌ଓ ଜଗନ୍ନାଥ ମୁଡ଼ି, ତହସିଲଦାର ସୌମ୍ୟରୂପା ରଥ ଓ ବିଡିଓ ଅଜୟ ତିୱାରୀ, ସହକାରୀ ଯନ୍ତ୍ରୀ ହରିବନ୍ଧୁ ପଣ୍ଡା, ବିଏସ୍‌ଏସ୍‌ଓ ଉଦିତଶେଖର ସାହୁଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ସେହିପରି ବଡ଼ରମା ପଞ୍ଚାୟତ କୁତବ ଗ୍ରାମରେ ରେଡ୍‌କ୍ରସ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଜିଲାପାଳ ସକସେନା ଶିବିର ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଜମନକିରା ଡାକ୍ତରଖାନା, ଅଙ୍ଗନୱାଡି କେନ୍ଦ୍ର, କୁଲୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ବୁଝିଥିଲେ।

# କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

**ନାକଟିଦେଉଳ,୨୦।୮(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଜୁନିୟର କଲେଜ ପକ୍ଷରୁ ମଙ୍ଗଳବାର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀଛାତ୍ର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। କଲେଜ ଅଧକ୍ଷ କନ୍ଦର୍ପ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଦୀପେନ ପଟ୍ଟନାୟକ, ମନୋରଞ୍ଜନ ପ୍ରଧାନ, ଡ. ପ୍ରଶାନ୍ତ କୁମାର ଦାଶ, ସଞ୍ଜୀବ ଦାଶ, ସରୋଜ କୁମାର ଭୁଏ, ଅଧ୍ୟାପିକା ବିନୀତା ମୁର୍ମୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କଲେଜର ନୀତିନିୟମ ମାନି ସମୟାନୁବର୍ତ୍ତୀ ହୋଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଭାବେ ଅଧ୍ୟୟନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଦ୍ୱିତୀୟବର୍ଷ ଛାତ୍ର କିରଣ ମାଟିଆରୀ, ପ୍ରବୀର କର୍ଣ୍ଣ, ଲକେନ ପ୍ରଧାନ, ପ୍ରଥମବର୍ଷ ଛାତ୍ର କୈବଲ୍ୟ ରାଉଳ, ସୁଧାଂଶୁ ସାହୁ, ବିକାଶ ସାହୁ, ବୀରମିତ୍ରଭାନୁ ବେହେରା ପ୍ରମୁଖ କଲେଜର ଶୃଙ୍ଖଳିତ ବାତାବରଣ ଏବଂ ଜୀବନଶୈଳୀ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟବର୍ଷ ଛାତ୍ରୀ ଲିପ୍ସାରାଣୀ ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ର।

■ ବିଜେଡି ନେତାଙ୍କୁ ମାରପିଟ ଘଟଣା

# ୧୫ ଦିନ ପରେ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୦।୮(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଥାନା ରେମେଡ଼ ଛକରେ ବିଜେଡି ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଦାସଙ୍କୁ କେତେଜଣ ଦୁର୍ବୃତ୍ତ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ୧୫ ଦିନ ପରେ ପୋଲିସ ଅଭିଯୁକ୍ତ ରେମେଡ଼ର ସ୍ୱରୂପ କୁମାର ବରେଇଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ ୩୧୬/୧୯) ରୁଜୁ ହୋଇଛି। ଅଗଷ୍ଟ ୫ ତାରିଖରେ ସିଦ୍ଧାର୍ଥ ନିଜ କାର୍‌ରେ ବୁର୍ଲାରୁ ସମ୍ବଲପୁର ଆସୁଥିଲେ। ତାଙ୍କ ପଛରେ ଆଉ ଏକ କାର ଆସୁଥିଲା। ସମ୍ପୃକ୍ତ କାର୍ ସିଦ୍ଧାର୍ଥଙ୍କ କାର୍ ପଛରେ ଧକ୍କା ଦେଇଥିଲା। ପରେ ଉକ୍ତ କାର୍‌ରୁ ଓହ୍ଲାଇ ଜଣେ ଯୁବକ ସିଦ୍ଧାର୍ଥଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିବା ଅଭିଯୋଗ ହୋଇଥିଲା।



ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ।

# ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

**ବାମରା,୨୦।୮(ସ୍ୱ.ପ୍ର.)**

ବାମରା ଗଡ଼ପୋଷ ମୁଖ୍ୟ ରାସ୍ତା କେନ୍ଦୁପାଣି ନିକଟରେ ବାଇକ ଓ ସାଇକେଲ ମଧ୍ୟରେ ଧକ୍କା ହେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୩ଜଣ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ନୁନିଆମୁଣ୍ଡା ଗ୍ରାମର ବିକାଶ ଛତ୍ରିଆ। ତାଙ୍କ ସହ ବାଇକ୍‌ରେ ଥିବା ସଞ୍ଜୟ ଛତ୍ରିଆ, ସାଇକେଲ ଆରୋହୀ ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଗିରେଲଡୁଙ୍ଗରି ଗ୍ରାମର ଈଶ୍ୱର କିଷାନ ଓ ରୂପେଶ୍ୱର କାଲୋ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୋବିନ୍ଦପୁର ପୋଲିସ ମୃତଦେହ ଜବତ କରିବା ସହ ଆହତମାନଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରିଥିଲା। ଏନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଏସ୍‌ଆଇ ଥୋମାସ କେର୍କେଟା ସୂଚନା ଦେଇଛନ୍ତି।

# ଡାକ୍ତର ଗୌରମୋହନ ବିଶ୍ୱାଳ ଆଉ ନାହାନ୍ତି

**ସମ୍ବଲପୁର,୨୦।୮(ବ୍ୟୁରୋ)**

ଦୀର୍ଘ ୬୦ ବର୍ଷ ଧରି ରୋଗୀ ସେବା କରି ଆସୁଥିବା ସୁନାମଧନ୍ୟ ଡାକ୍ତର ଗୌରମୋହନ ବିଶ୍ୱାଳଙ୍କର ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଅପରାହ୍ନରେ ବୁର୍ଲା ଭିମସାରରେ ପରଲୋକ ହୋଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ଡାକ୍ତର ବିଶ୍ୱାଳ ସମ୍ବଲପୁର ସମେତ ସମଗ୍ର ପଶ୍ଚିମ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ଝାରଖଣ୍ଡ ସୀମାବର୍ତ୍ତୀ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉ ଆସୁଥିଲେ। ଅଗଷ୍ଟ ୧୩ରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ତାଙ୍କୁ ଭିମସାରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ବିଶ୍ୱାଳ ଚିକିତ୍ସା ବାବଦ ଫି' ଦାବି କରୁ ନ ଥିଲେ। ରୋଗୀ ଯାହା ଦେଉଥିଲେ ସେ ଖୁସିରେ ରଖୁଥିଲେ। ଦୂରଦୂରାନ୍ତରୁ ଆସୁଥିବା ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା କରିବା ସହିତ ଆବଶ୍ୟକ ଔଷଧ ଏପରିକି ଖାଇବା ଖର୍ଚ୍ଚ ଓ ଯାତାୟାତ ଖର୍ଚ୍ଚ ମଧ୍ୟ ସେ ଦେଉଥିଲେ।



ଗୌରମୋହନ ବିଶ୍ୱାଳଙ୍କ ଫାଇଲ ଫଟୋ।

ତେଣୁ ସେ ବିଶାଳ ଡାକ୍ତର ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି। ବୁଢ଼ାରଜାସ୍ଥିତ ତାଙ୍କ ବାସଭବନକୁ ମୃତଦେହ ଅଣାଯିବା ପରେ ବହୁ ସଂଖ୍ୟାରେ ଲୋକେ ଅନ୍ତିମ ଦର୍ଶନ କରିଥିଲେ। ସେ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ଧଉରାପାଲି ଗ୍ରାମରେ ୧୯୨୯ ଜାନୁୟାରୀ ୧୩ରେ

**ସବୁ ବର୍ଗରେ ଶୋକରଛାୟା**

ଜନ୍ମଗ୍ରହଣ କରିଥିଲେ। ବାପା ଗୁଣନିଧି ଶିକ୍ଷକତା ସହ ଚାଷକାର୍ଯ୍ୟ କରୁଥିଲେ। ଡା. ବିଶ୍ୱାଳ ୧୯୪୬ରେ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରଥିଲେ। ରେଭେନ୍‌ସା କଲେଜରେ ଆଇଏସ୍‌ସି ଏବଂ କଟକ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିବା ପରେ ୧୯୫୪ରେ ସମ୍ବଲପୁର ସଦର ଡାକ୍ତରଖାନାରେ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୫୭ ଚାକିରିରୁ ଇସ୍ତଫା ଦେଇ ସମ୍ବଲପୁରରେ ଘରୋଇ ଭାବେ ରୋଗୀ ସେବା ଆରମ୍ଭ କରିଥିଲେ। ତାଙ୍କ ବିୟୋଗରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା, ନଗେନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ସବୁବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

■ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ବିଧାୟିକା

# ରାଜନୀତି ମହଲରେ ପୁଣି ଚର୍ଚ୍ଚା

**ସମ୍ବଲପୁର,୨୦।୮(ବ୍ୟୁରୋ)**

ନବୀନ ନିବାସରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ପୂର୍ବତନ ସମ୍ବଲପୁର ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ। ଜିଲାର ବିଭିନ୍ନ ସମସ୍ୟା ଉପରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା କୁହାଯାଉଛି। ବିଶେଷ କରି ସମ୍ବଲପୁର ସହରରେ ଚାଲିଥିବା ଉନ୍ନୟନ ପ୍ରକଳ୍ପଗୁଡ଼ିକ ଯୋଗୁ ଲୋକେ ସମସ୍ୟା ଭୋଗୁଛନ୍ତି। ତେଣୁ ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ଘୋଷଣା ହୋଇଥିବା ଅନ୍ୟ ପ୍ରକଳ୍ପଗୁଡ଼ିକ ଶୀଘ୍ର ଆରମ୍ଭ କରିବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଖବର ପ୍ରଚାରିତ ହେବା ପରେ ରାଜନୀତି ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାରଣ ଗତ ନିର୍ବାଚନରେ ସେ ପରାଜିତ ହେବା ପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଦୌଡ଼ରେ ସେ ଆଗରେ ଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟିକାଙ୍କର ଏହି ପଦବୀ ନେଇ ମଧ୍ୟ ଆଲୋଚନା ହୋଇଥାଇ ପାରେ ବୋଲି ରାଜନୀତି ମହଲରେ ଆଲୋଚନା ହେଉଛି।



ଜବତ ଜିପ୍ ଓ କେନ୍ଦୁପତ୍ର ସହ ବନ ବିଭାଗ କର୍ମଚାରୀ।

# ୯୬ ବିଡ଼ା କେନ୍ଦୁପତ୍ର, ଜିପ୍ ଜବତ

**ରେଢ଼ାଖୋଲ,୨୦।୮(ଡି.ଏନ୍.ଏ.)**

ବଡ଼ବାହାଲ ରେଞ୍ଜ କର୍ମଚାରୀ ମଙ୍ଗଳବାର ଭୋର୍ ସମୟରେ ଚଢ଼ଉ କରି ଏକ କମାଣ୍ଡର ଜିପ୍ ଓ ସେଥିରେ ଚୋରା ଚାଲାଣ ହେଉଥିବା ୯୬ ବିଡ଼ା କେନ୍ଦୁପତ୍ର ଜବତ କରିଛନ୍ତି। ହେଲେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଜିପ୍ (ନଂ.-ଓଆର୍୧୫-ଇ୭୦୭୭) ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ସୂଚନା ପାଇ ରେଞ୍ଜ ଅଧିକାରୀ ଦିଲୀପ ଧଳ, ଫରେଷ୍ଟର ବେଣୁଧର ବେହେରା, ସୁରେନ୍ଦ୍ର ସାହୁ ପ୍ରମୁଖ ଚଢ଼ାଉ କରି ତ୍ରିବଣପୁର ପଞ୍ଚାୟତ ଚୁବୁକା ଦାଦର ଠାରେ ଏହାକୁ ଜବତ କରିଥିଲେ।

■ ଗୋବିନ୍ଦତୋଲା

# ଦୁର୍ଗାପୂଜା କମିଟି ଗଠିତ ଦାମୋଦର ସଭାପତି, ପ୍ରଦୀପ ସମ୍ପାଦକ

**ସମ୍ବଲପୁର,୨୦।୮(ବ୍ୟୁରୋ)**

ଗୋବିନ୍ଦତୋଲା ସାର୍ବଜନୀନ ଦୁର୍ଗାପୂଜା କମିଟି ଗଠନ କରାଯାଇଛି। ଦାମୋଦର କର ସଭାପତି, କୃଷ୍ଣଚନ୍ଦ୍ର ସୁନାର ଉପସଭାପତି, ପ୍ରଦୀପ କୁମାର ପାଢ଼ୀ ସମ୍ପାଦକ, ସଞ୍ଜୟ ସାହୁ ସହସମ୍ପାଦକ, ବାଙ୍କବିହାରୀ ପଣ୍ଡା କୋଷାଧକ୍ଷ, ନରେଶ ସୁନାରୀ ସହ କୋଷାଧକ୍ଷ, ଡ. ବସନ୍ତ କୁମାର ଦାଶ ଲଟେରୀ ଅଧକ୍ଷ, ଡମ୍ବରୁଧର ରଣା କୋଷାଧକ୍ଷ, ସୁମିତ ପ୍ରଧାନ ସହ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଆଦିତ୍ୟପ୍ରସାଦ ପାଢ଼ୀ, ରବୀନ୍ଦ୍ର ନାୟକ, ଲାଲମୋହନ ସାଠିଆ, କିଶୋର ପାଢ଼ୀ, ହେମନ୍ତ ପଣ୍ଡା, ଲୁମା ପାଢ଼ୀ, ଜିତେନ୍ଦ୍ରୀୟ ପ୍ରଧାନ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି।

# ଉଦ୍ଧାର ଶିଶୁ ଶ୍ରମିକ ଘରକୁ ଫେରିଲେ

**ସମ୍ବଲପୁର,୨୦।୮(ବ୍ୟୁରୋ):** ସମ୍ବଲପୁର ଜିଲାରେ ଉଦ୍ଧାର ହୋଇଥିବା ବିହାର ନାବାଡ଼ ଜିଲାର ଜଣେ ଶିଶୁ ଶ୍ରମିକଙ୍କୁ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲା ଶିଶୁ କଲ୍ୟାଣ ସମିତି ଆଗରେ ଚାଇଲ୍ଡ ଲାଇନ ପକ୍ଷରୁ ଶିଶୁ ଶ୍ରମିକଙ୍କୁ ହସ୍ତାନ୍ତର କରାଯାଇଛି। ଗତ ୯ ତାରିଖ ଧନୁପାଲି ପୋଲିସ ଓ ଚାଇଲ୍ଡ ଲାଇନ ନାବାଳକଙ୍କୁ ଉଦ୍ଧାର କରିଥିଲେ।

## ଫଟୋରେ ଖବର



ସ୍ଥାୟୀ ପଟ୍ଟା ଦାବିରେ ମଙ୍ଗଳବାର ସମ୍ବଲପୁର ଜିଲାପାଳ ଅଫିସକୁ ଚାଉଁରପୁର ବାସିନ୍ଦା ଆସିଛନ୍ତି।





ସମ୍ବଲପୁର ଦିଲ୍ଲୀ ପବ୍ଲିକ ସ୍କୁଲରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରେ ଅଧକ୍ଷାଙ୍କ ସହ ଛାତ୍ରୀଛାତ୍ର।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ଡହଗାଁରେ ପ୍ରାଣୀ ସମ୍ପଦ ଚିକିତ୍ସା ଶିବିର

**ଭବାନୀପାଟଣା,୨୦।୮(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଡହଗ୍ରାମରେ ଜିଲା ପ୍ରାଣୀ ସମ୍ପଦ ସହାୟତାରେ ରିଲାଇନ୍ସ ଫାଉଣ୍ଡେଶନ୍ ତରଫରୁ ପ୍ରାଣୀ ସମ୍ପଦ ଉପରେ ଉପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରେ ମୋଟ ୨୬୨ଟି ଗାଈ, ମେଣ୍ଢା ଓ ଛେଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟ ସମସ୍ୟା ଅନୁସାରେ ମେଡିସିନ୍ ତଥା ଭିଟାମିନ୍ ଦିଆଯାଇଥିଲା। ଏଥିରେ ଗାଈମାନଙ୍କ ଗର୍ଭ ମଧ୍ୟ ପରୀକ୍ଷା କରାଯାଇ ମେଡିସିନ୍ ଦିଆଯାଇଥିଲା। ଶିବିରରେ ଧର୍ମଗଡ଼ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ ମିଶ୍ର, କୋକସରା ବି.ଭି.ଓ. ଡ. ସଂଗ୍ରାମ କେଶରୀ ବେହେରା, ଧର୍ମଗଡ ଅଭାସ ଡ. ନିହାର ରଞ୍ଜନ ଦାପ୍ତା, ମୋଟେର ଭି.ଏ.ଏସ.ଏସ. ଡ. କୃତି ମଣ୍ଡଳ, ଡହଗାଁ ଏଲ୍.ଆଇ. ଗିରିଶ ସାହୁ, ରେଙ୍ଗାଲପାଲି ଏଲ୍.ଆଇ. କୈଳାସ ଚନ୍ଦ୍ର ସାହୁ ଏବଂ ଡହଗାଁ ଗୋମିତ୍ରା ଅଚ୍ୟୁତାନନ୍ଦ ନାଏକ ପ୍ରମୁଖ ଯୋଗଦେଇଥିଲେ। ରିଲାଇନ୍ସ ଫାଉଣ୍ଡେଶନ୍‌ର ଜିଲା ସଂଯୋଜକ ଅଶୋକ କୁମାର ମଲ୍ଲିକ ଏବଂ ପ୍ରଯୋଜକ ଅକ୍ଷୟ କୁମାର ନାଗ ଏହି ଶିବିରକୁ ଅନୁଷ୍ଠିତ କରିଥିଲେ।

### ଇରିଗେସନ କଲୋନୀ ଦୁର୍ଗାପୂଜା କମିଟି

**ଭବାନୀପାଟଣା,୨୦।୮(ଡି.ଏନ୍.ଏ.):** ସ୍ଥାନୀୟ ଇରିଗେସନ କଲୋନୀ ପ୍ରାଥମିକ ବିଦ୍ୟାଳୟଠାରେ ନିମାଇଁ ପାଣିଙ୍କ ଆହ୍ୱାନକ୍ରମେ ଏକ ସାଧାରଣ ସଭାର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶରତ ମିଶ୍ର ସଭାପତିତ୍ୱ କରିଥିଲେ। ଇରିଗେସନ କଲୋନୀଠାରେ ଦ୍ୱିତୀୟ ବର୍ଷର ସାର୍ବଜନୀନ ଦୁର୍ଗାପୂଜା କରିବା ପାଇଁ ସର୍ବସମ୍ମତିକ୍ରମେ ପୂଜା କମିଟି ଗଠନ କରାଗଲା। ସଭାପତି ଭାବେ ଧବଳେଶ୍ୱର ମହାପାତ୍ର, ଉପସଭାପତି ଉତ୍ପଳ ଦାଶ ଓ ମାନସ ସାହୁ, ସାଧାରଣ ସମ୍ପାଦକ ଗିରିଜା ପ୍ରସାଦ ବାବୁ, ସମ୍ପାଦକ ଅଜୟ ପଟ୍ଟନାୟକ, ଅରୁଣ ରଥ, ରଘୁ ବେହେରା, ଆକାଶ ଜ୍ୟୋତି ଲେଙ୍କା, ଜଗନ୍ନାଥ ପାନ, କୋଷାଧ୍ୟକ୍ଷ ସଂଜୟ ପଟ୍ଟନାୟକ, ପୂଜା ସମ୍ପାଦକ ମନୋଜ ନନ୍ଦ, ଜଗବନ୍ଧୁ ସାହୁ ଓ ସଂଜୟ ପଟ୍ଟନାୟକ, ପୂଜା ସମ୍ପାଦକ ମନୋଜ ନନ୍ଦ, ଜଗବନ୍ଧୁ ସାହୁ ଓ ସଂଜୀବ କୁମାର ଦାଶ, ସାଂସ୍କୃତିକ ସମ୍ପାଦକ ଜ୍ଞାନରଂଜନ ଭୁଜବଳ, ପୂଜାକର୍ତ୍ତା ଭାବେ ପ୍ରଦୀପ କୁମାର ଦାଶ (କାଳିଆ) ମନୋନୀତ ହୋଇଛନ୍ତି। ଏହି ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହିତ ଯେପରି ସମ୍ପନ୍ନ ହେବ ସେଥିପାଇଁ ସମସ୍ତ ଜନସାଧାରଣଙ୍କୁ କର୍ମକର୍ତ୍ତା ଅନୁରୋଧ କରିଥିଲେ।

# ଟ୍ରକ୍ ମାଲିକ ଆସୋସିଏଶନର ଆନ୍ଦୋଳନ

**ବରଗଡ଼ ଅଫିସ୍,୨୦।୮**

ବରଗଡ଼ ସହର ଉପକଣ୍ଠ ନାଗେନପାଲିସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର ଆଗରେ ମଙ୍ଗଳବାର ଲୋକାଲ ଟ୍ରକ ମାଲିକ ଆସୋସିଏଶନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପଣ୍ୟାଗାରର ଚାଉଳ ପରିବହନରେ ସ୍ଥାନୀୟ ଟ୍ରକ ପରିବର୍ତ୍ତେ ଜିଲା ବାହାର ଟ୍ରକ ବ୍ୟବହାର କରାଯାଉଥିବା ଅଭିଯୋଗ କରି ଆନ୍ଦୋଳନ କରାଯାଇଥିଲା। ପରିବହନ ଦାୟିତ୍ୱରେ ଥିବା କଣ୍ଟ୍ରାକ୍ଟରଙ୍କ କର୍ମଚାରୀ ଓ ଟ୍ରକ୍ ମାଲିକ ଆସୋସିଏଶନ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପରିବହନରେ ସ୍ଥାନୀୟ ଟ୍ରକ ବ୍ୟବହାର ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଥିଲା।

ପ୍ରକାଶ ଯେ, ବରଗଡ଼ ଲୋକାଲ ଟ୍ରକ ମାଲିକ ଆସୋସିଏଶନର ଟ୍ରକଗୁଡ଼ିକ ମୁଖ୍ୟତଃ ସରକାରୀ କାର୍ଯ୍ୟ ତଥା କୀଟନାଶକ, ସାର ଆଦି ପରିବହନରେ ନିୟୋଜିତ ହେଉଛି। ଅନ୍ୟପକ୍ଷେ ନାଗେନପାଲିସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର ଚାଉଳ ପରିବହନ ଦାୟିତ୍ୱ ବାଲେଶ୍ୱରର ଜଣେ କଣ୍ଟ୍ରାକ୍ଟରଙ୍କୁ ଦିଆଯାଇଛି। କଣ୍ଟ୍ରାକ୍ଟର ଜଣକ ବରଗଡ଼ର ଅନ୍ୟଜଣଙ୍କୁ ଦାୟିତ୍ୱରେ ରଖିଛନ୍ତି । ତେବେ କେନ୍ଦ୍ରୀୟ ପଣ୍ୟାଗାର ଚାଉଳ ପରିବହନରେ ସ୍ଥାନୀୟ ଟ୍ରକଗୁଡ଼ିକୁ ବ୍ୟବହାର ସୁଯୋଗ ଦିଆଯାଉ ନ ଥିବା ବେଳେ ଜିଲା ବାହାର ଟ୍ରକକୁ ନିୟୋଜିତ କରାଯାଉଛି ।

ଏନେଇ ବରଗଡ଼ ଲୋକାଲ ଟ୍ରକ ମାଲିକ ଆସୋସିଏଶନ ଏହାର ପ୍ରତିବାଦ କରିଛି। ଆସୋସିଏଶନ ସଭାପତି ହରଦୀପ ସିଂଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା କେନ୍ଦ୍ରୀୟ ପଣ୍ୟାଗାର ମୁଖ୍ୟ ଫାଟକରେ ଧାରଣାରେ ବସି ପ୍ରତିବାଦ କରିଥିଲେ । ଫଳରେ ଟ୍ରକ ଚଳାଚଳ ହୋଇପାରି ନ ଥିଲା। ଅନ୍ୟପକ୍ଷେ ରାସ୍ତା ପାର୍ଶ୍ୱରେ ବହୁ ସଂଖ୍ୟକ ଟ୍ରକ ଛିଡ଼ା ହୋଇ ରହିଥିଲା। ପରେ ପରିବହନ ଦାୟିତ୍ୱରେ ଥିବା କଣ୍ଟ୍ରାକ୍ଟରଙ୍କ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଏପରି କି କର୍ମଚାରୀମାନେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଲୋକାଲ ଟ୍ରକ ମାଲିକ ଆସୋସିଏଶନ କର୍ମକର୍ତ୍ତା, ସଭ୍ୟବୃନ୍ଦ ଆନ୍ଦୋଳନରୁ ଓହରିଥିଲେ।



କେନ୍ଦ୍ରୀୟ ପଣ୍ୟାଗାର ଆଗରେ ଟ୍ରକ୍ ମାଲିକ ଆସୋସିଏଶନର ଆନ୍ଦୋଳନ ।

## ରୋଟାରି ପବ୍ଲିକ ସ୍କୁଲରେ ଗଙ୍ଗାଧର ଜୟନ୍ତୀ

**ବରଗଡ଼ ଅଫିସ୍,୨୦।୮**

ବରଗଡ଼ ରୋଟାରି ପବ୍ଲିକ ସ୍କୁଲ ପକ୍ଷରୁ ମଙ୍ଗଳବାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡା ପରିଚାଳନା କରିଥିଲେ । ଅଧ୍ୟାପିକା ଜୟଶ୍ରୀ ସାହୁ ମୁଖ୍ୟଅତିଥି, ରୋଟାରିଆନ ସମର ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ କବି ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଓଡ଼ିଆ ଭାଷା, ସାହିତ୍ୟକୁ ବଞ୍ଚାଇବା ପାଇଁ ଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ହସ୍ତାକ୍ଷର ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଙ୍ଗୀତ ଶିକ୍ଷକ ସନ୍ଦୀପ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀ ଅନୁସୂୟା ମଲ୍ଲିକ କବିତା ଆବୃତ୍ତି କରିଥିଲେ । ଶାଶ୍ୱତୀ ହୋତା, ପୁଷ୍ପାଞ୍ଜଳି ଦାସ, କୁଶ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁଷମା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



ଗଙ୍ଗାଧର ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।




ସମ୍ବର୍ଦ୍ଧନା ସଭାରେ ଏମପି ବସନ୍ତ ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

## କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

**ଜୁନାଗଡ,୨୦।୮(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନରେ ସୋମବାର ସନ୍ଧ୍ୟାରେ କଳାହାଣ୍ଡି ଏମ୍‌ପି ତଥା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡାଙ୍କୁ ଜୁନାଗଡ ଭାଜପା ଓ ସ୍ଥାନୀୟ ନଗରବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳୀୟ କର୍ମୀମାନେ ସହରର ପ୍ରିୟ ଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରୁ ଏମ୍‌ପିଙ୍କୁ ଏକ ବାଇକ୍ ରାଲି କରି ଅଗ୍ରସେନ ଭବନ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଅନୁଷ୍ଠିତ ସ୍ୱାଗତ ସମାରୋହରେ ଏମ୍‌ପି ପଣ୍ଡା ଯୋଗଦେଇ ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସେ ଅନବରତ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପଣ୍ଡାଙ୍କୁ ବିଭିନ୍ନବର୍ଗ, ଅନୁଷ୍ଠାନ ଓ ସ୍ଥାନୀୟ ସିଟିଜେନ ଫୋରମ ପକ୍ଷରୁ ଶୁଭେଚ୍ଛା ଜଣାଯିବା ସହ ଅଞ୍ଚଳର ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ୱାଗତ ସମାରୋହରେ ଏମପି ପଣ୍ଡାଙ୍କ ସହ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସାମାଜିକ କର୍ମୀ ନିର୍ମଳ ମହାନ୍ତି, କୈଳାସ ପାଣିଗ୍ରାହୀ, ଚନ୍ଦ୍ର ଶେଖର ତ୍ରିପାଠୀ, ବେଦ ପ୍ରକାଶ ଗୋଏଲ, ସତ୍ୟ ନାରାୟଣ ପଣ୍ଡା, ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟା ମାଝି, ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, ଯାଜ୍ଞସିନୀ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ପୂର୍ବତନ କାଉନସିଲର ତଥା ଭାଜପା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ

**ରିଷିଡା,୨୦।୮(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ନର୍ଲା ବିଧାୟକ ଭୂପିନ୍ଦର ସିଂ ପରିଦର୍ଶନ କରିଛନ୍ତି। ସେ ପୌରକେଲାର ବନ୍ୟା, ବର୍ଷା ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନ କରିବାକୁ ଯାଇଥିଲେ। ସେ ଏହି ପଞ୍ଚାୟତର ପୌରକେଲା, କୁନ୍ଦେଇପାଲି, ବୁଢ଼ୀପଦର ଅଞ୍ଚଳ ବୁଲି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେହି ସମୟରେ ଉତ୍ତେଇ କେନାଲ ଟେଲ ଅଞ୍ଚଳରେ ପାଣି ପାଉ ନ ଥିବାରୁ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ଏଥିସହ କୁନ୍ଦେଇପାଲିର ପାନୀୟ ଜଳ ସମସ୍ୟା, ପୌରକେଲା ଆଦିବାସୀ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ କରିବା ପାଇଁ ସମିତି ସଭ୍ୟ ସୀମାଞ୍ଚଳ ଭୋଇଙ୍କ ସମେତ ଚାଷୀ ଓ ଜନସାଧାରଣ ଦାବି କରିଥିଲେ। ବିଧାୟକ ରିଷିଡା ଡାକ୍ତରଖାନା ପରିଦର୍ଶନ କରି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ରିଷିଡା ଡାକ୍ତରଖାନାକୁ ଏରିଆ ହସ୍ପିଟାଲରେ ପରିଣତ କରିବା ପାଇଁ ଦାବି କରିଥିବା ବେଳେ ଡାକ୍ତରଖାନା ପରିସରରେ ଡାକ୍ତର, ଫାର୍ମାସିଷ୍ଟ, ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ସାହୁ, ପ୍ରେମାନନ୍ଦ ପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ରିଷିଡାକୁ ପାନୀୟ ଜଳ ଯୋଗାଣ, କେନାଲ ପାଣି ଯୋଗାଣର ସୁବ୍ୟବସ୍ଥା, ମିନିଷ୍ଟାଡିୟମ କାମର ଅଗ୍ରଗତି ସମ୍ପର୍କରେ ବିଧାୟକଙ୍କ ଆଲୋଚନା କରିଥିଲେ। ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ଧର୍ମଗଡ ଓ କେସିଙ୍ଗା ତହସିଲରୁ ୪ଜଣ ରାଜସ୍ୱ ଅଧିକାରୀ ସ୍ୱତନ୍ତ୍ର ଭାବେ କର୍ଲାମୁଣ୍ଡା ବ୍ଲକକୁ ପଠାଯାଇଥିବା ବିଧାୟକ ପ୍ରକାଶ କରିଥିଲେ ଏବଂ ପ୍ରତ୍ୟକ କ୍ଷତିଗ୍ରସ୍ତ କ୍ଷତିପୁରଣ ପାଇବେ ବୋଲି କହିଥିଲେ ।

## ବୌଦ୍ଧ-ସମ୍ବଲପୁର ବେସରକାରୀ ବସ୍ ଚଳାଚଳ ବନ୍ଦ

- ନୂତନ ଏକ ଘରୋଇ ବସ୍ ଚଳାଚଳ ସମୟ ଦାବି
- ୨ଦିନ ହେଲା ଯାତ୍ରୀ ହନ୍ତସନ୍ତ

**ବୌଦ୍ଧ,୨୦।୮(ସ୍ୱ.ପ୍ର.)**

ବୌଦ୍ଧ-ସମ୍ବଲପୁର ମଧ୍ୟରେ ୨ ଦିନ ହେଲା ବେସରକାରୀ ବସ୍ ଚଳାଚଳ ବନ୍ଦ ରହିଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଘରୋଇ ବସ୍ ସଂଘର ଏକ ବସ୍‌କୁ ସମ୍ବଲପୁର ଘରୋଇ ବସ୍ ସଂଘ ପକ୍ଷରୁ ଚଳାଚଳ ନେଇ ସମୟ ଦିଆଯାଉ ନ ଥିବାରୁ ଏହି ବସ୍ ଚଳାଚଳ ବନ୍ଦ ରହିଛି। ବୌଦ୍ଧ ବସ୍ ମାଲିକ ସଂଘର ସୁଧୀର କୁମାର ମହାପାତ୍ର ସମ୍ବଲପୁରରୁ ଫୁଲବାଣି ବସ୍ ଚଳାଚଳ କରିବାକୁ ୨୦୧୭ରୁ ପରିମିଟ୍ କରିଛନ୍ତି। ପରିମିଟ୍ ଅନୁଯାୟୀ ବସ୍ ସକାଳୁ ସମ୍ବଲପୁର ବାହାରି ଫୁଲବାଣୀ ଯାଇ ଅପରାହ୍ଣରେ ସମ୍ବଲପୁର ଫେରିବ। ପରିମିଟ୍ ଅନୁଯାୟୀ ବସ୍ ଚଳାଚଳ କରିବାକୁ ବସ୍ ମାଲିକ ମହାପାତ୍ର ଦୀର୍ଘ ୨ ବର୍ଷ ହେବ ସମ୍ବଲପୁର ଘରୋଇ ବସ୍ ସଂଘକୁ ସମୟ ଦେବାକୁ ଆବେଦନ କରିଥିଲେ। ହେଲେ ସମ୍ବଲପୁର ସଂଘ ସମୟ ଦେଉ ନ ଥିବାରୁ ବୌଦ୍ଧ ଘରୋଇ ବସ୍ ସଂଘ ପକ୍ଷରୁ ସମ୍ବଲପୁର ସଂଘର ସମସ୍ତ ବସ୍‌କୁ ବୌଦ୍ଧ ଆସିବା ପାଇଁ ଗତ ସୋମବାରଠାରୁ ମନାକରି ଦିଆଯାଇଛି। ଫଳରେ ଦୁଇ ଦିନ ହେଲା ବୌଦ୍ଧ-ସମ୍ବଲପୁର ମଧ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ପୂର୍ବରୁ ଏହି ବସ୍ ଚଳାଚଳକୁ ନେଇ ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ଗାଡି ଚଳାଚଳ ବନ୍ଦ ରହିଥିଲା । ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ କେତୋଟି ହାତଗଣତି ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ଗୋଟିଏ ସରକାରୀ ବସ୍ ଚାଲୁଥିଲା। ହେଲେ ପ୍ରାୟ ଏକ ମାସ ହେବ ସରକାରୀ ବସ୍ ଚଳାଚଳ ବନ୍ଦ ହୋଇଯାଇଛି। ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବୌଦ୍ଧ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ରାଜକିଶୋର ପଟ୍ଟନାୟକଙ୍କୁ ପଚାରିବାରୁ ୨ ବର୍ଷ ହେଲା ପରିମିଟ୍ ଥିବା ସଂଘର ଏକ ବସ୍‌କୁ ସମ୍ବଲପୁର ଘରୋଇ ବସ୍ ସଂଘ ପକ୍ଷରୁ ଚଳାଚଳ ନେଇ ସମୟ ଦିଆଯାଉ ନାହିଁ। ସଂଘର ସମ୍ପୃକ୍ତ ଏକ ବସ୍ ଚଳାଚଳ ନେଇ ସମୟ ଦିଆ ନ ଯିବା ପର୍ଯ୍ୟନ୍ତ ବସ୍ ବନ୍ଦ ରହିବ ବୋଲି ପ୍ରକାଶ କରିଥିଲେ।

## ଗୋଛାସାହି ବିଦ୍ୟାଳୟ ସମ୍ମୁଖରେ ଆଣ୍ଠୁଏ କାଦୁଅ

**ତଲଗାଁ,୨୦।୮(ଡି.ଏନ୍.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ଼ ପଞ୍ଚାୟତ ଗୋଛାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୫ଜଣ ଛାତ୍ରଛାତ୍ର ଅଧ୍ୟୟନ କରୁଛନ୍ତି। ଏହା ସହ ବିଦ୍ୟାଳୟ ପରିସରରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ହେଲେ ବିଦ୍ୟାଳୟ ପାଚେରି ଭାଙ୍ଗି ଯାଇଥିବା ବେଳେ ମୁଖ୍ୟ ଫାଟକରେ ଲାଗିଥିବା ଗେଟ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ବିଦ୍ୟାଳୟର ରୋଷେଇ ଘର ଚାରିପଟେ ବିଭିନ୍ନ ଅନାବନ ଗଛରେ ଭର୍ତ୍ତିହୋଇ ରହିଛି। ଏପରି କି ବିଦ୍ୟାଳୟ ସମ୍ମୁଖ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଥିବା ବେଳେ ବର୍ତ୍ତମାନ ରାସ୍ତାରେ ଆଣ୍ଠୁଏ କାଦୁଅ ଜମା ହୋଇ ରହିଛି। ହେଲେ ବିଦ୍ୟାଳୟକୁ ବଦଲା ଓ ବାରିଙ୍ଗ ଗ୍ରାମର ଛାତ୍ରୀଛାତ୍ରମାନେ ପଢିବାକୁ ଆସୁଛନ୍ତି। ରାସ୍ତା ଖରାପ ସାଙ୍ଗକୁ କଦୁଅ ଯୋଗୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ହରଭଙ୍ଗା ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ସନାତନ ଗାହାଣଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ।

## ଶିକ୍ଷକ ନିଯୁକ୍ତି ଦାବିରେ ୧୧ ଦିନ ହେଲା ସ୍କୁଲରେ ତାଲା

**ଭବାନୀପାଟଣା,୨୦।୮(ଡି.ଏନ୍.ଏ.)**

ଶିକ୍ଷକ ଦାବିରେ ଭବାନୀପାଟଣା ସଦର ବ୍ଲକ କର୍ଲାପଡା କ୍ଲଷ୍ଟର ଅନ୍ତର୍ଗତ ପରିଆ ଯୁପି ସ୍କୁଲରେ ୧୧ ଦିନ ହେଲା ତାଲା ପଡ଼ିଛି। ଏଥିଯୋଗୁ ପାଠପଢା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ପିଲାଙ୍କ ଭବିଷ୍ୟତ ନେଇ ଅଭିଭାବକଙ୍କ ଚିନ୍ତା ବଢିବାରେ ଲାଗିଛି। କିନ୍ତୁ ଶିକ୍ଷା ବିଭାଗ ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାସ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିବା ବ୍ୟବସ୍ଥା ରହିଛି। ଏଠାରେ ମୋଟ ୨୬୬ ଛାତ୍ରୀଛାତ୍ରଙ୍କ ପାଇଁ ୫ ଜଣ ଶିକ୍ଷକ ଥିବାରୁ ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଛି। ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ବିଇଓଙ୍କୁ ଅଭିଯୋଗ କରି ଆସୁଥିଲେ। ହେଲେ ସୁଫଳ ନ ମିଳିବାରୁ ସ୍କୁଲରେ ତାଲା ପକାଇ ୧୧ ଦିନ ହେଲା ଗ୍ରାମବାସୀ ଧାରଣାରେ ବସି ରହିଛନ୍ତି।

## ପୋଲିସର ଜୁଆଆଡ୍ଡା ଉପରେ ଚଢ଼ାଉ

**ବରଗଡ଼ ଅଫିସ୍,୨୦।୮**

ବରଗଡ଼ ସଦର ଓ ଟାଉନ ଥାନା ପୋଲିସ ପକ୍ଷରୁ ପୃଥକଭାବେ ଜୁଆଆଡ୍ଡା ଚଢ଼ାଉ କରାଯାଇଥିଲା। ସଦର ଥାନା ପୋଲିସ ଏକାମ୍ର ଛକରୁ ବିଜେପୁର ଯାଇଥିବା ରାସ୍ତାର ଏକ କେନାଲ ଛକ ନିକଟରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ବିଶି ପାତ୍ର, ନାରାୟଣ ସାହୁ, ସୁନିଲ ହରିପାଲ ଓ ରାଜେଶ ଛତ୍ରିଆ । ତାଙ୍କଠାରୁ ନଗଦ ୨୨ହଜାର ଟଙ୍କା, ୪ଟି ବାଇକ୍, ୨ସେଟ୍ ତାସ ଓ ଗୋଟିଏ ଦରି ଜବତ୍ ହୋଇଥିବା ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି । ସେହିପରି ଟାଉନ ଥାନା ପୋଲିସ ଏକ ଜୁଆଆଡ୍ଡାରେ ଉପରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

■ ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟ

## ଧାର୍ଯ୍ୟ ତାରିଖ ୩ ଦିନ ପୂର୍ବରୁ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ

**କେସିଙ୍ଗା,୨୦।୮(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ରହିଛି। ୧୯୫୬ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ୫ ଶ୍ରେଣୀ ଯାଏ ୧୩୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲ ସମ୍ମୁଖରେ ଥିବା ୬୩ ବର୍ଷର ପୁରୁଣା ଶ୍ରେଣୀ ଗୃହ ଭାଙ୍ଗି ଯିବା ପରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଜାତୀୟ ରୁର୍ବାନ ମିଶନ ପକ୍ଷରୁ ୧୨ ଲକ୍ଷ ୫୦ ହଜାର ୫୯୯ ଟଙ୍କା ବ୍ୟୟ ଅଟକଳରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏହି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ୨୦୧୯ ଫେବୃୟାରୀ ୨୧ ତାରିଖରୁ କାର୍ଯ୍ୟ ଆରମ୍ଭ କରି ଅଗଷ୍ଟ ୨୦ ତାରିଖରେ ସମ୍ପୂର୍ଣ୍ଣ କରିବାକୁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଠିକାଦାରଙ୍କ ମନମୁଖି ଯୋଗୁ ଧାର୍ଯ୍ୟ ତାରିଖରେ ନିର୍ମାଣ ଶେଷ ନ ହେବା ଏବଂ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଗତ ୬ ତାରିଖରେ ଧରିତ୍ରୀରେ ଏହି ଖବର ପ୍ରକାଶ ହୋଇଥିଲା। ଏହା ପରେ ବ୍ଲକ ପ୍ରଶାସନ ଓ ଠିକାଦାର ଧାର୍ଯ୍ୟ ତାରିଖର ୩ ଦିନ ପୂର୍ବରୁ ଅର୍ଥାତ ୧୭ ତାରିଖରେ ଅତିରିକ୍ତ ଶ୍ରେଣୀ ଗୃହର ଫାଉଣ୍ଡେଶନ ଓ କଲମ ବାନ୍ଧା କାମ ଆରମ୍ଭ କରାଯାଇଛି। ଏ ସଂକ୍ରାନ୍ତ ସ୍କୁଲ ଶିକ୍ଷା କମିଟି, ପ୍ରଧାନଶିକ୍ଷକ ରତ୍ନାକର ଶତପଥୀ ଓ ଅଭିଭାବକମାନଙ୍କୁ ପଚାରିବାରୁ ଯଦିଓ ୬ ମାସ ଭିତରେ ନିର୍ମାଣ କାର୍ଯ୍ୟ ଶେଷ ନ କଲେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି କହିଛନ୍ତି ।

ଧରିତ୍ରୀ ପ୍ରଭାବ



ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାମ କାର୍ଯ୍ୟ ଆରମ୍ଭ ହୋଇଛି।

## ବରଗଡ଼ରେ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ

**ବରଗଡ଼ ଅଫିସ୍,୨୦।୮**

ବରଗଡ଼ କଂଗ୍ରେସ ପକ୍ଷରୁ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାଜୀବ ଗାନ୍ଧୀଛକରେ କଂଗ୍ରେସ କର୍ମୀମାନେ ସମବେତ ହୋଇ ସ୍ୱର୍ଗତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ । ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ନିପନ କୁମାର ଦାଶ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଉଦ୍‌ବୋଧନ ଦେଇ ଦଳର ରାଷ୍ଟ୍ରୀୟ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ । କଂଗ୍ରେସ ନେତା ଅନନ୍ତ ଶୟନ ପାଢ଼ୀ, ହରଦୀପ ସିଂ, ବ୍ରହ୍ମାନନ୍ଦ ମହାକୁଡ଼, ଆନନ୍ଦ ପ୍ରଧାନ, ଜତି ପୂଜାରୀ, ସରୋଜ ଷଡ଼ଙ୍ଗୀ, ପ୍ରତାପ ନାୟକ, ତାରକେଶ୍ୱର ଦୋରା, ଶୁଭେନ୍ଦୁ ସାହୁ, ଅଭିଳାଷ ପତି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଯୁବ କଂଗ୍ରେସ ପକ୍ଷରୁ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ବରଗଡ଼ ରକ୍ତଭଣ୍ଡାରରେ ଏକ ରକ୍ତଦାନ ଶିବିର ହୋଇଥିଲା । ଏଥିରେ ୩୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## ବୀମା କ୍ଷତିପୂରଣ ଦାବି : ଜିଲାପାଳଙ୍କୁ ଭେଟିଲେ ଚାଷୀ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

**ବରଗଡ଼ ଅଫିସ୍,୨୦।୮**

ବରଗଡ଼ ଜିଲା ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ବରିହାପାଲି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଚାଷୀମାନେ ମଙ୍ଗଳବାର ବୀମା କ୍ଷତିପୂରଣ ଦାବି ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ । ଏହି ଅବସରରେ ଜିଲାପାଳ ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ପଞ୍ଚାୟତର ଚାଷୀମାନେ ଗତ ୨୦୧୮ ଖରିଫ ଫସଲ କ୍ଷତିର ସମ୍ମୁଖୀନ ହୋଇଥିଲେ । ତେବେ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରୁ ଯେଉଁମାନେ ଷ୍ଟେଟବ୍ୟାଙ୍କରୁ ଋଣ ନେଇଥିଲେ, ସେମାନଙ୍କ ଜମାଖାତାରେ ବୀମା କ୍ଷତିପୂରଣ ଜମାହୋଇ ଥିବାବେଳେ ସେବା ସମବାୟ ସମିତିରୁ ଋଣ ନେଇଥିବା ଚାଷୀଙ୍କ ଜମାଖାତାରେ ଟଙ୍କା ଜମା ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ସମିତି କର୍ତ୍ତୃପକ୍ଷଙ୍କୁ ପଚାରିଲେ ବୀମା କ୍ଷତିପୂରଣରୁ କୁଆଡ଼େ ତୁମ ପଞ୍ଚାୟତ ବାଦ୍ ପଡ଼ିଛି ବୋଲି ଉତ୍ତର ମିଳୁଛି ବୋଲି ଚାଷୀମାନେ କହିଛନ୍ତି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେଇ ବୀମା କ୍ଷତିପୂରଣ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି । ସତ୍ୟବାନ ପ୍ରଧାନ, ଉମାକାନ୍ତ ହାତୀ, ଚକାଡ଼ୋଲା ବଗର୍ତ୍ତୀ, ଡିଲେଶ୍ୱର ସ୍ୱାଇଁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୃଦ୍ଧ କରାଇପାରିବେ।
- ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ଶିଶୁମନ୍ଦିର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୨୦।୮(ଡି.ଏନ.ଏ.): କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପରିବେଶ ସଚେତନତା ସମ୍ପର୍କରେ ଏକ ସଭା ଆୟୋଜିତ ହୋଇଥିଲା। ପରିଚାଳନା କମିଟି ସଭାପତି ଦେବାଧି ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ କାର୍ତ୍ତିକେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ଘଣ୍ଟାପଡ଼ା ବନରକ୍ଷୀ ଶ୍ରୀକାନ୍ତ ନାଏକ, ଉମା ବନରକ୍ଷୀ ଶରତ ଚନ୍ଦ୍ର ନାଏକ, ବିଦ୍ୟାଳୟ ସମ୍ପାଦକ ଧର୍ମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବୃକ୍ଷର ଉପକାରିତା ବିଷୟରେ ଛାତ୍ରୀଛାତ୍ରଙ୍କୁ ବାର୍ତ୍ତା ଦେଇଥିଲେ। ସନ୍ଧ୍ୟାରାଣୀ ମନହୀରା ଅତିଥି ପରିଚୟ ଓ ଝରଣା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟ ପରିସର ଓ ଆର୍‌ଡି ରାସ୍ତା ପାର୍ଶ୍ୱରେ ପ୍ରାୟ ୫୦ଟି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଝରଣା ପ୍ରଧାନ, ସନ୍ଧ୍ୟାରାଣୀ ମନହିରା, ସଂଯୁକ୍ତା ବେହେରା, ବେଦମତୀ କୁଦେଇ, ନମିତା ରଣା, ନେପାଳ ପଧାନ ପ୍ରମୁଖ ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ପାଇକମାଲ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ପାଇକମାଲ,୨୦।୮(ଡି.ଏନ.ଏ.): ପାଇକମାଲ ଦୁର୍ଗା ମନ୍ଦିର ପରିସରରେ ମଙ୍ଗଳବାର ସାର୍ବଜନୀନ ଦୁର୍ଗାପୂଜା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜଗମୋହନ ତ୍ରିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ଧବଳେଶ୍ୱର ସାହୁ, ଉପସଭାପତି ନନ୍ଦକିଶୋର ଶ୍ରୀବାସ୍ତବ, ସମ୍ପାଦକ ପ୍ରଶାନ୍ତ ମିଶ୍ର, କୋଷାଧ୍ୟକ୍ଷ ପ୍ରମୋଦ ସିଂଙ୍କୁ ମନୋନୀତ କରାଯାଇଥିଲା। ଏପରି କି ଏକ ୧୧ ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଛି। ଦୁର୍ଗାପୂଜା ମହାସମାରୋହରେ ସାଜସଜ୍ଜା ସହ ରାବଣପୋଡ଼ିକୁ ଆକର୍ଷଣୀୟ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଧବଳେଶ୍ୱର ସାହୁ, ନନ୍ଦକିଶୋର ଶ୍ରୀବାସ୍ତବ, ପ୍ରମୋଦ ସିଂ, ପୀତାମ୍ବର ସାହୁ, ଈଶ୍ୱର ବାରିକ, ପ୍ରଶାନ୍ତ ମିଶ୍ର, ଜଗମୋହନ ତ୍ରିବେଦୀ, ଯୋଗେନ୍ଦ୍ର ଭୋଇ, ରଜନୀ ସାଗର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ଜିଲା ପରିଷଦ ବୈଠକ

# ବିକାଶଧାରା ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୦।୮

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ) ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ପରିଷଦର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ସମସ୍ତ ଜନ ପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ବରଗଡ଼ ଜିଲାର ବିକାଶଧାରାକୁ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଇନ ପରିଧି ମଧ୍ୟରେ ଉତ୍ତମ କାର୍ଯ୍ୟ କରିବା ପାଇଁ ଏମ୍‌ପି ପୂଜାରୀ ଏବଂ ଜିଲାପାଳ ତ୍ରିପାଠୀ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜାନୁୟାରୀ ୨୯ତାରିଖରେ ହୋଇଥିବା ବୈଠକର ବିବରଣୀ ଜିଲାପାଳ ପାଠ କରିଥିଲେ।

ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର କାର୍ଯ୍ୟ ସମୀକ୍ଷାବେଳେ ୩୦ହଜାର ଗୃହ ନିର୍ମାଣ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ସେଥିମଧ୍ୟରୁ ୨୨ହଜାର ହରିଜନ, ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସୂଚନା ଦିଆଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଟିଏ ପରିବାରର ୩ଜଣଙ୍କୁ ଗୃହ ମିଳୁଥିବା ନେଇ ଜିଲା ପରିଷଦ ଉପାଧ୍ୟକ୍ଷ ଦୀପ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମ୍‌ପି ପୂଜାରୀ ବୈଠକରେ ଦାବି ଉପସ୍ଥାପନ କରିଥିଲେ। ସେହିପରି ବୁଣାକାରମାନଙ୍କୁ ଗୃହ ନିର୍ମାଣ ଯୋଜନାରେ ସାମିଲ କରିବାକୁ ଅତାବିରା ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ଛୁରିଆ ଦାବି କରିଥିଲେ। ଯେଉଁ ବୁଣାକାରମାନେ ତନ୍ତଶାଳା ପାଇଛନ୍ତି, ସେମାନଙ୍କୁ ଗୃହ ନିର୍ମାଣ ଯୋଜନାରେ ସାମିଲ କରାଯାଉ ନ ଥିବା ନେଇ ସେ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା।

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଉପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ସୂଚନା ଦେଇଥିଲେ। ପଦ୍ମପୁର ଉପଖଣ୍ଡରେ ଯୋଜନାର ଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ଜନସାଧାରଣ କାମଧନ୍ଦା ଉଦ୍ଦେଶ୍ୟରେ ବାହାରକୁ ଯିବେ ନାହିଁ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ସେହିପରି ରାଜ୍ୟ ଅର୍ଥ କମିଶନ, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ଓଡ଼ିଶା ଜୀବିକା ମିଶନ ବିଭାଗ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ପୂର୍ତ୍ତ ବିଭାଗର କାର୍ଯ୍ୟ ସମୀକ୍ଷାବେଳେ ପଲିଟେକ୍‌ନିକ୍‌ରେ ୪ଟି ପ୍ରକଳ୍ପ ନିର୍ମାଣ, ସରକାରୀ ବାସଗୃହ, ଜୀରାବ୍ରିଜ ଓ ବିଭିନ୍ନ ବିଭାଗର କୋଠା ନିର୍ମାଣ ଉପରେ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ୫୫୪ କି.ମି ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ବିଜୁ ଏକ୍ସପ୍ରେସ ୱେରେ ୧୧୦ କି.ମି ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରହିଥିବା ସୂଚନା ଦିଆଯାଇଥିଲା।

କୃଷି ବିଭାଗର ଆଲୋଚନା ବେଳେ ବିହନ ଉତ୍ପାଦନ, କପା ଚାଷ, ମାଣ୍ଡିଆ ଚାଷ, ଧନିଚା ଚାଷ ଉପରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଜିଲାରେ ୪୩ହଜାର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ହେଲଥ୍ କାର୍ଡ଼ ଯୋଗାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଜିଲା ଯୋଗାଣ ଓ ଖାଉଟି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ପରିମଳ, ସ୍ୱାସ୍ଥ୍ୟ, ପଶୁ ସମ୍ପଦ, ବିଦ୍ୟୁତ୍, ଜଳସେଚନ, ଜଙ୍ଗଲ, ହସ୍ତ କାରୁକାର୍ଯ୍ୟ, ଉଦ୍ୟାନ, ଜିଲା ମଙ୍ଗଳ, ମତ୍ସ୍ୟ, ଜଳ ବିଭାଜିକା ଉନ୍ନୟନ, କୁଟୀର ଶିଳ୍ପ, ଖଦି ଓ ଗ୍ରାମୀଣ ଶିଳ୍ପ, ସାମାଜିକ ମଙ୍ଗଳ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଜିଲା ପରିଷଦ ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ଅଧିକାରୀବୃନ୍ଦ।

### ଗଙ୍ଗାଧର ମେହେର ଜୟନ୍ତୀ

ସୋହେଲା,୨୦।୮(ଡି.ଏନ୍.ଏ.): ସୋହେଲା ବ୍ଲକ ଭୁଲିଆ ସମାଜ ପକ୍ଷରୁ ତାଣ୍ଡୋଲ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟଠାରେ ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସୋହେଲା ବ୍ଲକ ଭୁଲିଆ ସମାଜ ସଭାପତି ଗଜରାଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ହଳଧର ନାଗ, ମୁଖ୍ୟବକ୍ତା ଅଧ୍ୟାପକ ଟେକଚାନ୍ଦ ଦୁଆନ, ସମ୍ମାନିତ ଅତିଥି ଭାବେ ବିନୋଦ ବିହାରୀ ମେହେର, ଘନଶ୍ୟାମ ମେହେର, ଗୋବିନ୍ଦ ସାହା, ଯୋଗେଶ୍ୱର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଗଙ୍ଗାଧରଙ୍କ ଜୀବନୀ ଓ ସାହିତ୍ୟ କୃତୀ ଉପରେ ଆଲୋଚନା ହୋଇଥିଲା। କବି ରୋହିତ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କବି ନୀତିଶ ଆଚାର୍ଯ୍ୟ, ନକୁଳ ମେହେର, ସୁବାସ ମେହେର, ସନୟ ମେହେର, ଅଧିକାରୀ ମେହେର, ଅଶ୍ୱିନୀ ମେହେର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କଳାକାର ଧନପତି ମେହେର, କବି ସୁବାଷ ମେହେର, କଣ୍ଠଶିଳ୍ପୀ ମନବୋଧ ମେହେରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବୟୋଜ୍ୟେଷ୍ଠ କବି ସୁଜାଣ ମେହେରଙ୍କ ସୁଜାଣ ଗ୍ରନ୍ଥାବଳୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭିକ ସଂଗୀତ ମରେକେଲ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗାନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସରୋଜ ସାହା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଚିନ୍ଦ୍ର ମେହେର, ଧନପତି ମେହେର, ଧରଣୀ ମେହେର, ଜୀବର୍ଦ୍ଧନ ମେହେର, ଅନ୍ତର୍ଯ୍ୟାମୀ ମେହେର ପ୍ରମୁଖ ପରିଚାଳନା କରିଥିଲେ।

## ୨୧ରୁ ୩୧ତାରିଖ ବିଦ୍ୟୁତ୍ କାଟ

ମନମୁଣ୍ଡା,୨୦।୮(ଡି.ଏନ.ଏ): ବିଦ୍ୟୁତ୍ ମରାମତି ଏବଂ ଗ୍ରୀଡ୍ କ୍ଷମତା ବୃଦ୍ଧି ନେଇ ମନମୁଣ୍ଡା ବିଦ୍ୟୁତ୍ ସବ୍‌ଡିଭିଜନ ପକ୍ଷରୁ ଆସନ୍ତା ୨୧ରୁ ୩୧ତାରିଖ ୧୧ ଦିନ ବିଦ୍ୟୁତ୍ କାଟ କରିବାକୁ ନିଷ୍ପତ୍ତି ନିଆଯାଇଛି। ୧୩୨/୩୩ କେଭି ସୋନପୁର ଗ୍ରୀଡ୍ ଷ୍ଟେଶନର ୨୦ ଏମ୍‌ଭିଏ(ମେଗା ଭୋଲଟେଜ ଏମ୍ପିୟର)ର କ୍ଷମତାକୁ ୪୦ ଏମ୍‌ଭିଏରେ ବୃଦ୍ଧି କରାଯିବ। ଏନେଇ ୨୧ରୁ ୩୧ତାରିଖ ପର୍ଯ୍ୟନ୍ତ ଗ୍ରୀଡରେ ମରାମତି କାମ କରାଯିବ। ଗ୍ରୀଡରୁ ସୋନପୁର, ମନମୁଣ୍ଡା, ବିନିକା, ବୀରମହାରାଜପୁର, ଡୁମେରବାହାଲ, ନନ୍ଦନମାଲ ପିଏଚ୍‌ଡିର ୬ଟି ଫିଡର୍‌କୁ ପର୍ଯ୍ୟାୟ କ୍ରମେ ବିଦ୍ୟୁତ୍ ସରବରାହ ବନ୍ଦ ରଖାଯିବ ବୋଲି ଗ୍ରୀଡ ପକ୍ଷରୁ ସୂଚନା ଦିଆଯାଇଛି। ମନମୁଣ୍ଡା ଫିଡର୍ ତଥା ବିଦ୍ୟୁତ ସବ୍‌ଡିଭିଜନରେ ଆସନ୍ତା ୨୧ରୁ ୨୩ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ସାଢ଼େ ୬ରୁ ରାତ୍ର ୮ଟା, ୨୪ରୁ ୨୬ତାରିଖ ରାତ୍ର ୮ରୁ ସାଢ଼େ ୯ଟା, ୨୭ରୁ ୨୯ ରାତ୍ର ସାଢ଼େ ୯ଟାରୁ ୧୧ ଏବଂ ୩୦ରୁ ୩୧ ଅପରାହ୍ନ ୫ରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହେବ ବୋଲି ମନମୁଣ୍ଡା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାଜେଶ ସାହୁ କହିଛନ୍ତି।

## ମା' ଦୁର୍ଗାଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ମନମୁଣ୍ଡା,୨୦।୮(ଡି.ଏନ.ଏ): ମନମୁଣ୍ଡାସ୍ଥିତ ମା ଦୁର୍ଗାଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ସେବିକା ଶୋଭଗିନୀ ଷଡଙ୍ଗୀଙ୍କ ନେତୃତ୍ୱରେ ସ୍ଥାନୀୟ ତେଲନଦୀ କଙ୍କାଳୀ ଘାଟରୁ ମହିଳାମାନେ କଳସରେ ପାଣି ଧରି ଶୋଭାଯାତ୍ରାରେ ବାହାରି ମନ୍ଦିରରେ ସ୍ଥାପନ କରିଥିଲେ। ମନ୍ଦିର ପୂଜକ କୁନା ମିଶ୍ର ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା ପରେ ପୂଜକ ରମେଶ ମିଶ୍ରଙ୍କ ପୌରୋହିତ୍ୟରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠା ଉତ୍ସବ ଅବସରରେ କର୍ତ୍ତା ଆଶିଷ ସାହୁ ଏବଂ ତାଙ୍କର ସ୍ତ୍ରୀ ଜୁବଲି ସାହୁ ୫୦ ହଜାର ଟଙ୍କା ସହଯୋଗ କରିଥିଲେ। ଏହି ଅବସରରେ ଭଜନ, ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟି ଉପଦେଷ୍ଟା ପରେଶ କୁମାର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଶତାଧିକ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜକୁମାର ଅଗ୍ରୱାଲ, ନରେନ୍ଦ୍ର ମେହେର, ମକରଧ୍ୱଜ ମେହେର, ଶୁଶିଲ ମେହେର, ସ୍ୱାଧୀନ କୁମାର ହୋତା, ରାଜେନ୍ଦ୍ର ମେହେର, ପଙ୍କଜ ମେହେର ପ୍ରମୁଖ ସହଯୋଗ କରିଥିଲେ।

■ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

# କ୍ଷୟକ୍ଷତି ଆକଳନ ଆରମ୍ଭ

ଘଣ୍ଟାପଡ଼ା,୨୦।୮(ଡି.ଏନ.ଏ.): ଲଘୁଚାପଜନିତ ଲଗାଣ ବର୍ଷାରେ ବୌଦ୍ଧ ଜିଲା ଘଣ୍ଟାପଡ଼ା ଅଞ୍ଚଳ ସମେତ କନ୍ଧମାଳ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ବିଧାୟକ ମହୀଧର ରଣା, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, କନ୍ଧମାଳ ବିଡିଓ ରବୀନ୍ଦ୍ରନାଥ କଅଁର, ତହସିଲଦାର ବନ୍ଦନା ଖଡୁଆ, ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ରବିବାର ବନ୍ୟା ପ୍ରଭାବିତ କୁଲୁତାଯୋର ସମେତ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। କ୍ଷୟକ୍ଷତିର ଆକଳନ ନେଇ ରାଜସ୍ୱ ବିଭାଗରେ କର୍ମଚାରୀ ସଂଖ୍ୟା କମ୍ ଥିବାରୁ ଡେପୁଟେଶନରେ ଆର୍‌ଆଇ ନିଯୁକ୍ତ ଦେବାକୁ ବିଧାୟକ ରଣା ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ତୁରନ୍ତ ହରଭଙ୍ଗା ଓ ବୌଦ୍ଧ ବ୍ଲକରୁ ୪ ଜଣ ଆର୍‌ଆଇ ଏବଂ ୪ଜଣ ଏଆର୍‌ଆଇଙ୍କୁ କନ୍ଧମାଳ ବ୍ଲକକୁ ଡେପୁଟେଶନରେ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କନ୍ଧମାଳ ତହସିଲ ପକ୍ଷରୁ ଅନୁମତି ପାଇବା ପରେ ବୌଦ୍ଧ ବ୍ଲକ ବଡିଗାଁ ଆର୍‌ଆଇ ମହେଶ ଚନ୍ଦ୍ର ପୁରୋହିତଙ୍କୁ ବରଗାଁ, ଦହ୍ୟା ଆର୍‌ଆଇ ଗଜେନ୍ଦ୍ର ଦିଗାଲ, ସଦର ଆର୍‌ଆଇ ଉମା ସାହୁ ଏବଂ ଖୁଣ୍ଟବନ୍ଧ ଏଆର୍‌ଆଇ କାମଦେବ ରାଉତରାୟଙ୍କୁ ଘଣ୍ଟାପଡା ସର୍କଲକୁ ଡେପୁଟେଶନରେ ପଠାଯାଇଛି। ସମସ୍ତେ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସେହିପରି ହରଭଙ୍ଗା ବ୍ଲକ ସରସରା ଆର୍‌ଆଇ ଏକେପି ମହାପାତ୍ରଙ୍କୁ ମନମୁଣ୍ଡା, ଅଡେନିଗଡ଼ ଆଇଆଇ ପ୍ରଦୀପ କୁମାର ବିଶ୍ୱାଳ ଓ ଦେବଗଡ଼ ଆରଆଇ ଜ୍ୱଳନ୍ତ ନାଏକଙ୍କୁ କନ୍ଧାମାଳ, ପୁରୁଣାକଟକ ଏଆର୍‌ଆଇ ଅଶ୍ୱିନୀ କୁମାର ଜାନିଙ୍କୁ ପରା ସର୍କଲର ଦାୟିତ୍ୱ ଦିଆଯାଇଛି। କ୍ଷୟକ୍ଷତିର ଆକଳନ କରି ତୁରନ୍ତ ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ।



ଜନପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

## ଫଟୋଗ୍ରାଫର ସଂଘର ଶୋଭାଯାତ୍ରା

ସରଣ୍ଡା,୨୦।୮(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଫଟୋଗ୍ରାଫର ସଂଘ ପକ୍ଷରୁ ସୋମବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି। ଏହି ଅବସରରେ ସରଣ୍ଡା ଖେଳ ପଡ଼ିଆରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଗୋଡ଼ଭଗାରୁ ବରଗଡ଼ ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ସଂଘର ସଭାପତି ସଞ୍ଜୟ ରଥ, ସମ୍ପାଦକ ସୁଦାମ ଚରଣ ମିଶ୍ର, ପିଙ୍କୁ ମେହେର, ତନ୍ମୟ ପତି ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।




ଫଟୋଗ୍ରାଫର ସଂଘର ଶୋଭାଯାତ୍ରା।

## ୧୨ ଶହ ହିତାଧିକାରୀ ପାଇଲେ ଆବାସ କାର୍ଯ୍ୟାଦେଶ

ବିଜେପୁର, ୨୦।୮ (ଡି.ଏନ.ଏ)

ବିଜେପୁର ବ୍ଲକ ଅଫିସ୍ ପରିସରରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ, ଭତ୍ତା, ଜମିପଟ୍ଟା ବଣ୍ଟନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଏହା ବଣ୍ଟନ କରିଥିଲେ। ଏଥିରେ ତହସିଲଦାର ପଦ୍ମନାଭ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟା ବିଶ୍ୱକାନ୍ତି ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚଳିତ ଆର୍ଥିକ ବର୍ଷରେ ୧୫୦୦ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୧୨୦୦ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ମଧୁବାବୁ ପେନସନ ଯୋଜନାରେ ୨୪୭ ଜଣଙ୍କୁ ଭତ୍ତା ଏବଂ ୪୯ ଜଣ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଭାରପ୍ରାପ୍ତ ଏସ୍‌ଇଓ ପାଣ୍ଡବ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ସମାରୋହରେ ମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ବୋଧନ ଦେଉଛନ୍ତି।

# ସମସିଆ ଢେରରେ ଭୁତଟିକ୍ରା ଗାଁବାସୀ

ଜାମଟିକ୍ରା, ୨୦।୮ (ଡି.ଏନ୍.ଏ):

କେନ୍ଦ୍ର ଆର ରାଏଜ୍ ସରକାର ଗାଁଗଁଲିର ବିକାଶ ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ ଜାଗାରେ ଯୋଜନାକେ କାଯ୍‌କାରୀ କରୁଥିବାର ଅଧିକାରୀ, କରମ୍‌ଚାରୀ ଆର ଥାନୀୟ ନେତାକର ଉଦାସିନ୍‌ତା ଲାଗି ସରକାରକଁର ଇ ମହତ୍ ଯୋଜନାମାନ୍ ବାଟବନା ହେଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ର ଭୁତଟିକ୍ରା ଗାଁରେ।

ସୂଚନା ହିସାବେ ଅତାବିରା ବ୍ଲକ ସଦରନୁ ୭ କି.ମି. ଦୂରେ ରହିଛେ ଭୁତଟିକ୍ରା। ଗାଁରେ ପାଖାପାଖି ୩ଶହରୁ ଅଧିକା ଲୋକ୍ ବାସ୍ କରୁଛନ୍। ସେନ୍‌ତା ଗାଁର ବଡ଼ଭାଗି ଲୋକ୍ ଚାଷବାସ ଉପରେ ନିରଭର କରି ନିଜର ଜୀବନ୍ ଜୀବ୍‌କା ଚଲଉଛନ୍। ହେଲେ ଗାଁବାସୀକର ସବୁଥିରୁ ବଡ଼ ଦୁଖ୍ ହେଉଛେ ଗାଁକେ ଭଲ ରାସ୍‌ତା ଖଁଡ଼େ ନାଁଇଁନ। ଯେନ୍‌ଥିରଲାଗି ବରଷା ଦିନେ ଗାଁବାସୀ ନାନା ସମସିଆର ସାମନା କରୁଛନ୍। ବରଷାରେ ଗାଁ ରାସ୍‌ତାଟା କାଦୋ ସରସର ହେଇଯାଉଛେ। ଗାଡ଼ିମଟର ତ ଦୂରର କଥା ଇ ରାସ୍‌ତାରେ ଝନେ ସାଧା ଲୋକ୍ ଚାଲିକରି ଯିବାରଟା ଭିଡ୍ ପଡୁଛେ। ସେନ୍‌ତା ଗାଁରେ ଗୁଟେ ଅଙ୍ଗନୱାଡି କେନ୍ଦ୍ର ରହିଛେ। ହେଲେ କେନ୍ଦ୍ରର ନିଜର ଘର ନାଇଁଥିବାର ଲାଗି ଗାଁର କ୍ଲବ ଘରେ ପାଠ୍‌ପଢ଼ା ଚାଲିଛେ। ଗାଁରେ ପ୍ରାଥମିକ ସ୍କୁଲ ନାଁଇଁନ, ଯେନ୍‌ଥିରଲାଗି ଗାଁର ଛାତ୍ରୀଛାତ୍ର ୧ କି.ମି. ଦୂର ବୁଗବୁଗା ସ୍କୁଲକେ ପାଠ୍‌ପଢ଼ି ଯାଉଛନ୍। ସେନ୍‌ତା ହାଇସ୍କୁଲ ଲାଗି ଛାତ୍ରୀଛାତ୍ର ୩ କି.ମି. ଦୂର ପତ୍ରାପାଲିକେ ଯାଉଛନ୍। ହେଲେ ବରଷା ଦିନେ ଗାଁର ଛାତ୍ରୀଛାତ୍ରମାନେ ରାସ୍‌ତାରେ ଆଁଠେ ପାନି କାଦୋ ଭିତରେ ଯାଆସ କରୁଛନ୍। ଗାଁରେ ଗୁଟେ ନଲ୍‌ଚୁଆଁ ଆର ଗୁଟେ ସୋଲାର ପାତାଲ ବୋରିଂ ଅଛେ। ସେନ୍‌ତା ଗାଁର ଟାଙ୍ଗରପଡ଼ାରେ ନଲ୍‌ଚୁଆଁ ଅଭାବୁ ଲୋକ୍ ଖୁଲା ଚୁଆଁର ପାଏନ୍ ଖାଏବା ପିଇବାରେ ବେଭାର କରୁଛନ୍। ଗାଁର ଋଷି କର୍ଣ୍ଣ(୭୦)କଁର ଲେଖେଁ ଅନେକ୍ ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଶେଷଦେବ କର୍ଣ୍ଣକଁର ଲେଖେଁ ଅନେକ୍ ଗରିବ୍ ହକ୍‌ଦାର ହିତାଧିକାରୀ ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ଗାଁରୁ ଖଁଡ଼େ ଦୂରେ କୁଚିଆ ମଦ୍ ବିକ୍ରି ହେଉଛେ। ଯେନ୍‌ଥିରଲାଗି ଗାଁରେ ଅସାମାଜିକ କାଯ୍, ଚୁରିହାରି ବଢ଼ବାରେ ଲାଗିଛେ ବଲି ଗାଁବାସୀ ଅଭିଯୋଗ କରିଛନ୍। ଗାଁର ସମସିଆ ବାବ୍‌ଦେ ଗାଁବାସୀ ଥାନୀୟ ସରପଁଚ୍, ବିଡିଓ, ଥାନୀୟ ବିଧାୟିକାଙ୍କୁ ବାରବାର ଗୁହାରି କରି ନିରାଶ ହେଇଥିବାର କହିଛନ୍। ଯଦି ଆଏବାର ଦିନେ ଗାଁ ରାସ୍‌ତା ତିଆର ନାଇଁ ହେବା ଗାଁବାସୀ ରାଜ୍ ରାସ୍‌ତାକେ ଉତିରମୁ ବଲି ଚେତାବନୀ ଦେଇଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ପୁଷ୍ପକାନ୍ତି ସେଟଙ୍କୁ ପଚରାଲାରୁ ସମସିଆର ସମାଧାନ ଲାଗି ଯେତେ ଜଲଦି ହେବା ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ଭୁତଟିକ୍ରା ଗାଁର ରାସ୍‌ତାର ଅବସ୍ତା।

### ସରକାରୀ ଯୋଜନା ବାଟବନା

- ଆଁଠେ ପାନି କାଦୋରେ ଭରତି ଗାଁ ରାସ୍‌ତା।
- ଗାଁର କ୍ଲବ ଘରେ ଚାଲିଛେ ଅଙ୍ଗନୱାଡି କେନ୍ଦ୍ର।
- ଗାଁରେ ଅନେକ ହକ୍‌ଦାର ହିତାଧିକାରୀ ଭତାରୁ ବଁଚିତ୍।

ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୨୧/୨୦୧୯



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



**ସଂକ୍ଷେପରେ**

## ପୂର୍ବତନ କୁଳସଚିବଙ୍କ ମୃତଦେହ ଦାନକଲେ ପରିବାର ଲୋକେ

ସମ୍ବଲପୁର,୨୦।୮(ବୁ୍ୟରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ବିନୋଦ ବିହାରୀ ତ୍ରିପାଠୀଙ୍କର ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଥିଲା। ମଙ୍ଗଳବାର ତାଙ୍କ ଶେଷଦର୍ଶନ ପରେ ପରିବାର ଲୋକେ ବୁର୍ଲା ଭିମସାରକୁ ମୃତଦେହ ଦାନ କରିଛନ୍ତି। ମଧାହ୍ନ ୧୨ଟାରେ ଭିମସାର ଟିମ ତାଙ୍କ ବାସଭବନରେ ପହଞ୍ଚି ମୃତଦେହ ନେଇଥିଲେ। ସୂଚନାଯୋଗ୍ୟ, ତ୍ରିପାଠୀ ମୃତଦେହ ଦାନ କରିବାକୁ ଉତ୍ସର୍ଗ ଅନୁଷ୍ଠାନ ସହ ଚୁକ୍ତି କରିଥିଲେ। ଏହି ଅବସରରେ ଅନୁଷ୍ଠାନ ସଭ୍ୟ ସୁବର୍ଣ୍ଣା ରଜନୀ ନାଗ, ଲୋକନାଥ ପାଣ୍ଡେ, ଡା. ସଞ୍ଜୀବ ମିଶ୍ର, ସଞ୍ଜୀବ ଗଅଁତିଆ, ସରୋଜ ଦାନୀ, ପ୍ରାଣବା ନନ୍ଦ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ବିଫଳ, ୨ ଗିରଫ

### ବନ୍ଧୁକ, ଭୁଜାଲୀ, ବାଇକ ଜବତ

ଦେବଗଡ,୨୦।୮(ଡି.ଏନ.ଏ)

ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅଞ୍ଚଳର ଏକ ଆମ୍ବ ବଗିଚାରେ ସଶସ୍ତ୍ର ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ କୁଣ୍ଢେଇଗୋଳା ଥାନା ପୋଲିସ ୨ଜଣ ଡକାୟତଙ୍କୁ ଗିରଫ କରିଛି। ଏହାସହ ସେମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ,ଗୋଟିଏ ଭୁଜାଲୀ ସହ ୩ ଟି ବାଇକ ଜବତ କରିଛି। କୁଣ୍ଢେଇଗୋଳା ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ୧୮ତାରିଖ ରାତି ପ୍ରାୟ୧୦ଟା ସମୟରେ କୁଣ୍ଢେଇଗୋଳା ଗ୍ରାମ ନିକଟସ୍ଥ ଆମ୍ବବଗିଚାରେ ସଶସ୍ତ୍ର ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ଚଢାଉ କରିଥିଲେ। ଚଢାଉ ସମୟରେ ସେଠାରୁ ୩ଜଣ ଡକାୟତ ଫେରାର ହୋଇଯାଇଥିବା ବେଳେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ କାଞ୍ଜିଆମ ଗ୍ରାମର ସରୋଜ ପ୍ରଧାନ ଓରଫ କାଳିଆ (୨୭)ଓ ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ କେଲ କେଲବେରିଣୀ ଗ୍ରାମର ଅଜିତ କିସାନ ଓରଫ ଗୁନ(୨୧)ଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ,ଗୋଟିଏ ଭୁଜାଲୀ ଓ ଗୋଟିଏ ତାଲବାହାଙ୍ଗା ହତିଆର ସହ ୩ ଟି ବାଇକ ଜବତ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ୫ ଜଣ ଡକାୟତ ସଶସ୍ତ୍ର ଡକାୟତି ପାଇଁ ଯୋଜନା କରୁଥିଲେ। ଅନ୍ୟ ୩ଜଣ ସେଠାରୁ ଫେରାର ହୋଇଯାଇଥିବା ଜଣାପଡିଛି। ଏନେଇ ପୋଲିସ କେସ ନଂ-୮୨/୧୯ରେ ଏକ ମାମଲା ରଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇଦିଆଯାଇଛି।



ଦେଶୀ ବନ୍ଧୁକ,ଭୁଜାଲୀ, ବାଇକ ଜବତ ସହ ୨ ଗିରଫ।

## ଜାତୀୟ ସଦ୍ଭାବନା ଦିବସ



ଜାତୀୟ ସଦ୍‌ଭାବନା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ ପରିଷଦ କର୍ମକର୍ତ୍ତା।

ରେଙ୍ଗାଲି,୨୦।୮(ଡି.ଏନ୍‌.ଏ.)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସମ୍ବଲପୁର ଜିଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଙ୍ଗଳବାର ଜାତୀୟ ସଦ୍ଭାବନା ଦିବସ ପାଳନ କରାଯାଇଛି। ପରିଷଦ କାର୍ଯ୍ୟାଳୟରେ ସଭାପତି ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ବିହାରୀ କୁମାର, ଲକ୍ଷ୍ମୀନାରାୟଣ ସାହୁ, ଦିବ୍ୟ ବେହେରା, ଶ୍ରୀପତି ଷଣ୍ଢ, କିଶୋର କୁମାର ସାହୁ, ରାଜାରାମ ମାହାଣା, ସାଲେଗ୍ରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ସୁବନଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଗଡ଼ ଜିଲା କୃଷକ ସଂଘର୍ଷ ସମିତିର ବୈଠକ



ଦେବଗଡ ଜିଲା କୃଷକ ସଂଘର୍ଷ ସମିତିର ଏକ ଜରୁରୀ ବୈଠକ।

ଦେବଗଡ,୨୦।୮(ଡି.ଏନ.ଏ)

ଦେବଗଡ ଜିଲା କୃଷକ ସଂଘର୍ଷ ସମିତିର ଏକ ଜରୁରୀ ବୈଠକ ସଂଘର୍ଷ ସମିତିର ସ୍ଥାନୀୟ ଏକ ଘରୋଇ ହୋଟେଲରେ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ସେପ୍ଟେମ୍ବର ୧୧ରେ ଦେବଗଡ ଜିଲାକୁ ସମ୍ପୂର୍ଣ୍ଣ ମରୁଡିଗ୍ରସ୍ତ ଜିଲା ଘୋଷଣା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା। ସେହିପରି ଏହି ଘେରାଉ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାର ସମସ୍ତ ଚାଷୀଙ୍କୁ ବିଭିନ୍ନ ମାଧ୍ୟମରେ ସୂଚନା ପ୍ରଦାନ ପାଇଁ ସଂଘର୍ଷ ସମିତି ପକ୍ଷରୁ ସ୍ଥିର କରାଯାଇଥିଲା। ଏହି ବୈଠକରେ ସମ୍ପାଦକ ଗୁଣନିଧି ବେହେରା, ଦେବରାଜ ପ୍ରଧାନ, ସଚ୍ଚିଦାନନ୍ଦ ପଟ୍ଟନାୟକ, ଅମିତ କୁମାର ଦେହୁରୀ, ରୁଦ୍ର ନାରାୟଣ ସାମଲ, ସୁରେଶ ଚନ୍ଦ୍ର ପ୍ରଧାନ,ବିଷ୍ଣୁ ପ୍ରସାଦ ବଣିଚୂଳ, ପ୍ରଭାତ କୁମର ପ୍ରଧାନ, ବିରଞ୍ଚି ନାରାୟଣ ଭୋଇ ଓ ନରୋତ୍ତମ ନାୟକ ପ୍ରମୁଖ ଯୋଗଦେଇ ଦେବଗଡ ଜିଲାରେ ଦେଖାଦେଇଥିବା ମରୁଡି ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।





ସଦଭାବନା ଦିବସରେ ମଞ୍ଚାସୀନ ଅତିଥି।

## ଇଣ୍ଟରାକ୍ଟ କ୍ଲବର ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୦।୮(ବ୍ୟୁରୋ)

ଇଣ୍ଟରାକ୍ଟ କ୍ଲବର ପ୍ରତିଷ୍ଠା ଦିବସ ମଙ୍ଗଳବାର ସମ୍ବଲପୁର ଗୁରୁ ନାନକ ପବ୍ଲିକ ସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ରୋଟାରି କ୍ଲବ ସଭାପତି ପ୍ରଫେସର ଅଶୋକ ଶତପଥୀ, ସନ୍ତୋଷ ହୋତା, ପ୍ରଦୀପ ଦେବତା, ରାଜକିଶୋର ଦାଶ, ସୁଶାନ୍ତ ମହାପାତ୍ର, ରଶ୍ମିରଞ୍ଜନ ମହାପାତ୍ର ଏଥିରେ ଯୋଗଦେଇ ୨୦୧୯-୨୦ ବର୍ଷର ନୂତନ ଦଳ ଗଠନ କରିଥିଲେ। ସଭାପତି ଭାବେ ଆୟୁଷ ଜୟସ୍ୱାଲ, ସମ୍ପାଦକ ଭାବେ ମାନବୀ ପରମାର ମନୋନୀତ ହୋଇଛନ୍ତି। ସ୍କୁଲ ଅଧ୍ୟକ୍ଷ ଡ. ରବୀନ୍ଦ୍ର ନାଥ ଦାସଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା।





ଇଣ୍ଟରାକ୍ଟ କ୍ଲବ ପ୍ରତିଷ୍ଠା ଦିବସରେ ପ୍ରଫେସର ଅଶୋକ କୁମାର ଶତପଥୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଜିଲାସ୍ତରୀୟ ଗବେଷଣା, ସମ୍ପ୍ରସାରଣ ସମନ୍ୱୟ କମିଟି ବୈଠକ





କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଉପସ୍ଥିତ ଅଧିକାରୀମାନେ।

ଦେବଗଡ, ୨୦।୮(ଡି.ଏନ.ଏ)

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସୁଜିତ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମତ୍ସ୍ୟ ଅଧିକାରୀ ନରୋତ୍ତମ ନାୟକ, ଜଳ ବିଭାଜିକା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲା ପଶୁ ସମ୍ପଦ ବିଭାଗର ନୋଡାଲ ଅଧିକାରୀ ଏସ୍‌.କେ.ଘୋଷ,ଜିଲା କୃଷି ଅଧିକାରୀ ବାବାଜୀ ଚରଣ ବେହେରା, ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ଅଧିକାରୀ ସ୍ମରଣିକା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ଶସ୍ୟ ସଂରକ୍ଷଣ ବିଭାଗର ବୈଜ୍ଞାନିକ ଲବ ସୋରେନ ମଧ ଉପସ୍ଥିତ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସଦ୍‌ଭାବନା ଦିବସ

ଦେବଗଡ,୨୦।୮(ଡି.ଏନ.ଏ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ଦେବଗଡ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ରିଆମାଳ ବ୍ଲକର ଚଢେଇମରା ଗ୍ରାମରେ ଚଢେଇମରା ୟୁଥକ୍ଲବ ଦ୍ୱାରା ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ପଦ୍ମଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ମଧୁସୂଦନ ପ୍ରଧାନ ଓ ସଦାନନ୍ଦ ଗରିଆ ଯୋଗଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେହେରୁ ଯୁବକେନ୍ଦ୍ରର ସଂଯୋଜକ ପ୍ରଦୀପ ବିଶ୍ୱାଳ ସଦଭାବନା ଦିବସ ପାଳନର ସମ୍ପର୍କରେ ଆଲୋଚନା କରିବାସହ ଏହି ଦିବସରରେ ସମସ୍ତେ ପରସ୍ପର ମଧ୍ୟରେ ଭାଇଚାରା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅରବିନ୍ଦ ପ୍ରଧାନ, ଓମ ପ୍ରସାଦ ଭୁତିଆ ଓ ନବୀଣ ଦୀପ ପରିଚାଳଣା କରିଥିଲେ। ଶେଷରେ ୟୁଥ କ୍ଲବର ସମ୍ପାଦକ ହେମନ୍ତ ଦୀପ ଧନ୍ୟବାଦ ଦେଇଥିଲେ।

## ନିର୍ବାଚନ କମିଶନରଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ଭୁବନେଶ୍ୱର,୨୦।୮(ବ୍ୟୁରୋ):

ରାଜ୍ୟରେ ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବା ସମ୍ପର୍କରେ ଭାଜପାର ଏକ ପ୍ରତିନିଧି ଦଳ ନବନିଯୁକ୍ତ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି। ବିଗତ ଦିନରେ ରାଜ୍ୟରେ ଶାସକ ବିଜେଡି ଅର୍ଥବଳ ଏବଂ ବାହୁବଳ ଲଗାଇ ନିର୍ବାଚନ ଲଢ଼ିଆସୁଛି। ପୋଲିସ ଏବଂ ପ୍ରଶାସନଠାରୁ ଆରମ୍ଭ କରି ସରକାରୀ କଳଗୁଡ଼ିକୁ ଦଳୀୟ ଭିତ୍ତିରେ ବ୍ୟବହାର କରିଛି। ଏପରିକି ନିର୍ବାଚନ କମିଶନରଙ୍କ ନିୟମାବଳୀଙ୍କୁ ଉଲ୍ଲଂଘନ କରି ଶାସକ ଦଳ ରାଜ୍ୟର ବିଭିନ୍ନ ସ୍ଥାନରେ ବୁଥ ରିଗିଂ ଓ ବୁଥ କ୍ୟାପଚରିଙ୍ଗ କରି ନିର୍ବାଚନକୁ ନିଜ ସପକ୍ଷରେ କରିଛି। ଆଗାମୀ ଦିନରେ ପୌର ନିର୍ବାଚନ ହେବାକୁ ଥିବାବେଳେ ଏହାକୁ ନିରପେକ୍ଷ କରିବା ପାଇଁ ପ୍ରତିନିଧି ଦଳ ଦାବି କରିଛି ବୋଲି ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି। ପୌର ନିର୍ବାଚନ ନ କରି ରାଜ୍ୟ ସରକାର ଜାଣିଶୁଣି ଦିନ ଗଡ଼ାଇ ଚାଲିଛନ୍ତି। ସେହିପରି ରାଜ୍ୟରେ କେତେକ ସ୍ଥାନରେ ପଞ୍ଚାୟତ ନିର୍ବାଚନ ମଧ ହୋଇନାହିଁ। ରାଜ୍ୟରେ ବାକିଥିବା ସ୍ଥାନଗୁଡିକରେ ସୁଚାରୁରୂପେ ନିର୍ବାଚନ କରିବା ଏବଂ ସହ ପୌର ଓ ପଞ୍ଚାୟତ ନିର୍ବାଚନକୁ ନିରପେକ୍ଷ କରିବା ପାଇଁ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନରଙ୍କୁ କହିଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଞ୍ଜିତ ଦାସ ପ୍ରମୁଖ ସାମିଲ ଥିଲେ।

## ଏମ୍‌ସିଏଲ୍‌ରେ ପାଇପିଙ୍ଗ୍ ଉତ୍ସବ

ସମ୍ବଲପୁର,୨୦।୮(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟରେ ପାଇପିଙ୍ଗ୍ ଉତ୍ସବ ଅନୁଷ୍ଠିତ ହୋଇଛି। ଏମ୍‌ସିଏଲ୍ ବିତ୍ତ ତଥା କାର୍ମିକ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, ସୁରକ୍ଷା କର୍ମୀଙ୍କୁ ନୂତନ ର୍ୟାଙ୍କ ପ୍ରଦାନ କରିଥିଲେ। ଏହି ଅବସରରେ କର୍ଣ୍ଣେଲ ବି.କେ. ସିଂ ଉପସ୍ଥିତ ଥିଲେ। ୨ଜଣ ସୁରକ୍ଷା ଉପନିରୀକ୍ଷକଙ୍କୁ ସୁରକ୍ଷା ନିରୀକ୍ଷକ ଭାବେ ପଦୋନ୍ନତି ଦିଆଯାଇଥିଲା। ସେହିପରି ୧୩ ଜଣ ସହାୟକ ସୁରକ୍ଷା ଉପନିରୀକ୍ଷକଙ୍କୁ ସୁରକ୍ଷା ଉପନିରୀକ୍ଷକ, ୧୮ ମୁଖ୍ୟ ସୁରକ୍ଷା ପ୍ରହରିଙ୍କୁ ସହାୟକ ସୁରକ୍ଷା ଉପନିରୀକ୍ଷକ ଭାବେ ପଦୋନ୍ନତି ଦିଆଯାଇଥିଲା। ପଦୋନ୍ନତି ପାଇଥିବା ସୁରକ୍ଷା କର୍ମଚାରୀଙ୍କୁ ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲାରେ ଥିବା ଏମ୍‌ସିଏଲ୍‌ର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରାଯାଇଛି।



ଏମ୍‌ସିଏଲ୍ ମୁଖ୍ୟାଳୟରେ ଆୟୋଜିତ ପାଇପିଙ୍ଗ୍ ଉତ୍ସବରେ ସୁରକ୍ଷା କର୍ମଚାରୀମାନେ।

## ବିଓବି କ୍ଷେତ୍ରୀୟ ପରାମର୍ଶ ବୈଠକ





ବିଓବି ପକ୍ଷରୁ ସମ୍ବଲପୁର କ୍ଷେତ୍ରୀୟ ପରାମର୍ଶ ବୈଠକରେ ମଞ୍ଚାସୀନ ଅଧିକାରୀ।

ସମ୍ବଲପୁର,୨୦।୮(ବ୍ୟୁରୋ)

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ସମ୍ବଲପୁର କ୍ଷେତ୍ରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ଅର୍ଥ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ବ୍ୟାଙ୍କ ଶାଖାଗୁଡ଼ିକର ସହଯୋଗ ଓ ପରାମର୍ଶ ସଂଗ୍ରହ କରିବା, ଦକ୍ଷତାର ସମୀକ୍ଷା କରାଯାଇଥିଲା। ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଉପ ମହାପ୍ରବନ୍ଧକ ଏସ୍‌.କେ. ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ବିବେକ ଗୁପ୍ତା, ଉପକ୍ଷେତ୍ରୀୟ ମୁଖ୍ୟ ଏ.ପି. ଦାସ ଓ ଏ. ମିଶ୍ର ଏଥିରେ ଯୋଗଦେଇଥିଲେ। ଅର୍ଥନୀତିର ବିଭିନ୍ନ କ୍ଷେତ୍ରକୁ ଋଣ ବୃଦ୍ଧି କରିବା, ଜ୍ଞାନକୌଶଳର ବିକାଶ, ବ୍ୟାଙ୍କିଙ୍ଗକୁ ନାଗରିକ କୈନ୍ଦ୍ରିକ କରିବା ସହ ବରିଷ୍ଠ ନାଗରିକ, କୃଷକ, କ୍ଷୁଦ୍ର ଶିଳ୍ପ, ଉଦ୍ୟୋଗୀ, ଯୁବକ, ଛାତ୍ର, ମହିଳାମାନଙ୍କ ଆବଶ୍ୟକତା ଓ ଆକାଂକ୍ଷା ପ୍ରତି ଅଧିକ ସଜାଗ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅର୍ଥନୀତି ଅଭିବୃଦ୍ଧି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା, ଭିତ୍ତିଭୂମି, ଶିଳ୍ପ, କୃଷି କ୍ଷେତ୍ର ଓ ବ୍ଲୁ ଅର୍ଥ ବ୍ୟବସ୍ଥା, ଜଳଶକ୍ତି, ଏମ୍‌ଏସ୍‌ଏମ୍‌ଇ, ମୁଦ୍ରା, ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ, ଶିକ୍ଷା ଋଣ, ରପ୍ତାନୀ ଋଣ, ଗ୍ରୀନ ଅର୍ଥନୀତି, ସ୍ୱଚ୍ଛ ଭାରତ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ମହିଳା ସଶକ୍ତୀକରଣ, ଡିବିଟି, ଡିଜିଟାଲ ଅର୍ଥ ବ୍ୟବସ୍ଥା, ଉନ୍ନତ ଜୀବନବୀମାକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରାଯାଇଥିଲା।

## ଇଚ୍ଛା ମୃତ୍ୟୁ ମାଗିଲେ ଦିବ୍ୟାଙ୍ଗ

### ପ୍ରଶାସନ ଡକାଇ ଆଲୋଚନା କରି ସହାୟତା ପ୍ରତିଶ୍ରୁତି ଦେଲା

ଭଦ୍ରକ ଅଫିସ, ୨୦।୮

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତ ରଥପଦା ଗାଁର ଦିବ୍ୟାଙ୍ଗ ଯୁବକ ଉମାକାନ୍ତ ଦାସ(୩୧) ଟୁଇଟ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଭଦ୍ରକ ଜିଲାପାଳଙ୍କୁ ଇଚ୍ଛାମୃତ୍ୟୁ ଆଦେଶ ମାଗିଛନ୍ତି। ବି.କମ୍. ପାସ କରିବା ସତ୍ତ୍ୱେ ତାଙ୍କୁ ଚାକିରି ମିଳିନି କି ଭିନ୍ନକ୍ଷମ ଭତ୍ତା ମିଳି ନାହିଁ। ଏପରି ସ୍ଥଳେ ନିଜ ଭବିଷ୍ୟତ ନେଇ ସଂଶୟରେ ପଡିଛନ୍ତି ଉମାକାନ୍ତ। ସେ ମା' ବାପାଙ୍କର ଏକମାତ୍ର ସନ୍ତାନ ହୋଇଥିବାରୁ ସେମାନଙ୍କ ଅନ୍ତେ ତାଙ୍କୁ ଭିକ ମାଗିବାକୁ ପଡିବ ବୋଲି ସାହିପଡିଶା ଲୋକେ କହି ଟାହିଟାପରା କରୁଥିବାରୁ ଏହା ତାଙ୍କ ଲାଗି ଅସହ୍ୟ ହୋଇ ପଡିଛି ବୋଲି ସେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଉମାକାନ୍ତ ଗତ ୧୪ ତାରିଖରେ ସୋସିଆଲ ମିଡିଆରେ ଟୁଇଟ୍ କରି ଇଚ୍ଛାମୃତ୍ୟୁ ମାଗିବା ପରେ ଏହା ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଦୃଷ୍ଟିକୁ ଆସିଥିଲା। ସେ ରି-ଟୁଇଟ୍ କରି ଜିଲା ପ୍ରଶାସନକୁ ଆସି ଦେଖା କରନ୍ତୁ ବୋଲି ତାଙ୍କୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଦିବ୍ୟାଙ୍ଗ ଉମାକାନ୍ତ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆସି ପହଞ୍ଚିଥିଲେ। ଜିଲାପାଳ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ଅତିରିକ୍ତ ଉପଜିଲାପାଳ ମନୋରମା ଭୂୟାଁ, ଅବସରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ ରାୟ ପ୍ରମୁଖ ଉମାକାନ୍ତଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ସାଙ୍ଗକୁ ଭତ୍ତା ପ୍ରଦାନ ଏବଂ ମୁଖ୍ୟସ୍ରୋତରେ ତାଙ୍କୁ ସାମିଲ କରିବା ସକାଶେ ଯଥାସମ୍ଭବ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦିଆଯାଇଥିଲା। ଏଭଳି ପ୍ରତିଶ୍ରୁତି ପାଇ ସେ ଘରକୁ ଫେରିଯାଇଛନ୍ତି। ଉମାକାନ୍ତ ୬ ବର୍ଷର ହୋଇଥିବା ବେଳେ ପୋଲିଓରେ ଆକ୍ରାନ୍ତ ହେବା ଯୋଗୁ ତାଙ୍କ ବାମ ଗୋଡ ସରୁ ହୋଇଯାଇଛି। ସେ ଭଲରେ ଚଲାବୁଲା କରି ପାରନ୍ତି ନାହିଁ କି କଥାବାର୍ତ୍ତା କହି ପାରନ୍ତି ନାହିଁ। ସେ ପ୍ରଶାସନଠାରୁ ପାଇଥିବା ଭିନ୍ନକ୍ଷମ ପ୍ରମାଣପତ୍ରକୁ କେବଳ ଘରେ ସାଇତି ରଖିଥିବା କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବ୍ୟାଙ୍ଗ ଉମାକାନ୍ତ।

## ବିମଳାଗଡ଼ ଷ୍ଟେଶନରେ ସିପିଏମ୍ ପକ୍ଷରୁ ବିକ୍ଷୋଭ

ଲହୁଣୀପଡ଼ା, ୨୦।୮(ଡି.ଏନ.ଏ)

ବହୁ ପ୍ରତିକ୍ଷୀତ ତାଳଚେର-ବିମଳାଗଡ ରେଳପଥ ତୁରନ୍ତ ସମ୍ପୂର୍ଣ୍ଣ କରିବା ନେଇ ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତି ମଙ୍ଗଳବାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ଅବସରରେ ସିପିଆଇଏମ୍ ପକ୍ଷରୁ ବିମଳାଗଡ ରେଳଷ୍ଟେସନଠାରେ ଗଣବିକ୍ଷୋଭ ସହିତ ସାଧାରଣ ସଭା କରାଯାଇଛି। ଏହି ଅବସରରେ ବିମଳାଗଡ ରେଳ ଷ୍ଟେସନଠାରେ ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାନ୍ତଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ ସାମଲ, ଜାମୁଡିହି ସରପଞ୍ଚ ସୁଶିଳା ମୁଣ୍ଡା, ବିମଳାଗଡ ସରପଞ୍ଚ ଗାଙ୍ଗୀ ସଏ, ସମିତି ସଭ୍ୟା ଶୋଭାଦେବୀ ସାହୁ,ସମିତି ସଭ୍ୟ ମନୋଜ ପୂର୍ତ୍ତି, ହୃଦାନନ୍ଦ ଯାଦବ, ବରିଷ୍ଠ ଦଳୀୟ ନେତା ଆନନ୍ଦ ମାସୀ ହରୋ, କୃଷ୍ଣଚନ୍ଦ୍ର ବାରିକ, ଲିଲ ମୋହନ ଗୋପ, କାଲତା ସରପଞ୍ଚ ଭୀମସେନ ଦେହୁରୀ, ପୂର୍ବତନ ସରପଞ୍ଚ ସୁଶିଳା ମୁଣ୍ଡା, ଓମନ୍ତ କୁମାର ମହାନ୍ତ, ଲିଲି ସରିତା ଗୁଡିଆ ପ୍ରମୁଖ ଉପସ୍ଥିତ ଜନସମାବେଶକୁ ଉଦବୋଧନ ଦେଇଥିଲେ। ତାଳଚେର-ବିମଳାଗଡ ରେଳପଥ ଇତିହାସର ଇତିବୃତି, ରେଳପଥର ଗୁରୁତ୍ୱ, ଯାତ୍ରୀ ଗମନାଗମନର ସୁବିଧା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ବାବଦରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ ନ ହେଲେ ଭବିଷ୍ୟତରେ ଅର୍ଥନୈତିକ ଅବରୋଧ ପାଇଁ ଯୋଗଦେଇଥିବା ସଂଗ୍ରାମ ସମିତିର କର୍ମକର୍ତ୍ତା ତଥା ସିପିଆଇଏମ ଦଳର ସମ୍ପାଦକ ପ୍ରମୋଦ କୁମାର ସାମଲଙ୍କ ନେତୃତ୍ୱରେ ସହସ୍ରାଧିକ ଜନସାଧାରଣ ବଜ୍ର ଶପଥ ନେଇଛନ୍ତି। ବିମଳାଗଡ ୨୧୫/୫୨୦ ନମ୍ବର ଜାତୀୟ ରାଜପଥ ଛକରୁ ପ୍ରାୟ ୨ହଜାର ଜନସାଧାରଣ ଏକ ଶୋଭାଯାତ୍ରାରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଆସି ଠିକାଦାର ରୋହିତ କୁମାର ଦାସଙ୍କ କ୍ୟାମ୍ପ ସମ୍ମୁଖରେ ବିକ୍ଷୋଭ କରିଥିଲେ। ୨୧୫/୫୨୦ ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡାଠାରୁ -କାଲତା-କୋଇଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଏବଂ ରାସ୍ତା ମରାମତି କରୁ ନଥିବା ପ୍ରତିବାଦରେ ଏହି ବିକ୍ଷୋଭ କରାଯିବା ସହିତ ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ ଜାତୀୟ ରାଜପଥଟି ଯାତାୟାତ ଯୋଗ୍ୟ ନ ହେଲେ ରୋହିତ କୁମାର ଦାଶଙ୍କ ଠିକାଦାର କ୍ୟାମ୍ପକୁ ଘେରାଉ କରାଯିବ ବୋଲି ଦଳର ସମ୍ପାଦକ ପ୍ରମୋଦ କୁମାର ସାମଲ ଚେତାବନୀ ଦେଇଛନ୍ତି। ଏହାପରେ ବିମଳାଗଡ ମୁଖ୍ୟ ରାସ୍ତାରେ ବାହାରି ରେଳଷ୍ଟେସନରେ ପହଞ୍ଚି ସଭା ଆୟୋଜନ କରିବା ସହିତ ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ ଗଣଧାରଣାରେ ବସି ରହିଥିଲେ। ଏଥିରେ ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀ ମାଜିଷ୍ଟ୍ରେଟ ଭାବେ ମୃତୟନ ହୋଇଥିବାବେଳେ,ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟଙ୍କ ନେତୃତ୍ୱରେ କେ.ବଲାଙ୍ଗ ଥାନା ଅଧିକାରୀ, ମହୁଲପଦା ଥାନା ଅଧିକାରୀ,ବନ୍ଧମୁଣ୍ଡା ରେଳବାଇ ଥାନା ଅଧିକାରୀ ଉପସ୍ଥିତ ଥିଲେ।



"ଆଲୋଚନା ଜରିଆରେ କଶ୍ମୀର ପ୍ରସଙ୍ଗର ସମାଧାନ କରାଯିବା ଉଚିତ। ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ କରିବା ପାଇଁ ଭାରତ ସରକାର ସକ୍ଷମ ବୋଲି ନେପାଳ ବିଶ୍ୱାସ କରେ।

-ପ୍ରଦୀପ ଗ୍ୟାୱାଲି, ନେପାଳ ବହିର୍ବ୍ୟାପାର ମନ୍ତ୍ରୀ



# ବୁଲୁଛନ୍ତି ୪ ଆତଙ୍କବାଦୀ

ନୂଆଦିଲ୍ଲୀ, ୨୦।୮ (ପି.ଟି.)

୩୭୦ ଉଚ୍ଛେଦ ପରେ ଭାରତ- ପାକିସ୍ତାନ ମଧ୍ୟରେ ଉତ୍ତେଜନ ଲାଗି ରହିଥିବାବେଳେ ଆତଙ୍କବାଦୀ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏହା ସତ୍ତ୍ୱେ ୪ ଆତଙ୍କବାଦୀ ଭାରତକୁ ଅନୁପ୍ରବେଶ କରିଥିବା ଗୋଇନ୍ଦା ରିପୋର୍ଟ ମିଳିଛି। ଆତଙ୍କବାଦୀମାନେ ଭାରତରେ ଆକ୍ରମଣ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଥିଯୋଗୁ ମଧ୍ୟପ୍ରଦେଶ(ଏମ୍‌ପି),



ରାଜସ୍ଥାନ ଓ ଗୁଜରାଟରେ ହାଇଆଲର୍ଟ ଜାରି କରାଯାଇଛି। ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଏଜେଣ୍ଟଙ୍କ ସହ ୪ ଆଫଗାନ୍ ଆତଙ୍କବାଦୀ ପଶ୍ଚିମ ମଧ୍ୟପ୍ରଦେଶ ଅଞ୍ଚଳରେ ରହିଥିବାରୁ

## ଆକ୍ରମଣ ଆଶଙ୍କା: ଏମ୍‌ପି, ରାଜସ୍ଥାନ ଓ ଗୁଜରାଟରେ ହାଇଆଲର୍ଟ

କିଛି ଅଘଟଣ ଆଶଙ୍କାରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସୀମାନ୍ତ ଝାବୁଆ, ଅଲିରାଜପୁର, ଧର୍, ରତ୍‌ଲାମ, ମନ୍ଦସୌର, ନୀମୁଚ୍ ଓ ଅଗର-ମାଲୱା ଜିଲାରେ ହାଇଆଲର୍ଟ ଜାରି କରାଯାଇଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକ୍‌ପୋଷ୍ଟ କରାଯାଇ ତଲାସି ଚାଲିଛି। ରାଜସ୍ଥାନ, ଗୁଜରାଟରୁ ଆସୁଥିବା ଟ୍ରେନଗୁଡ଼ିକର ମଧ୍ୟ ତଲାସି କରାଯାଉଛି।

ସେହିଭଳି ରାଜସ୍ଥାନରେ ହାଇଆଲର୍ଟ ଜାରି କରାଯିବା ସହ ପାକ୍ ସୀମାକୁ ଲାଗିଥିବା ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସବୁ ଜିଲା ଏସ୍‌ପି ଏଥିଲାଗି ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଭାରତ ଭିତରକୁ ପଶି ଆସିଥିବା ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରାଯାଇଥିବାବେଳେ ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହୋଟେଲ ଓ ବିଭିନ୍ନ ଜନବହୁଳ ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେଶନ ଜାରିରହିଛି।

ଗୁଜରାଟ- ଏମ୍‌ପି ସୀମା କେତେକ ସ୍ଥାନରେ ସିଲ୍ କରାଯାଇଥିବା ଜଣାପଡ଼ିଛି। ଗୁଜରାଟ ସୀମା ରତନ୍‌ପୁରଠାରେ ସିଆର୍‌ପିଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ଏହି ୪ ଆତଙ୍କବାଦୀ ସୀମାନ୍ତବର୍ତ୍ତୀ ଜିଲାରେ ଅଘଟଣ ଘଟାଇପାରନ୍ତି ବୋଲି ଗୁଜରାଟ ଏଟିଏସ୍ ପକ୍ଷରୁ ଆଶଙ୍କା କରାଯାଉଛି। ସେଥିଲାଗି ୩ ରାଜ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପ୍ରକାଶ।

## ଏଲ୍‌ଓସିରେ ଗୁଳିବର୍ଷା: ଯବାନ ଶହୀଦ

ଜମ୍ମୁ, ୨୦।୮ (ପି.ଟି./ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନୀ ସେନା ପୁଣି ଘନଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରିଛି। ପ୍ରତିପକ୍ଷର ଗୁଳିମାଡ଼ରେ ଜଣେ ଯବାନ ଶହୀଦ ହୋଇଥିବାବେଳେ ୪ ଆହତ ହୋଇଛନ୍ତି। ଅସ୍ତ୍ରବିରତି ଉଲ୍ଲଂଘନର କଡ଼ା ଜବାବ ଦେଇଛି ଭାରତୀୟ ସେନା।

ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀଙ୍କ ସୂଚନାନୁସାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପୁଞ୍ଚ୍ ଜିଲା କ୍ରିଷ୍ଣାଘାଟି ଓ ମେନ୍ଧାର ସେକ୍ଟରରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ସୀମାପାର ଗୁଳିରେ ନାଏକ ରବିରଞ୍ଜନ କୁମାର ସିଂ ଶହୀଦ ହୋଇଛନ୍ତି। ବିହାରସ୍ଥିତ ରୋହତାସ୍ ଅନ୍ତର୍ଗତ ଗୋପ୍ ବିଘା ଗ୍ରାମର ନିବାସୀ ୩୬ ବର୍ଷୀୟ ରବିରଞ୍ଜନଙ୍କ ସ୍ତ୍ରୀ ରୀତା ଦେବୀ ଅଛନ୍ତି। ରବିରଞ୍ଜନ ଜଣେ ବୀର ଯବାନ



ରବିରଞ୍ଜନ କୁମାର ସିଂ

ଥିଲେ। ଦେଶ ତାଙ୍କ ତ୍ୟାଗକୁ ସବୁଦିନ ପାଇଁ ମନେରଖିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ସୁରକ୍ଷା ବଳଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ସେନାର ଅନେକ ସୈନ୍ୟ ମୃତାହତ ହୋଇଥିବାବେଳେ କେତେକ ଘାଟି ଧ୍ୱଂସ ହୋଇଯାଇଛି। ସୋମବାର ମଧ୍ୟ ପାକିସ୍ତାନ ରାଜୌରି ଜିଲା ନୌଶେରା ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା।

## ଆଜାଦ୍‌ଙ୍କୁ ଜମ୍ମୁରୁ ଦିଲ୍ଲୀ ପଠାଇଦିଆଗଲା

ଜମ୍ମୁ/ନୂଆଦିଲ୍ଲୀ, ୨୦।୮ (ପି.ଟି.)

ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ୍‌ଙ୍କୁ ମଙ୍ଗଳବାର ଜମ୍ମୁ ବିମାନବନ୍ଦରରେ ଅଟକାଇ ଦିଲ୍ଲୀ ପଠାଇଦିଆଯାଇଛି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଆଜାଦ୍‌ଙ୍କୁ ଉପତ୍ୟକାରେ ପ୍ରବେଶ କରାଇ ନ ଦେବାରେ ମାସକ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଘଟଣା। ଆଜାଦ୍ ଦିଲ୍ଲୀରୁ ଜମ୍ମୁ ବିମାନବନ୍ଦରରେ ଅପରାହ୍ନ



୨ଟା ୪୫ରେ ପହଞ୍ଚିଥିଲେ। କିନ୍ତୁ ତାଙ୍କୁ ବିମାନବନ୍ଦରରୁ ବାହାରକୁ ଯିବା ପାଇଁ ଅନୁମତି ଦିଆ ନ ଯାଇ ଗୋଏୟାର ବିମାନରେ ଦିଲ୍ଲୀକୁ ୪ଟା ୧୦ରେ ପଠାଇ ଦିଆଯାଇଥିବା ରାଜ୍ୟ କଂଗ୍ରେସ ମୁଖପାତ୍ର ରବୀନ୍ଦ୍ର ଶର୍ମା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୮ ତାରିଖରେ ଆଜାଦ୍ ଶ୍ରୀନଗର ଯାଉଥିବାବେଳେ ତାଙ୍କୁ ଅଟକ ରଖି ଦିଲ୍ଲୀ ପଠାଇଦିଆଯାଇଥିଲା। ଅନୁଚ୍ଛେଦ ୩୭୦ ହଟିବା ପରେ ଉପତ୍ୟକାରେ ସ୍ଥିତି ବିଗିଡ଼ିବା ଆଶଙ୍କାରେ ଏପରି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

## ଆଇସିଜେ ଯିବ ପାକିସ୍ତାନ

ଇସ୍‌ଲାମାବାଦ, ୨୦।୮ (ପି.ଟି.)- ଜମ୍ମୁ-କଶ୍ମୀରରୁ ଭାରତ ସ୍ୱତନ୍ତ୍ର ପାହ୍ୟା ପ୍ରତ୍ୟାହାର କରିବାର ଦୁଇ ସପ୍ତାହ ପରେ ପାକିସ୍ତାନ ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ଙ୍କ ଦ୍ୱାରସ୍ଥ ହେବାକୁ ଯାଉଛି। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ମଙ୍ଗଳବାର ଏକ ଟିଭି ଚ୍ୟାନେଲ୍‌କୁ ସାକ୍ଷାତ୍‌କାରରେ ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦



ଉଚ୍ଛେଦ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହାର ଦିନକ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏହି ପ୍ରସଙ୍ଗକୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସମେତ ସମସ୍ତ ଅନ୍ତର୍ଜାତୀୟ ମଞ୍ଚରେ ଉଠାଯିବ ବୋଲି ସେଠାକାର ପାର୍ଲାମେଣ୍ଟର ଜରୁରୀ ଅଧିବେଶନରେ କହିଥିଲେ। ପାକିସ୍ତାନର ଅନୁରୋଧକ୍ରମେ ଚାଇନା କଶ୍ମୀର ପ୍ରସଙ୍ଗକୁ ଶୁକ୍ରବାର ୟୁଏନ୍‌ଏସ୍‌ସିକୁ ଟାଣିଥିଲା। ସେଠାରେ ଅନୌପଚାରିକ ଆଲୋଚନା ବେଳେ ପାକିସ୍ତାନକୁ ଚାଇନା ବ୍ୟତୀତ କୌଣସି ରାଷ୍ଟ୍ର ସମର୍ଥନ କରି ନ ଥିଲେ। ଫଳରେ ଏବେ ଆଇସିଜେରେ ଫେରାଦ ହେବା ପାଇଁ ପାକିସ୍ତାନ ପ୍ରସ୍ତୁତ ହେଉଛି।

### ସୁପ୍ରିମକୋର୍ଟରେ ଅନୁଚ୍ଛେଦ ୩୭୦ ରଦ୍ଦ ମାମଲା

## ପିଟିଶନ ବିରୋଧରେ କ୍ୟାଭିଟ୍ ଦାଏର

ନୂଆଦିଲ୍ଲୀ, ୨୦।୮ (ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ୬ ଜଣ ଅବସରପ୍ରାପ୍ତ ପ୍ରଶାସନିକ ଓ ସେନା ଅଧିକାରୀ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବା ବେଳେ ଏହା ବିରୋଧରେ କଶ୍ମୀରୀ ପଣ୍ଡିତମାନଙ୍କର ଏକ ସଂଗଠନ ମଙ୍ଗଳବାର କ୍ୟାଭିଟ୍ ଦାଖଲ କରିଛି। କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ରୁଟ୍ସ ଇନ୍ କଶ୍ମୀର (ଆର୍‌ଆଇକେ) ଆଇନଜୀବୀ ବିମଳ ରାୟ ଜାଦ୍‌ଙ୍କ ଜରିଆରେ ସୁପ୍ରିମକୋର୍ଟରେ ଏହି କ୍ୟାଭିଟ୍ ଦାଖଲ କରିଛି। ଶୁଣାଣିରେ ସେମାନଙ୍କୁ ସାମିଲ ନ କରି ପିଟିଶନ ଉପରେ କୌଣସି ରାୟ ପ୍ରଦାନ ନ କରିବାକୁ ଉକ୍ତ ସଂଗଠନ ଅନୁରୋଧ କରିଛି। ସୂଚନାଯୋଗ୍ୟ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରି ଅବସରପ୍ରାପ୍ତ ଏୟାର ଭାଇସ୍ ମାର୍ଶାଲ କପିଲ କାକ୍, ଅବସରପ୍ରାପ୍ତ ମେଜର ଜେନେରାଲ ଅଶୋକ କୁମାର ମେହେଟ୍ଟା, ପୂର୍ବତନ ଆଇଏଏସ୍ ଅଫିସର ହିନ୍ଦାଲ ହାଇଦର ତୟାବ୍‌ଜୀ, ଅମିତାଭ ପାଣ୍ଡେ, ଗୋପାଳ ପିଲାଇ ଏବଂ ଜମ୍ମୁ-କଶ୍ମୀର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମଧ୍ୟସ୍ଥ କମିଟିର ପୂର୍ବତନ ସଦସ୍ୟ ରାଧା କୁମାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

## ଉଚ୍ଛୁଳିଲା ଯମୁନା: ୧୦ ହଜାର ସ୍ଥାନାନ୍ତର

ନୂଆଦିଲ୍ଲୀ/ସିମ୍‌ଲା/ ଥିରୁଭାନନ୍ତପୁରମ୍, ୨୦।୮ (ପି.ଟି.)

ଦିଲ୍ଲୀରେ ଯମୁନା କମିବାର ନାଁ ନେଉନାହିଁ। ଏହା ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ରିଲିଫ କ୍ୟାମ୍ପରେ ପ୍ରପୀଡ଼ିତଙ୍କୁ ରଖାଯାଇ ଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି।

ଉତ୍ତର ଭାରତରେ ବନ୍ୟା ପ୍ରକୋପ ଜାରି ରହିଥିବାବେଳେ କେବଳ ହିମାଚଳ ପ୍ରଦେଶରେ ୬୩ ଜଣ ପ୍ରାଣ ହରାଇଥିବା ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ମଙ୍ଗଳବାର ବିଧାନସଭାରେ ସୂଚନା ଦେଇଛନ୍ତି। ଲଗାଣ ବର୍ଷାଜନିତ ବନ୍ୟା ଯୋଗୁ ରାଜ୍ୟରେ ୬୨୫ କୋଟି ଟଙ୍କାର କ୍ଷତି ହୋଇଥିବା ସେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଗୃହରେ କହିଛନ୍ତି। ବନ୍ୟା ଦ୍ୱାରା ବହୁ ରାସ୍ତା ସହ



୧ ହଜାରରୁ ଊର୍ଦ୍ଧ୍ୱ ପୋଲ କ୍ଷତିଗ୍ରସ୍ତ ହୋଇଥିବା ସେ ପ୍ରକାଶ କରିଛନ୍ତି।

ବନ୍ୟା ପ୍ରକୋପରେ ରାଜ୍ୟବାସୀ ସନ୍ତୁଳି ହେଉଥିବାବେଳେ କେରଳର ଏକ ୩୦ଜଣିଆ ଫିଲ୍ମ ଟିମ୍ ସେଠାରେ ଫସିଯାଇଥିବା ଜଣାପଡ଼ିଛି। ଲୋକପ୍ରିୟ ଅଭିନେତ୍ରୀ ମଞ୍ଜୁ ୱାରିୟର ମଧ୍ୟ ସେମାନଙ୍କ ମଧ୍ୟରେ ରହିଛନ୍ତି। ହିମାଚଳ ପ୍ରଦେଶର ଏକ ଉପାନ୍ତ ଗ୍ରାମରେ ସେମାନେ ଫସି ରହିଛନ୍ତି।

- ହିମାଚଳ ବନ୍ୟା ମୃତ୍ୟୁସଂଖ୍ୟା ୬୩
- ଫସିଛନ୍ତି କେରଳ ଅଭିନେତ୍ରୀଙ୍କ ସହ ୩୦ ଜଣିଆ ଟିମ୍

ସାଟେଲାଇଟ୍ ଫୋନ୍ ଯୋଗ ଅଭିନେତ୍ରୀ ତାଙ୍କ ଘରକୁ ଜଣାଇବା ପରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରାଲିଧରନ୍‌ଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗକ୍ରମେ ସେମାନଙ୍କୁ ଉଦ୍ଧାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଉତ୍ତରାଖଣ୍ଡରେ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ବନ୍ୟାକ୍ଲିଷ୍ଟ ଅଞ୍ଚଳ ବୁଲି ରିଲିଫ ଅପରେଶନର ତଦାରଖ କରିଛନ୍ତି। ଭାରତୀୟ ବାୟୁସେନା ବିମାନରେ ଖାଦ୍ୟ ପୁଡ଼ିଆ, କମ୍ବଳ, ପିଇବା ପାଣି, ଔଷଧ ଆଦି ପ୍ରପୀଡ଼ିତଙ୍କୁ ଯୋଗାଯାଉଥିବା ଜଣାପଡ଼ିଛି। ଗୁଜରାଟରେ ନର୍ମଦା ଡ୍ୟାମ୍‌ରେ ଜଳସ୍ତର ବଢିବାରେ ଲାଗିଛି।

### ଗିରିରାଜଙ୍କୁ ବିରୋଧୀଙ୍କ ଚ୍ୟାଲେଞ୍ଜ

## ପିଓକେ ଦଖଲ କର

ନୂଆଦିଲ୍ଲୀ, ୨୦।୮ (ଆଇଏଏନ୍‌ଏସ୍)

କଥା କଥାକେ ଲୋକଙ୍କୁ ପାକିସ୍ତାନ ପଠାଇବା ପାଇଁ କହୁଥିବା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ବିହାରର ବିରୋଧୀ ଦଳଗୁଡ଼ିକ ଚ୍ୟାଲେଞ୍ଜ ଦେଇଛନ୍ତି। ବରିଷ୍ଠ ଭାଜପା ନେତା ଗିରିରାଜ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ମନ୍ତବ୍ୟ ଦେବା ପରିବର୍ତ୍ତେ ନିୟନ୍ତ୍ରଣରେଖା ଅତିକ୍ରମ କରି ପିଓକେ ଦଖଲ କରନ୍ତୁ ବୋଲି ବିରୋଧୀ କହିଛନ୍ତି। ଗିରିରାଜ ମଙ୍ଗଳବାର ପିଓକେ ସମ୍ପର୍କରେ ଏକ ଟୁଇଟ୍ କରିଥିଲେ। ଉକ୍ତ ପୋଷ୍ଟରେ ସେ ଲେଖିଥିଲେ, ଜୟ କଶ୍ମୀର, ଜୟ ଭାରତ, ଅବ୍‌କୀ ବାର୍ ଉସ୍ ପାର୍। କଂଗ୍ରେସ ନେତା ପ୍ରେମଚନ୍ଦ୍ ମିଶ୍ର ଏବଂ ଆର୍‌ଜେଡି ନେତା ବିଜୟ ପ୍ରକାଶ ଯାଦବ ଏହାକୁ ନେଇ କହିଛନ୍ତି, ଗିରିରାଜଙ୍କ ସତ୍‌ସାହସ ଥିଲେ ପିଓକେ ଯିବା ପାଇଁ କିଏ ରୋକୁଛି। କେନ୍ଦ୍ର ସରକାର ଏନେଇ ନିଷ୍ପତ୍ତି ନିଅନ୍ତୁ ।

## କମଲନାଥଙ୍କ ପୁତୁରା ଗିରଫ

ନୂଆଦିଲ୍ଲୀ, ୨୦।୮ (ପି.ଟି.)

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁତୁରା ତଥା ବିଶିଷ୍ଟ ବ୍ୟବସାୟୀ ରାତୁଲ ପୁରୀଙ୍କୁ ସୋମବାର ରାତିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ୩୫୪ କୋଟି ଟଙ୍କା ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ସମ୍ପୃକ୍ତି ନେଇ ତାଙ୍କୁ ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ରେ ଗିରଫ କରାଯାଇଥିବା ଜଣେ ଅଧିକାରୀ ମଙ୍ଗଳବାର ସୂଚନା ଦେଇଛନ୍ତି। ପୂର୍ବରୁ ଇଡି ତାଙ୍କୁ ସମନ ଜାରି କରିଥିଲା।

ବ୍ୟାଙ୍କ ଋଣ ଦୁର୍ନୀତି ନେଇ ରାତୁଲଙ୍କ ଘର ଓ କାର୍ଯ୍ୟାଳୟ ସମେତ ତାଙ୍କ ବାପା ତଥା ମୋସେର ବାଏର୍ କମ୍ପାନୀର



ରାତୁଲ ପୁରୀ

ପ୍ରମୋଟର ଦୀପକ ପୁରୀ, ମାଆ ନୀତା ପୁରୀ ଓ ଅନ୍ୟମାନଙ୍କ ଘର ଉପରେ ସିବିଆଇ ଚଢ଼ାଉ କରିବା ପରେ ଗତ ୧୮ ତାରିଖରେ ମାମଲା ରୁଜୁ କରିଥିଲା। ମନିଲଣ୍ଡରିଂକୁ ନେଇ ଇଡି ମାମଲା ରୁଜୁ କରିବା ସହ ରାତୁଲଙ୍କୁ ଗିରଫ କରିଛି। ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ମଧ୍ୟ ତାଙ୍କ ବିରୋଧରେ ତଦନ୍ତ ଚାଲିଛି।

### ହତ୍ୟା ଉଦ୍ୟମ ମାମଲା

## ଛୋଟା ରାଜନ୍‌ଙ୍କୁ ୮ ବର୍ଷ ଜେଲ୍

**ମୁମ୍ବାଇ, ୨୦।୮ (ପି.ଟି.):** ଏକ ହତ୍ୟା ଉଦ୍ୟମ ମାମଲାରେ ଗ୍ୟାଙ୍ଗଷ୍ଟର ଛୋଟା ରାଜନ୍ ଓ ଅନ୍ୟ ୫ ଜଣଙ୍କୁ ୮ ବର୍ଷ ଜେଲ୍‌ଦଣ୍ଡ ମିଳିଛି। ୨୦୧୨ରେ ଏହି ଗ୍ୟାଙ୍ଗଷ୍ଟର ଏକ ହୋଟେଲ୍‌ର ମାଲିକଙ୍କୁ ହତ୍ୟା ଉଦ୍ୟମ କରିଥିବା ନେଇ ମାମଲା ଦାଏର ହୋଇଥିଲା। ସ୍ୱତନ୍ତ୍ର କୋର୍ଟର ବିଚାରପତି ଏ.ଟି. ୱାଙ୍ଖେଡେ ମକୋକା ଏବଂ ଭାରତୀୟ ପେନାଲ କୋଡ୍‌ର ବିଭିନ୍ନ ଧାରାରେ ୬ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ୮ ବର୍ଷ ଜେଲ୍ ସମେତ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ହୋଟେଲ ବ୍ୟବସାୟୀ



ବି.ଆର୍. ସେଟ୍ଟୀ ୨୦୧୨ ଅକ୍ଟୋବରରେ ତାଙ୍କର ଜଣେ ବନ୍ଧୁଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ଅନ୍ଧେରିଠାରେ ତାଙ୍କୁ ଗୁଳି କରାଯାଇଥିଲା। ଏହି ମାମଲାରେ ନିତ୍ୟାନନ୍ଦ ନାୟକ, ସେଲଭିନ ଡାନିଏଲ, ରୋହିତ ଥାଙ୍ଗାପ୍ପାନ ଜୋସେଫ ଓରଫ ସତୀଶ କାଲିଆ, ଦିଲୀପ ଉପାଧ୍ୟାୟ ଏବଂ ତଲଭିନ୍ଦର ସିଂ ଦଣ୍ଡିତ ହୋଇଛନ୍ତି।

## କ୍ଷମା ମାଗିଲେ ଜାକିର ନାଏକ

କୁଆଲାଲମ୍ପୁର, ୨୦।୮

ମାଲେସିଆରେ ରହୁଥିବା ବିବାଦୀୟ ଭାରତୀୟ ଇସ୍‌ଲାମ ଧର୍ମ ପ୍ରଚାରକ ଜାକିର ନାଏକ ତାଙ୍କର ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ପାଇଁ ମଙ୍ଗଳବାର କ୍ଷମା ମାଗିଛନ୍ତି। ତେବେ ସେ ଜାତିବାଦୀ ନୁହନ୍ତି ବୋଲି କହିଛନ୍ତି। ସମାଲୋଚକମାନେ ତାଙ୍କ ମନ୍ତବ୍ୟର ଭୁଲ୍ ତଥ୍ୟ ଉପସ୍ଥାପନ କରିଛନ୍ତି। କୌଣସି ଧର୍ମ କିମ୍ବା ବ୍ୟକ୍ତିବିଶେଷଙ୍କୁ ଅସନ୍ତୁଷ୍ଟ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ ବୋଲି ଜାକିର କହିଛନ୍ତି।

ସର୍ବସାଧାରଣରେ ତାଙ୍କର ବକ୍ତବ୍ୟ ଉପରେ ମାଲେସିଆ ପୋଲିସ ନିଷେଧାଦେଶ ଲଗାଇବା ସହ ସୋମବାର ୧୦ ଘଣ୍ଟା ଜେରା କରିଥିଲା। ଭାରତରେ



ତାଙ୍କ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ଓ ମନିଲଣ୍ଡରିଂ ମାମଲାର ବିଚାର ଚାଲିଥିବାବେଳେ ସେ ମାଲେସିଆ ପଳାଇଥିଲେ। ସେଠାରେ ସେ ଜାତିଆଣ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଛନ୍ତି। ଭାରତର ସଂଖ୍ୟାଲଘୁ ମୁସଲମାନଙ୍କ ତୁଳନାରେ ମାଲେସିଆରେ ହିନ୍ଦୁମାନଙ୍କର ଅଧିକାର ୧୦୦ ଗୁଣ ଅଧିକ ବୋଲି

**ବିବାଦୀୟ ମନ୍ତବ୍ୟ**

**ସର୍ବସାଧାରଣରେ ଭାଷଣ ଦେଇପାରିବେ ନାହିଁ**

ଜାକିର ମନ୍ତବ୍ୟ ଦେଇଥିଲେ। ଜାତି ଓ ଧର୍ମ ମାଲେସିଆରେ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସେଠାର ୬୦ ପ୍ରତିଶତ ଲୋକ ମୁସଲମାନ ହୋଇଥିଲାବେଳେ ଅବଶିଷ୍ଟ ଚାଇନା ଓ ଭାରତୀୟ। ସେମାନଙ୍କ ମଧ୍ୟରୁ ଅଧିକାଂଶ ହିନ୍ଦୁ। ପ୍ରକାଶ ଯେ, ଜାକିରଙ୍କ ନାଗରିକତ୍ୱ ରଦ୍ଦ ପାଇଁ ମାଲେସିଆର ୫ କ୍ୟାବିନେଟ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦଙ୍କୁ ପତ୍ର ଲେଖିଥିଲେ।

### ୟେଦ୍ଦୁରପ୍ପାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

## ଶପଥ ନେଲେ ୧୭ ମନ୍ତ୍ରୀ

ବେଙ୍ଗାଲୁରୁ, ୨୦।୮ (ପି.ଟି.)

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ବି.ଏସ୍. ୟେଦ୍ଦୁରପ୍ପା ଶପଥ ନେବାର ୩ ସପ୍ତାହ ପରେ ମଙ୍ଗଳବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ସେ ୧୭ ଜଣ ମନ୍ତ୍ରୀଙ୍କୁ ତାଙ୍କ କ୍ୟାବିନେଟରେ ସ୍ଥାନ ଦେଇଛନ୍ତି। ରାଜଭବନ ପରିସରରେ ରାଜ୍ୟପାଳ ବଜୁଭାଇ ଭାଲା ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ନୂଆ ମନ୍ତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାର, ଦୁଇ ପୂର୍ବତନ ଉପମୁଖ୍ୟମନ୍ତ୍ରୀ କେ.ଏସ୍. ଈଶ୍ୱରାପ୍ପା,

**ଭୁଲରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ମଧୁ ସ୍ୱାମୀ**

ଆର୍. ଅଶୋକ, ସ୍ୱାଧୀନ ବିଧାୟକ ଏଚ୍. ନାଗେଶ୍, ଲକ୍ଷ୍ମଣ ସାଙ୍ଗାପ୍ପା ସଭାଡି ଏବଂ ବିଧାନ ପରିଷଦ ସଦସ୍ୟ କୋଟା ଶ୍ରୀନିବାସ ପୂଜାରୀ। ସଭାଡି ବିଧାନସଭା କିମ୍ବା ବିଧାନ ପରିଷଦର ସଦସ୍ୟ ନାହାନ୍ତି। ଜେ.ସି. ମଧୁ ସ୍ୱାମୀ ଭୁଲ୍‌ବଶତଃ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ବାରମ୍ବାର ତାଙ୍କର ତୁଣ୍ଡ ଖସିବା ଘଟଣାରେ ମୁଖ୍ୟମନ୍ତ୍ରୀ ୟେଦ୍ଦୁରପ୍ପା ହସିବା ସହ ତାଙ୍କୁ କୁଣ୍ଢାଇ ଧରିଥିଲେ।

## ୩ ରାଜ୍ୟକୁ ୪,୪୩୨ କୋଟି ସହାୟତା ମଞ୍ଜୁର

ନୂଆଦିଲ୍ଲୀ, ୨୦।୮ (ପି.ଟି.)

ଓଡ଼ିଶା, କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶରେ ଗତ ଆର୍ଥିକ ବର୍ଷରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଙ୍ଗଳବାର ୪,୪୩୨ କୋଟି ଟଙ୍କା ସହାୟତା ମଞ୍ଜୁର କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଓଡ଼ିଶାକୁ ୩,୩୩୮.୨୨ କୋଟି, କର୍ଣ୍ଣାଟକକୁ ୧୦୨୯.୩୯ କୋଟି ଓ ହିମାଚଳ ପ୍ରଦେଶକୁ ୬୪.୪୯ କୋଟି ଅତିରିକ୍ତ ଟଙ୍କା ମଞ୍ଜୁର କରିଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୭୫% ଲିଭର ନଷ୍ଟ ସ୍ୱୀକାର କଲେ ବିଗ୍ ବି

**ମୁମ୍ବାଇ:** ମେଗାଷ୍ଟାର ଅମିତାଭ ବଚ୍ଚନଙ୍କର ୭୫ ପ୍ରତିଶତ ଲିଭର ନଷ୍ଟ ହୋଇଯାଇଥିବା ସେ ସ୍ୱୀକାର କରିଛନ୍ତି। ଏକ ଘରୋଇ ଟିଭି ଚ୍ୟାନେଲ୍‌ର 'ସ୍ୱାସ୍ଥ୍ୟ ଇଣ୍ଡିଆ ଲଞ୍ଚ୍'ରେ ଯୋଗଦେଇ ବିଗ୍ ବି କହିଲେ, ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କରେ ସବୁବେଳେ କହିଆସିଛି। କାରଣ ଅନ୍ୟମାନେ ବି ନିଜର ରୋଗର ଲକ୍ଷଣ ଚିହ୍ନଟ କରି ସ୍ୱାସ୍ଥ୍ୟ ସଚେତନ ହୁଅନ୍ତୁ। ମୁଁ ଟିବି, ହେପାଟାଇଟିସ୍ ବି'ରୁ ବର୍ତ୍ତିବା ସହିତ ମୋର ଦୂଷିତ ରକ୍ତ ବଦଳାଯାଇଛି ଏବଂ ୭୫ ପ୍ରତିଶତ ଲିଭର ନଷ୍ଟ ହୋଇଯାଇଛି। ତଥାପି ୨୫ ପ୍ରତିଶତ ଲିଭର ପାଇଁ ବଞ୍ଚିରହିଛି।'

୭୬ବର୍ଷୀୟ ଅମିତାଭ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା ଅଭିଯାନରେ ଯୋଗଦେଇ



ଲୋକଙ୍କୁ ରୋଗ ପରୀକ୍ଷା କରାଇନେଇ ଚିକିତ୍ସା କରିବାକୁ ପରାମର୍ଶ ଦେଇଥାଆନ୍ତି। ଏପରି କି ତାଙ୍କୁ ଟିବି ହୋଇଥିବା ବିଷୟ ୮ବର୍ଷ ପର୍ଯ୍ୟନ୍ତ ଜାଣିପାରି ନ ଥିଲେ ବୋଲି ସ୍ୱୀକାର କରିଛନ୍ତି।

### ଇତିହାସର ଆଇନାରେ

**ଅଗଷ୍ଟ ୨୧ର ପ୍ରମୁଖ ଘଟଣା**

୧୯୯୪ ଅଗଷ୍ଟ ୨୧ରେ ରୟାଲ ଏୟାର ମରକ୍କୋ ଫ୍ଲାଇଟ ୬୩୦ ମରକ୍କୋର ଡୋଉଆର ଇଜୋଉନାଇନ୍‌ରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୪ ବିମାନ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

୨୦୧୩ ଅଗଷ୍ଟ ୨୧ରେ ସିରିଆର ଘୋଉଟା ଅଞ୍ଚଳରେ ରାସାୟନିକ ଆକ୍ରମଣ ଯୋଗୁ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଥିଲା। ସିରିଆ ଗୃହଯୁଦ୍ଧ ବେଳେ ଏହି ଆକ୍ରମଣ କରାଯାଇଥିଲା। ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ରହିଥିବା ଦାମାସ୍କସ୍‌ର ସହରତଳି ଅଞ୍ଚଳରେ ରାସାୟନିକ ଆକ୍ରମଣ ଯୋଗୁ ପାଖାପାଖି ୧୮୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।



## 'କୁଲି ନମ୍ବର-୧'ରେ ରଜତ ରାୱେଲ

**ମୁମ୍ବାଇ:** 'ବଡିଗାର୍ଡ'ରେ ହାସ୍ୟ ଅଭିନୟ କରି ଦର୍ଶକଙ୍କ ମନରେ ଗଭୀର ଛାପ ପକାଇଥିବା ଅଭିନେତା ରଜତ ରାୱେଲ ପୁଣିଥରେ ବରୁଣ ଧାୱନଙ୍କ ଅଭିନୀତ 'କୁଲି ନମ୍ବର-୧'ରେ ଯୋଗ ଦେଇଛନ୍ତି। ଏ ସମ୍ପର୍କରେ ବରୁଣ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ମେସେଜ୍ ଟୁଇଟ କରି ଲେଖିଛନ୍ତି, 'ପ୍ରିୟ କଳାକାର ରଜତଙ୍କ ସହ କାମ କରିବାର ସୁଯୋଗ ମିଳିଛି।' ଏଥିସହିତ ସେ ଏକ ଫଟୋଗ୍ରାଫ୍ ମଧ୍ୟ ଶେୟାର କରିଛନ୍ତି ଯେଉଁଥିରେ ଉଭୟ ହସୁଥିବାର ଦେଖିବାକୁ ମିଳୁଛି। ଉକ୍ତ ଫିଲ୍ମ ଡାଭିଡ ଧାୱନଙ୍କ ୧୯୯୫ ହିଟ୍ ଫିଲ୍ମ 'କୁଲି ନମ୍ବର-୧'ର ଦ୍ୱିତୀୟ ଭାଗ। ମୂଳ ଫିଲ୍ମରେ କରିସ୍ମା କପୁର ଓ ଗୋବିନ୍ଦା ଅଭିନୟ କରିଥିବାବେଳେ ନୂଆ ଫିଲ୍ମରେ ବରୁଣ ଏବଂ ସାରା ଅଲି ଖାନ୍ ଅଭିନୟ କରୁଛନ୍ତି। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ପରେଶ ରାୱଲ, ରାଜପାଲ ଯାଦବ ଏବଂ ଜାଭେଦ ଜାଫରି।



# ଟମାଟୋ

ଏବେଠାରୁ ଟମାଟୋ ଲଗାଇ ପାରିବେ। ଟମାଟୋର ଉନ୍ନତ ବିହନ କିସମ ଯଥା ବିଟି-୨, ବିଟି-୧୦, ବିଟି-୧୨, ନିଳାଦ୍ରୀ, ସଦାବାହାର, ମାଧୁରୀ, ମହାରଥି, ମର୍ଣ୍ଣିସନ୍, ରଶ୍ମି, ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର।

*ତଳି ଲଗାଇବା ପ୍ରଣାଳୀ:* ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ଚାରିଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦ କିଗ୍ରା ଭଲଭାବେ ସଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣନ୍ତୁ। ଏହାପରେ ପଟାଳିରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ସାତ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରୀରେ ରୁଅନ୍ତୁ। ତଳିଗୁଡିକୁ ୬୦x୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ।

# ଗୋରୁଙ୍କ ଚର୍ମବିଣ୍ଡି ବସନ୍ତ ରୋଗର ଚିକିତ୍ସା

ଏବେ ରାଜ୍ୟର କେତେକ ଅଞ୍ଚଳରେ ଗୋରୁଙ୍କ ଦେହରେ ଏକ ପ୍ରକାରର ରୋଗ ଦେଖାଦେଇଛି। ଏଥିରେ ଗୋରୁଙ୍କ ମୁଣ୍ଡ, ବେକ, ଗୋଡ଼ ଓ ପହ୍ନା ଆଦିରେ ଆବୁ ବାହାରିଲା ପରି 'ଫୁଲା' ଦେଖାଯାଉଛି। ଆବୁଗୁଡିକ ଗୋଲାକାର ଓ ଅନେକ କଳା ରଙ୍ଗର। ଆକ୍ରାନ୍ତ ଗୋରୁଙ୍କ ଶରୀରର ତାପମାତ୍ରାରେ ବୃଦ୍ଧି ଘଟି ସେମାନେ ଜ୍ୱରରେ ପଡୁଛନ୍ତି। ଫଳରେ ଚାଲିବାରେ କଷ୍ଟ ଅନୁଭବ କରୁଛନ୍ତି। ତେବେ ଏହା ଏକ ଭୂତାଣୁ ଜନିତ ରୋଗ ଓ କାପ୍ରିପକ୍ସ ନାମକ ଭାଇରସ୍ ଦ୍ୱାରା ବ୍ୟାପିଥାଏ। ଏହା ସଂକ୍ରାମକ ତଥା ମଶା, ଡାଆଁଶ ଓ ଟିଙ୍କ ଏ ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି। ଆବୁର ଘା, ରକ୍ତ, ଲାଳ, ସିଂଘାଣି, ଶୁକ୍ର ଦ୍ୱାରା ଏହି ରୋଗ ଗୋଟିଏ ପ୍ରାଣୀ ଶରୀରରୁ ଅନ୍ୟ ପ୍ରାଣୀର ଶରୀରକୁ ସଂକ୍ରମିତ ହୋଇଥାଏ। ଭୂତାଣୁ ଜନିତ ରୋଗ ହୋଇଥିବାରୁ ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ଉପଲବ୍ଧ ନାହିଁ, କିନ୍ତୁ ଜୀବାଣୁ ସଂକ୍ରମଣ ରୋକିବାକୁ ଆଣ୍ଟିବାୟୋଟିକ୍ ବ୍ୟବସ୍ଥା କରିବା ଜରୁରୀ। ଗୋରୁଙ୍କ ଶାରୀରିକ ତାପମାତ୍ରା ବୃଦ୍ଧି ରୋକିବାକୁ ଔଷଧ ଦେବା ଦରକାର ଓ ଆବୁ ଫାଟିଗଲେ ସେଥିରେ ଆଣ୍ଟିସେପ୍ଟିକ ମଲମ ଲଗାଇବା ଆବଶ୍ୟକ। ଏ ରୋଗରେ ପ୍ରାୟତଃ ଗୋରୁଙ୍କ ମୃତ୍ୟୁ ହୁଏ ନାହିଁ। ତେଣୁ ଭୟଭୀତ ନ ହୋଇ ପ୍ରାଣୀପାଳକମାନେ ଏହାର ମୁକାବିଲା କରିବା ଦରକାର। ତେବେ କୌଣସି ଅଞ୍ଚଳରେ ଏ ରୋଗ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ବିହିତ ବ୍ୟବସ୍ଥା କରାନ୍ତୁ।



*-ଡା. ମଦନ ମୋହନ ମହାପାତ୍ର*
*ସହକାରୀ ନିର୍ଦ୍ଦେଶକ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ*

# ନଳିତା ଶଢ଼ାଇବା ପ୍ରଣାଳୀ

କଟା ନଳିତା ଗଛଗୁଡିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ସଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟ ହେବାକୁ ଦିଏନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ସଢ଼ାଇବା ଲାଗି ଅଧିକ ଉପଯୋଗୀ। ଗଛର ମୂଳ ଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ସଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିଲାଗି ବିଡ଼ାଗୁଡିକୁ ୬୦ସେ.ମି ପାଣିଥିବା ସ୍ଥାନରେ ୨-୩ଦିନ ଠିଆ କରି ରଖାଯିବା ଆବଶ୍ୟକ। ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଢ଼େଇ



୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡାଇ ରଖାଯିବା ପରେ ବୁଡାଗୁଡିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ସଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ କବକ କଲ୍‌ଚର ବ୍ୟବହାର କରନ୍ତୁ।

-ନଳିତାରେ ଘୋଡାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡସଢ଼ା ରୋଗ ଦେଖାଯାଇଥାଏ। ଯଦ୍ୱାରା ପତ୍ର ଝଡିଯାଏ ଏବଂ କାଣ୍ଡ କଳା ପଡି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ଏକଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।



# ରୁଆଧାନ ସମ୍ପର୍କରେ...



ଯେଉଁ ଚାଷୀ ଭାଇମାନେ ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଛନ୍ତି ଏବଂ ରୁଆର ୨୦ଦିନ ହୋଇଗଲାଣି, ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୬କିଗ୍ରା ଯବକ୍ଷାରଜାନ ପିଲ ସାର ଆକାରରେ ପ୍ରୟୋଗ କରନ୍ତୁ। ତଳି ୩-୪ସପ୍ତାହର ହୋଇଗଲେ ରୋଇବା ଲାଗି ଉପଯୁକ୍ତ ହୋଇଥାଏ। ସେପରିସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରୀକୁ କାଦୁଅ କରନ୍ତୁ। ପ୍ରଥମେ ୩-୪ଓଡ ଚାଷ କରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡି ଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢ଼ାଇଥିଲେ କାଦୁଅ ବେଳେ ହଳକରି ମାଟିରେ ମିଶାଇ ଦିଅନ୍ତୁ। ଏକର ପ୍ରତି ୨କିଗ୍ରା ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ) ବା ଆଜୋସ୍ପିରିଲମ୍ (ଖାଲଜମିରେ) ସହିତ ୨କିଗ୍ରା ପିଏସ୍ ବି ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷଓଡ଼ କାଦୁଅରେ କିସମ ଅନୁଯାୟୀ ଏକର ପ୍ରତି ୬-୮କିଗ୍ରା ଯବକ୍ଷାରଜାନ, ୧୨-୧୬କିଗ୍ରା ଫସଫରସ ଓ ୧୨-୧୬କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ମିଲି ହିସାବରେ କ୍ଲୋରୋପାଇରିଫସ ମିଶାଇ ତଳିର ଚେରକୁ ୮-୧୦ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ। ଧାଡିକୁ ୧୫-୨୦ସେ.ମି ବୁଦାକୁ ବୁଦା ୧୦ସେ.ମି ବ୍ୟବଧାନ ରଖନ୍ତୁ। ବୁଦାପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରୀରେ ନଖବୁଡା ପାଣି ରଖନ୍ତୁ।

**ଧାନ ତଳି ବୁଢ଼ା ହୋଇଯାଇଥିଲେ** - ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

## ବନ୍ୟା କ୍ଷତିଗ୍ରସ୍ତ ଧାନଫସଲ

ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ଯୋଗୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଆମ ରାଜ୍ୟରେ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ(ଦକ୍ଷିଣ ଓଡିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ)। ତେଣୁ ମଧ୍ୟମ କିସମ ଜମିପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା,ଖଣ୍ଡଗିରି,ପାରିଜାତ ଏବଂ ବିଳମ୍ବ କିସମ ଜମି ଲାଗି ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ,ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ଲାଗି ତଳିଘରାରେ ଯଥେଷ୍ଟ ଖତ ଓ ଯବକ୍ଷାରଜାନ ସାର ଦିଅନ୍ତୁ।

# ଫଳ ଓ ପନିପରିବା ଚାଷ ପାଇଁ ଉନ୍ନତ ଜଳସେଚନ ପଦ୍ଧତି

**-ଶିବ ପ୍ରସାଦ ମିଶ୍ର**

ଆବଶ୍ୟକତା ଠାରୁ ଯଦି ଅଧିକ ଜଳ ଗଛର ଚେରମୂଳରେ ଜମି ରହେ ତାହା ଗଛର ଅତ୍ୟଧିକ କ୍ଷତି କରିଥାଏ। କାରଣ ଏହା ଗଛର ଖାଦ୍ୟ ଓ ଅମ୍ଳଜାନ ସଂଗ୍ରହରେ ବ୍ୟାଘାତ ସୃଷ୍ଟି କରେ। ସେହିପରି ଗଛ ଯଦି ଆବଶ୍ୟକ ମୁତାବକ ପାଣି ନ ପାଏ ତେବେ ଗଛର ଅଭିବୃଦ୍ଧି ଠିକ୍ ଭାବରେ ଏବଂ ଠିକ୍ ସମୟରେ ହୋଇପାରେ ନାହିଁ। ତେଣୁ ଗଛର ଚେରମୂଳକୁ ଆବଶ୍ୟକ ଜଳ ଯୋଗାଇଦେବାର ଅଭିନବ ଉପାୟ ହେଉଛି ବୁନ୍ଦା ଜଳସେଚନ। ଏହି ପଦ୍ଧତି ସାଧାରଣତଃ ଫଳଚାଷ ଏବଂ ପନିପରିବା ଚାଷ ପାଇଁ ଉପଯୁକ୍ତ।

ବୁନ୍ଦା ଜଳସେଚନର ଉପକାରିତା :

- ସମାନ ଭାବରେ ଏବଂ ଠିକ୍ ସମୟରେ ଗଛ ତା'ର ଚେରମୂଳରେ ଆବଶ୍ୟକତା ଅନୁଯାୟୀ ଜଳ ପାଇବା ଦ୍ୱାରା ଭଲ ଭାବରେ ବଢ଼େ ଏବଂ ଫସଲ ଉତ୍ପାଦନ ଶତକଡ଼ା ୨୦ରୁ ୩୦ଭାଗ ବୃଦ୍ଧି ପାଇଥାଏ।
- ଏହି ପଦ୍ଧତି ଦ୍ୱାରା ଶତକଡ଼ା ୪୦ରୁ ୫୦ଭାଗ ଜଳ କମ୍ ଖର୍ଚ୍ଚ ହୁଏ ଏବଂ ବଳକା ଜଳକୁ ଅଧିକ ଜମିରେ ପ୍ରୟୋଗ କରିବାର ସୁବିଧା ଥାଏ।
- ପାଣିରେ ମିଳାଇ ଯାଉଥିବା ସାର ଏବଂ କୀଟନାଶକ ଔଷଧ ମଧ୍ୟ ସହଜରେ ଗଛ ମୂଳକୁ ପ୍ରୟୋଗ କରାଯାଏ।
- ଚାଷ ହେଉଥିବା ସ୍ଥାନରେ ମାଟି ଓଦା ନ ହେବା ଫଳରେ ଅନାବନା ଗଛ, ଘାସ ଓ କୀଟଙ୍କ ବୃଦ୍ଧି ରୋକାଯାଇଥାଏ।
- ଗଛକୁ ପାଣି ଦେବା, ଘାସ ଓପାଡ଼ିବା, ନାଳ ତିଆରି କରିବା ଏବଂ ସାର ଦେବାରେ ମଜୁରୀ ଖର୍ଚ୍ଚ କମ୍ ହୁଏ।
- ଏହି ପଦ୍ଧତିରେ ଯେକୌଣସି ଉଚ୍ଚ, ଖାଲ, ଢ଼ିପ ଜମିରେ ବିନା ସମତଳରେ ସମୟ, ଅର୍ଥ ଏବଂ ଶ୍ରମ ସଞ୍ଚୟ କରି ଜଳସେଚନ କରିହୁଏ।
- ମୃତ୍ତିକା କ୍ଷୟ ନ କରି ଯେକୌଣସି ପ୍ରକାରର ଦୂଷିତ ଜଳ କିମ୍ବା ଲବଣାକ୍ତ ଜଳକୁ ସଠିକ୍ ଫିଲ୍‌ଟର ଦ୍ୱାରା ଏହି ପଦ୍ଧତିରେ ବ୍ୟବହାର କରାଯାଏ।
- ବିଶେଷ କରି ବୁନ୍ଦା ଜଳସେଚନ ଦ୍ୱାରା ବିଭିନ୍ନ ପ୍ରକାର ଫଳଚାଷ, ଆମ୍ବ, ସପେଟା, ଲେମ୍ବୁ, ଡାଳିମ୍ବ, ନଡ଼ିଆ, କଦଳୀ, ସେଓ ଠାରୁ ଆରମ୍ଭ କରି ଆଖୁ, ଚା, ଚିନାବାଦାମ, ପାନ, କଫି ଏବଂ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇପାରେ।

ଅପକାରିତା : ବୁନ୍ଦା ଜଳସେଚନ ପଦ୍ଧତି ଦ୍ୱାରା ପ୍ରାରମ୍ଭିକ ଖର୍ଚ୍ଚ ଅଧିକ।

- ମାଟି ଜମି ଡ୍ରିପର ଅକାମୀ ହୋଇଯାଏ।
- ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ।
- ଏହାକୁ ବ୍ୟବହାର ପାଇଁ ଜ୍ଞାନକୌଶଳ ଶିଖିବାକୁ ପଡ଼ିଥାଏ।
- କେବେକେବେ ପାଇପ୍ ଲିକ୍ ହୋଇଯାଏ।

**ସିଞ୍ଚନ ଜଳସେଚନ :** ସିଞ୍ଚନ ଜଳ ସେଚନ ପଦ୍ଧତିରେ ପାଣି ପମ୍ପ ସାହାଯ୍ୟରେ ଅଧିକ ଚାପରେ ପାଇପ୍ ଗୁଡ଼ିକ ମଧ୍ୟରେ ଯାଇ ସ୍ପ୍ରିଙ୍କଲର ଦ୍ୱାରା ବୃତ୍ତାକାର ପଥରେ ଫସଲ ଓ ଜମି ଉପରେ ପଡ଼ିଥାଏ। ଏହି ପଦ୍ଧତିରେ ମୁଖ୍ୟ ଉପାଦାନଗୁଡ଼ିକ ହେଲା ପମ୍ପସେଟ୍, ମୁଖ୍ୟ ପାଇପ୍, ଲାଟେରାଲ ପାଇପ୍ ଏବଂ ସ୍ପ୍ରିଙ୍କଲର।

ଏହି ପ୍ରଣାଳୀର ବିଶେଷତ୍ୱ ହେଉଛି : - ଏହି ପ୍ରଣାଳୀ ଯୋଗୁଁ ଫସଲ ଓ ପାଣିପାଗ ଉପରେ ନିର୍ଭର କରେ ନାହିଁ।

- ଦରକାର ମୁତାବକ କୃତ୍ରିମ ବର୍ଷା ଦ୍ୱାରା ବାୟୁ, ଜଳ ଓ ମାଟିର ଠିକ୍ ସମନ୍ୱୟ ରହେ। ତେଣୁ ଗଛ ଠିକ୍ ଭାବରେ ବଢ଼ିବା ସଙ୍ଗେ ସଙ୍ଗେ ଅଧିକ ଅମଳ ଦିଏ।
- ଢ଼ାଲ ଜମିରେ ମଧ୍ୟ ଜଳସେଚନ କରିହୁଏ। ତେଣୁ ଜମି ସମତୁଲର ଆବଶ୍ୟକତା ନ ଥାଏ।
- ଏହି ପ୍ରଣାଳୀ ଯୋଗୁଁ ବର୍ଷର ଯେ କୌଣସି ସମୟରେ ମଧ୍ୟ ଚାଷ କାମ କରିହୁଏ।
- ଏହି ସ୍ପ୍ରିଙ୍କଲର ପଦ୍ଧତି ସବୁ କିସମ ମାଟି ପାଇଁ ବ୍ୟବହାର କରିହୁଏ।
- ଏହି ପ୍ରଣାଳୀ ମାଧ୍ୟମରେ ଦ୍ରବୀଭୂତ ସାର ଓ କୀଟନାଶକ ଔଷଧ ମଧ୍ୟ ପ୍ରୟୋଗ କରାଯାଇପାରେ।
- ବିଆଇଏସ୍ ମାର୍କ ଥିବା ସ୍ପ୍ରିଙ୍କଲର ଗୁଣାତ୍ମକମାନ, କାର୍ଯ୍ୟକ୍ଷମତା ଏବଂ ନିର୍ଭରଯୋଗ୍ୟତାର ପ୍ରତୀକ। ଚାରା ଉତ୍ପନ୍ନ ଠାରୁ ଆରମ୍ଭ କରି ପନିପରିବା, ଚା', କଫି ଇତ୍ୟାଦି ଚାଷ ପର୍ଯ୍ୟନ୍ତ ଜଳସେଚନ କରିଥାଏ ଏହି ସ୍ପ୍ରିଙ୍କଲର।
- ବିଶେଷ ଭାବରେ ଡିଜାଇନ୍ (ଏଚ୍.ଡ଼ି.ପି.ଇ) ସ୍ପ୍ରିଙ୍କଲର ସିଷ୍ଟମ ଆପଣଙ୍କୁ ଆପଣଙ୍କର କ୍ଷେତରୁ ଦେଇଥାଏ ଅଧିକ ଅମଳ। ଏହି ପ୍ରଣାଳୀରେ ଏବେ ରହିଛି ଅଧିକ ମଜବୁତ (ଏଚ୍.ଡ଼ି.ପି.ଇ) ପାଇପ ଆଉ ସୁପର ଲୁକ୍।
- ସୁପର ଲକ୍ ଷ୍ଟିଲ୍ ସ୍ପ୍ରିଙ୍ଗ ଫିଟ୍ କରାଯାଇ ହଳଦିଆ ହୁକ ଥିବା ଏକ ବିଶେଷ କପ୍‌ଲର ଯେଉଁଥିରୁ ମିଳିଥାଏ ୧୦୦% ପିକ୍କା ଜୋଡ଼। ଏହାକୁ ଖୋଲିବା ଓ ଲଗାଇବା ଆହୁରି ସହଜ।



*-ବିଶେଷଜ୍ଞ (ପନିପରିବା ବିଭାଗ), ଓୟୁଏଟି, ଭୁବନେଶ୍ୱର*
*ମୋ:୯୪୩୭୧୩୫୯୩୯*

# କିପରି କରିବେ ଜଡ଼ା ଚାଷ

ଜଡ଼ା ମଞ୍ଜିରେ ୫୨ ପ୍ରତିଶତ ତେଲ ଥାଏ, ଯାହାକୁ ଔଷଧ ଓ ଜାଳେଣିରେ ବ୍ୟବହାର କରାଯାଏ। ଏହା ସାଧାରଣତଃ ବର୍ଷା ତଥା ଶୀତ ଋତୁରେ ରାଜ୍ୟର ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଚାଷ ହୋଇଥାଏ। ଢ଼ିପ ଜମି, ପାହାଡିଆ ଅଞ୍ଚଳ, ହିଡ ଓ ନଦୀପଠାରେ ଚାଷ କରାଯାଏ। ତୈଳବୀଜ ଓ ଡାଲି ଜାତୀୟ ଫସଲ ସହ ମିଶ୍ରିତ ଚାଷ ରୂପେ ଏହାକୁ ଗ୍ରହଣ କରାଯାଏ। ଅନୁର୍ବର ଜମିରେ ଖତସାର ନ ଦେଇ ଦେଶୀ ବିହନ କରୁଥିବାରୁ ଅମଳ କମ୍ ମିଳୁଛି।

**କିସମ :** ଏହା ଏକ ମରୁଡି ସହଣି ଫସଲ। ରାଜ୍ୟର ଜଳବାୟୁ ଏହି ଚାଷ ପାଇଁ ଅନୁକୂଳ। ଦୋରସା ମାଟି ଏହି ଚାଷ ଲାଗି ଉପଯୁକ୍ତ। ଅଧିକ ଅମଳ କିସମ ହେଲା ଅରୁଣା, ଭାଗ୍ୟ, କ୍ରାନ୍ତି, ଜ୍ୟୋତି ଇତ୍ୟାଦି(୯୦ରୁ ୧୫୦ ଦିନ ଅବଧି)। ସଙ୍କର କିସମ ହେଲା - ଜିସିଏଚ୍ - ୪, ଜିସିଏଚ୍ -୫, ଜିସିଏଚ୍ -୬, ଜିସିଏଚ୍



-୩୨, ଜିସିଏଚ୍-୧୭୭, ଏନ୍‌ପିଏଚ୍- ୧, ଏସ୍‌ଏ -୨ ଇତ୍ୟାଦି (୯୦ ରୁ ୧୮୦ ଦିନ ଅବଧି)।

**ବିହନ ବୁଣା ଓ ଖତସାର :**

ଏକର ପ୍ରତି ୪ କିଗ୍ରା ଜଡ଼ା ବିହନ ଦରକାର ହୋଇଥାଏ। ବିହନ ବିଶୋଧନ ପରେ ବର୍ଷାଦିନେ ଜୁନ୍ ମାସ ସୁଦ୍ଧା ଓ ଶୀତ ଋତୁରେ ନଭେମ୍ବର ୧୫ ମଧ୍ୟରେ ବୁଣାଯାଏ। ବୁଣିବା ପୂର୍ବରୁ ଗୋଟିଏ ଦିନ ପାଣିରେ ବତୁରାଇ ୯୦ ସେମି x ୪୫ ସେମି (ସବୁ କିସମ) ଓ ୧୨୦ ସେମି x ୬୦ ସେମି(ସଙ୍କରଜଡା) ବ୍ୟବଧାନରେ ବୁଣାଯାଏ। ଏକର ପ୍ରତି ୧୦ କୁଇଣ୍ଟାଲ ଖତ, ସାର, ୨୪-୧୬-୧୬ କିଗ୍ରା ଏନ୍‌ପିକେ(ଡିଏପି - ୩୫ କିଗ୍ରା + ୟୁରିଆ ୩୭ କିଗ୍ରା+ ପଟାସ ୨୭ କିଗ୍ରା )ଦରକାର ପଡିଥାଏ। ଜଳସେଚିତ ଜଡା ଚାଷର ମୂଳସାର ହିସାବରେ ସମସ୍ତ ଫସ୍‌ଫରସ୍ + ପଟାସ୍ + ୧/୩ ଯବକ୍ଷାରଜାନ ଦିଆଯାଏ। ଅବଶିଷ୍ଟ ୟୁରିଆ ସାରକୁ ଗଛ ଉଠିବାର ଦେଢ ମାସ ଓ ଅଢେଇ ମାସ ବେଳକୁ ଏକତୃତୀୟାଂଶ କରି ପ୍ରୟୋଗ କରାଯାଏ।

**ରୋଗ-ପୋକ ପରିଚାଳନା :**

ମୂଳରେ ଗଛ ଗୋଟିଏ କରି ରହିବା ଆବଶ୍ୟକ। ଗଛ ଲଗାଇବାର ୩ ସପ୍ତାହ ଓ ୬ ସପ୍ତାହ ବେଳକୁ ଘାଷ ବଛାଯାଏ। ନଚେତ୍ ଫ୍ଲୁକ୍ଲୋରାଲିନ୍ ବା ପେଣ୍ଡିମେଥାଲିନ୍‌ର ୮୦୦ ମିଲି ଏକର ପ୍ରତି ଶେଷ ଓଡଚାଷ ସମୟରେ ପ୍ରୟୋଗ କରନ୍ତୁ। ମିଶ୍ରିତ ଚାଷ ରୂପେ ଜଡା + ମାଣ୍ଡିଆ/ ହରଡ(୧:୧), ଜଡା + ଝୁଡଙ୍ଗ(୧:୨), ଜଡା+ ଚିନାବାଦାମ (୧:୫), ଜଡା + ହଳଦୀ(୧:୬), ଜଡା + ମକା(୨:୧) ନିଆଯାଏ। ୪ ରୁ ୫ଟି ଜଳସେଚନ ହେଉଥିବା ମଧ୍ୟରେ ଫୁଲ ଧରିବା ଓ ଫଳବୃଦ୍ଧି ସମୟରେ ନିଶ୍ଚିତ ଜଳସେଚନ କରାଯାଏ। ଘୋଡା ପୋକ ଓ କାଣ୍ଡ/ଫଳବିନ୍ଧା ପୋକ ନିୟନ୍ତ୍ରଣ ପାଇଁ କାର୍ବାରିଲ୍ ୪ ଗ୍ରାମ୍ କିମ୍ବା କ୍ୟୁନାଲ୍‌ଫସ୍ ୨ ମିଲି ଲିଟର ପ୍ରତି ସିଞ୍ଚନ କରାଯାଏ। ପତ୍ରପୋଡା, ମୂଳସଢା ଓ ଝାଉଁଳା ରୋଗ ଦେଖାଗଲେ କପର ଅକ୍ସି କ୍ଲୋରାଇଡ୍ (ସିଓସି) ୩ଗ୍ରାମ୍ ଲିଟର ପ୍ରତିରେ ମୂଳକୁ ଭିଜାଇ ଦିଆଯାଏ। କଳଙ୍କି ରୋଗରେ ସଲ୍‌ଫର ଗୁଣ୍ଡ ୧ କିଗ୍ରା ଏକର ପ୍ରତି ପ୍ରୟୋଗ କରାଯାଏ।

**ଅମଳ:** ଫଳ ପେଣ୍ଡାରେ ଯେକୌଣସି ଗୋଟିଏ ଫଳ ବାଦାମୀ ରଙ୍ଗ ପଡିଗଲେ ଅମଳ ଉପଯୋଗୀ ହୋଇଥାଏ। ସକାଳ ବେଳା ୪ରୁ ୬ ଥର ତୋଳି ଜଡା ଅମଳ କରାଯାଏ। ବୁଣିବାର ୩ ମାସ ପରେ ଅମଳ ଆରମ୍ଭ ହୋଇଥାଏ। ପେଣ୍ଡାଗୁଡିକୁ ୪ ରୁ ୫ ଦିନ ଖରାଦେଇ ଶୁଖାଇ ବାଡିରେ ବାଡେଇ ଅମଳ କରାଯାଏ। ମଞ୍ଜିକୁ ପରିଷ୍କାର କରି ୩ ରୁ ୪ ଦିନ ଟାଣ ଖରାରେ ଶୁଖାଇ ସାଇତି ରଖାଯାଏ। ଏକର ପ୍ରତି ୪ ରୁ ୬ କୁଇଣ୍ଟାଲ ମଞ୍ଜି ମିଳିଥାଏ।

**- ଡ. ପରେଶ କୁମାର ପଣ୍ଡା,**
ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସ୍ୱାଧୀନ


ପୁଷ୍ପା


ସୁବ୍ରତ


ପୁଷ୍ପକ୍


ରାଜେଶ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ମଧ୍ୟାହ୍ନ ଭୋଜନ ଖାଇ ୩୩ ଛାତ୍ରୀ ଅସୁସ୍ଥ

**ଚିତ୍ରକୋଣ୍ଡା,୨୦।୮(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଟେମ୍ପରାରି କଲୋନୀ ପ୍ରାଥମିକ ଆବାସିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୩୩ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସମ୍ପୃକ୍ତ ଛାତ୍ରୀମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡ଼ିଛି ବିଦ୍ୟାଳୟରେ ୧୫୦ ଛାତ୍ରୀଛାତ୍ର ପଢନ୍ତି। ସୋମବାର ଅପରାହ୍ନ ଗୋଟାଏରେ ସେମାନେ ଖାଦ୍ୟ ଖାଇଥିଲେ। ଏହା ପରେ ୩୩ ଛାତ୍ରୀଙ୍କ ପ୍ରଥମେ ପେଟ ବ୍ୟଥା ହୋଇ ଝାଡ଼ା ହୋଇଥିଲା।


ଚିକିତ୍ସିତ ହେଉଥିବା ଛାତ୍ରୀମାନେ।

ଏହି ଖବର ସନ୍ଧ୍ୟା ୭ଟାରେ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ସାହୁ ଜାଣିବା ପରେ ଛାତ୍ରୀମାନଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ପ୍ରଧାନଶିକ୍ଷକ ସାହୁ ପଚାରିବାରୁ ସେ କହିଲେ ଯେ, ୫୦ ଛାତ୍ରୀଛାତ୍ର ଖାଦ୍ୟ ଖାଇଥିଲେ। କେବଳ ୩୩ ଛାତ୍ରୀ ତରଳ ଝାଡ଼ାର ଶିକାର ହୋଇଛନ୍ତି। ଚିକିତ୍ସା କରୁଥିବା ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହାନ୍ତଙ୍କୁ ପଚାରିବାରୁ ସେ କହିଲେ ଯେ, ପିଲାଙ୍କ ରକ୍ତ ଓ ମଳ ପରୀକ୍ଷା ବିନା କିଛି କହି ହେବନାହିଁ। ଏବେ ସମସ୍ତ ପିଲା ଭଲ ଅଛନ୍ତି।

## ବ୍ଲିଚିଂ ମିଶା ପାଣି ପିଇ ୩ ଗୁରୁତର

**ଭଦ୍ରକ ଅଫିସ, ୨୦।୮:** ଭଦ୍ରକ ଜିଲାସ୍କୁଲର ୩ ଜଣ ଛାତ୍ରୀଛାତ୍ର ବ୍ଲିଚିଂ ମିଶା ପାଣି ପିଇ ଗୁରୁତର ହୋଇ ପଡିଛନ୍ତି । ସେମାନଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରେ ୨ ଜଣ ଛାତ୍ରୀ ଥିବା ବେଳେ ଜଣେ ଛାତ୍ର ରହିଛନ୍ତି। ସପ୍ତମ ଶ୍ରେଣୀରେ ପଢୁଥିବା ଏହି ୩ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇବା ପରେ ସ୍କୁଲ ପରିସରରେ ରଖାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗର ଏକ ଅସ୍ଥାୟୀ ଟାଙ୍କି ପାଖକୁ ଯାଇ ପାଣି ପିଇଥିଲେ। ସେଥିରେ ଅତ୍ୟଧିକ ବ୍ଲିଚିଂ ମିଶିଥିବା କୁହାଯାଉଛି। ପାଣି ପିଇବା ପରେ ସେମାନେ ଅସୁସ୍ଥତା ଅନୁଭବ କରିଥିଲେ। ସ୍କୁଲରୁ ଘରକୁ ଫେରିବା ପରେ ମୁଣ୍ଡ ବୁଲାଇ ପେଟ କାଟିବାରୁ ପରିବାର ଲୋକେ ସେମାନଙ୍କୁ ଆଣି ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ଜିଲାସ୍କୁଲର ଶିକ୍ଷକମାନେ ଚିକିତ୍ସାଳୟରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

### ଫିଲ୍ମ ପୋଷ୍ଟର ବିବାଦ

# ଭାଇରାଲ ଅଡିଓକୁ ନେଇ ଧମକ ଦେଲେ ଦୂତି

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

ଗଣେଶ ପୂଜାରେ ରିଲିଜ ହେବାକୁ ଥିବା ଓଡ଼ିଆ ଫିଲ୍ମ 'ମିଷ୍ଟର କହ୍ନେୟା' ପୋଷ୍ଟରକୁ ନେଇ ବିବାଦ ଥମି ନ ଥିବାବେଳେ ପୁଣି ଆଉ ଏକ ବିବାଦ ଆରମ୍ଭ ହୋଇଛି। ପୋଷ୍ଟରକୁ ବିରୋଧ କରୁଥିବା ଦୌଡରାଣୀ ଦୂତି ଚାନ୍ଦଙ୍କ ବିରୋଧରେ ବିଶୋଦାଗାର କରାଯାଇଥିବା ଏକ ଅଡିଓ ଏବେ ଭାଇରାଲ ହୋଇଛି। ଉକ୍ତ ଅଡିଓରେ କେହିଜଣେ ଦୂତି ପ୍ରଥମେ ନିଜ କଥା ସମ୍ଭାଳନ୍ତୁ ବୋଲି ପରାମର୍ଶ ଦେବାସହ ତାଙ୍କ ମା' ଓ ପରିବାର ସମ୍ପର୍କରେ ମଧ୍ୟ କହୁଥିବା ଶୁଣିବାକୁ ମିଳୁଛି। ତେବେ ଉକ୍ତ ଅଡିଓଟି କାହାର ଓ କିଏ ଏହାକୁ ଭାଇରାଲ କଲେ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଏହାକୁ ନେଇ ଦୂତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଛନ୍ତି। ଉକ୍ତ ଅଡିଓ ମାଧ୍ୟମରେ ପପୁ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା କଥା ସେ ଉଲ୍ଲେଖ କରିଛନ୍ତି। ଏପରିକି ପପୁଙ୍କ ବିରୋଧରେ ସେ କୋର୍ଟକୁ ଯିବେ ବୋଲି ଧମକ ମଧ୍ୟ ଦେଇଛନ୍ତି ଦୂତି।

ଦୂତି କହିଛନ୍ତି, ପପୁ ଏହି ଅଡିଓରେ ମୋର ବ୍ୟକ୍ତିଗତ କଥାକୁ ଉଠାଇଛନ୍ତି। ତାଙ୍କ ସହ ବ୍ୟକ୍ତିଗତ ସ୍ତରରେ ମୋର କୌଣସି ଶତ୍ରୁତା ନାହିଁ କିମ୍ବା ତାଙ୍କ ସହ କଥାବାର୍ତ୍ତା ମଧ୍ୟ ହୁଅନ୍ତି ନାହିଁ। ଫିଲ୍ମ ପୋଷ୍ଟରଟି ନାରୀ ସମାଜକୁ ବଦନାମ କରୁଥିବାରୁ ମୁଁ ଏହାକୁ ବିରୋଧ କରିଥିଲି। କେଉଁ କାରଣ ପାଇଁ ପପୁ ଏଭଳି ତାଙ୍କୁ ଲଜିତ କଲେ ସେ ଜାଣିନାହାନ୍ତି। ଯେହେତୁ ମୋ ମାନସମ୍ମାନ ଉପରେ ଆଞ୍ଚ ଆସିଛି ତେଣୁ ଆଇନର ଆଶ୍ରୟ ନେବି। ମୋର ଅନେକ ସେଲିବ୍ରେଟି ଅଛନ୍ତି, ସେମାନେ ତାଙ୍କୁ ଫୋନ୍ କରି ଏ ବିଷୟରେ ପଚାରୁଛନ୍ତି। ଯଦି ସେ ନିଜ ଭୁଲ ସ୍ୱୀକାର ନ କରନ୍ତି ମୁଁ କୋର୍ଟରେ ମାନହାନୀ ମକଦ୍ଦମା କରିବି ବୋଲି ଦୂତି କହିଛନ୍ତି।



- ପପୁଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିବାକୁ ଫେସ୍‌ବୁକ୍‌ରେ ପୋଷ୍ଟ କଲେ
- ପ୍ରଯୋଜକ ସଂସ୍ଥା, ଲିଙ୍କନ ସୁବୁଦ୍ଧିଙ୍କୁ ନୋଟିସ କଲା କମିଶନରେଟ ପୋଲିସ



ଅନ୍ୟପକ୍ଷରେ ପୋଷ୍ଟର ବିବାଦ ମାମଲାରେ ଫିଲ୍ମ ପ୍ରଡକ୍ସନ ୟୁନିଟ୍‌କୁ ନୋଟିସ ଜାରି କରିଛି କମିଶନରେଟ ପୋଲିସ। ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ମଗାଯାଇଥିବାବେଳେ ଥାନାରେ ପପୁଙ୍କ ସହ ପୂରା ୟୁନିଟ୍‌ରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କର ବୟାନ ସହ ଭିଡିଓ ରେକର୍ଡ ହେବ। ସେହିପରି ମହିଳା ଥାନାରେ ଅଭିଯୋଗ କରିଥିବା ସମାଜସେବୀ ଲିଙ୍କନ ସୁବୁଦ୍ଧିଙ୍କୁ ବି ପୋଲିସ ନୋଟିସ କରିଛି। କେଉଁ ମାଧ୍ୟମରୁ ସେ ଏହି ପୋଷ୍ଟର ପାଇଲେ ସେନେଇ ମଧ୍ୟ ସବିଶେଷ ତଥ୍ୟ ରଖିବାକୁ କୁହାଯାଇଥିବା ଜଣାପଡ଼ିଛି।

ମଙ୍ଗଳବାର ମହିଳା କମିଶନ ଅଧ୍ୟକ୍ଷା ଭାବେ ମିନତି ବେହେରା ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି, ସେ ଏସବୁ ଘଟଣାକୁ ନିନ୍ଦା କରୁଛନ୍ତି। ମହିଳାଙ୍କୁ ଏଭଳି ଚିତ୍ରିତ କରିବା ଠିକ୍ ହୋଇନି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ଫିଲ୍ମ 'ମିଷ୍ଟର କହ୍ନେୟା'କୁ ନେଇ ପ୍ରସ୍ତୁତ ଏକ ପୋଷ୍ଟର ଭାଇରାଲ ହୋଇଥିଲା। ଏଥିରେ ୭ଜଣ ଯୁବତୀଙ୍କୁ ଅଭିନେତା ତତ୍ତ୍ୱପ୍ରକାଶ ଶତପଥୀ ଓରଫ ପପୁ ଘୋଡା ପରି ଆଣ୍ଡେଇବା ସହ ନିଜେ କୃଷ୍ଣଙ୍କ ପରି ଚକ୍ର ଧରିବା ପୋଜ୍ ଦେଇଥିଲେ। ଏପରିକି ଆଣ୍ଡେଇଥିବା ୭ଜଣ ଯୁବତୀଙ୍କ ବେକରେ ରଶି ବନ୍ଧା ହେବା ସହ ଏହାର ଲଗାମ ପପୁ ଧରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସମାଜସେବୀ ଲିଙ୍କନ ସୁବୁଦ୍ଧି ମହିଳା କମିଶନ ଓ ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନାରେ ମାମଲା (ନଂ-୮୯/୧୯) ରୁଜୁ କରାଯାଇଥିଲା। ପରଦିନ ପପୁ ଏକ ଭିଡିଓରେ ସଫେଇ ଦେଇ ଉକ୍ତ ପୋଷ୍ଟର ତାଙ୍କ ପ୍ରଡକ୍ସନ ହାଉସ୍‌ର ନୁହେଁ ଓ ତାଙ୍କୁ ଦୋଷ ଦିଆଯିବା ଠିକ୍ ନୁହେଁ ବୋଲି କହିଥିଲେ। ହେଲେ ପପୁ ମିଛ କହୁଛନ୍ତି ବୋଲି ଲିଙ୍କନ କହିବା ସହ ଫିଲ୍ମ ପ୍ରମୋଶନ ପାଇଁ ପପୁ ଓ ପ୍ରଡକ୍ସନ ସଂସ୍ଥା ଜାଣିଶୁଣି ଏଭଳି ବିବାଦ ତିଆରି କରିଥିବା କହିଥିଲେ।

## ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଉତ୍ସବ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ରାଜୀବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତ ନେତୃବୃନ୍ଦ କଂଗ୍ରେସ ଭବନ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଭାରତ କଂଗ୍ରେସ ସମ୍ପାଦକ ରୁଦ୍ର ରାଜୁଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ହେମାନନ୍ଦ ବିଶ୍ୱାଳ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


**ଧରିତ୍ରୀ DHARITRI — CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**APPOINTMENT**
Telecaller Required for a Real Estate office, Khandagiri.
Contact : 9861433014 9938569014

**Urgent Required**
A male for front office for Travel Agency Company. Accommodation available.
Contact : 9040056776 9348861961

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

We are authorized Dealer for reputed branded pumps, valves and coupling for Odisha.
We requires professionals for the following positions:
**Require Sale Engineer** having two years' experience in Industrial and Domestic (Pump) Sales. Preferable valves, Pumps and Coupling Sales experience.
**Qualification:** Diploma (Mech.)/ B.E. (Mech.) with good Customer repo/ communication skill with good knowledge in computer (MS Word, Excel, Power Point) will be added advantage.
Interested candidate may post their Resume within a week to:
hydraulics1967@gmail.com

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକଚର କନ୍‌ଷ୍ଟ୍ରକ୍ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ । ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

**ଆବଶ୍ୟକ**
ANGEL BAKERY
Niladri Vihar, Bhubaneswar
Bakery Chef & Asst Chef
9439691528
9853662400
b.rosalinbiswal78@gmail.com

**SANTANU ENGLISH MEDIUM SCHOOL**
Affiliated to CBSE, Delhi
Chintamaniswar, BBSR-6,Ph. : 0674-2972080, Mail : semsbbsr@gmail.com
URGENTLY REQUIRES : Teachers in Maths, Science, S. Science, Computer, English & Hindi. Apply on or before 5.9.2019.

**WANTED**
Reputed **GODREJ INTERIO** dealer **4s INTERIORS** is looking for Accountant having knowledge of Excel & Tally. Salary : As per the Industry standard and Experience. Interested Candidates are requested to
Mail their Bio Data At
interiors4s@gmail.com

**APPOINTMENT**
**BINAYAK HOSPITAL**
(A MULTI FACILITY 100 BEDDED HOSPITAL)
MAIN ROAD, CHANDBALI, BHADRAK, ODISHA-756133
E-MAIL - binayakhospital.chandbali@yahoo.com
Mob - 9437531150, 7077464040
(1) **FULL TIME DOCTORS** - Specialist in O & G, Paediatrics, Surgery Anesthesiology, Pathology, Radiology, Medicine, Senior resident & Junior resident.
(2) **PART TIME DOCTORS** - Specialist in ENT, Ortho, Neurology, Cardiology, Gastro, Ophthalmology, Skin, Chest & Pulmonary Medicine.
(3) **PARAMEDICAL STAFF**-D.pharma, DMLT, DMRT, GNM, OT Assistance, Ambulance Driver,
(4) **SPECIAL OFFICIAL REQUIREMENT**-HR.Administration, HR. Marketing, Accounts Officer - MBA finance.
(5) **SECURITY PERSONNEL WITH OTHERS**-Watchman, Computer Technician, Data Entry Operator, Canteen Supervisor, House Keeping & Hospital Manager.
*N.B : Experienced & retired person may also apply.*
SALARY WITH OTHER FACILITY : Negotiable
The complete application with biodata & educational certificates may be sent to our office- within 3 weeks from date of publication of advertisement.
Address - Director, Binayak Hospital, Main Road Chandbali, Dist.- Bhadrak, Odisha-756133

**PARADIP PORT TRUST**
PARADIP PORT-754 142, ODISHA (INDIA)
ADMINISTRATIVE DEPARTMENT
SAGARMALA
No.AD/RSC-I-21/16/2013 (Pt.I)/2615 Dated, the 09th August, 2019
ADVERTISEMENT
A walk-in-interview will be held for the post of "**Pilot** on Contractual Basis".
The details of qualification, age, experience, other conditions etc. are available at Paradip Port Trust website: www.paradipport.gov.in. Interested candidates may please Walk-In with their Curriculum Vitae, original certificates of qualification and experience etc. at Office of the **Chairman, Paradip Port Trust, Po-Paradip Port, Dist-Jagatsinghpur, Odisha-754142, on 26.08.2019 at 12.30 hours.**
Sr. Dy. Secretary
PPT/PR/265/19-20, DT.14.08.2019

**REQUIRED**
Urgent required experience Lady candidate for Backend Executive, only Bhubaneswar office base.
**Salary:** 7,000 - 10,000.
Contact
8327770813, 7609947073

**Appointment**
Need the following person for our manufacturing unit at Gangapada, Bhatkuri, Khurda. We are leading manufacturer of Plastic Furnitures/ Cooler/Stabilizer and LED products.
**Shift Engineer :** Candidate having minimum 2-3 years of experience in Plastic Moulding products, Maintenance & Other moulding activities will be preferable.
**Machine Operator :** Candidates having experience with 1-2 years in any Injection Moulding Machine, as operator in any moulding unit will be prefered. Freshers also can apply.
**Worker :** Under Matric or unqualified candidate should only apply. He should ability to do Hardwork.
Salary will not be a constraint for right candidate. Please send your Bio-data, Aadhar and along with Passport size Photo to the address given below :
PATRIOT
**FUTURE TECHNOLOGIES**
SCR-14, Surya Nagar, Near Governor House, LIC Office, Bhubaneswar-751003
Mob. : 9337724585, E-mail : hrd@rajpathgroup.in

**Urgently Required**
Computer Hardware Engg:- 1 year. Exp. in Desktop, Printer and Laptop
SONATECH INFOSOLUTIONS PVT. LTD.
support@sonatechindia.in
Contact : 7381951030 7381231122

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଡିଏଚ୍ଏଫ୍ଏଲ୍‌କୁ ଦେଇଥିବା ୪୫ ହଜାରକୋଟି ଟଙ୍କାର ରଣକୁ ଇକ୍ୟୁଟିରେ ପରିଣତ କରିବାକୁ ବିଚାର କରୁଛି।
– ରାଜକିରଣ ରାଏ, ୟୁବିଆଇ ଏମ୍‌ଡି ତଥା ସିଇଓ



ସ୍ପାଇସଜେଟ୍ ଏୟାରଲାଇନ୍ସ ଏହାର ମୁମ୍ବାଇସ୍ଥିତ ସମସ୍ତ ଅପରେଶନକୁ ବିମାନବନ୍ଦରର ଟି୨କୁ ସ୍ଥାନାନ୍ତର କରିବାକୁ ଯାଉଛି।
– ଅଜୟ ସିଂ, ସ୍ପାଇସଜେଟ୍ ସିଏମ୍‌ଡି

## ସଂକ୍ଷେପରେ

### ଅଟୋ ଉଦ୍ୟୋଗରେ ମାନ୍ଦାବସ୍ଥା
## ଇ-ଯାନ ନୀତି ଲାଗୁ ନେଇ ସରକାରଙ୍କ ପଛଘୁଞ୍ଚା

**ନୂଆଦିଲ୍ଲୀ,୨୦-୮:** ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଛାଇ ଯାଇଥିବାରୁ ଦେଶର ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡିବା ଆରମ୍ଭ ହୋଇଛି। ଏହାକୁ ଦେଖି କେନ୍ଦ୍ର ସରକାର ଭୟଭୀତ ହୋଇଛନ୍ତି। ଦେଶରେ ଇଲେକ୍ଟ୍ରିଯାନ ପ୍ରଚଳନ ଲାଗି ସରକାର ତରବରିଆ ନିଷ୍ପତ୍ତି ନେଇଥିଲେ। ଏବେ ଏହାକୁ ଧିମେଇ ଦେବା ଲାଗି ଆଗଭର ହେଲେଣି। ମିଡିଆ ରିପୋର୍ଟ ଅନୁଯାୟୀ, ୨୦୨୩ ପରେ ଇଣ୍ଟର୍ନାଲ କମ୍ବଶନ ଇଞ୍ଜିନ(ଆଇସିଇ)ଥିବା ତିନି ଚକିଆ ଓ ୧୫୦୦ ସିସିର ଇଞ୍ଜିନ ଥିବା ଦୁଇଚକିଆ ଗାଡ଼ି ବିକ୍ରି ଉପରେ କଟକଣା ଲଗାଇବାକୁ ସରକାର ଚିନ୍ତା କରୁଥିଲେ। ଏବେ ଏଥିରୁ ଓହରି ଆସିବାକୁ ସରକାର ଚାହୁଁଛନ୍ତି। ସମ୍ପୂର୍ଣ୍ଣ ଅଟୋ ସେକ୍ଟରକୁ ବାଧା ନ ପହଞ୍ଚାଇ ଧୀରେ ଧୀରେ ଇଲେକ୍ଟ୍ରିକ ଯାନ ପ୍ରଚଳନ କରିବା ଲାଗି ସରକାରଙ୍କ ଗୋଟିଏ ପକ୍ଷ ପ୍ରସ୍ତାବ ଦେଇଛନ୍ତି।

## ମାତ୍ର ୫୯ ମିନିଟରେ ଘର, ଗାଡ଼ି ଋଣ ଦେବ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

**ନୂଆଦିଲ୍ଲୀ,୨୦-୮:** ଏଣିକି ଘର ଓ ଗାଡ଼ି ଋଣ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଦୌଡିବାକୁ ପଡିବ ନାହିଁ। ସେମାନେ ଏଣିକି ଏହି ଋଣକୁ ମାତ୍ର ୫୯ ମିନିଟରେ ପ୍ରଦାନ କରିବେ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପକ୍ଷରୁ 'ପିଏସ୍‌ବି ଲୋନ୍ସ ଇନ୍ ୫୯ ମିନିଟ୍ସ'ପୋର୍ଟାଲକୁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଏମ୍ଏସ୍ଏମ୍ଇ ସେକ୍ଟରକୁ ଏହି ପୋର୍ଟାଲ ଜରିଆରେ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ତେବେ ଏସ୍‌ବିଆଇ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ କର୍ପୋରେଶନ ବ୍ୟାଙ୍କ ଏହି ସୀମାକୁ ୫ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବେ ଅନେକ ରିଟେଲ ଋଣକୁ ଉକ୍ତ ଶ୍ରେଣୀରେ ଆଣିବାକୁ ଯୋଜନା ପ୍ରସ୍ତୁତ କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଜେନେରାଲ ମ୍ୟାନେଜର ସଲିଲ କୁମାର କହିଛନ୍ତି ଯେ, ଉକ୍ତ ବ୍ୟବସ୍ଥା ଦ୍ୱାରା ଲୋକଙ୍କୁ ସହଜରେ ଋଣ ମିଳିଯିବ। ଏହାଦ୍ୱାରା ଜଟିଳ ପ୍ରକ୍ରିୟା ଶେଷ ହୋଇଯିବା ସହିତ ଋଣ ରାଶି ଜାରି ସମୟସୀମା ହ୍ରାସ ପାଇବ। ବର୍ତ୍ତମାନ ଅନୁମୋଦନ ପତ୍ର ପାଇବାର ୭ରୁ ୮ ଦିନ ପରେ ହିଁ ଋଣ ରାଶି ବ୍ୟାଙ୍କ ପ୍ରଦାନ କରୁଛି।

## ଫିଟ୍‌ଜୀ ପକ୍ଷରୁ ବିଗ୍ ବ୍ୟାଙ୍ଗ ଏଜ୍‌ଟେଷ୍ଟ

FIITJEE

**ଭୁବନେଶ୍ୱର, ୨୦-୮:** ଫିଟ୍‌ଜୀ ପକ୍ଷରୁ ବିଗ୍ ବ୍ୟାଙ୍ଗ ଏଜ୍ ଟେଷ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଅକ୍ଟୋବର ୨୦ରେ ଦେଶବ୍ୟାପୀ ଅନୁଷ୍ଠିତ ହେବ। ପଞ୍ଚମ ଶ୍ରେଣୀଠାରୁ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇ ପାରିବେ। ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ପଞ୍ଜୀକରଣ ପ୍ରକ୍ରିୟା ଅକ୍ଟୋବର ୧୯ ଯାଏ ଚାଲିବ। ଏହି ଟେଷ୍ଟ ମାଧ୍ୟମରେ ଛାତ୍ରୀଛାତ୍ର ନିଜର କାର୍ଯ୍ୟ ଦକ୍ଷତା, ଜେଇଇ ମେନ୍ ଆଡଭାନ୍ସ, କେଭିପିୱାଇ, ବୋର୍ଡ, ବିଟସାଟ୍, ଏନ୍‌ଟିଏସ୍‌ଇ, ସିନିୟର ଏବଂ ଜୁନିୟର ଅଲିମ୍ପିଆଡ୍ ପ୍ରସ୍ତୁତି ସମ୍ପର୍କରେ ଜାଣିବାରେ ସହାୟତା କରିବ। ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀରୁ ପ୍ରସ୍ତୁତି କରିବା ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥାଉ ବୋଲି ଫିଟଜୀ ନିର୍ଦ୍ଦେଶକ ଆର ଏଲ୍ ତ୍ରିଖା କହିଛନ୍ତି।

# ପ୍ରତ୍ୟକ୍ଷ କରରେ ବଡ଼ଧରଣର ସଂସ୍କାର ପ୍ରସ୍ତୁତି

**ନୂଆଦିଲ୍ଲୀ,୨୦-୮**

### ସର୍ବାଧିକ ଆୟକର ୨୦% ସୁପାରିସ

- ଏମ୍ଏଟି, ଡିଡିଟି ହଟିବ
- ବର୍ତ୍ତମାନ ବ୍ୟକ୍ତିଗତ ଟିକସ ସର୍ବାଧିକ ୩୦% ରହିଛି
- ୩ ବଦଳରେ ୪ ସ୍ଲାବ୍ ହେବ ବ୍ୟକ୍ତିଗତ ଆୟକର




କେନ୍ଦ୍ର ସରକାର ପରୋକ୍ଷ ଟିକସ ବ୍ୟବସ୍ଥାରେ ସଂସ୍କାର ଆଣି ଦେଶରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ କଲେ। ଏହାଦ୍ୱାରା ପ୍ରାୟ ଏକ ଡଜନରୁ ଊର୍ଦ୍ଧ୍ୱ ପରୋକ୍ଷ ଟିକସ ଲୋପ ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏବେ ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ବଡ଼ ଧରଣର ସଂସ୍କାର ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଦେଶରେ ପ୍ରତ୍ୟକ୍ଷ କର ଆଇନ ବଦଳରେ ଡାଇରେକ୍ଟ ଟ୍ୟାକ୍ସ କୋଡ୍(ଡିଟିସି) ଲାଗୁ କରିବା ଲାଗି ସରକାର ଏବେ ନିଷ୍ପତ୍ତି ନେଇଛନ୍ତି। ଏହାକୁ କିପରି ଲାଗୁ କରିହେବ ସେନେଇ ଏକ ଟାସ୍କଫୋର୍ସ ଗଠନ କରାଯାଇଥିଲା। ବିଭିନ୍ନ ଦିଗ ଉପରେ ତର୍ଜମା କରି ଟାସ୍କଫୋର୍ସ ସରକାରଙ୍କୁ ତାଙ୍କର ସୁପାରିସ୍ ରିପୋର୍ଟ ପ୍ରଦାନ କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆୟକର ସ୍ଲାବ୍‌ରେ ପରିବର୍ତ୍ତନ କରି ଆୟକର ସୀମାକୁ ସର୍ବାଧିକ ୨୦%ରେ ସୀମିତ ରଖିବା ସହ ସମସ୍ତ କମ୍ପାନୀଙ୍କ ପାଇଁ କର୍ପୋରେଟ ଟିକସକୁ ୨୫%କୁ ହ୍ରାସ କରିବା ପାଇଁ ସୁପାରିସ କରାଯାଇଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ବ୍ୟକ୍ତିଗତ ଆୟକର ସୀମାକୁ ୫ରୁ ୨୦ % ମଧ୍ୟରେ ୪ ସ୍ଲାବ୍‌ରେ ସୀମିତ ରଖିବାକୁ ଟାସ୍କଫୋର୍ସ ସୁପାରିସ କରିଛି। ବର୍ତ୍ତମାନ ସର୍ବନିମ୍ନ ୫% ଓ ସର୍ବାଧିକ ୩୦% ଟିକସ ସ୍ଲାବ୍ ରହିଛି। ସେହିପରି ୬୦ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କ ପାଇଁ ଆୟକର ଛାଡ଼ ସୀମା ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୫%, ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୨୦% ଓ ୧୦ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦% ଟିକସ ଆଦାୟ କରାଯାଉଛି। ଉଚିତ୍ ନିବେଶ ଦ୍ୱାରା ଜଣେ ବ୍ୟକ୍ତି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ଼ର ସୁବିଧା ପାଇପାରିବେ। କାରଣ ଏହା ଉପରେ ଆୟକର ବିଭାଗ ପକ୍ଷରୁ ଅନେକ ପ୍ରକାର ରିବେଟ ଦିଆଯାଇଥାଏ। ବର୍ତ୍ତମାନ ବ୍ୟବସ୍ଥାରେ ବ୍ୟକ୍ତିଗତ ଟିକସଦାତାଙ୍କର ତିନୋଟି ଶ୍ରେଣୀ(୬୦ ବର୍ଷରୁ କମ୍, ୬୦ରୁ ୮୦ ବର୍ଷ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ) ରହିଛି।

ସେହିଭଳି କର୍ପୋରେଟ ଟିକସ କ୍ଷେତ୍ରରେ ମଧ୍ୟ ସଂସ୍କାର ପାଇଁ ସୁପାରିସ୍ କରାଯାଇଛି। ଏଥିରେ କୁହାଯାଇଛି ଯେ, ସମସ୍ତ କମ୍ପାନୀଙ୍କ ପାଇଁ କର୍ପୋରେଟ ଟିକସକୁ ୨୫%ରେ ସୀମିତ ରଖାଯାଉ। ବର୍ତ୍ତମାନ ବାର୍ଷିକ ୪୦୦ କୋଟି ଟଙ୍କା କାରବାର କରୁଥିବା କର୍ପୋରେଟଙ୍କ ପାଇଁ ୨୫% ଟିକସ ଧାର୍ଯ୍ୟ ହୋଇଛି। ଏହା ଅଧୀନରେ ଦେଶର ୯୯.୩% ପଞ୍ଜୀକୃତ କମ୍ପାନୀ ଆସିଯାଉଛନ୍ତି। ଅବଶିଷ୍ଟ ୦.୭ ପ୍ରତିଶତ ଏଥିରୁ ବାଦ୍ ପଡୁଛନ୍ତି। ତେବେ ଏହି ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ହୋଇଥିଲେ ହେଁ ସେମାନେ ସର୍ବାଧିକ ଟିକସ ଦେଉଛନ୍ତି। ଏହି ଟିକସ ହ୍ରାସ ବ୍ୟବସ୍ଥାକୁ ଧୀରେ ଧୀରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କରିବା ଲାଗି ଟାସ୍କଫୋର୍ସ ସୁପାରିସରେ ଦର୍ଶାଇଛି। ସେହିପରି ମିନିମମ୍ ଅଲ୍ଟରନେଟ ଟ୍ୟାକ୍ସ(ଏମ୍ଏଟି) ଏବଂ ଲାଭାଂଶ ବିତରଣ ଟିକସ(ଡିଡିଟି)କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଲାଗି ସୁପାରିସ କରାଯାଇଛି। ଏହାଛଡ଼ା ଆୟ ଉପରେ ଦୋହରା ଟିକସ ଆଦାୟ ବୋଝକୁ ପ୍ରତ୍ୟାହାର କରିବାକୁ କୁହାଯାଇଛି। ଉଦ୍ୟୋଗ ଜଗତ ଡିଡିଟି ଓ ଏମ୍ଏଟି ତଥା ଏଲ୍‌ଟିସିଜି ପ୍ରତ୍ୟାହାର କରିବାକୁ ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି। ସୂଚନାଥାଉ କି, ସରକାର ଆୟକର ଆଇନ, ୧୯୬୧କୁ ଫାଇନାନ୍ସ ବିଲ୍ ମାଧ୍ୟମରେ ପ୍ରତ୍ୟାହାର କରି ନେବାକୁ ଚାହୁଁଛନ୍ତି। ସେ ସ୍ଥାନରେ ଦେଶରେ ଡାଇରେକ୍ଟ ଟ୍ୟାକ୍ସ କୋଡ(ଡିଟିସି) ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଆୟକର ଆଇନ ଲାଗୁ ହେବାର ଦୀର୍ଘ ୬୦ ବର୍ଷ ଭିତରେ ଏଥିରେ ଅନେକ ସଂଶୋଧନ ହୋଇସାରିଲାଣି। ଫଳସ୍ୱରୂପ ମୂଳ ଆଇନ ନିଜର ଅସ୍ତିତ୍ୱ ହରାଇଛି। ଉପା ସରକାର ୨୦୧୦ରେ ନୂଆ ଆୟକର ଆଇନ ଆଣିବାକୁ ପ୍ରୟାସ କରିଥିଲେ। ସେତେବେଳେ ମଧ୍ୟ ଡିଟିସି ଲାଗୁ ନେଇ ଗଠିତ ଏକ ଟାସ୍କଫୋର୍ସ ବହୁ ସୁପାରିସ କରିଥିଲେ। ତେବେ ଭିତରେ ଓ ବାହାରେ ବିରୋଧର ସ୍ୱର ଉଠିବା ପରେ ସରକାର ନିଜ ନିଷ୍ପତ୍ତିରୁ ପଛକୁ ହଟିଥିଲେ। ବର୍ତ୍ତମାନର ଟାସ୍କଫୋର୍ସ ରିପୋର୍ଟକୁ ମତାମତ ପାଇଁ ସରକାରୀ ୱେବସାଇଟରେ ଉଲ୍ଲେଖ କରାଯିବ। କେନ୍ଦ୍ର ସରକାର ନୂଆ ଟିକସ ଆଇନକୁ ୨୦୨୦-୨୧ ବଜେଟର ଅଂଶଭାବେ ପ୍ରକାଶ କରିବେ ବୋଲି ଆଶାକରାଯାଉଛି।

# ଡେବିଟ କାର୍ଡ ବନ୍ଦ କରିବାକୁ ଏସ୍‌ବିଆଇର ପ୍ରସ୍ତୁତି



**ନୂଆଦିଲ୍ଲୀ,୨୦-୮**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ପ୍ଲାଷ୍ଟିକ ଡେବିଟ କାର୍ଡ ପ୍ରଚଳନକୁ ବନ୍ଦ କରିବାକୁ ଯାଉଛି। ଏହା ବଦଳରେ ବ୍ୟାଙ୍କ ୟୋନୋ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ଜୋରଦାର ଭାବେ ଲାଗୁ କରିବ। ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, ଡେବିଟ କାର୍ଡ ପ୍ରଚଳନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଦେଶରେ ଏବେ ୯୦କୋଟି ଡେବିଟ ଓ ୩ କୋଟି କ୍ରେଡିଟ କାର୍ଡ ରହିଛି ବୋଲି ସେ କହିଛନ୍ତି। ଏସ୍‌ବିଆଇର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ୟୋନୋ ପ୍ଲାଟଫର୍ମ ମାଧ୍ୟମରେ ଡେବିଟ କାର୍ଡକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯିବ। ଏଥିରେ ୟୋନୋର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ସେ କହିଛନ୍ତି ଯେ, ୟୋନୋ ଜରିଆରେ ଏଟିଏମ୍‌ରୁ ନଗଦ ଉଠାଇ ହେବ ଏବଂ ଦୋକାନରୁ ସାମଗ୍ରୀ କିଣିହେବ। ଏଥିଲାଗି ବ୍ୟାଙ୍କ ପୂର୍ବରୁ ୬୮ ହଜାର ୟୋନୋ କ୍ୟାଶ୍‌ପଏଣ୍ଟ ସ୍ଥାପନ କରିସାରିଛି। ଆସନ୍ତା ଦେଢ଼ ବର୍ଷ ମଧ୍ୟରେ ଏହାକୁ ୧୦ ଲକ୍ଷରେ ପହଞ୍ଚାଇବାର ଯୋଜନା ରହିଛି। ସୂଚନାଥାଉ କି, ଏସ୍‌ବିଆଇ ପକ୍ଷରୁ ଚଳିତବର୍ଷ ୟୋନୋ କ୍ୟାଶ୍ ସେବା ଆରମ୍ଭ କରିଛି, ଯାହା ଗ୍ରାହକଙ୍କୁ ବିନା ଡେବିଟ୍ କାର୍ଡରେ ଏଟିଏମ୍‌ରୁ ଟଙ୍କା କାଢ଼ିବାର ସୁବିଧା ଦେଇଥାଏ। ଏହି ବ୍ୟବସ୍ଥା ଅତ୍ୟନ୍ତ ସହଜ ତଥା ସୁବିଧାଜନକ ଏବଂ ସୁରକ୍ଷିତ। ଆରମ୍ଭରେ ୧୬,୫୦୦ ଏଟିଏମ୍‌ରେ ଏହି ସୁବିଧା ଯୋଗାଇ ଦିଆଯାଇଥିଲା। ଧୀରେ ଧୀରେ ଏହାକୁ ଅଧିକ ଏଟିଏମ ସହ ଲିଙ୍କ୍ କରାଯାଉଛି।

### ଉତ୍ସବ ଉପହାର ଘୋଷଣା

ଏସ୍‌ବିଆଇ ପକ୍ଷରୁ ଗ୍ରାହକଙ୍କ ଲାଗି ଉତ୍ସବ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକମାନେ ପ୍ରୋସେସିଂ ଫି ଛାଡ, ପ୍ରାକ୍ ମଞ୍ଜୁର ଡିଜିଟାଲ ଋଣ, ସୁଧରେ କୌଣସି ବୃଦ୍ଧି ନ କରି ଋଣ ପ୍ରଦାନ ଭଳି ସୁବିଧା ପାଇବେ। କାର ଉପରେ ପ୍ରୋସେସିଂ ଦେୟ ଛାଡ ସହ ୮.୭୦ ହାରରେ ଋଣ ପ୍ରଦାନ କରାଯାଉଛି। ଉକ୍ତ ଋଣ ପାଇଁ ଡିଜିଟାଲ ମାଧ୍ୟମରେ ଆବେଦନ କଲେ ସୁଧ ଉପରେ ଅତିରିକ୍ତ ୦.୨୫% ରିହାତି ପ୍ରଦାନ କରାଯାଉଛି। ବେତନଭୋଗୀମାନେ କାର ମୂଲ୍ୟର ୯୦% ପର୍ଯ୍ୟନ୍ତ ରାଶି ଋଣ ଆକାରରେ ପାଇ ପାରିବେ। ସେହିଭଳି ସୁଲଭ ସୁଧହାରରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଋଣ, ଏସ୍‌ବିଆଇ ୟୁନୋରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରାକ୍ ମଞ୍ଜୁର ଋଣ, ଦେଶ ଏବଂ ବିଦେଶରେ ପଢିବା ଲାଗି ଯଥାକ୍ରମେ ୫୦ ଲକ୍ଷ ଏବଂ ଦେଢ କୋଟି ଟଙ୍କାର ଋଣ ସୁଲଭ ସୁଧ ହାରରେ ପ୍ରଦାନ କରାଯାଉଛି।

### ଆଧାର-ସୋସିଆଲ ମିଡିଆ ସଂଯୋଗ ମାମଲା
# ଫେସ୍‌ବୁକ୍‌ର ଆବେଦନ, କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୦-୮**



ସୋସିଆଲ ମିଡିଆ ପ୍ରୋଫାଇଲକୁ ଆଧାର ସହ ସଂଯୋଗ (ଲିଙ୍କ୍) କରିବା ଲାଗି ଦାବି ହେଉଛି। ଏ ସଂକ୍ରାନ୍ତରେ ଏକାଧିକ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଗୋଟିଏ ମଞ୍ଚରେ ଶୁଣାଣି ଲାଗି ଫେସ୍‌ବୁକ୍ ଇଙ୍କ୍(ଇନ୍‌କର୍ପୋରେଟେଡ) ଓ ହ୍ୱାଟ୍ସଆପ୍ ପକ୍ଷରୁ ଏକ ମାମଲା ସୁପ୍ରିମକୋର୍ଟରେ ଦାଏର କରାଯାଇଛି। ସର୍ବୋଚ୍ଚ ଅଦାଲତ ଏହାକୁ ଗ୍ରହଣ କରି କେନ୍ଦ୍ର ସରକାର, ଗୁଗଲ, ଟୁଇଟର ଓ ୟୁଟ୍ୟୁବ୍‌କୁ ନୋଟିସ ଜାରି କରିଛନ୍ତି। ନୋଟିସ ପାଇ ନ ଥିବା ପକ୍ଷଙ୍କୁ ଇ-ମେଲ୍ ଯୋଗେ ଏହା ପଠାଇବାକୁ ଜଷ୍ଟିସ ଦୀପକ ଗୁପ୍ତା ଓ ଜଷ୍ଟିସ ଅନିରୁଦ୍ଧ ବୋଷ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୩ ସୁଦ୍ଧା ନୋଟିସର ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପ୍ଟେମ୍ବର ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଫେସ୍‌ବୁକ ପକ୍ଷରୁ ଆବେଦନରେ ଦର୍ଶାଯାଇଛି ଯେ, ସୋସିଆଲ ମିଡିଆ ପ୍ରୋଫାଇଲକୁ ଆଧାର ସହ ଯୋଡିବା ନେଇ ୪ ମାମଲା ବିଭିନ୍ନ ଅଦାଲତରେ ଦାଏର ହୋଇଛି। ସେଥିମଧ୍ୟରୁ ୨ଟି ମାଡ୍ରାସ ହାଇକୋର୍ଟ, ଗୋଟିଏ ବମ୍ବେ ହାଇକୋର୍ଟ ଓ ଅନ୍ୟଟି ମଧ୍ୟପ୍ରଦେଶ ହାଇକୋର୍ଟରେ ଦାଏର କରାଯାଇଛି। ସବୁ ଆବେଦନରେ ପ୍ରାର୍ଥନା ସମାନ ପ୍ରକାରର ହୋଇଥିବାରୁ ଭିନ୍ନ ଭିନ୍ନ ଅଦାଲତରେ ଶୁଣାଣି କରିବା ଅପେକ୍ଷା ଗୋଟିଏ ମଞ୍ଚ ଅର୍ଥାତ୍ ସୁପ୍ରିମକୋର୍ଟରେ ବିଚାର କରାଯାଉ। ଭିନ୍ନ ଭିନ୍ନ ରାୟ ପ୍ରକାଶ ପାଇ ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ସର୍ବୋଚ୍ଚ ଅଦାଲତ ରାୟକୁ ଗ୍ରହଣ କରାଯିବ। ଖଣ୍ଡପୀଠ ମାମଲାର ପ୍ରାରମ୍ଭିକ ଶୁଣାଣି କରି ସୋସିଆଲ ମିଡିଆର ପ୍ରୋଫାଇଲକୁ ୧୨ ସଂଖ୍ୟା ବିଶିଷ୍ଟ ଆଧାର ସହ ଯୋଡିବା ନେଇ ମାଡ୍ରାସ ହାଇକୋର୍ଟରେ ଚାଲିଥିବା ଶୁଣାଣି ଜାରି ରଖିବାକୁ ନିର୍ଦ୍ଦେଶ ଦେବା ସହ ଚୂଡ଼ାନ୍ତ ରାୟ ପ୍ରକାଶ ନ କରିବାକୁ କହିଛନ୍ତି। ତାମିଲନାଡୁ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଛନ୍ତି ଯେ, ହାଇକୋର୍ଟରେ ଏହି ମାମଲାର ଶୁଣାଣି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇତିମଧ୍ୟରେ ୧୮ଥର ଶୁଣାଣି ଶେଷ ହୋଇଛି। ତେବେ ଫେସ୍‌ବୁକ୍ ଇଙ୍କ୍ ଓ ହ୍ୱାଟ୍ସଆପ୍ ପକ୍ଷରୁ ମାମଲା ପରିଚାଳନା କରି ମୁକୁଲ ରୋହତ୍‌ଗୀ ଓ କପିଲ ସିବଲ କହିଛନ୍ତି ଯେ, ଏହି ମାମଲାରେ ରାୟ ପ୍ରକାଶ ପାଇବା ଦ୍ୱାରା ସାରା ବିଶ୍ୱରେ ସୋସିଆଲ ମିଡିଆ ପ୍ରଭାବିତ ହେବ। ତୃତୀୟ ପକ୍ଷକୁ ଆଧାର ତଥ୍ୟ ଜାରି କରିବା କମ୍ପାନୀର ଉପଭୋକ୍ତା ଗୋପନୀୟତା ନୀତି ଉଲ୍ଲଂଘନ କରିବ। ଏହାଛଡ଼ା ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ରେ ପ୍ରଦର୍ଶିତ ହେଉଥିବା ମେସେଜ ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍ଟେଡ ହୋଇଥିବାରୁ ଆଧାର ନମ୍ବର ତୃତୀୟ ପକ୍ଷକୁ ଦେବା ଅସମ୍ଭବ। ଏପରି କି ସ୍ୱୟଂ କମ୍ପାନୀ ମଧ୍ୟ ମେସେଜ ପଠାଇଥିବା ବ୍ୟକ୍ତି ସମ୍ପର୍କରେ ଜାଣିପାରୁ ନାହିଁ। ଅନ୍ୟପକ୍ଷରେ ତାମିଲନାଡୁ ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଛି ଯେ, ସୋସିଆଲ ମିଡିଆର ଦୁରୁପଯୋଗ ରୋକିବାକୁ ସୋସିଆଲ ମିଡିଆ ପ୍ରୋଫାଇଲକୁ ଆଧାର ସହ ଯୋଡାଯିବା ଜରୁରୀ।

## ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ



**ଭୁବନେଶ୍ୱର, ୨୦-୮(ବ୍ୟୁରୋ)**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରେଳ ସଦନଠାରେ କ୍ଷେତ୍ରୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହିତ ଚାମ୍ବର ଅଫ କମର୍ସ ଓ ଇଣ୍ଡଷ୍ଟ୍ରି ସଦସ୍ୟ, ଶିଳ୍ପ, ପିଏସୟୁ, ଯାତ୍ରୀ ସଂଗଠନ ସଦସ୍ୟ, ଖାଉଟି ସଂଗଠନ ସଭ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବା ସହ ସେମାନଙ୍କର ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଯାତ୍ରୀ ସୁବିଧା ଓ ସେବା ସହିତ ସାଧାରଣ ଚାହିଦା ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସହ ବରିଷ୍ଠ ଉପମହାପ୍ରବନ୍ଧକ ଏଚ୍.କେ. ଦତ୍ତ ଓ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। କ୍ଷେତ୍ରୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ସମ୍ପାଦକ ତଥା ରେଳପଥର ଉପମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ବୈଠକ ପରିଚାଳନା କରିଥିଲେ।

# ରିଲାଏନ୍ସ ଜୁଏଲ୍‌ସର ନୂଆ ଅଭର କଲେକ୍ସନ

**ନୂଆଦିଲ୍ଲୀ, ୨୦ -୮**

ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଏହାର ୧୨ବର୍ଷ ପୂର୍ତ୍ତି ଉପଲକ୍ଷେ ନୂଆ ଅଭର କଲେକ୍ସନ ବଜାରକୁ ଆସିଛି। ଜାତୀୟ ପକ୍ଷୀ ମୟୂରଠାରୁ ଅନୁପ୍ରାଣୀତ ହୋଇ କମ୍ପାନୀ ଏହି କଲେକ୍ସନ ଆଣିଛି। ଏହି ଗହଣାଗୁଡିକରେ ଗ୍ରାହକ ଡିଜାଇନ, ଷ୍ଟାଇଲ, ପ୍ୟାଟର୍ନ ଲାଭ କରିପାରିବେ। କଲେକ୍ସନରେ ୨୨ ଏବଂ ୧୮ କ୍ୟାରେଟ ସୁନାର କାନଫୁଲ ସାମିଲ ରହିଛି। ସେହିଭଳି ଡାଇମଣ୍ଡ ଡିଜାଇନ, ମୂଲ୍ୟବାନ କଲର ଷ୍ଟୋନ ଗ୍ରାହକପାଇପାରିବେ। ଏହି ସମୟରେ କ୍ରୟ ଉପରେ ସୁନା ଗହଣାର ଗଢା ମୂଲ୍ୟ ଉପରେ ୨୪% ପର୍ଯ୍ୟନ୍ତ ଏବଂ ହୀରା ଗହଣା ଉପରେ ୨୪% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେଉଛି। ଏହି ଅଫରର ଲାଭ ସେପ୍ଟେମ୍ବର ପହିଲା ଯାଏ ରହିଛି। ୮୧ ସହରର ୨୦୦ ଷ୍ଟୋରରେ କଲେକ୍ସନଗୁଡିକ ଉପଲବ୍ଧ ରହିଛି।

# ନାଲ୍‌କୋର ନୂଆ ସିଭିଓଙ୍କ ଯୋଗଦାନ

**ଭୁବନେଶ୍ୱର, ୨୦-୮**



ସୋମନାଥ ହାଁସଦା

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)ର ନୂଆ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଭାବେ ସୋମନାଥ ହାଁସଦା ଯୋଗ ଦେଇଛନ୍ତି। ହିନ୍ଦୁସ୍ତାନ କପର ଲିମିଟେଡରେ ମଧ୍ୟ ତାଙ୍କୁ ମୁଖ୍ୟ ସତର୍କତା ଅଧିକାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ୧୯୯୫ରେ ସେ ରେଲୱେ ଷ୍ଟୋର୍‌ସ ସର୍ଭିସ କ୍ୟାଡରରେ ଯୋଗ ଦେଇଥିଲେ। ନାଲ୍‌କୋ ମୁଖ୍ୟ ସତର୍କତା ଅଧିକାରୀ ଭାବେ ଯୋଗଦେବା ପରେ କମ୍ପାନୀର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏବଂ କର୍ମଚାରୀମାନେ ହାଁସଦାଙ୍କୁ ସ୍ୱାଗତ ଜଣାଇଛନ୍ତି।

# ମାନ୍ଦାବସ୍ଥାକୁ ନେଇ ଟ୍ରମ୍ପ ଭୟଭୀତ

**ନୂଆଦିଲ୍ଲୀ,୨୦-୮**

### ଟିକସ ହ୍ରାସ, ଟାରିଫ ପ୍ରତ୍ୟାହାର ବିଚାର



ଚାଇନା ସହିତ ବାଣିଜ୍ୟ ଯୁଦ୍ଧ ଆରମ୍ଭ ଯୋଗୁ ଆସନ୍ତା ୨ ବର୍ଷ ଭିତରେ ଆମେରିକା ଅର୍ଥନୀତିରେ ମାନ୍ଦାବସ୍ଥା ଗ୍ରାସ କରିବ ବୋଲି ବିଶ୍ୱର ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି। ଏହା ଜାଣିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭୟଭୀତ ହୋଇଛନ୍ତି। ଦେଶର ଅର୍ଥନୀତିକୁ ମାନ୍ଦାବସ୍ଥାରୁ ଦୂରେଇ ରଖିବା ଲାଗି ଟ୍ରମ୍ପ ପ୍ରଶାସନ ଟିକସ ହ୍ରାସ କରିବା ସହ ଟାରିଫ୍ ପ୍ରତ୍ୟାହାର ପାଇଁ ସୁପାରିସ କରିପାରନ୍ତି। ଜଣେ ବରିଷ୍ଠ ଅଧିକାରୀଙ୍କ ବକ୍ତବ୍ୟକୁ ଉଦ୍ଧାର କରି ସ୍ଥାନୀୟ ଖବରକାଗଜ 'ଦ ୱାଶିଂଟନ ପୋଷ୍ଟ' ଏ ସମ୍ପର୍କରେ ସୂଚନା ଦେଇଛି। କର୍ମଚାରୀଙ୍କ ଆୟକର ଅସ୍ଥାୟୀ ଭାବେ ହ୍ରାସ କରିବାକୁ ସରକାର ବିଚାର କରୁଛନ୍ତି ବୋଲି କୁହାଯାଇଛି। ଏହାଦ୍ୱାରା ଲୋକଙ୍କ ହାତକୁ ଅଧିକ ଅର୍ଥ ଆସିବ ବୋଲି ବିଚାର କରାଯାଉଛି। 'ଦ ନ୍ୟୁୟର୍କ ଟାଇମ୍ସ' ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଚାଇନାରୁ ଆମଦାନୀ ହେଉଥିବା ଉତ୍ପାଦ ଉପରେ ଲାଗୁ କରିଥିବା ଶୁଳ୍କ (ଟାରିଫ୍)କୁ ପ୍ରତ୍ୟାହାର କରିବା ଲାଗି ବିଚାର କରୁଛନ୍ତି। ଏବେ ଆଲୋଚନା ପ୍ରାରମ୍ଭିକ ସ୍ତରରେ ରହିଛି ଏବଂ ଅଧିକାରୀମାନେ ଏ ସମ୍ପର୍କରେ ଟ୍ରମ୍ପଙ୍କୁ କୌଣସି ପ୍ରସ୍ତାବ ଦେଇନାହାନ୍ତି। ତେବେ ହ୍ୱାଇଟ ହାଉସ ଏଭଳି ଖବରକୁ ବିବାଦୀୟ ବୋଲି ଦର୍ଶାଇଛି। ଆୟକର ହ୍ରାସ ନେଇ ବର୍ତ୍ତମାନ କିଛି ବିଚାର କରାଯାଉ ନାହିଁ ବୋଲି ଏହା ସ୍ପଷ୍ଟ କରିଛି। ରାଷ୍ଟ୍ରପତି ଟ୍ରମ୍ପ ରବିବାର କହିଥିଲେ, ସେ ସବୁ କିଛି ପାଇଁ ପ୍ରସ୍ତୁତ। ତେବେ ଆମେରିକାରେ ମାନ୍ଦାବସ୍ଥା ଆସିବ ନାହିଁ ବୋଲି ସେ ମନେ କରୁଛନ୍ତି।

# ଭାରତରେ ନିବେଶ ୧୦୦ ବିଲିୟନ ଡଲାର ଛୁଇଁବ

**ଭୁବନେଶ୍ୱର, ୨୦-୮(ବ୍ୟୁରୋ)**




### ଅଷ୍ଟ୍ରେଲିଆ କନସଲ ଜେନେରାଲଙ୍କ ସୂଚନା

ଘରୋଇ ବଜାର ବିଦେଶୀ ପୁଞ୍ଜି ଆକୃଷ୍ଟ କରିବାରେ ଏକ ପ୍ରମୁଖ ସ୍ଥଳ ପାଲଟିଛି। ଅଷ୍ଟ୍ରେଲିଆ ପାଇଁ ଭାରତ ନିବେଶର ଏକ ପସନ୍ଦଯୋଗ୍ୟ ସ୍ଥାନ ଭାବେ ଉଭା ହୋଇଛି। ୨୦୧୭ ସୁଦ୍ଧା ଅଷ୍ଟ୍ରେଲିଆ କମ୍ପାନୀଗୁଡିକ ଦେଶରେ ୧୪ ବିଲିୟନ ଡଲାର ପୁଞ୍ଜି ନିବେଶ କରିଛନ୍ତି। ୨୦୩୫ ସୁଦ୍ଧା ଏହା ୧୦୦ ବିଲିୟନ ଡଲାର ଛୁଇଁବ ବୋଲି କୋଲକାତାରେ ଅବସ୍ଥାପିତ ଅଷ୍ଟ୍ରେଲିଆ ବାଣିଜ୍ୟ ଦୂତାବାସର କନସଲ ଜେନେରାଲ ଆଣ୍ଡ୍ର୍ୟୁ ଫୋର୍ଡ କହିଛନ୍ତି। ମଙ୍ଗଳବାର ଶିଳ୍ପ ସଂଘ ଆଇସିସି ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଫୋର୍ଡ କହିଛନ୍ତି, ଭାରତ ଅଷ୍ଟ୍ରେଲିଆ ପାଇଁ ଏକ ପ୍ରମୁଖ ବାଣିଜ୍ୟ ସହଯୋଗୀ। ଭାରତ ସହ ବାଣିଜ୍ୟ ସମ୍ପର୍କକୁ ଆହୁରି ଦୃଢ କରିବାକୁ ପଦକ୍ଷେପ ନିଆଯାଉଛି। ଅଷ୍ଟ୍ରେଲୀୟ କମ୍ପାନୀଗୁଡିକ ଏଠାରେ ନିବେଶ ଓ କାରବାର କରିବାକୁ ଚାହୁଁଥିବା ସେ ସୂଚନା ଦେଇଛନ୍ତି।

ଭାରତର ୧୦ କ୍ଷେତ୍ର ଏବଂ ୧୦ ପ୍ରମୁଖ ରାଜ୍ୟରେ ନିବେଶ ଲାଗି ଅଷ୍ଟ୍ରେଲିଆ ଯୋଜନା ରଖିଛି। ଏସୀୟ ରାଷ୍ଟ୍ରଗୁଡିକ ସହ ୧୦ ସ୍ୱଳ୍ପ ଏବଂ ଦୀର୍ଘ ମିଆଦୀ ପ୍ରସ୍ତାବ ଉପରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ଷେତ୍ରଗୁଡିକ ମଧ୍ୟରେ ଶକ୍ତି, ଶିକ୍ଷା, ଦକ୍ଷତା ବିକାଶ, ଖଣିଜ, ଧାତବ ଶିଳ୍ପ, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ,ସ୍ୱାସ୍ଥ୍ୟ ସେବା ଏବଂ ବନ୍ଦର ଭଳି ପ୍ରମୁଖ କ୍ଷେତ୍ର ସାମିଲ ରହିଥିବା ସେ ସ୍ପଷ୍ଟ କରିଛନ୍ତି।

> ମୁଁ ନିୟମ ଅନୁସାରେ ରେସଲିଂ କରିଥିଲି, ମାତ୍ର ସୁଶୀଲ କୁମାର ଯେପରି ଲଢ଼ିଲେ ତାହା ସମସ୍ତେ ଦେଖିଲେ। ଆଖିରେ ଆଘାତ ମୋତେ ଅସୁବିଧାରେ ପକାଇଥିଲା ।
> – ଜିତେନ୍ଦର କୁମାର, ଭାରତୀୟ ରେସଲର



> ମୁଁ ଜିତେନ୍ଦରଙ୍କ ବିପକ୍ଷରେ ଜାଣିଶୁଣି କିଛି ଭୁଲ କରିନାହିଁ। ଏହା ମୋ କୌଶଳର ଏକ ଅଂଶବିଶେଷ। କୁସ୍ତି ଲଢ଼େଇରେ ଏପରି ହୋଇଥାଏ ।
> –ସୁଶୀଲ କୁମାର, ଡବଲ ଅଲିମ୍ପିକ୍ ମେଡାଲିଷ୍ଟ ରେସଲର



## ସଂକ୍ଷେପରେ

### ପ୍ରିୟମ ଗର୍ଗ ଅଧିନାୟକ

**ନୂଆଦିଲ୍ଲୀ, ୨୦।୮ (ପି.ଟି.):** ରାୟପୁରରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ବାଂଲାଦେଶ ବିପକ୍ଷ ୨୩ ବର୍ଷରୁ କମ୍ ଅନ୍ତର୍ଜାତୀୟ ଦିନିକିଆ ଘରୋଇ ସିରିଜ ପାଇଁ ପ୍ରିୟମ ଗର୍ଗ ୨୩ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକତ୍ୱ କରିବେ। ସିରିଜର ସମସ୍ତ ମ୍ୟାଚ ରାୟପୁରରେ ହେବ। ଗର୍ଗ ନିକଟରେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଅନୁଷ୍ଠିତ ୟୁଥ୍ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ଅଧିନାୟକତ୍ୱ କରିଥିଲେ। ଦଳରେ ଅର୍ଶଦୀପ ସିଂ ଏବଂ ହରପ୍ରୀତ ବ୍ରାର୍ ସ୍ଥାନ ପାଇଛନ୍ତି। ଏହି ଦୁଇ ଖେଳାଳି ଆଇପିଏଲ ୨୦୧୯ରେ କିଙ୍ଗ୍ସ ଇଲେଭେନ ପଞ୍ଜାବର ଅଂଶବିଶେଷ ଥିଲେ।

**୨୩ ବର୍ଷରୁ କମ୍ ଭାରତୀୟ ଦଳ:** ପ୍ରିୟମ ଗର୍ଗ (ଅଧିନାୟକ), ଯଶସ୍ୱୀ ଜଇସ୍ୱାଲ, ମାଧବ କୌଶିକ, ବି.ଆର୍. ଶରଥ (ଉଇକେଟକିପର), ସମର୍ଥ ଭ୍ୟାସ୍, ଆର୍ଯ୍ୟନ ଜୁୟଲ (ଉଇକେଟକିପର), ରିତ୍ୱିକ ରୟ ଚୌଧାରୀ, କୁମାର ସୁରଜ, ଅତୀତ ସେଠ୍, ଶୁଭାଙ୍ଗ ହେଗ୍‌ଡେ, ହ୍ରିତିକ୍ ଶୋକିନ୍, ଧ୍ରୁଶାନ୍ତ ସୋନି, ଅର୍ଶଦୀପ ସିଂ, କାର୍ତ୍ତିକ ତ୍ୟାଗୀ ଓ ହରପ୍ରୀତ ବ୍ରାର୍।

### ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ମୁରେ

**ୱାଶିଂଟନ, ୨୦।୮ (ଏଏଫ୍‌ପି):** ବ୍ରିଟିଶ ଟେନିସ ତାରକା ଆଣ୍ଡି ମୁରେ ଏଟିପି ୱିନ୍‌ଷ୍ଟୋନ-ସାଲେମ ଓପନ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ଝୁଣ୍ଟିଛନ୍ତି। ୩ଥର ଗ୍ରାଣ୍ଡସ୍ଲାମ ବିଜେତା ୩୨ ବର୍ଷୀୟ ମୁରେ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ୬-୭ (୮/୧୦), ୫-୭ ସେଟ୍‌ରେ ଆମେରିକାର ଟେନିସ ସାଣ୍ଡଗ୍ରେନଙ୍କ ନିକଟରୁ ହାରି ଯାଇଥିଲେ। ଏହି ମ୍ୟାଚ୍‌ଟି ୨ ଘଣ୍ଟା ୧୦ ମିନିଟ୍ ଧରି ଚାଲିଥିଲା। ଜାନୁୟାରୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନ୍ ପରେ ମୁରେଙ୍କ ଅସ୍ତ୍ରୋପଚାର ହୋଇଥିଲା। ଏହାପରେ ଏହା ଥିଲା ତାଙ୍କ ୨ୟ ସିଙ୍ଗଲ୍ସ ମୁକାବିଲା। ଏଥିପୂର୍ବରୁ ଗତ ସପ୍ତାହରେ ଅନୁଷ୍ଠିତ ସିନ୍‌ସିନାଟି ମାଷ୍ଟର୍ସରେ ମଧ ମୁରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

# ମନଦୀପଙ୍କ ହ୍ୟାଟ୍ରିକ୍, ଭାରତ ଫାଇନାଲରେ

## ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି



ହ୍ୟାଟ୍ରିକ୍ ଗୋଲ୍‌ସ୍କୋରର ମନଦୀପ ସିଂ।

**ଟୋକିଓ, ୨୦।୮(ପି.ଟି.)**

ଷ୍ଟ୍ରାଇକର ମନଦୀପ ସିଂଙ୍କ ଆକର୍ଷଣୀୟ ହ୍ୟାଟ୍ରିକ ସହାୟତାରେ ଭାରତ ଏଠାରେ ଚାଲିଥିବା ପୁରୁଷ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଆୟୋଜକ ଜାପାନକୁ ୬–୩ ଗୋଲରେ ପରାସ୍ତ କରିଛି। ଏଥିସହ ଭାରତ ଫାଇନାଲରେ ପ୍ରବେଶ କରିଛି। ପୂର୍ବ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୧–୨ ଗୋଲରେ ହାରି ଯାଇଥିବା ଭାରତ ଏହି ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ବୁଧବାର ଫାଇନାଲରେ ସେହି ନ୍ୟୁଜିଲାଣ୍ଡ ସହ ଭାରତର ମୁକାବିଲା ହେବ।

ଜାପାନ ଭଲ ଖେଳିଥିଲେ ହେଁ ମନଦୀପଙ୍କ ହ୍ୟାଟ୍ରିକ ଗୋଲ ଫଳାଫଳରେ ପ୍ରଭେଦ ଆଣିଥିଲା। ଏହି ଯୁବ ଖେଳାଳି ମ୍ୟାଚର ୯, ୨୯ ଓ ୩୦ତମ ମିନିଟରେ ୩ଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳକାନ୍ତ ଶର୍ମା ୩ୟ, ଓଡ଼ିଶାର ନୀଲମ ସଞ୍ଜୀପ ଖେସ୍ ୭ମ ଓ ଗୁରଜାନ୍ତ ସିଂ ୪୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜାପାନ ପକ୍ଷରୁ କେନ୍‌ତାରୋ ଫୁକୁଦା ୨୫ତମ, କେନ୍‌ତା ତନକା ୩୬ତମ ଏବଂ କାଜୁମା ମୁରାତା ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

ମ୍ୟାଚର ୩ୟ ମିନିଟରେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ନୀଳକାନ୍ତ ଶର୍ମା ଭାରତ ପାଇଁ ଚମତ୍କାର ଆରମ୍ଭ କରିଥିଲେ। ଆରମ୍ଭରୁ ଗୋଲ ହେବା ଫଳରେ ଜାପାନ ଡିଫେନ୍ସ ବିଭାଗ ସ୍ୱତଃ

**ଲିଗ୍ ଶେଷରେ ବିଭିନ୍ନ ଦଳର ପଏଣ୍ଟ**

| ମହିଳା | ପୁରୁଷ |
|---|---|
| ଭାରତ–୫ | ନ୍ୟୁଜିଲାଣ୍ଡ–୯ |
| ଜାପାନ–୪ | ଭାରତ–୬ |
| ଚାଇନା–୪ | ଜାପାନ–୩ |
| ଅଷ୍ଟ୍ରେଲିଆ–୨ | ମାଲେସିଆ–୦ |

ଚାପକୁ ଆସି ଯାଇଥିଲା। ଗୁରଜାନ୍ତ ସିଂଙ୍କ ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିବାବେଳେ ୭ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ନୀଲମ ସଞ୍ଜୀପ। ୯ମ ମିନିଟରେ ମନଦୀପଙ୍କ ଫିଲ୍ଡ ଗୋଲ ବଳରେ ଭାରତ ୧୦ ମିନିଟ ମଧ୍ୟରେ ୩–୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ କ୍ୱାର୍ଟର ଶେଷଭାଗରେ ଜାପାନ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାକୁ ଗୁରଜାନ୍ତ ସଫଳତାର ସହ ପ୍ରତିହତ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଆକ୍ରମଣାତ୍ମକ ଆଭିମୁଖ୍ୟ ଅପରିବର୍ତ୍ତିତ ରଖିଥିଲେ ହେଁ ଜାପାନ ଗୋଲକିପର ତାକାଶି ୟୋଶିକାୱାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଗୋଲ ହୋଇପାରି ନ ଥିଲା। ଜାପାନ ୨୫ତମ ମିନିଟରେ ଫୁକୁଦଙ୍କ ମାଧ୍ୟମରେ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲା। ମାତ୍ର ମନଦୀପ ୨ ମିନିଟ ବ୍ୟବଧାନରେ ୨ଟି ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୫–୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଜାପାନ ଆକ୍ରମଣାତ୍ମକ ଖେଳି ଗୋଲ ପରିଶୋଧ ଲକ୍ଷ୍ୟରେ ରହିଥିଲା। ତେବେ ଭାରତୀୟ ଗୋଲକିପର କିଶନ ପାଠକ କେତୋଟି ଶଟ୍ ଅଟକାଇବାରେ ସକ୍ଷମ ହୋଇଥିଲେ। ୩୬ତମ ମିନିଟରେ କେନ୍‌ତା ତନକା ଏକ ଫିଲ୍ଡ ଗୋଲ ଦେଇଥିଲେ। ମାତ୍ର ୪୧ତମ ମିନିଟରେ ଗୁରଜାନ୍ତ ସିଂ ଫିଲ୍ଡ ଗୋଲ ଦେବାରୁ ୩ୟ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନ ୬–୨ରେ ପହଞ୍ଚିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ବିଶେଷ କରି ଘରୋଇ ପରିବେଶରେ ଖେଳୁଥିବା ଜାପାନ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ତେବେ ଦଳ ୫୨ତମ ମିନିଟରେ କାଜୁମାଙ୍କ ସହାୟତାରେ କେବଳ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲା। ଶେଷ ୫ ମିନିଟରେ ଉଭୟ ଦଳ ଗୋଟିଏ ଲେଖାଏ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଲିଗ୍ ମ୍ୟାଚ ଶେଷରେ ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡ ଶୀର୍ଷ ଏବଂ ଭାରତ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ବଲ୍‌କୁ ଅଟକାଇବା ପାଇଁ ସବିତା ଡ୍ରାଇଭ୍ ମାରୁଛନ୍ତି ।

### ମହିଳା ବିଭାଗ ମ୍ୟାଚ ଡ୍ର

ଟୋକିଓଠାରେ ଚାଲିଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକିର ଭାରତ–ଚାଇନା ମହିଳା ବିଭାଗ ମ୍ୟାଚ ଡ୍ର ରହିଛି। ଗୋଲକିପର ସବିତାଙ୍କ ଆକର୍ଷଣୀୟ ପ୍ରଦର୍ଶନ ଯୋଗୁ ଭାରତ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଗତ ରବିବାର ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ୨–୨ରେ ଡ୍ର ରଖିଥିବା ଭାରତ ଏହି ଫଳାଫଳ ସହ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଟାଇଟଲ ପର୍ଯ୍ୟାୟରେ ପହଞ୍ଚିବା ପାଇଁ ଚାଇନା ଏହି ମ୍ୟାଚ ଜିତିବା ଜରୁରୀ ଥିଲା। ମାତ୍ର ଭାରତୀୟ ଡିଫେନ୍ସ ବିଭାଗ ତାହା ହେବାକୁ ଦେଇ ନ ଥିଲା। ୩ ମ୍ୟାଚରୁ ୫ ପଏଣ୍ଟ ପାଇ ଭାରତୀୟ ଦଳ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ବୁଧବାର ଫାଇନାଲରେ ଭାରତ ଆୟୋଜକ ଜାପାନକୁ ଭେଟିବ। ପ୍ରତି ଦଳ ୩ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ଭାରତ ୫, ଜାପାନ ୪, ଚାଇନା ୪ ଓ ଅଷ୍ଟ୍ରେଲିଆ ୨ ପଏଣ୍ଟ ପାଇଛନ୍ତି।

### ସୁଶୀଲଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଟିକେଟ

**ନୂଆଦିଲ୍ଲୀ,୨୦।୮(ପି.ଟି.):** ଫର୍ମରେ ନ ଥିବା ତାରକା ରେସଲର ସୁଶୀଲ କୁମାର ଶେଷରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ମଙ୍ଗଳବାର ଏଠାରେ ଚାଲିଥିବା ଚୟନ ପ୍ରକ୍ରିୟାରେ ସେ ଜିତେନ୍ଦର କୁମାରଙ୍କୁ ୭୪ କେ.ଜି. ଫାଇନାଲରେ ୪–୨ରେ ପରାସ୍ତ କରି ବିଶ୍ୱ ଚାମ୍ପିୟନଶିପ୍ ଖେଳିବାକୁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହି ଫାଇନାଲ ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଆଇଜିଆଇ ଷ୍ଟାଡିୟମରେ ସୁଶୀଲଙ୍କ ଖେଳ ଦେଖିବା ପାଇଁ ପାଖାପାଖି ୧୫୦୦ ଦର୍ଶକଙ୍କ ଭିଡ ଜମାଇଥିଲେ। ଫାଷ୍ଟ ପିରିୟଡରେ ସୁଶୀଲ ୪–୦ରେ ଅଗ୍ରଣୀ ହାସଲ କରିଥିଲେ। ସେକେଣ୍ଡ ପିରିୟଡରେ ସେ ଜିତେନ୍ଦରଙ୍କ ଆଖିରେ ଆଘାତ ଦେଇଥିଲେ। ଜିତେନ୍ଦର କିନ୍ତୁ ଜବରଦସ୍ତ ଲଢ଼େଇ କରିଥିଲେ ଓ ପରାଜୟ ବ୍ୟବଧାନକୁ କମାଇଥିଲେ। ଦୁଇଥର ଅଲିମ୍ପିକ୍ ପଦକ ହାସଲ କରିଥିବା ସୁଶୀଲଙ୍କୁ ବିଜୟୀ ହେବା ପାଇଁ କଷ୍ଟ କରିବାକୁ ପଡ଼ିଥିଲା। ପରାସ୍ତ ହୋଇଥିଲେ ମଧ୍ୟ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ସୁଶୀଲଙ୍କୁ ଫେଡେରେଶନ ଆଉ ଏକ ସୁଯୋଗ ଦେଇଛି। ସେ ୭୯ କେ.ଜି. ବର୍ଗରେ ବୀରଦେବ ଗୁଲିଆଙ୍କୁ ଭେଟିବେ। ବିଜୟୀ ହେଲେ ସେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସୁଶୀଲ ଜାଣିଶୁଣି ମୁକାବିଲା ବେଳେ ନିୟମ ଉଲ୍ଲଂଘନ କରୁଛନ୍ତି ବୋଲି ଜିତେନ୍ଦରଙ୍କ କୋଚ୍ ଜାଭିୟର ଅଭିଯୋଗ ଆଣିଛନ୍ତି। ସୁଶୀଲଙ୍କୁ ମଧ ରେଫରିମାନେ ସମର୍ଥନ କରୁଛନ୍ତି ବୋଲି ସେ କହିଛନ୍ତି। ତେବେ ଭାରତ ପାଇଁ ଏକମାତ୍ର ଖେଳାଳିଭାବେ ଦୁଇଟି ଅଲିମ୍ପିକ୍ ପଦକ ହାସଲ କରିଥିବା ସୁଶୀଲ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଅଧକ୍ଷ ବ୍ରିଜ ଭୂଷଣ ଶରନ ମଧ ସୁଶୀଲଙ୍କୁ ସମର୍ଥନ ଜଣାଇଛନ୍ତି।

# ଦଳ ଚୟନ ନେଇ ଦ୍ୱନ୍ଦ୍ୱରେ କୋହଲି

**ଆଣ୍ଟିଗୁଆ, ୨୦।୮(ପି.ଟି.)**



ଅଜିଙ୍କ୍ୟ ରାହାନେ, ବିରାଟ କୋହଲି, ରୋହିତ ଶର୍ମା।

ଗୁରୁବାରଠାରୁ ଏଠାରେ ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଆରମ୍ଭ ହେବ। ତେବେ ମ୍ୟାଚ୍ ପାଇଁ ଅନ୍ତିମ ଏକାଦଶ ଚୟନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଓ ଅଧିନାୟକ ବିରାଟ କୋହଲି ଦ୍ୱନ୍ଦ୍ୱରେ ପଡିଛନ୍ତି। ସିନିୟର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ମଧ୍ୟରୁ କାହାକୁ ଖେଳାଇବେ ସେ ନେଇ କୋହଲି ଦ୍ୱନ୍ଦ୍ୱରେ ପଡିଛନ୍ତି। ପୁଣି ଏହି ଦୁଇଜଣଙ୍କ ମଧ୍ୟରୁ ଜଣକୁ ଖେଳାଇବେ କିମ୍ବା ବଦଳରେ ପଞ୍ଚମ ବୋଲରକୁ ଖେଳାଇବେ ସେ ନେଇ କୋହଲି ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇ ପାରିନାହାନ୍ତି।

ଯଦି ଭାରତ ୪ଜଣ ବୋଲରଙ୍କୁ ଖେଳାଏ ତା'ହେଲେ ଟେଷ୍ଟ ଉପ ଅଧିନାୟକ ରାହାନେ ଓ ଦିନିକିଆ ଉପ ଅଧିନାୟକ ରୋହିତଙ୍କ ମଧ୍ୟରୁ ଜଣକୁ ଖେଳାଯାଇପାରିବ। ଭାରତ ସଢ଼େ ୭ ମାସ ପରେ ଟେଷ୍ଟ ଖେଳିବାକୁ ଯାଉଛି। ତେଣୁ କୋଚ ରବି ଶାସ୍ତ୍ରୀ ଓ କୋହଲି ଷଷ୍ଠ ବ୍ୟାଟ୍ସମ୍ୟାନଙ୍କୁ ଖେଳାଇବେ ନା ଜଣେ ଅତିରିକ୍ତ ବୋଲଙ୍କୁ ଖେଳାଇବେ ତାହା ଦେଖିବାକୁ ବାକି ରହିଲା। ଯଦି ପରମ୍ପରା ଅନୁଯାୟୀ ଭାରତ ରଣନୀତି ସ୍ଥିର କରେ ତା'ହେଲେ ମୟଙ୍କ ଅଗ୍ରୱାଲ ଓ ଲେକେଶ ରାହୁଲ ଇନିଂସ ଓପନ୍ କରିବେ। ତେବେ ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜର ଅନ୍ତିମ ଦୁଇଟି ଟେଷ୍ଟରେ ରାହୁଲଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ହନୁମା ବିହାରୀଙ୍କୁ ସୁଯୋଗ ଦିଆଯାଇଥିଲା। ତେବେ ବିହାରୀ ଅଧିକ ରନ ସଂଗ୍ରହ କରି ନ ଥିଲେ। ସେ ନୂଆ ବଲ୍‌କୁ ଅଧିକ ସମୟ ଧରି ଖେଳିଥିଲେ। ଯାହା ଫଳରେ ମୟଙ୍କ ଓ ଚେତେଶ୍ୱର ପୂଜାରାଙ୍କୁ ଖେଳିବାରେ ସହଜ ହୋଇଥିଲା। ୱେଷ୍ଟଇଣ୍ଡିଜ ଏ' ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ବିହାରୀ ୩ ନମ୍ବର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଯଦି ଟେଷ୍ଟରେ ଗତ ଏକବର୍ଷ ଧରି ରାହୁଲଙ୍କ ଦୁର୍ବଳ ଫର୍ମକୁ ବିଚାର କରାଯାଏ ତେବେ ହନୁମାଙ୍କୁ ଇନିଂସ ଓପନର ସୁଯୋଗ ମିଳିପାରେ। ପୂଜାରା ୩ ଓ କୋହଲି ୪ ନମ୍ବରରେ ବ୍ୟାଟିଂ କରିବେ। ତେବେ ଏହାପରେ ସମସ୍ୟା ଆରମ୍ଭ ହେଉଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୬ ନମ୍ବରରେ ବ୍ୟାଟିଂ କରିବେ। ଆହତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୭ ନମ୍ବରରେ ବ୍ୟାଟିଂ କରିବେ। ଏପରିସ୍ଥଳେ ରାହାନେ କିମ୍ବା ରୋହିତଙ୍କୁ କୋହଲି ୫ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ଦେଇପାରନ୍ତି।

# ମା' ହେବେ ନ୍ୟୁଜିଲାଣ୍ଡ ସମଲିଙ୍ଗୀ କ୍ରିକେଟର ଏମି

**ୱେଲିଂଟନ, ୨୦।୮ (ପି.ଟି.)**



ଲିଆ ତାହୁହୁ ଓ ଏମି ସାଟ୍ଟର୍ଥୱେଟ୍।

ନ୍ୟୁଜିଲାଣ୍ଡର ସମଲିଙ୍ଗୀ ମହିଳା କ୍ରିକେଟର୍ ତଥା ଦଳର ଅଧିନାୟିକା ଏମି ସାଟ୍ଟର୍ଥୱେଟ୍ ଆସନ୍ତା ଜାନୁୟାରୀରେ ମା' ହେବାକୁ ଯାଉଛନ୍ତି ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ଏଥିଲାଗି ସେ କ୍ରିକେଟ୍‌ରୁ ସାମୟିକ ବ୍ରେକ୍ ନେବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୧ରେ ନ୍ୟୁଜିଲାଣ୍ଡରେ ହେବାକୁ ଥିବା ବିଶ୍ୱକପ୍ ବେଳକୁ ଦଳ ସହ ଯୋଗଦେବାକୁ ୩୨ ବର୍ଷୀୟା ଏମି ଲକ୍ଷ୍ୟ ରଖିଛନ୍ତି।

ଉଲ୍ଲେଖଯୋଗ୍ୟ, ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍‌ଦଳର ୨୮ ବର୍ଷୀୟା ଦ୍ରୁତ ବୋଲର ଲିଆ ତାହୁହୁ ଓ ଏମି ୨୦୧୦ରୁ ଏକାଠି ରହି ଆସୁଥିବାବେଳେ ମାର୍ଚ୍ଚ ୨୦୧୭ରେ ପରସ୍ପର ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ନୂଆ ମାତୃତ୍ୱ ଛୁଟି ପଲିସି ଅନୁଯାୟୀ ଏମି ପ୍ରଥମ କ୍ରିକେଟର୍ ଭାବେ ଏହାର ଫାଇଦା ପାଇବାକୁ ଯାଉଛନ୍ତି। ଏହି ନୂତନ ପଲିସି ଅନୁଯାୟୀ ୨୦୧୯–୨୦ ସିଜନ ଲାଗି ଏମିଙ୍କୁ ତାଙ୍କ ଚୁକ୍ତିର ପୂର୍ଣ୍ଣ ପାଉଣା ପ୍ରଦାନ କରାଯିବ। ଏମି ବର୍ତ୍ତମାନ ସୁଦ୍ଧା ୧୧୯ ଦିନିକିଆ ଓ ୯୯ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି। ପ୍ରଥମ ମହିଳା କ୍ରିକେଟର୍ ଭାବେ ସେ ଦିନିକିଆରେ କ୍ରମାଗତ ୪ଟି ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ଅପରପକ୍ଷରେ ଲିଆ ୧୧୬ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୧୬ ଉଇକେଟ୍ ଅକ୍ତିଆର କରିଛନ୍ତି।

# ଏଆଇଟିଏ–ଆଇଟିଏଫ୍ ଟେଲି କନ୍‌ଫରେନ୍ସ ପୁଣି ବାତିଲ

**ନୂଆଦିଲ୍ଲୀ, ୨୦।୮ (ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ଡେଭିସ କପ୍ ମ୍ୟାଚ ଖେଳାଯିବା ସମ୍ପର୍କରେ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଏବଂ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍)ର ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ ମଙ୍ଗଳବାର ହେବାକୁଥିବା ଟେଲି–କନ୍‌ଫରେନ୍ସ ବାତିଲ ହୋଇଛି। ଫଳରେ କ୍ରମାଗତ ଦୁଇ ଦିନ ଧରି ବୈଠକ ବସିପାରି ନାହିଁ। ଟେଲି କନଫରେନ୍ସରେ ଭାରତର ଅଣ ଖେଳାଳି ଡେଭିସ କପ୍ ଅଧିନାୟକ ମହେଶ ଭୂପତି ଭାଗ ନେବେ। ଏହି ବୈଠକ ପୁଣି କେବେ ହେବ ତାହା ସ୍ଥିର ହୋଇ ନ ଥିବା ସେ କହିଛନ୍ତି। ଏହି ପ୍ରସଙ୍ଗ ଉପରେ ଡେଭିସ୍ କପ୍ କମିଟି ବୈଠକ ବୁଧବାର ବସୁଛି। ଆଇଟିଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜଷ୍ଟିନ୍ ଆଲବର୍ଟ ଉପଲବ୍ଧ ହେଉ ନ ଥିବାରୁ ସୋମବାର ବୈଠକ ସମ୍ଭବ ହୋଇ ନ ଥିଲା। ଦୁଇ ପଡୋଶୀ ରାଷ୍ଟ୍ର ମଧ୍ୟରେ ଡେଭିସ୍ କପ୍ ମ୍ୟାଚ୍ ଇସ୍‌ଲାମାବାଦରେ ଖେଳଯିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଇତିମଧ୍ୟରେ ଜମ୍ମୁ–କଶ୍ମୀର ଉପରୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର ପରେ ଭାରତ ସହିତ ପାକିସ୍ତାନର କୂଟନୈତିକ ସମ୍ପର୍କରେ ଅବନତି ଘଟିଛି।

**ଇଣ୍ଡୋ-ପାକ୍ ଡେଭିସ୍ କପ୍ ମ୍ୟାଚ**

ସୁରକ୍ଷାଗତ କାରଣରୁ ଏହି ମ୍ୟାଚ ପାକିସ୍ତାନ ପରିବର୍ତ୍ତେ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯାଉ ବୋଲି ଏଆଇଟିଏ ପକ୍ଷରୁ ହେଉଥିବା ଦାବିକୁ ଆଇଟିଏଫ୍ ଦୁଇଥର ପ୍ରତ୍ୟାଖ୍ୟାନ କରିସାରିଛି। ହେଲେ ଶେଷରେ ଏହି ପ୍ରସଙ୍ଗ ନେଇ ଏଆଇଟିଏର ପ୍ରତିନିଧିଙ୍କ ସହିତ ଟେଲିକନଫରେନ୍ସ ଜରିଆରେ ଆଲୋଚନା କରିବା ଲାଗି ଆଇଟିଏଫ୍ ରାଜି ହୋଇଛି।

# ଶ୍ରୀସନ୍ତଙ୍କ ବାସନ୍ଦ ଅବଧି ୭ ବର୍ଷକୁ କମିଲା

**ନୂଆଦିଲ୍ଲୀ,୨୦।୮(ପି.ଟି.)**



ସ୍ପଟ୍ ଫିକ୍ସିଂ ମାମଲରେ ଛନ୍ଦି ହୋଇପଡିଥିବାର ଭାରତୀୟ ଦ୍ରୁତ ବୋଲର ଏସ୍. ଶ୍ରୀସନ୍ତଙ୍କୁ ଶେଷରେ ଆଶ୍ୱସ୍ତି ମିଳିଛି। ତଥାକଥିତ ଏହି ଫିକ୍ସିଂ ମମଲାରେ ଦୋଷୀସ୍ୱାବ୍ୟସ୍ତ ହୋଇ ସେ ଆଜୀବନ ବାସନ୍ଦ ହୋଇଥିଲେ। ତାଙ୍କୁ ସବୁ ପ୍ରକାର ବ୍ୟବସାୟିକ କ୍ରିକେଟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ତା ଦ୍ୱାର ଅନୁମୋଦିତ ସବୁ କ୍ରିକେଟ ସଂଘ ସହିତ ଜଡିତ ରହିବା କିମ୍ବା ସଂଘଗୁଡିକର ସବୁ ପ୍ରକାର କାର୍ଯ୍ୟକଳାପରୁ ବାସନ୍ଦ କରାଯାଇଥିଲା। ତେବେ ତାଙ୍କର ଏହି ବାସନ୍ଦ ଅବଧି ୭ ବର୍ଷକୁ କମାଇ ଦିଆଯାଇଛି। ଫଳରେ ଆସନ୍ତା ବର୍ଷ ଅଗଷ୍ଟ ମାସରେ ତାଙ୍କର ବାସନ୍ଦ ଅବଧି ଶେଷ ହେବ। ମଙ୍ଗଳବାର ଏ ସଂକ୍ରାନ୍ତରେ ବିସିସିଆଇ ଓମ୍ବୁଡ୍ସମ୍ୟାନ୍ ଡି.କେ. ଜୈନ ନିର୍ଦ୍ଦେଶ ଜାରି କରିଛନ୍ତି। ଶ୍ରୀସନ୍ତ ଏପର୍ଯ୍ୟନ୍ତ ୬ ବର୍ଷର ବାସନ୍ଦାଦେଶ କାଟି ସାରିଛନ୍ତି। ଜଣେ କ୍ରିକେଟର ହିସାବରେ ସେ ତାଙ୍କର ଶ୍ରେଷ୍ଠ ସମୟକୁ ହାତଛଡ଼ା କରିସାରିଛନ୍ତ ବୋଲି ଓମ୍ବୁଡ୍ସମ୍ୟାନ ହୃଦୟଙ୍ଗମ କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀସନ୍ତ ଏବେ ୩୬ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୦୧୩ରେ ଶ୍ରୀସନ୍ତଙ୍କ ସମେତ ତାଙ୍କ ରାଜସ୍ଥାନ ରୟାଲ୍ସ ସାଥୀ ଖେଳାଳି ଅଜିତ୍ ଚାଣ୍ଡିଲା ଓ ଅଙ୍କିତ ଚାଭନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସ୍ପଟ୍ ଫିକ୍ସିଂ ମାମଲରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଫଳରେ ବିସିସିଆଇ ଏହି ୩ଜଣ କ୍ରିକେଟରଙ୍କୁ ଆଜୀବନ ବାସନ୍ଦ କରିଥିଲା। ତେବେ ଗତ ମାର୍ଚ୍ଚ ୧୫ ତାରିଖରେ ସୁପ୍ରିମକୋର୍ଟ ବିସିସିଆଇ ଶୃଙ୍ଖଳାଗତ କମିଟିର ଏହି ବାସନ୍ଦାଦେଶକୁ ବଦଳାଇ ଦେଇଥିଲେ। ଏବେ ଅଗଷ୍ଟ ୭ରେ ଜୈନ ନିଜର ରାୟ ଶୁଣାଇଥିଲେ। ବାସନ୍ଦ ୭ ବର୍ଷକୁ କମାଇବା ସହ ଆସନ୍ତାବର୍ଷ ଅଗଷ୍ଟରେ ଶ୍ରୀସନ୍ତ ଖେଳିପାରିବେ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ।

ଶ୍ରୀସନ୍ତଙ୍କ ବୟସ ଏବେ ୩୫ ବର୍ଷ ହୋଇଥିବାରୁ, ଜଣେ ଦ୍ରୁତ ବୋଲର ହିସାବରେ ସେ ତାଙ୍କ ଶ୍ରେଷ୍ଠ ସମୟ ହାତଛଡ଼ା ହୋଇସାରିଛି ବୋଲି ଜୈନ କହିଛନ୍ତି। ତେଣୁ ତାଙ୍କ ବାସନ୍ଦ ଅବଧିକୁ ୭ ବର୍ଷକୁ କମାଇବା ନ୍ୟାୟୋଚିତ ହେବ। ୨୦୧୩ ସେପ୍ଟେମ୍ବର ୧୩ରୁ ଏହି ବାସନ୍ଦ ଅବଧୀ ଆରମ୍ଭ ହୋଇଥିଲା। ଏବେ ଆସନ୍ତା ବର୍ଷ ଅଗଷ୍ଟରେ ଏହା ଶେଷ ହେବ।

ଗତ ଏପ୍ରିଲରେ ଅଶୋକ ଭୂଷଣ ଓ କେ.ଏମ୍. ଜୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ଜୈନଙ୍କୁ ୩ ମାସ ମଧ୍ୟରେ ଏ ସଂକ୍ରାନ୍ତରେ ବାସନ୍ଦ ଅବଧି ବା ଦଣ୍ଡର ପରିମାଣ ନେଇ ଅନ୍ତିମ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ବିସିସିଆଇ ଗତ ଫେବୃୟାରୀ ୨୮ରେ ଶ୍ରୀସନ୍ତଙ୍କ ବାସନ୍ଦାଦେଶକୁ ଉଚିତ୍ ବୋଲି କହିଥିଲା। ସେ ମ୍ୟାଚ୍‌ର ଫଳାଫଳକୁ ଅସତ୍ ଉପାୟରେ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଥିଲେ ବୋଲି ବିସିସିଆଇ ଯୁକ୍ତି ବାଢିଥିଲା। ଶ୍ରୀସନ୍ତଙ୍କ ଓକିଲ ଏହାକୁ ଦୃଢ଼ ଭାବେ ଖଣ୍ଡନ କରିଥିଲେ ଓ ଆଇପିଏଲ ମ୍ୟାଚ୍ ଅବସରରେ କୌଣସି ସ୍ପଟ୍ ଫିକ୍ସିଂ ହୋଇ ନ ଥିଲା ଓ ଏ ସଂକ୍ରାନ୍ତରେ କୌଣସି ଠୋସ୍ ପ୍ରମାଣ ନାହିଁ ବୋଲି ପାଲଟା ଯୁକ୍ତି ଉପସ୍ଥାପନା କରିଥିଲେ।

ବରିଷ୍ଠ ଆଇନଜୀବୀ ପରାଗ ତ୍ରିପାଠୀ ବିସିସିଆଇ ତରଫରୁ ଶ୍ରୀସନ୍ତଙ୍କ ବିରୋଧରେ ଯୁକ୍ତି ବାଢ଼ିଥିଲେ। ଏ ସଂକ୍ରାନ୍ତରେ ଟେଲିଫୋନ ବାର୍ତ୍ତାଳାପର ପ୍ରମାଣ ଦେଇଥିଲେ। ସ୍ପଟ୍ ଫିକ୍ସିଂ ନେଇ ଟଙ୍କା କାରବାର ହୋଇଛି ବୋଲି ସେ ଦାବି କରିଥିଲେ। ସ୍ପଟ୍ ଫିକ୍ସିଂ ପାଇଁ ଶ୍ରୀସନ୍ତଙ୍କୁ ୧୦ ଲକ୍ଷ ଟଙ୍କା ଦିଆଯାଇଥିଲା। ୨୦୧୩ ମେ'ରେ ମୋହାଲିରେ ରାଜସ୍ଥାନ ରୟାଲ୍ସ ଓ କିଙ୍ଗ୍ସ ଏକାଦଶ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀସନ୍ତ ତାଙ୍କ ଦ୍ୱିତୀୟ ଓଭରରେ ୧୪ ରନ ବ୍ୟୟ କରିବା ପାଇଁ ଟଙ୍କା ଗ୍ରହଣ କରିଥିଲେ ବୋଲି ତ୍ରିପାଠୀ କହିଥିଲେ। ତେବେ ଶ୍ରୀସନ୍ତ ମଧ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଥିଲେ ଓ ସେ ନିର୍ଦ୍ଦୋଷ ବୋଲି କହି ଆସିଥିଲେ।



"ବିଦର୍ଭ କ୍ରିକେଟ ଏକାଡେମୀରେ କୋଚ୍ ସୁବ୍ରତ ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ମୋ ରିଦମ୍ ସଜାଡ଼ିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ମୁଁ ପ୍ରସ୍ତୁତ ।
–ଉମେଶ ଯାଦବ, ଭାରତୀୟ ଦ୍ରୁତ ବୋଲର



"ୱେଷ୍ଟଇଣ୍ଡିଜ କ୍ରିକେଟ ଦଳରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ ସେମାନଙ୍କୁ ମାନସିକସ୍ତରରେ ଦୃଢ଼ ହେବାକୁ ପଡ଼ିବ ।
–ବ୍ରାଏନ ଲାରା, କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଏଟିପି ମ୍ୟାଚ୍ ଜିତିବାରେ ଲି ପ୍ରଥମ ବଧିର ଖେଳାଳି



**ୱାଶିଂଟନ, ୨୦।୮ (ଏଏଫ୍‌ପି):** ଦକ୍ଷିଣ କୋରିଆର ଲି ଡକ୍-ହେ ପ୍ରଥମ ବଧିର ଟେନିସ ଖେଳାଳି ଭାବେ ଏଟିପି ମୁଖ୍ୟ ପର୍ଯ୍ୟାୟର ଏକ ମ୍ୟାଚ୍ ଜିତିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଠାରେ ଚାଲିଥିବା ଏଟିପି ୱିନଷ୍ଟୋନ-ସାଲେମ ଓପନ୍ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୨୧୨ତମ ସ୍ଥାନରେ ରହିଥିବା ୨୧ ବର୍ଷୀୟ ଲି ୭-୬ (୭/୪), ୬-୧ ସିଧାସଳଖ ସେଟ୍‌ରେ ସୁଇଜରଲାଣ୍ଡର ହେନରୀ ଲାକ୍‌ସୋନେନ୍‌ଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଲି'ଙ୍କ ମୁକାବିଲା ବିଶ୍ୱ ର୍‍ୟାଙ୍କିଂର ୪୦ତମ ସ୍ଥାନରେ ରହିଥିବା ପୋଲାଣ୍ଡର ହର୍ବଟ୍ ହର୍କାଜଙ୍କ ସହ ହେବ। ମାତ୍ର ୧୫ ବର୍ଷ ବୟସରେ ଲି ତାଙ୍କର ପ୍ରଥମ ଏଟିପି ଟୁର୍ ମ୍ୟାଚ୍ ଖେଳିଥିଲେ। ୨୦୧୭ରେ ସେ ବିଶ୍ୱ ର୍‍ୟାଙ୍କିଂରେ କ୍ୟାରିୟର ଶ୍ରେଷ୍ଠ ୧୩୦ତମ ସ୍ଥାନ ହାସଲ କରିଥିଲେ। 'ଜୀବନରେ କେବେ ମଧ ହତୋତ୍ସାହିତ ହୁଅ ନାହିଁ। ଯଦି କଠିନ ପରିଶ୍ରମ କରିବ ତାହାଲେ ସବୁକିଛି କରିପାରିବ' ବୋଲି ମ୍ୟାଚ୍ ଜିତିବା ପରେ ଲି ବିଶ୍ୱରେ ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

## ୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସ

# ଓଡ଼ିଶାର ସୁମିତ୍ରା ଭାରତୀୟ ଦଳ ଅଧିନାୟିକା

**ଭୁବନେଶ୍ୱର, ୨୦।୮ (କ୍ରୀଡ଼ା ପ୍ରତିନିଧି)**

ଲାଓସର ଭେଣ୍ଟିଏନଠାରେ ଚଳିତମାସ ୨୪ ଓ ୨୫ ତାରିଖରେ ହେବାକୁଥିବା ୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ଓଡ଼ିଶାର ସୁମିତ୍ରା ନାୟକ ଭାରତୀୟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ସୁମିତ୍ରାଙ୍କୁ ମିଶାଇ ମୋଟ ୫ ଓଡ଼ିଆ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୋନୀ ମନ୍ଦାଙ୍ଗୀ, ଲିଜା ସର୍ଦ୍ଦାର, ରଜନୀ ସବର ଓ ପାର୍ବତୀ କିସ୍କୁ।

ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ ବର୍ତ୍ତମାନ ଭୁବନେଶ୍ୱରରେ ଚାଲିଛି। ଅଗଷ୍ଟ ୧ରୁ ଆରମ୍ଭ ହୋଇଥିବା ୩ ସପ୍ତାହ ବିଶିଷ୍ଟ ଏହି କ୍ୟାମ୍ପ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ୟାମ୍ପ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ସହଯୋଗରେ ଚାଲିଛି।



ଏସିଆ ମହିଳା ରଗ୍‌ବୀ ସେଭେନ୍ସ ପାଇଁ ମନୋନୀତ ଭାରତୀୟ ଦଳ।

ପ୍ରତିଯୋଗିତାରେ ଏସିଆର ୫ଟି ଦେଶ ଥାଇଲାଣ୍ଡ, ସିଙ୍ଗାପୁର, ହଂକଂ, ଭାରତ ଓ ଆୟୋଜକ ଲାଓସ ଅଂଶଗ୍ରହଣ କରୁଛନ୍ତି। "ଆମ ଜାତୀୟ ୨୦ ବର୍ଷରୁ କମ୍ ମହିଳା ରଗ୍‌ବୀ ଟିମ୍‌କୁ ସମର୍ଥନ ଯୋଗାଇ ଦେଇଥିବାରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, କିଟ୍ କିସ୍ ଏବଂ ସୋସିଏଟ ଜେନେରାଲ ନିକଟରେ ଆମେ ଚିର କୃତଜ୍ଞ। ନିକଟ ଅତୀତରେ ଆମ ଖେଳାଳିମାନେ ଟୁର୍ନାମେଣ୍ଟ ଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିଛନ୍ତି। ଗତ ଟୁର୍ନାମେଣ୍ଟ ଗୁଡ଼ିକର ଫଳାଫଳରୁ ଆମ ଦଳ ଦିନକୁ ଦିନ ଉନ୍ନତି କରୁଥିବା ସ୍ପଷ୍ଟ ହୋଇଛି। ଚଳିତ ସପ୍ତାହ ଶେଷରେ ହେବାକୁଥିବା ଟୁର୍ନାମେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଯୁବ ଖେଳାଳିମାନେ ରଗ୍‌ବୀକୁ କ୍ୟାରିୟର କରୁଥିବା ବାଳିକାମାନଙ୍କ ପାଇଁ ରୋଲମଡେଲ" ବୋଲି ରଗ୍‌ବୀ ଇଣ୍ଡିଆର ମହାସଚିବ ମହେଶ ମାଥାଇ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ସୁମିତ୍ରା ନାୟକ(ଅଧିନାୟିକା), ସୋନି ମନ୍ଦାଙ୍ଗି, ଲିଜା ସର୍ଦ୍ଦାର, ରଜନୀ ସବର, ପାର୍ବତୀ କିସ୍କୁ(ସମସ୍ତେ ଓଡ଼ିଶା), ସନ୍ଧ୍ୟା ରାଏ, ଲାଚମି ଓରାଅନ, ସୁମନ ଓରାଅନ(ସମସ୍ତେ ପଶ୍ଚିମବଙ୍ଗ), ସ୍ୱିଟି କୁମାରୀ(ବିହାର), ପ୍ରିୟା, ସୁଲତାନା, ଶିଖା ଯାଦବ(ସମସ୍ତେ ଦିଲ୍ଲୀ)। କୋଚ୍: ରେହମୁଦ୍ଦିନ ଶେଖ, ମ୍ୟାନେଜର: ଈଶ୍ୱରାଜ କୋଟାରିକି, ଫିଜିଓ: ଭାବିଜ୍ ଭାରିଚା (ସମସ୍ତେ ମହାରାଷ୍ଟ୍ର)।

## ଦୁଲୀପ୍ ଟ୍ରଫି

### ଲଗାତର ବର୍ଷା ଯୋଗୁ ମ୍ୟାଚ୍ ଡ୍ର

**ବେଙ୍ଗାଲୁରୁ, ୨୦।୮:** ଲଗାତର ବର୍ଷା ଯୋଗୁ ସ୍ଥାନୀୟ ଜଷ୍ଟ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ୍ ମଧ୍ୟରେ ଅନୁଷ୍ଠିତ ଦୁଲୀପ୍ ଟ୍ରଫିର ପ୍ରଥମ ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଛି। ଏହି ୪ ଦିନିଆ ମ୍ୟାଚ୍‌ର ପ୍ରଥମ ଦିନରେ ବର୍ଷା ବାଧକ ସାଜିବାରୁ ମାତ୍ର ୪୯ ଓଭର ଖେଳ ସମ୍ଭବପର ହୋଇଥିଲା। ଏଥିରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ପ୍ରଥମ ଦିବସରେ ପ୍ରଥମ ଇନିଂସରେ ୬ ଉଇକେଟ୍ ହରାଇ ୧୧୨ ରନ କରିଥିଲା। ଏହାପରେ ଲଗାତର ୩ ଦିନ ବର୍ଷା କାରଣରୁ ଖେଳ ଆଉ ସମ୍ଭବପର ହୋଇପାରି ନ ଥିଲା। ଫଳରେ ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଥିଲା। ଉଭୟ ଦଳ ଏକ ପଏଣ୍ଟ ଲେଖାଏ ପାଇଥିଲେ। ଇଣ୍ଡିଆ ବ୍ଲୁ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଅଗଷ୍ଟ ୨୩ରେ ଇଣ୍ଡିଆ ରେଡ୍‌କୁ ଭେଟିବ। ଇଣ୍ଡିଆ ବ୍ଲୁ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ କ୍ରିକେଟର୍ ରାଜେଶ ମହାନ୍ତି ଏହି ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିଥିଲେ। ଆଗାମୀ ମ୍ୟାଚ୍‌ରେ ସେ ଖେଳିବାର ସୁଯୋଗ ପାଇବାର ସମ୍ଭାବନା ରହିଛି।

### ଆଶେସ ସିରିଜ: ୩ୟ ଟେଷ୍ଟରୁ ସ୍ମିଥ୍ ବାଦ୍

**ଲଣ୍ଡନ, ୨୦।୮ (ଏଏଫ୍‌ପି):** ଅଭିଜ୍ଞ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ଗୁରୁବାରଠାରୁ ଏଜ୍‌ବାଷ୍ଟନରେ ଆରମ୍ଭ ହେବାକୁ ଯାଉଥିବା ସମ୍ମାନଜନକ ଆଶେସ ଟେଷ୍ଟ ସିରିଜର ୩ୟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ମଙ୍ଗଳବାର ଏନେଇ ଘୋଷଣା କରାଯାଇଛି। ଲର୍ଡ୍ସରେ ସମାପ୍ତ ହୋଇଥିବା ୨ୟ ଟେଷ୍ଟର ୪ର୍ଥ ଦିବସରେ ବ୍ୟାଟିଂ କରୁଥିବାବେଳେ ଇଂଲଣ୍ଡ ନବାଗତ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଏକ ଘାତକ ବାଉନ୍ସର ବଲ୍ ସ୍ମିଥ୍‌ଙ୍କ ବେକରେ ବାଜିଥିଲା। ଫଳରେ ୩୦ ବର୍ଷୀୟ ସ୍ମିଥ୍ ପିଚ୍ ଉପରେ ପଡ଼ିଯାଇଥିଲେ ଏବଂ ଏହାପରେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ପରେ କିନ୍ତୁ ସେ ପ୍ରତ୍ୟାବର୍ତ୍ତନ କରି ବ୍ୟାଟିଂ କରିଥିଲେ। ମଙ୍ଗଳବାର ସ୍ମିଥ୍ କିନ୍ତୁ ଅଷ୍ଟ୍ରେଲିଆ ନେଟ୍ସକୁ ଅଭ୍ୟାସ ପାଇଁ ଆସି ନ ଥିଲେ। ଏହାପରେ ଦଳର ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର ୩ୟ ଟେଷ୍ଟରେ ସ୍ମିଥ୍‌ଙ୍କ ଅନୁପସ୍ଥିତି ନେଇ ଘୋଷଣା କରିଥିଲେ। ଚଳିତ ସିରିଜରେ ସ୍ମିଥ୍ ୩ଟି ଇନିଂସରୁ ଯଥାକ୍ରମେ ୧୪୨, ୧୪୪ ଓ ୯୨ ରନ୍ ସଂଗ୍ରହ କରିଛନ୍ତି। ତୃତୀୟ ଟେଷ୍ଟରେ ସ୍ମିଥ୍‌ଙ୍କ ବଦଳ ଖେଳାଳିଭାବେ କିଏ ଦଳ ସହ ଯୋଗଦେବେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

# ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ହରାଇଲେ ପ୍ରଣୟ

**ବାସେଲ (ସୁଇଜରଲାଣ୍ଡ), ୨୦।୮ (ପି.ଟି.):** ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟରେ ଭାରତର ଏଚ୍.ଏସ୍. ପ୍ରଣୟ ମଙ୍ଗଳବାର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ପ୍ରଣୟ ଲଣ୍ଡନ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଚାଇନାର ଲିନ୍ ଡାନ୍‌ଙ୍କୁ ପରାସ୍ତ କରିଛନ୍ତି। ଏକ ଘଣ୍ଟା ୨ ମିନିଟ୍ ଧରି ଅନୁଷ୍ଠିତ ହୋଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ପ୍ରଣୟ ୨୧-୧୧,



**ବିଶ୍ୱ ଚାମ୍ପିୟନଶିପ୍**

୧୩-୨୧, ୨୧-୧୭ ଗେମ୍‌ରେ ବହୁଥର ବିଶ୍ୱ ବିଜେତା ଟାଇଟଲ୍ ଜିତିଥିବା ଡାନ୍‌ଙ୍କୁ ମାତ୍ ଦେଇ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଉଭୟ ଲିନ୍ ଡାନ୍ ଓ ପ୍ରଣୟ ଏହାକୁ ମିଶାଇ ମୋଟ୍ ଉପରେ ୫ଥର ପରସ୍ପରକୁ ଭେଟିଛନ୍ତି। ଯେଉଁଥିରେ ପ୍ରଣୟ ସର୍ବାଧିକ ୩ଥର ବାଜିମାତ୍ କରିବାରେ ସଫଳ ରହିଛନ୍ତି। ଶେଷଥର ପାଇଁ ଗତ ଜୁନ୍‌ରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଡାନ୍‌ଙ୍କ ନିକଟରୁ ପ୍ରଣୟ ହାରିଯାଇଥିଲେ। ଡାନ୍ ଲଣ୍ଡନ ବ୍ୟତୀତ ୨୦୦୮ ଅଲିମ୍ପିକ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ସେ ୭ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ୍ ମଧ୍ୟ ଜିତିଛନ୍ତି। ଅପରପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ଅଶ୍ୱିନୀ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ୱାକ୍‌ଓଭର ପାଇ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି।

# ରାଜ୍ୟ ଇନ୍‌ଡୋର ରୋଇଂ ୪ରୁ

**ଭୁବନେଶ୍ୱର, ୨୦।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଆସୋସିଏଶନ ଅଫ୍ ରୋଇଂ ଓ ସ୍କଲିଂ (ଓଏଆର୍‌ଏସ୍) ପକ୍ଷରୁ ପ୍ରଥମ ରାଜ୍ୟ ଇନ୍‌ଡୋର୍ ରୋଇଂ ଚାମ୍ପିୟନଶିପ୍ ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଯାଉଛି। ଜଗତ୍‌ପୁରସ୍ଥିତ ସାଗ୍ ଜଳକ୍ରୀଡ଼ା କେନ୍ଦ୍ରଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁନିୟର ଓ ସିନିୟର ମହିଳା ଓ ପୁରୁଷ ପ୍ରତିଯୋଗୀଙ୍କ ଲାଗି ୨୦୦୦ ମିଟରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ସବ୍-ଜୁନିୟର ବାଳିକା ଓ ବାଳକଙ୍କ ଲାଗି ୧୦୦୦ ମିଟର ରଖାଯାଇଛି। ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଓ ସ୍କଲିଂରେ ରେଜିଷ୍ଟର କରିଥିବା କିମ୍ବା ଓଡ଼ିଶାର ଆଗ୍ରହୀ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିପାରିବେ। ବିହାରର ପାଟନାଠାରେ ହେବାକୁ ଥିବା ଜାତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଲାଗି ଏଥିରୁ ଖେଳାଳି ମନୋନୀତ କରାଯିବ ବୋଲି ରାଜ୍ୟ ସଂଘର ସଭାପତି ବିନୋଦ ଦାସ କହିଛନ୍ତି।

# କଳିଙ୍ଗ ବିଦ୍ୟାପୀଠ, ରାମକୃଷ୍ଣ ଶିକ୍ଷାକେନ୍ଦ୍ର ବିଜୟୀ

**ଭୁବନେଶ୍ୱର, ୨୦।୮ (କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କଳିଙ୍ଗ ବିଦ୍ୟାପୀଠ ଓ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ କଳିଙ୍ଗ ବିଦ୍ୟାପୀଠ ୨-୦ ଗୋଲରେ ଲୋୟଲା ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଶୋକ ପାଢ଼ୀ ୩୮ ଓ ମୋହନ ଭୋଇ ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଅଶୋକ ପାଢ଼ୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ୩-୧ ଗୋଲରେ ଡିଏଭି ଚନ୍ଦ୍ରଶେଖରପୁରକୁ ପରାସ୍ତ କରିଛି। ମ୍ୟାଚର ୧୦ମ ମିନିଟରେ ଡିଏଭିର ଅଭିନବ ମହାନ୍ତି ଗୋଟିଏ ଗୋଲ ଦେଇଥିବାବେଳେ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ପକ୍ଷରୁ ବିପିନ ମୁଣ୍ଡରୀ ୨୫ ଓ ୨୮ତମ ଏବଂ ଶାଶ୍ୱତ ସେଠୀ ୫୦ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଉପସଭାପତି ବାବି ମିଶ୍ର ଅତିଥିଭାବେ ଯୋଗଦେଇ ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ରୋହିତ ହେମ୍ବ୍ରମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରାଜେନ୍ଦ୍ର ବାରିକ, ଶ୍ରୀକାନ୍ତ ପଣ୍ଡା, କିର୍ତ୍ତୀରଞ୍ଜନ ସ୍ୱାଇଁ, ସରୋଜ ମହାରଣା, ଦୁର୍ଗା ଆଚାର୍ଯ୍ୟ, ଶେଖାଓ୍ୱତ ଖାଁ ଖେଳ ପରିଚାଳନା କରିଥିବାବେଳେ ମହେଶ୍ୱର ସିଂ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

# ରାଜ୍ୟ ପୋଲିସ ଫୁଟବଲ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୨୦।୮ (ଡି.ଏନ୍.ଏ)**

ସୁନ୍ଦରଗଡରେ ମଙ୍ଗଳବାରଠାରୁ ୭୮ ତମ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଷ୍ଟାଡିୟମଠାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜାଲାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଚାମ୍ପିୟନଶିପକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ, ଡିଏଫ୍‌ଓ ଡଃ. ଅରୁଣ କୁମାର ମିଶ୍ର, ୨ୟ ବାଟାଲିୟନ କମାଣ୍ଡାଣ୍ଟ ଆଶୀଷ କୁମାର ଦୁବେ, ରାଜ୍ୟ ପୋଲିସ କ୍ରୀଡ଼ା ଅଧିକାରୀ ବିଭୂତି ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନ୍ଦରଗଡ ଏସ୍‌ପି ତଥା ଆୟୋଜକ ପରିଚାଳନା କମିଟିର ସମ୍ପାଦିକା ସୌମ୍ୟା ମିଶ୍ର ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୁନ୍ଦରଗଡ ଜିଲା ପୋଲିସ ଓ ୨ୟ ଏସ୍‌ଏସ୍ ବାଟାଲିୟନ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଏସଏସ ବାଟାଲିୟନ କେନ୍ଦୁଝର ଦଳ ବିଜୟୀ ହୋଇଥିଲେ। ସେହିପରି ୨ୟ ମ୍ୟାଚ୍ ଓଏସ୍‌ଏପି ୨ୟ ବାଟାଲିୟନ ଝାରସୁଗୁଡା ବନାମ ରାୟଗଡା ପୋଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ



ଉଦ୍‌ଘାଟନୀ ଅବସରରେ ଖେଳାଳିମାନେ ଅତିଥି ଓ ଅଫିସିଆଲ୍‌ଙ୍କ ସହ।

ଝାରସୁଗୁଡା ଓଏସ୍‌ଏପି ୨ୟ ବାଟାଲିୟନ ୨-୦ ଗୋଲରେ ବିଜୟୀ ହୋଇଛି। ତୃତୀୟ ମ୍ୟାଚ୍ ୧ମ ଆଇଆରବିଏମ୍ କୋରାପୁଟ ଏବଂ ଜଗତସିଂହପୁର ପୋଲିସ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରାଇବେକର ଜରିଆରେ ଜଗତସିଂହପୁର ଦଳ ବିଜୟୀ ହୋଇଥିଲେ। ଚତୁର୍ଥ ମ୍ୟାଚ୍ ଓଏସଏପି ଷଷ୍ଠ ବାଟାଲିୟନ କଟକ ବନାମ ରାଉରକେଲା ଏସଆରପି ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଓଏସଏପି ଷଷ୍ଠ ବାଟାଲିୟନ କଟକ ୬-୦ରେ ବିଜୟୀ ହୋଇଛି। ପଞ୍ଚମ ମ୍ୟାଚ୍ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ବନାମ ୫ମ ଆଇଆରବିଏନ୍ ବୌଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଏସଏପି ୩ୟ ବାଟାଲିୟନ କୋରାପୁଟ ୪-୦ ଗୋଲରେ ବିଜୟୀ ହୋଇଛି। ଓଆଇଏସଏଫ୍ ଭୁବନେଶ୍ୱର ଓ ଯାଜପୁର ପୋଲିସ ମଧ୍ୟରେ ଅନୁଷ୍ଠିତ ଷଷ୍ଠ ମ୍ୟାଚରେ ଓଆଇଏସଏଫ୍ ଦଳ ୫-୦ ଗୋଲରେ ବିଜୟୀ ହୋଇଛି। ଓଡିଶା ଅଗ୍ନିଶମ ବିଭାଗ ବନାମ ଢେଙ୍କାନାଳ ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଓଡିଶା ଅଗ୍ନିଶମ ବିଭାଗ ୨-୦ ଗୋଲରେ ବିଜୟୀ ହୋଇଛି। ୯ମ ଏସପିଏଲ ଆଇଆରବିଏନ୍ କଳାହାଣ୍ଡି ବନାମ ସୁବର୍ଣ୍ଣପୁର ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସୁବର୍ଣ୍ଣପୁର ପୋଲିସ ୨-୦ ଗୋଲରେ ବିଜୟୀ ହୋଇଛି। ୨ୟ ଆଇଆରବିଏନ୍ ରାୟଗଡା ବନାମ କନ୍ଧମାଳ ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ୨ୟଆଇଆରବିଏନ୍ ରାୟଗଡା ୦-୨ ଗୋଲରେ ବିଜୟୀ ହୋଇଛି। ୧ମଏସଏସବିଏନ୍ ସମ୍ବଲପୁର ବନାମ ଓଏସଏପି ୫ମ ବାଟାଲିୟନ ବାରିପଦା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବାରିପଦା ଦଳ ୨-୦ ଗୋଲରେ ବିଜୟୀ ହୋଇଛି। ସେହିପରି ୩ୟ ଆଇଆରବିଏନ୍ କଳିଙ୍ଗନଗର ବନାମ ବରଗଡ ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ୩ୟ ଆଇଆରବିଏନ୍ କଳିଙ୍ଗନଗର ୪-୦ ଗୋଲରେ ବିଜୟୀ ହୋଇଛି । ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଫୁଟବଲ ଚାମ୍ପିୟନଶିପରେ ମୋଟ ୪୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୩ଟି ଦଳ ଭାଗ ନେଇଛନ୍ତି। ଏହି ଫୁଟବଲ ଚାମ୍ପିୟନଶିପ୍ ୫ ତାରିଖରେ ଉଦ୍‌ଯାପିତ ହେବ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମଧୁସୂଦନ ନାୟକ**
ଆବିର୍ଭାବ: ୧୧।୦୮।୧୯୩୮
ତିରୋଧାନ: ୧୧।୦୮।୨୦୧୯
ଓର୍ଷକା, ଭାଗବତପୁର, ବାଲିଆ, କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
ଧର୍ମପତ୍ନୀ- ସାବିତ୍ରୀ, ପୁଅବୋହୂ- ପ୍ରଦୀପ, ଅଭୟ, ସଂଜୟ, ମମତା, ରୁନୁ, ଅନୁ, ନିଲୁ, ଝିଅଜ୍ୱାଇଁ- ଗୋଲଖ, ଅଶୋକ, ବାଦଲ, ନଳିନୀ, ଲିଲି, ଜଲି, ନାତିନାତୁଣୀ- ପୂଜା, ଲିଜା, ସୋନୁ, ଲିସା, ସାଇ, ଚିଣ୍ଟୁ, ମାମୁନି, ସୁଇଟ୍, ଭିକି, ସିମିଲ୍
ଧ-୧୩୯୮୭

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଲୋକନାଥ ସେନାପତି**
ଖରିଘର, ନିଆଳି, କଟକ
ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୩୯୬୮

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତା ହରପ୍ରିୟା ଦେବୀ (ସମାଜସେବିକା)**
କ୍ୱାର୍ଟର୍ ନଂ- ଟୁ ଆର୍ ଏ- ୧୬
ୟୁନିଟ୍-୧, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୦
ତିରୋଧାନ: ୧୦।୦୮।୨୦୧୯
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୩୯୮୮

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**Late Sandip Pattanaik (Kalia)**
Patrapada, Bhubaneswar
DOB: 15.08.1976
DOD: 12.08.2019
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
Mob No: 9437503335, 7008530401
ଧ-୧୩୯୮୩

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତା ମୀନା କୁମାରୀ ତ୍ରିପାଠୀ**
ବେଲଗାଁ, ଜି.ବଲାଙ୍ଗୀର
ଆବିର୍ଭାବ: ୩୦।୦୭।୧୯୭୨
ତିରୋଧାନ: ୧୦।୦୮।୨୦୧୯
ତୁମେ ଆମକୁ ଛାଡି ଚାଲିଗଲ, ହେଲେ ପ୍ରତିଟି ମୁହୂର୍ତ୍ତରେ ତୁମ ସ୍ନେହ, ଶ୍ରଦ୍ଧା ଆମରି ସ୍ମୃତିରେ ରହିଛି। ଶ୍ରୀ ଜଗନ୍ନାଥ ତୁମରି ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
**ଶୋକସନ୍ତପ୍ତ:**
ସ୍ୱାମୀ- ବୀରେନ୍ଦ୍ର, ପୁତ୍ର- ସୋନୁ ଓ ଚିନୁ ତଥା ତ୍ରିପାଠୀ ପରିବାରବର୍ଗ, ଗୋଳାବାରୁଦ କାରଖାନା କର୍ମଚାରୀ ବୃନ୍ଦ, ବଡମାଳ
ଧ-୧୩୯୮୨

**ତୋରି ସ୍ମୃତିରେ**



**ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)**
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ - ବୋଉ, ନନା ଓ ଆତ୍ମୀୟ ସ୍ୱଜନ
ଧ-୬୭୩୬୦

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅଗଷ୍ଟ ୨୧/୨୦୧୯ Sambalpur, Wednesday, August 21 / 2019

# ଗଞ୍ଜାଉଡ଼ାର ଜଙ୍ଗଲରେ ହାତୀପଲ, ଲୋକେ ଭୟଭୀତ

କଣ୍ଟାବାଞ୍ଜି,୨୦।୮(ଡି.ଏନ.ଏ.): କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ତୁରେକେଲା ଥାନା ଗଞ୍ଜାଉଡାର ରିଜର୍ଭ ଫରେଷ୍ଟକୁ ୩୦ରୁ ୩୩ଟି ହାତୀ ପଡୋଶୀ ନୂଆପଡା ଜଲାରୁ ପଶି ଆସିଛନ୍ତି। ଏଣୁ ଢୋଲମାନ୍ଦଲ, ବକବାହାଲ, ମହୁଲପାଟି, ଲର୍କି ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ଲୋକେ ଯାହା ଚାଷ କରିଛନ୍ତି ତାହା ହାତୀ ପଲ ଖାଇ ନଷ୍ଟ କରୁଛନ୍ତି। କପା କିଆରିରେ ମଧ୍ୟ ହାତୀପଲ ପଶି ଦଳିଚକଟି କ୍ଷୟକ୍ଷତି କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ ଘଉଡାଉଥିଲେ ବି ହାତୀପଲ ଯାଉ ନାହାନ୍ତି। ହାତୀଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁହାକୁ ତୁହା ବିଜୁଳି କାଟ ଜାରି ରହିଛି।







■ଆରପିଡିଏସି ବୈଠକରେ ନିଷ୍ପତ୍ତି

# ବିସ୍ଥାପିତଙ୍କ ସମ୍ପର୍କରେ ସାନି ତଦନ୍ତ ହେବ

ସୋନପୁର,୨୦।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଥଇଥାନ ଓ ଉପାନ୍ତ ଅଞ୍ଚଳ ଉନ୍ନୟନ ପରାମର୍ଶଦାତା କମିଟି(ଆରପିଡିସିଏ) ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନ ଟି.ଆପାଙ୍ଗ.ଆଓ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀଙ୍କ ଆବାହକତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ହୋଇଥିବା ଗ୍ରାମବାସୀ କିଭଳି ସରକାରଙ୍କ ବିସ୍ଥାପନ ନୀତି ଅନୁଯାୟୀ କ୍ଷତିପୂରଣ ପାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ୩୦୫ ବିସ୍ଥାପିତଙ୍କ ସମ୍ପର୍କରେ ରାଜସ୍ୱ ବିଭାଗ ପକ୍ଷରୁ ସାନି ତଦନ୍ତ ହେବ। ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲାପାଳଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯିବ। ବୀରମହାରାଜପୁର ଓ ରେଢାଖୋଲ ଉପଜିଲାପାଳ ୧ମାସ ମଧ୍ୟରେ ରିପୋର୍ଟ କରିବେ। ରିପୋର୍ଟ ମିଳିବା ପରେ ପୁଣି ଆରପିଡିଏସି ବୈଠକ ବସି ବୃତ୍ତାନ୍ତ ନିଷ୍ପତ୍ତି ନିଆଯିବ ଓ ସରକାରଙ୍କୁ ସୁପାରିଶ କରାଯିବ। ପ୍ରକାଶ ଯେ, ଏହି ଜଳସେଚନ ପ୍ରକଳ୍ପର ରିଜର୍ଭର ଯୋଗୁଁ ସମ୍ବଲପୁର ଜିଲାର ୧୫ଟି ଗ୍ରାମ ଓ ସୁବର୍ଣ୍ଣପୁର ଜିଲାର ୫ଟି ଗ୍ରାମ ପ୍ରଭାବିତ ହୋଇଛି। ସେହିଭଳି କେନାଲ ପାଇଁ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ୭୯ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରକଳ୍ପ ପାଇଁ ଜମି, ଘର ହରାଇଥିବା ବିସ୍ଥାପିତଙ୍କ ଥଇଥାନ ଓ ପନର୍ବାସ ସହାୟତା ସକାଶେ ସରକାରଙ୍କ ଆବେଦନର ଶେଷ ତାରିଖ ୧ ଜାନୁୟାରୀ ୧୯୯୭ ଥିଲା। ୧୯୯୦ ଓ ୧୯୯୪ ବିସ୍ଥାପନ ନୀତି ଅନୁଯାୟୀ ମୋଟ ୮୩୨ ଜଣଙ୍କୁ କ୍ଷତିପୂରଣ ରାଶି ମିଳିଛି। ଗୋଟିଏ ପ୍ରକଳ୍ପ ହୋଇଥିଲେ ହେଁ କ୍ଷତିପୂରଣ ରାଶି ମିଳିବାରେ କମ୍ ବେଶୀ ହୋଇଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ କାର୍ଯ୍ୟ ସରିବାରେ ବିଳମ୍ବ ହୋଇଥିଲା ବେଳେ ୨୦୦୫ରେ ସରକାରଙ୍କ ନୂଆ ବିସ୍ଥାପନ ଆଇନ ଆସିଥିଲା। ୨୦୦୭ ମସିହାରେ ବଲାଙ୍ଗୀର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ତତ୍କାଳୀନ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ୭ଟି ଗ୍ରାମର ୩୦୫ ଜଣଙ୍କୁ ଆବେଦନର ଶେଷ ତାରିଖ ୧ ଜାନୁୟାରୀ ୨୦୦୫ ଦର୍ଶାଇ ଥଇଥାନ ଓ ପୁନର୍ବାସ ସହାୟତା ପ୍ରଦାନ ପାଇଁ ଜଳସେଚନ ବିଭାଗକୁ ଅନୁରୋଧ କରିଥିଲେ। କିନ୍ତୁ ଏହି ଠିରେ ସୁବର୍ଣ୍ଣପୁର ଜିଲାପାଳ କିମ୍ବା ଆରପିଡିଏସିର ଅନୁମୋଦନ ନଥିଲା। ତେଣୁ ସରକାର ଏହାକୁ ଗ୍ରହଣ କରି ନଥିଲେ। ଅନ୍ୟପକ୍ଷେ କ୍ଷତିପୂରଣ ରାଶିରେ ସନ୍ତୁଷ୍ଟ ନ ହୋଇ ୧୫୬ ଜଣ ଉଚ୍ଚ ନ୍ୟାୟାଳୟରେ ୮ଟି ରିଟ୍ ପିଟିସନ ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ପିଟିସନର ବିଚାର କରି ୮ ସପ୍ତାହ ମଧ୍ୟରେ ଆରପିଡିଏସି ବୈଠକ ଆହ୍ୱାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗ୍ରହଣ ହୋଇଥିବା ନିଷ୍ପତ୍ତି ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ ପୁନର୍ବାସ ଓ ଥଇଥାନଙ୍କୁ ଜଣାଇବା ପାଇଁ କହିଥିଲେ। ଆରପିଡିଏସିର ପ୍ରସ୍ତାବ ଜଳସମ୍ପଦ ବିଭାଗ କାର୍ଯ୍ୟକାରୀ କରିବ ବୋଲି ନିର୍ଦ୍ଦେଶ ରହିଛି । ତେବେ ମଙ୍ଗଳବାର ବୈଠକରେ ତଥ୍ୟ ଅମେଳ ଯୋଗୁଁ ବିସ୍ଥାପିତଙ୍କ ସମ୍ପର୍କିତ ବୟସ ଓ ଅନ୍ୟ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ସାନି କାଗଜାତ ଯାଞ୍ଚ ପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ବୀରମହାରାଜପୁର ବିଧାୟକ ତଥା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଏସ୍‌ପି ଦେବୀପ୍ରସାଦ ଦାଶ, ବୀରମହାରାଜପୁର ଉପଜିଲାପାଳ ସୁବ୍ରତ ବେହେରା, ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ ଭୋଇ, ବଲାଙ୍ଗୀର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଚଣ୍ଡେଶ୍ୱର ବେହେରା, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ଦିଲ୍ଲିପ କୁମାର ପାତ୍ର, ସାମାଜିକକର୍ମୀ ଗୌରିଶ୍ୟାମ ପଣ୍ଡା ଓ ହରିହରଯୋର ଜଳସେଚନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




ଆରପିଡିଏସି ବୈଠକରେ ବାମରୁ ଜିଲାପାଳ ମୋନିଷା ବାନାର୍ଜୀ, ମନ୍ତ୍ରୀ ପଦ୍ମନାଭ ବେହେରା, ଆରଡିସି ଟି.ଆପାଙ୍ଗ. ଆଓ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ।

**ହରିହରଯୋର ଜଳସେଚନ ପ୍ରକଳ୍ପ**

■ଶବ ସତ୍‌କାର ଲାଗି ନାକ୍‌ଟେକଲେ ଜାତିଭାଇ

# ସହଯୋଗ୍‌ର ହାତ୍ ବଢ଼ାଲେ ସାମାଜିକ କରମୀ

ବିଜେପୁର, ୨୦।୮ (ଡି.ଏନ୍.ଏ.)

ମୁନୁଷ୍ ପୁରଥିରୁ ଯାଇ ଚହଁଦ୍‌ରେ ପୁହୁଁଚିଲାନ। ହେଲେ ଆଏଜ୍ ବି ଆମର ସମାଜରୁ ଅଁଧ୍ ବିଶୁଆସ, କୁସଂସ୍କାର ନାଇଁ ଯିବାର। ମୁନୁଷ୍ ମରିଗଲା ଉତାରୁ ବି ଶବ ସତ୍‌କାର କରବାକେ ଜାତି ଭାଇ ନାକ୍ ଟେକୁଛନ୍। ଏନ୍‌ତା ପରିସ୍ଥିତିରେ ରାତାରାତି ଶବ ସତ୍‌କାର କରବାକେ ଅଁଟା ଭିଡି ଝନେ ସାମାଜିକ୍ କରମୀ ସମାଜ ଲାଗି ଉଦାହରନ୍ ସୁରୁଷ୍ଟି କରିଛନ୍।

ସୂଚନା ହିସାବେ ବରଗଡ଼ ଜିଲା ବିଜେପୁର ବ୍ଲକ ସମଲାଇପଦର ପଁଚେତ୍ ସଦରଥି ଏନ୍‌ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଲିଛେ। ସମଲାଇପଦରର ଉପାସୀ ଭୁଏ(୭୫)। ଆଏଜ୍‌କେ ଦୁଇ ବଛର ହେଲା ସେ ବେମାର ପଡ଼ିଥିଲେ। ଯେତେ ଉଷୋକଷା କଲେ ବି ସେ ଭଲ ନାଇଁ ହେଉଥାଇ। ଗଲା ମାସେ ତଲେ ତକର କାନେ ଗୁଟେ ଘା' ହେଇଥିଲା। ହେଲେ ସେବା ଯତନ୍ ଅଭାବୁ ଘା'ରେ ପୋକ୍ ହେଇଯାଇଥିଲେ। ଗଲା ରଏବାର ବେଲବୁଡର ୫ ବଜେ ସବୁଦିନର ଲାଗି ତାକର ନିଶାସ୍ ବଁଦ୍ ହେଇଗଲା। ଶବ ସତ୍‌କାର କରବାର ଲାଗି ଉପାସୀର ପୁଓ ମଗଶିର ଭୁଏ(୩୨) ଆର ନାତି ସୁଦାମ ଖଣ୍ଡା(୨୦) ଜାତି ଭାଇମାନକୁ ବିନ୍‌ତି କଲେ। ହେଲେ ଜାତି ଭାଇମାନେ ବୁଢ଼ୀର ଶବ୍‌କେ ଛିଁଲେ ଜାଏତ୍ ହେବାକେ ପଡ଼ବା ବଲି କେହି ପାସ୍‌କେ ନାଇଁ ଆଏଲେ। ଏନ୍‌ତାଥି ମଗଶିରକେ ଚାରହିଁକୁତି ଅଁଧାର ଦିଶ୍‌ଲା। ୫ ଘଁଟା ତକ୍ ମୁରଦାର ଘରେ ପଡ଼ି ରହେଲା। ଇ ଖବର ପାଇ ପାର୍ବତୀ ଗିରୀ ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ ଆର ତାକର ପୁଓ ବିକାଶ ପଟେଲ ମଗଶିରକେ ସାହାଯ୍ କରବାକେ ଅଁଟା ଭିଡ଼ିଥିଲେ। ପୁଓ ନାତି ସଂଗେ ଦୁଇ ବାପ୍‌ପୁଓ ମିଶି ରାତାରାତି ଶବ ସତ୍‌କାର ଲାଗି ମଶାନ୍‌ପଦାକେ ନେଇଥିଲେ। ସାମାଜିକ୍ କରମୀଙ୍କର ଇ ମହତ୍ କାଯ୍‌କେ ପାସର ଆସର ପାଁଚ୍‌ପାଲି ଗାଁର ଲୋକ୍ ବଡ଼ଭାରି ପରଶଁସା କରିଛନ୍।



ସାମାଜିକ କରମୀ ଶବ ସତ୍‌କାର ଲାଗି ଯାଉଛନ୍।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ୍ଯ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ




### ଦକ୍ଷତା ବୃଦ୍ଧି ତାଲିମ ଶିବିର

**ବିନିକା,୨୦।୮(ଡି.ଏନ୍.ଏ. ):** ସୁବର୍ଣ୍ଣପୁର ଜିଲା ବିନିକା ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ସୋମବାର ଗୋପାଳନ ମାଧ୍ୟମରେ ଆତ୍ମନିଯୁକ୍ତି ପାଇବା ନିମନ୍ତେ ପାଞ୍ଚଦିନିଆ ଦକ୍ଷତା ଅଭିବୃଦ୍ଧି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡଃ ଶରତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗୋପାଳନ ଭଳି ଆନୁସାଙ୍ଗିକ କୃଷିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ମହିଳାମାନେ ଗୋପାଳନ ଦିଗରେ କିଭଳି ଆଗଭର ହୋଇ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ଉପରେ ଦିଗଦର୍ଶନ ଦେଇଥିଲେ । ଜିଲା ପ୍ରଶିକ୍ଷଣ ସଂଯୋଜକ ଡଃ ଭୁବନ ମୋହନ ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ବିନିକା ଗୋଷ୍ଠୀ ପ୍ରାଣୀଧନ ଅଧିକାରୀ ଡଃ ବିଜୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଶିବିର ଅନଷ୍ଠିତ ହୋଇଥିଲା । ପ୍ରଥମ ଦିନର କାର୍ଯ୍ୟକ୍ରମ ଡା ସନ୍ତୋଷ କୁମାର ସ୍ୱାଇଁ, ଡ. କମଳ କୁମାର ପ୍ରଧାନ ଏବଂ ରେଣୁକା ମିଶ୍ରଙ୍କ ପରିଚାଳନାରେ ସମ୍ପାଦିତ ହୋଇଥିଲା।

■ ଗଣିତ, ଇଂଲିଶ, ବିଜ୍ଞାନ ପାଇଁ ଦେଢ଼ଘଣ୍ଟା କ୍ଲାସ

# ଛାତ୍ରୀଛାତ୍ରଙ୍କ ଏକାଗ୍ରତା ଭଙ୍ଗ ହେବ

**ଅମରପାଲି, ୨୦।୮(ଡି.ଏନ.ଏ.)**

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଶିକ୍ଷା ବ୍ୟବସ୍ଥାରେ କିଛି ପରିବର୍ତ୍ତନର ସୂଚନା ଦେଇଛନ୍ତି। ସୂଚନାମତେ ଏଣିକି ସ୍କୁଲଗୁଡ଼ିକରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଗଣିତ, ଇଂଲିଶ ଓ ବିଜ୍ଞାନ ବିଷୟକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହିସବୁ ବିଷୟ ପାଇଁ ପ୍ରତି ପିରିୟଡ ୪୫ମିନିଟ ପରିବର୍ତ୍ତେ ଦେଢ଼ ଘଣ୍ଟା ହେବ। ଏହି ତିନୋଟି ବିଷୟରେ ଛାତ୍ରୀଛାତ୍ର ସାଧାରଣତଃ ଦୁର୍ବଳ ରହୁଥିବାରୁ ମାଟ୍ରିକ ଫଳାଫଳ ଖରାପ ହେଉଛି। ତେଣୁ ଏସବୁ ବିଷୟଗୁଡିକୁ ପିଲାମାନେ କିଭଳି ଭଲ ଭାବରେ ବୁଝିପାରିବେ, ସେଥିପାଇଁ କ୍ଲାସଗୁଡିକର ସମୟ ଅବଧିକୁ ଦେଢ଼ ଘଣ୍ଟା କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏଣୁ ଏହାକୁ ନେଇ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ଚର୍ଚ୍ଚା କରିବା ସହିତ ଭିନ୍ନଭିନ୍ନ ମତ ପ୍ରକାଶ କରୁଛନ୍ତି। ଏ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ମତକୁ ନେଇ ଏକ ଉପସ୍ଥାପନା ...।



## ଏମାନେ ଯାହା କୁହନ୍ତି...



"ଏହି ପଦକ୍ଷେପ କେତେଦୂର ସଫଳ ରହିବ ତାହା ସମୟ କହିବ। ଶିକ୍ଷାର୍ଥୀର ମନସ୍ତତ୍ତ୍ୱକୁ ଆଖି ଆଗରେ ରଖି ବିଦ୍ୟାଳୟରେ ଶିକ୍ଷଣ ସମୟ ବଣ୍ଟନ ହୋଇଥାଏ। ଅଧିକ ସମୟ ଗୋଟିଏ ବିଷୟରେ ମନୋନିବେଶ ଶିକ୍ଷାର୍ଥୀଙ୍କୁ ମାନସିକ କ୍ଳାନ୍ତି ଆଣିପାରେ। ଅନ୍ୟାନ୍ୟ ବିଷୟ ମଧ ନିର୍ଦ୍ଧାରିତ ସମୟ ଅବଧି ଭିତରେ ଶିକ୍ଷାର୍ଥୀଙ୍କୁ ହାସଲ କରିବା ଦରକାର। ଏହି ଦୃଷ୍ଟିରୁ ସମୟ ପରିଚାଳନା କଷ୍ଟକର ହେବ।

**- ଲକ୍ଷ୍ମୀ ନାରାୟଣ ସାହୁ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ**



"ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟକୁ ଦେଢ଼ଘଣ୍ଟା ଲେଖାଏଁ କଲେ ଅନ୍ୟ ବିଷୟଗୁଡିକ ପଢ଼ାରେ ବ୍ୟାଘାତ ହେବ। ଅନେକ ବିଦ୍ୟାଳୟରେ ସମ୍ପୃକ୍ତ ବିଭାଗୀୟ ଶିକ୍ଷକ ନାହାନ୍ତି। ପ୍ରାଥମିକସ୍ତରରେ ଏହି ବିଷୟ ପ୍ରତି ଗୁରୁତ୍ୱ ଦେଲେ ଉକ୍ତ ବିଷୟମାନଙ୍କରେ ମଧ ପିଲାଏ ଭଲ କରିବେ। ସମ୍ପୃକ୍ତ ବିଷୟଗୁଡିକ ଅଧିକ ସମୟ ହେଲେ ପିଲାଏ ଶ୍ରେଣୀରେ ଅନ୍ୟମନସ୍କ ହେବେ।

**-କରିସ୍ମା ପଧାନ, ଛାତ୍ରୀ, ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ, କେଞ୍ଚରିଆପାଲି**



"ଦେଢ଼ଘଣ୍ଟିଆ କ୍ଲାସ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ପାଇଁ ବିରକ୍ତିକର ହେବ। ବିଷୟ ବୋଧଗମ୍ୟ ହେବନାହିଁ । ଅନ୍ୟ ବିଷୟଗୁଡିକର ପଢ଼ାରେ ମଧ ବ୍ୟାଘାତ ହେବ। ଆମ ପାଇଁ ସବୁ ବିଷୟ ଗୁରୁତ୍ୱପୂର୍ଣ୍ଣ। ଦେଢ଼ଘଣ୍ଟିଆ କ୍ଲାସ ହେଲେ ଶ୍ରେଣୀରେ ପିଲାଙ୍କ ଏକାଗ୍ରତା ଭଙ୍ଗ ହେବ। ତେଣୁ ଏହା ପ୍ରଯୁଜ୍ୟ ନୁହେଁ।

**-ବିଶ୍ୱଜିତ ଭୋଇ, ଛାତ୍ର, ଅମରପାଲି ହାଇସ୍କୁଲ**



"ସ୍କୁଲ ଓ ଗଣଶିକ୍ଷା ବିଭାଗର ଗଣିତ, ବିଜ୍ଞାନ ଓ ଇଂରାଜୀ ବିଷୟକୁ ଦେଢ଼ଘଣ୍ଟିଆ ପିରିୟଡ କରିବା ଠିକ୍ ହୋଇନାହିଁ । ଗୋଟିଏ ବିଷୟରେ ଏତେ ସମୟ ପାଠ ପଢ଼ିଲେ ଛାତ୍ରୀଛାତ୍ରମାନେ ନିଶ୍ଚିତ ଭାବରେ ଧୈର୍ଯ୍ୟ ଓ ଏକାଗ୍ରତା ହରାଇବେ।

**- ଶୁଭସ୍ମିତା ମିଶ୍ର, ଛାତ୍ରୀ, ଓଡିଶା ଆଦର୍ଶ ବିଦ୍ୟାଳୟ, ବୀରମହାରାଜପୁର**



"ଏହା ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି। ଦେଢ଼ଘଣ୍ଟିଆ କ୍ଲାସ ନକରି ପ୍ରତ୍ୟେକ ବିଦ୍ୟାଳୟରେ ଆବଶ୍ୟକ ବିଭାଗୀୟ ଶିକ୍ଷକ ନିଯୁକ୍ତି କରିବା ସହିତ ବିଦ୍ୟାଳୟମାନଙ୍କର ଭିତ୍ତିଭୂମି ସୁଦୃଢ଼ ଓ ଆବଶ୍ୟକ ପାଠ୍ୟ ଉପକରଣ ଯୋଗାଇଦେଲେ ଆପେ ଆପେ ପିଲାଙ୍କ ପାଠପଢ଼ା ଭଲ ହେବ।

**- ଶେଷଦେବ ବାରିକ, ଅଭିଭାବକ, ସୁବଳୟା**

### ଆମ ପୋଲିସ ସମିତିର ବୈଠକ

**ଉଲୁଣ୍ଡା, ୨୦।୮(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପରିସରରେ ମଙ୍ଗଳବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ବହୁ ସଦସ୍ୟ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବେଆଇନ ମଦ ବିକ୍ରି ରୋକିବା, ନୋ ହେଲମେଟ, ନୋ ପେଟ୍ରୋଲ ନିୟମକୁ କଡାକଡି କରିବା, ଟାଉନ ଭିତରେ କଲେଜ ଛାତ୍ରୀଙ୍କୁ ନିର୍ଦ୍ଦିଷ୍ଟ କେତେକ ଯୁବକ ଅଶ୍ଳୀଳ ଇଙ୍ଗିତ କରୁଥିବା ବେଳେ ତାକୁ ରୋକିବା, ଦ୍ରୁତ ଗତିରେ ଗାଡି ଚଳାଚଳ ଉପରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଆଦି ବିଷୟରେ ମୁଖତଃ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଡିଏସପି ଆନନ୍ଦବର୍ଦ୍ଧନ ଗୁରୁ, ଆଇଆଇସି ବିଧୁଭୂଷଣ ପୁଟା, ଏସ୍ଆଇ ଏସ.କେ.ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଅଭିଯୋଗ ଉପରେ ଆଲୋଚନା କରିବା ସହ ଏସବୁ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଏଏସଆଇ ଅଭିମନ୍ୟୁ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାଘଲପୁରରେ ଚାରାରୋପଣ

**ଉଲୁଣ୍ଡା, ୨୦।୮(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ରକ୍ସା ପଞ୍ଚାୟତ ଅନ୍ତର୍ଗତ ବାଘଲପୁର ଗ୍ରାମରେ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ରାମର ଗଣେଷ ପୂଜା କମିଟି ତରଫରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ୩୦୦ ଗୋଟି ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଗ୍ରାମର ରାସ୍ତାପାର୍ଶ୍ୱ, ଖେଳପଡିଆ ପ୍ରଭୃତି ସ୍ଥାନରେ ବୃକ୍ଷରୋପଣ ସହ ଏହାକୁ ବଞ୍ଚାଇବା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଗୁରୁଚନ୍ଦନ ଦନ୍ତାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କପିଳେଶ୍ୱର ପଧାନ, ପ୍ରଦୀପ ପଧାନ, ଆର୍ତ୍ତତ୍ରାଣ ନାଏକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଉଲୁଣ୍ଡା ଗ୍ରାମପଞ୍ଚାୟତ ଗୌଡଗାଁ ଗ୍ରାମର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଗ୍ରାମର କଦମ୍ବତଳ ପଡିଆ, ରାସ୍ତାପାର୍ଶ୍ୱ, ଆମ୍ବହୁଦୁଲା ପ୍ରଭୃତି ସ୍ଥାନରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଛି। ଏଥିରେ ସ୍ଥାନୀୟ ନାଏବ ସରପଞ୍ଚ ପ୍ରଭଞ୍ଜନ ପାଣିଗ୍ରାହୀ, ଯୁବ ମହାସଂଘ ସଭାପତି ପ୍ରମୋଦ କୁମାର ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୃଷ୍ଣଚନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମର ସଞ୍ଜୀ କୁମାର ପାଣିଗ୍ରାହୀ, ଅତିଶ କୁମାର ହୋତା, ଚନ୍ଦନ ମେସୁଆ, ଦୁର୍ବାଦଳ ପାଣିଗ୍ରାହୀ, ତ୍ରିବିକ୍ରମ ମେସୁଆ, ଆଶୁତୋଷ ପାଣିଗ୍ରାହୀଙ୍କ ସମେତ ବହୁ ଯୁବକ ଅଂଶଗ୍ରହଣ କରିଥିଲେ।



ଚାରାରୋପଣ ପାଇଁ ପଡିଆରେ ଉପସ୍ଥିତ ଯୁବଗୋଷ୍ଠୀ।

ଭୁତିଆପାଲି କଲେଜର ୨୮ତମ ପ୍ରତିଷ୍ଠା ଦିବସ

# ଭଲ ମଣିଷ ହେବା ପାଇଁ ଶିଷ୍ଟାଚାର ଦରକାର




ଭୁତିଆପାଲି କଲେଜର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିମାନେ ।

**ଅମରପାଲି, ୨୦।୮ (ଡି.ଏନ.ଏ.)**

ଅଞ୍ଚଳର ବିକାଶରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନର ଆବଶ୍ୟକତା ରହିଛି। ଚରିତ୍ର ଗଠନ ସହିତ ଭଲ ମଣିଷ ହେବା ପାଇଁ ଶିଷ୍ଟାଚାର ଦରକାର। ଶିଷ୍ଟାଚାର ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ ଦ୍ୱାରା ମାର୍ଜିତ ହୋଇଥାଏ। ତେଣୁ ଅଞ୍ଚଳରେ ଶିକ୍ଷା ସହ ଶିକ୍ଷାନୁଷ୍ଠାନ ବ୍ୟାପକ ହେବା ଉଚିତ। ମଙ୍ଗଳବାର ଅପରାହ୍ନରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଭୁତିଆପାଲିସ୍ଥିତ ପରମେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଓ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସମ୍ବର୍ଦ୍ଧନା ସଭାରେ ମଞ୍ଚସୀନ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି । ବରିଷ୍ଠ ଆଇନଜୀବୀ ମନୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କଲେଜର ସଭାପତି ତଥା ବାଣିଜ୍ୟ ପରିବହନ ଏବଂ ଯୋଜନା ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ପ୍ରାକ୍ତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ଓ କଲେଜ ଅଧକ୍ଷ ସୁବାଷ ଚନ୍ଦ୍ର ପଣ୍ଡା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅଧାପିକା ସେଫାଳୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ବେହେରାଙ୍କୁ ଉତ୍ତରୀୟ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧାପକ ଶରତ ଦଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ, କଲେଜ ପରିଚାଳନା କମିଟି କର୍ମକର୍ତ୍ତା ଓ ପ୍ରତିଷ୍ଠାତା ସଭ୍ୟମାନେ ଉପସ୍ଥିତ ଥିଲେ ।

# ରାସ୍ତାରେ ଅଟକାଇ ମନ୍ତ୍ରୀ ଦେଖିଲେ ସରକାରୀ ବସ୍

**ଅମରପାଲି, ୨୦।୮ (ଡି.ଏନ.ଏ)**

ସରକାରୀ ବସ୍‌କୁ ରାସ୍ତାରେ ଅଟକାଇଲେ ମନ୍ତ୍ରୀ। ମଙ୍ଗଳବାର ସନ୍ଧ୍ୟାରେ ବାଣିଜ୍ୟ ପରିବହନ ଏବଂ ଯୋଜନା ଓ ସଂଯୋଜନାମନ୍ତ୍ରୀ ପଦ୍ମନାଭ ବେହେରା ବୀରମହାରାଜପୁର-ମୁର୍ଷୁଣ୍ଡୀ ରାସ୍ତାରେ ଯାଉଥିବା ସରକାରୀ ବସ୍‌କୁ ଅଟକାଇଥିଲେ। ବସ୍‌ର ଅବସ୍ଥା ସମ୍ପର୍କରେ କର୍ମଚାରୀମାନଙ୍କୁ ପଚାରିଥିଲେ । ଡ୍ରାଇଭର ବସ୍‌ର ଅବସ୍ଥା ଠିକ୍ ନ ଥିବା କହିଥିଲେ । ମନ୍ତ୍ରୀ ଏହାର ଉତ୍ତରରେ ବସଟିକୁ ଶୀଘ୍ର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ଉକ୍ତ ବସ୍‌ଟି ପ୍ରତ୍ୟହ ସକାଳୁ ମୁର୍ଷୁଣ୍ଡୀରୁ ବାହାରି ବୀରମହାରାଜପୁର ଓ ଉଲୁଣ୍ଡା ଦେଇ ସମ୍ବଲପୁର ଯାଇଥାଏ ଏବଂ ଅପରାହ୍ନରେ ସମ୍ବଲପୁରରୁ ବାହାରି ପୁଣି ସନ୍ଧ୍ୟାରେ ମୁର୍ଷୁଣ୍ଡୀକୁ ଫେରିଥାଏ । ମନ୍ତ୍ରୀ ମଙ୍ଗଳବାର ଭୁତିଆପାଲି କଲେଜରୁ ଏକ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ମୁର୍ଷୁଣ୍ଡୀ ନିକଟସ୍ଥ ହରିହରଯୋର ପୋଲ ପାଖରେ ବସ୍‌କୁ ଅଟକାଇ ଥିଲେ।



ମନ୍ତ୍ରୀ ପଦ୍ମନାଭ ବେହେରା ରାସ୍ତାରେ ସରକାରୀ ବସ୍‌କୁ ଅଟକାଇ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା

**ବିନିକା,୨୦।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ସେଲେଡି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଶାରଦୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବ୍ଲକ ଅଧୀନ ୧୯ ହାଇସ୍କୁଲର ୧୭ବର୍ଷରୁ କମ୍ ଓ ୪ବିଦ୍ୟାଳୟର ୧୪ବର୍ଷରୁ କମ୍ ବୟସର ମୋଟ ୧୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଖୋଖୋ, କବାଡି ଏବଂ ଫୁଟବଲ ପ୍ରଭୃତି କ୍ରୀଡା ପ୍ରତିଯୋଗିତା ହୋଇଥିଲା । ୨୨ଜଣ କ୍ରୀଡା ଶିକ୍ଷୟତ୍ରୀ ଓ ଶିକ୍ଷକ ଖେଳ ପରିଚାଳନା ରହିଥିଲେ । ଏହି ଉପଲକ୍ଷେ ସେଲେଡି ହାଇସ୍କୁଲର ପ୍ରଧାନଶିକ୍ଷକ ଜଗନ୍ନାଥ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଇଓ ଶଶୀଭୂଷଣ ସେଠୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏବିଇଓ ସନ୍ତୋଷ କୁମାର ସାହୁ ଓ ବସନ୍ତ କୁମାର ଭୋଇ ଯୋଗଦେଇଥିଲେ। ଖେଳ ଶିକ୍ଷକ ସତ୍ୟ ନାରାୟଣ ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ଭୁବନେଶ୍ୱରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

ଘାସ ଖାଉଛି ଜୀବନ

# ସୁବର୍ଣ୍ଣପୁର ସହରରେ ବିଷାକ୍ତ ଗାଜର ଘାସ

**ସୋନପୁର,୨୦।୮(ନି.ପ୍ର.)**

ଗାଜର ଘାସ। ଜୀବଜନ୍ତୁଙ୍କ ପାଇଁ ବିଷାକ୍ତ ସଦୃଶ ଏହି ଘାସ ଏବେ ସୁବର୍ଣ୍ଣପୁର ସହରରେ ବ୍ୟାପି ଗଲାଣି। ସର୍କିଟ ହାଉସ ସମ୍ମୁଖ ରାସ୍ତାପାର୍ଶ୍ୱ, ରାମେଶ୍ୱର ଷ୍ଟାଡିୟମ ପାର୍ଶ୍ୱ ରାସ୍ତା ଓ ଆମ୍ବେଡକର ଛକ ପାର୍ଶ୍ୱରେ ଏହି ଘାସ ବହୁଳ ଭାବେ ଦେଖିବାକୁ ମିଳୁଛି। ଏହି ଘାସ ଦ୍ୱାରା ମଣିଷ ଶରୀରରେ ଚର୍ମ ରୋଗ, ଏକଜିମା, ଏଲର୍ଜି ଓ ଜ୍ୱର ହୋଇଥାଏ। ପଶୁପକ୍ଷୀଙ୍କ ପାଇଁ ମଧ୍ୟ ଏହା ବିଷାକ୍ତ ସଦୃଶ । ଏହାର ପ୍ରଭାବରେ ଉପଯୋଗୀ ବୃକ୍ଷଲତା ଓ ଫସଲ ବଢି ପାରନ୍ତି ନାହିଁ । ଜୈବ ବିବିଧତାକୁ ମଧ୍ୟ ଏହି ଘାସ ପ୍ରଭାବିତ କରେ। ଯଦିଓ ସୁବର୍ଣ୍ଣପୁର ଜିଲାରେ ଏହି ଘାସ ଅଧିକ ଦେଖା ଯାଏ ନାହିଁ, କିନ୍ତୁ ଏହି ଘାସ ବିସ୍ତାର ହେବା ପୂର୍ବରୁ ତା ବିଷୟରେ ଜାଣିବା ଓ କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଉଦ୍ୟମ ହେବା ଆବଶ୍ୟକ । ଗାଜର ଘାସ ବା ପାର୍ଥେନିୟମକୁ ଦେଶର ବିଭିନ୍ନ ସ୍ଥାନରେ ଅଲଗା ଅଲଗା ନାଁରେ ଅବିହିତ କରାଯାଏ। ଯଥା କଂଗ୍ରେସ ପାସ ଓ ସଫେଦ ଟୋପି । ଏହା ଆମ ଦେଶରେ ୧୯୫୫ ମସିହାରେ ପ୍ରଥମ ଥର ପାଇଁ ଦୃଷ୍ଟି ଗୋଚର ହୋଇଥିଲା। ବର୍ତ୍ତମାନ ଦେଶର ୩୫ ମିଲିୟନ ହେକ୍ଟର ଅଞ୍ଚଳରେ ମାଡିଯାଇଛି । ଏହା ମୁଖ୍ୟତଃ ଖାଲିଜାଗା, ବଗିଚା, ପାର୍କ ଓ ରେଳ ଲାଇନର ଦୁଇ ପାର୍ଶ୍ୱରେ ଦେଖାଯାଇଥାଏ। ଏ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଜୀବନଜିତ ସେନ କୁହନ୍ତି, ଗାଜର ଘାସ ସଚେତନତା ସପ୍ତାହ ଆମେ ପାଳନ କରୁଛି। ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ବର୍ଷାଋତୁରେ ଗାଜର ଘାସର ଫୁଲ ଫୁଟିବା ପୂର୍ବରୁ ସେଗୁଡିକୁ ମୂଳରୁ ଓପାଡି କମ୍ପୋଷ୍ଟ ପ୍ରସ୍ତୁତି ପାଇଁ ବ୍ୟବହାର କରା ଯାଇପାରିବ। କୃଷି ଅନୁପଯୋଗୀ ଜମିରେ ଏହାର ନିୟନ୍ତ୍ରଣ ନିମନ୍ତେ ୧.୦-୧.୫ ପ୍ରତିଶତ ଗ୍ଲାଇଫୋସେଟ କିମ୍ବା ମେଟ୍ରିବୁଜିନ ୦.୩-୦.୫ ପ୍ରତିଶତକୁ ଗଛରେ ଫୁଲ ଆସିବା ପୂର୍ବରୁ ସ୍ପ୍ରେ କରିବା ଦରକାର ବୋଲି ମତ ଦେଇଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର(କେଭିକେ) ସୋନପୁର ପକ୍ଷରୁ ଅଗଷ୍ଟ ୧୬ରୁ ୨୨ ପର୍ଯ୍ୟନ୍ତ ସପ୍ତାହ ପାଳନ କରାଯାଉଛି। ମଙ୍ଗଳବାର ସହରର ଯାତ୍ରୀ ନିବାସ, ସର୍କିଟ୍ ହାଉସ ପାର୍ଶ୍ୱ ଆଦି ସ୍ଥାନରେ କେଭିକେ ପକ୍ଷରୁ ଏହି ବିଷାକ୍ତ ଘାସର ମୂଳୋତ୍ପାଟନ କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ ଓ ଗୀତାଞ୍ଜଳୀ ପ୍ରଧାନ ସପ୍ତାହ ପାଳନର ମହତ୍ତ୍ୱ ବିଷୟରେ ଲୋକଙ୍କୁ ବୁଝାଇବା ସହ ସଚେତନ କରିଥିଲେ ।




ସୋନପୁର କେଭିକେ ପକ୍ଷରୁ ସହରର ଯାତ୍ରୀ ନିବାସ ନିକଟରେ ଗାଜର ଘାସକୁ ମାରିବା ପାଇଁ ସ୍ପ୍ରେ କରାଯାଉଛି ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍

## ସଂକ୍ଷେପରେ

### ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଲାଠୋର, ୨୦।୮(ଡି.ଏନ.ଏ.):** ଖପ୍ରାଖୋଲ ବ୍ଳକ ଅଧୀନ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସଂପାଦକ ତଥା ଅବସର ପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଂପାଦକ ଗୋବିନ୍ଦରାମ ଅଗ୍ରୱାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବର୍ତ୍ତମାନ ଯୁଗରେ ବିଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ ଏଥିରେ ଅଧକ୍ଷତା କରିଥିଲେ। ଶିଶୁ ବାଟିକା ବିଭାଗରେ ୫୬ଟି ପ୍ରକଳ୍ପ, ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୬୩ ପ୍ରକଳ୍ପ, ଶିଶୁ ବର୍ଗରେ ୩୦ ପ୍ରକଳ୍ପ, ବାଳ ବର୍ଗରେ ୩୩ ପ୍ରକଳ୍ପ ଓ କିଶୋର ବର୍ଗରେ ୩୯ ପ୍ରକଳ୍ପ ଏହିପରି ସର୍ବମୋଟ ୨୨୧ଟି ପ୍ରକଳ୍ପକୁ କୁନି ଗବେଷକମାନେ ପ୍ରଦର୍ଶିତ କରିଥିଲେ। ଏହା ସହିତ ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ସୃଷ୍ଟସ୍ୱରୂପା ବାରିକ, ଜ୍ୟୋତ୍ସ୍ନାରାଣୀ ବରିହା, ଶାଶ୍ୱତ କୁମାର ଦାଶ, ନିଖିଳ ଅଗ୍ରୱାଲ, ଜୟପ୍ରକାଶ ଅଣ୍ଡିଆ, ଆଶୁତୋଷ ମେହେର, କେଶବ ଅଗ୍ରୱାଲ, କୁମକୁମ ପାଣିଗ୍ରାହୀ ଓ ସୁରଜ ମେହେର ବେଲପଡାଠାରେ ହେବାକୁ ଥିବା ସଂକୁଳସ୍ତରୀୟ ବିଜ୍ଞାନମେଳାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୌମ୍ୟରଞ୍ଜନ ପ୍ରଧାନ ଓ ମାନସ ସାହୁଙ୍କ ସଂଯୋଜନା କରିଥିଲେ।

ଲୋଇସିଂହା ପଞ୍ଚାୟତ ସମିତି ବୈଠକ

# ବନ୍ୟା କ୍ଷୟକ୍ଷତି, କିଡ୍‌ନୀ ରୋଗକୁ ନେଇ ଚିନ୍ତା

**ଲୋଇସିଂହା,୨୦।୮ (ଡି.ଏନ.ଏ.)**

ଲୋଇସିଂହା ବ୍ଲକ୍ ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକରେ ଆଗାମୀ ୩ ବର୍ଷ ମଧ୍ୟରେ ଯେଉଁଲି କେହି ଆବାସ ଯୋଜାନ, ସାମାଜିକ ଭତ୍ତା ଏବଂ ଖାଦ୍ୟ ସୁରକ୍ଷା ଯୋଜାନରୁ କେହି ବଞ୍ଚିତ ନ ହେବେ ସେ ଦିଗରେ ଅଧିକାରୀ ଏବଂ ଜନପ୍ରତିନିଧିମାନେ କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ମୋ ସ୍କୁଲ ଯୋଜାନ ଏକ ମହତ ଯୋଜନା। ଏଣୁ ଏଥିରେ ସରପଞ୍ଚମାନେ ସହାୟତାର ହାତ ବଢାଇବାକୁ ସେ ଅନୁରୋଧ କରିଥିଲେ। ବ୍ଲକ ଅଧକ୍ଷା କାନ୍ତା ସେଠ ବୈଠକରେ ଅଧକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ବିଡିଓ ରାମଚନ୍ଦ୍ର ଖାଡିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତି କୃଷି ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ବ୍ଲକର ୨ଟି ପଞ୍ଚାୟତରେ ୧ଶହ ହେକ୍ଟର ଜମିରେ ବିଜିଆରଆଇ ଯୋଜାନରେ ଧାନଚାଷ କରାଯାଉଥିବା ସେ କହିଥିଲେ। ଏହାବଦ ବ୍ଲକକୁ ଆସିଥିବା ବିଭିନ୍ନ କୀଟନାଶକ ସାର ଓ ଔଷଧ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ପ୍ରତନିଧିମାନଙ୍କୁ ଅଣଦେଖା କରି ବନ୍ୟା କ୍ଷୟକ୍ଷତି ସର୍ଭେ କରାଯାଉଥିବାରୁ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସହକାରୀ କଷି ଉଦ୍ୟାନ ଅଧିକାରୀ ନିହାରିକା ସାହୁ କୃଷି ଉଦ୍ୟାନ ସମ୍ପର୍କରେ ତଥ୍ୟ ରଖିଥିଲେ। କେତେକ କ୍ଷେତ୍ରରେ ଲୋଇସିଂହା ପ୍ରଥମ ଥିବା ସେ କହିଥିଲେ। ଅଫିସରେ ଅଧିକାରୀ, କର୍ମଚାର ଦେଖା ନ ମିଳିବା, ଅନେକ ସମୟରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖୁଥିବା କେତେକ ସଭ୍ୟ କହିଥିଲେ।



ଲୋଇସିଂହା ବ୍ଲକ୍ ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ସରକାରୀ ଅଧିକାରୀ।

କୃଷି, ଉଦ୍ୟାନ ବିଭାଗର ସଫଳତାକୁ ଖୋଦ ବ୍ଲକ ଉପାଧ୍ୟକ୍ଷ ଯତୀନ୍ଦ୍ର କୁମାର ପଟେଲ ମଧ ସଂଶୟ ପ୍ରକଟ କରିଥିଲେ। ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ନିକଟରେ ହୋଇଥିବା ବନ୍ୟାରେ ଲୋଇସିଂହା, ସୁଜିଆ ସମେତ ୪ଟି ପାନୀୟ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିବା କହିଥିଲେ। ହେଲେ ସୁଜିଆ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ କ୍ଷତିଗ୍ରସ୍ତ କହିବାକୁ ନେଇ ସ୍ଥାନୀୟ ସରପଞ୍ଚ ଆପତ୍ତି ଉଠାଇଥିଲେ। ଅଚଳ ପ୍ରକଳ୍ପ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ପାଖରେ ତଥ୍ୟ ନ ଥିବାରୁ ଯୋଗୀସର୍ଡା ସରପଞ୍ଚ ଏବଂ ସମିତି ସଭ୍ୟ ମଧ କ୍ଷୋଭ ପ୍ରକାଶ କରିଥିଲେ। ବାଦିମୁଣ୍ଡା ପଞ୍ଚାୟତ ବିରକେଲ ଗ୍ରାମରେ ବର୍ଷା ଦିନରେ ମଧ୍ୟ ପିଇବା ପାଣି ସମ୍ୟାକୁ ନେଇ ସ୍ଥାନୀୟ ସମିତି ସଭ୍ୟା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଲୋଇସିଂହା ପଞ୍ଚାୟତ ଅଧୀନ କର୍ଲପାଟ ଗ୍ରାମରେ କିଡ୍‌ନୀ ରୋଗରେ ୧୦ରୁ ୧୨ ଜଣଙ୍କ ମୃତ୍ୟୁ ଘଟିଲାଣି । ଆଉ କେତେକ ଆକ୍ରାନ୍ତ ଜୀବନ ସହ ସଂଗ୍ରାମ କରୁଥିବାରୁ ସ୍ଥାନୀୟ ସମିତି ସଭ୍ୟ ଦୁଃଖ ପ୍ରକାଶ କରିଥିଲେ । ତେବେ ଏ ସମ୍ପର୍କରେ ବିଧାୟକ ମହାଲିଙ୍ଗ ଅବଗତ ଥିବା କହିବା ସହ ଏକ କେନ୍ଦ୍ରୀୟ ଟିମ୍ ସ୍ଥିତି ପରଖିବା କାର୍ଯ୍ୟକ୍ରମ ରହିଥିବା ସୂଚନା ଦେଇଥିଲେ। ଏହି ଗାଁର ପାନୀୟ ନମୁନା ସଂଗ୍ରହ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପରେ ନଳକୂଅଗୁଡିକରେ ଗୋଳିଆ ପଣି ବାହାରୁ ଥିବାରୁ ବିଶୋଧନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବିପିଏମ ସନ୍ତୋଷ ଦୋରା ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା କରିଥିଲେ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସମସ୍ୟା ରହିଥିବାବେଳେ ବ୍ଲକର ୧୪ଟି ଏଏନଏମ କେନ୍ଦ୍ର ମଧ୍ୟରୁ ତଲିଉଡାରକୁ ଛାଡି ବାକି କେନ୍ଦ୍ରରେ କେହି ସ୍ୱାସ୍ଥ୍ୟ କର୍ମୀ ରହୁ ନ ଥିବାରୁ ବ୍ଲକ ଉପାଧ୍ୟକ୍ଷ କ୍ଷୋଭ ପ୍ରକାଶ କରିଥିଲେ। କୁଶଙ୍ଗ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ପୂର୍ବାହ୍ନ ୧୧ଟା ପରେ ଡାକ୍ତର କିମ୍ବା କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ସ୍ଥାନୀୟ ସମିତିସଭ୍ୟ ଅଭିଯୋଗ କରିଥିଲେ। ସେହିପରି ବିଇଓ ରୀନା ବେହେରା, ସିଡିପିଓ ପ୍ରଜ୍ଞା ବାରିକ, ବ୍ଲକ୍ ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ ଉନ୍ନୟନ କାମ ସମ୍ପର୍କରେ ଆଲୋଚନା କରିଥିଲେ। ନିକଟରେ ବନ୍ୟାରେ ଧୋଇ ଯାଇଥିବା ରାସ୍ତା ଗୁଡିକ ଯୁଦ୍ଧକାଳିନ ଭିତ୍ତିରେ ମରାମତି କରିବାକୁ ବିଧାୟକ କହିଥିଲେ। ବୈଠକରେ ବ୍ଲକର ବିଭିନ୍ନ ପଦାଧିକାରୀ ଏବଂ ବିଧାୟକଙ୍କ ସମର୍ଥକ ଉପସ୍ଥିତ ଥିଲେ।

## ଧରିତ୍ରୀ ପ୍ରଭାବ

### ଖବର ପ୍ରକାଶ ପରେ ଜନସ୍ୱାସ୍ଥ୍ୟ ବିଭାଗ ତତ୍ପର: ପାଇପ୍ ଜଳ ଯୋଗାଣ ଆରମ୍ଭ

**ଗୁଡଭେଲା,୨୦।୮(ଡି.ଏନ.ଏ.)**

ତୁଷୁରା ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୮ ଦିନ ପରେ ମଙ୍ଗଳବାର ପାଇପ ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇ ଯାଇଛି । ପ୍ରଥମେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଏ ନେଇ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ସହ ଯୋରସୋରରେ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପମ୍ପ ହାଉସକୁ ବିଦ୍ୟୁତ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ଯୋଗାଇ ଦେଇଥିଲେ ମଧ ସ୍ଥାନୀୟ କର୍ମଚାରୀଙ୍କ ଆନ୍ତରିକତା ଅଭାବରୁ ଜଳ ଯୋଗାଣ ହୋଇପାରୁ ନ ଥିଲା। ଏଣୁ ସହରବାସୀ ପାନୀୟ ଜଳ ଟିକିକ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏବେ ମଧ ସହରର କଟକିଆ ପଡା, ବସଷ୍ଟାଣ୍ଡ, ଲକେଶ୍ୱରୀ ପଡା, ହାଇସ୍କୁଲପଡା ଆଦି କେତେକ ସ୍ଥାନରେ ପାଇପ ଯୋଗେ ଜଳ ଯୋଗାଣ ସ୍ୱାଭାବିକ ହୋଇ ପାରିନି। ଯଥା ଶୀଘ୍ର ସବୁ ଅଞ୍ଚଳକୁ ଜଳ ଯୋଗାଣ ହୋଇଯିବ ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି।

# ସୁବଳୟା କଲେଜରେ ଗଙ୍ଗାଧର ଜୟନ୍ତୀ

**ଅମରପାଲି, ୨୦।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଭୋଳାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଗଙ୍ଗାଧରଙ୍କ କାଳଜୟୀ ସାହିତ୍ୟ ଏବଂ ତପସ୍ୱିନୀ କାବ୍ୟରେ ଥିବା କରୁଣରସ ସମ୍ପର୍କରେ ସେ ଆଲୋଚନା କରିଥିଲେ। ସାଂସ୍କୃତିକ ସଂସଦର ଉପସଭାପତି ଅଧାପକ ରମାକାନ୍ତ ପୁରୋହିତ ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କଲେଜ ପ୍ରାଧ୍ୟାପକ ଗିରିଧାରୀ ମିଶ୍ର, ଡ. ମିନକେତନ ଛୁରିଆ, ଅଧାପିକା ଅନ୍ନଦା ମିଶ୍ର, ଦୋବଶିଷ ପଧାନ ଏବଂ କଲେଜ କର୍ମଚାରୀ ସୁରେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଭୋଇ, ଗୋପାଳ ଭୋଇ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା ଅଧାପକ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ ।




ସୁବଳୟା କଲେଜରେ ଗଙ୍ଗାଧର ଜୟନ୍ତୀ ପାଳନ ବେଳେ ଛାତ୍ରୀଛାତ୍ର ଓ ଅତିଥିମାନେ ।

## ଚିତ୍ରଶିଳ୍ପୀଙ୍କ ପରଲୋକ

**ଡୁଙ୍ଗୁରିପାଲି, ୨୦।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଳକ ରାମପୁରର ବାସୀନ୍ଦା ତଥା ଚିତ୍ରଶିଳ୍ପୀ ଜୟନ୍ତ ମେହେର(୪୬)ଙ୍କର ସୋମବାର ରାତିରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। କିଛି ଦିନ ତଳେ ସେ ଅସୁସ୍ଥ ହୋଇ ପଡିବାରୁ କଟକ ବଡମେଡିକାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହେବାରୁ ନିକଟରେ ସେ ରାମପୁରସ୍ଥିତ ଘରକୁ ଫେରିଥିଲେ। ହେଲେ ସୋମବାର ହଠାତ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଯାଇଥିଲା ଏବଂ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ପ୍ରଭାସିନୀ, ଏକମାତ୍ର ପୁଅ ଅଙ୍କନ, ବାପା ଅଣାକାର ମେହେର, ମା ନିଶାମଣୀ ମେହେର ଏବଂ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଜୟନ୍ତ ଛାତ୍ରୀଛାତ୍ରଙ୍କୁ ଚିତ୍ରକଳା ପ୍ରଶିକ୍ଷଣ ଦେଉଥିଲେ।

ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନମେଳା

# କଦମପଡ଼ାରେ ୧୧୫, ମହୀମୁଣ୍ଡାରେ ୧୪୭ ପ୍ରକଳ୍ପ ପ୍ରଦର୍ଶିତ

**ବଲାଙ୍ଗୀର ଅଫିସ, ୨୦।୮**

ବଲାଙ୍ଗୀର କଦମପଡାସ୍ଥିତ ଶିଶୁ ବିଦ୍ୟା ମନ୍ଦିର ଓ ମହୀମୁଣ୍ଡା ଶିଶୁ ମନ୍ଦିରରେ ପୃଥକ୍ ଭାବେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । କଦମପଡାରେ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଗଜେନ୍ଦ୍ର ପ୍ରଧାନ ଯୋଗଦେଇ ବିଜ୍ଞାନ ହିଁ ସମାଜର ପଥ ପ୍ରଦର୍ଶକ ବୋଲି କହିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନ ମଞ୍ଚ, ବିଜ୍ଞାନ ପତ୍ର ବାଚନ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରକଳ୍ପ, ଗଣିତ ପ୍ରଶ୍ନ ମଞ୍ଚ, ଗଣିତ ପତ୍ର ବାଚନ, ଗଣିତ ପ୍ରୟୋଗ, ସଂସ୍କୃତି ବୋଧ, କଥା କଥନ, ସଂସ୍କୃତି ବୋଧ ପରିଯୋଜନା ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ମେଳାରେ ଛାତ୍ରୀଛାତ୍ରଙ୍କ ୧୧୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଜ୍ଞାନ ବିଜ୍ଞାନ ମେଳାର ଉଦ୍‌ଯାପନୀ ଉତ୍ସବରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କୃତୀ ପ୍ରତିଯୋଗୀ ସ୍ମୃତି ପିପାସା ନନ୍ଦ, ବଂଶିକା ସ୍ୱାଇଁ, ଓମ୍‌କାର ଇପସିତ୍ ତ୍ରିପାଠୀ, ପ୍ରତୀକ ସେଠ, ସୁସ୍ମିତା ପଟେଲ, ଅନିମା ଦାଶ ଚଳିତ ମାସ ୨୪ ଓ ୨୫ ତାରିଖରେ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ସରସ୍ୱତୀ ଶିଶୁ ମନ୍ଦିରରେ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଯୋଗ ଦେବେ । କାର୍ଯ୍ୟକ୍ରମରେ ପରିଚାଳନା ସମିତି ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ, ସୁରେଶ ଷଡଙ୍ଗୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ ଓ ସେବିକା ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଧନ୍ୟବାଦ ଦେଇଥିଲେ।



କଦମପଡା ସରସ୍ୱତୀ ଶିଶୁ ମନ୍ଦିରରେ ଜଣେ କୁନି ବିଜ୍ଞାନୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି ।

ପୁଇଁତଲା ବ୍ଲକ ଅନ୍ତର୍ଗତ ମହୀମୁଣ୍ଡା ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳାରେ ୧୪୭ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ମୁଖ୍ୟଅତିଥି ଭାବେ କୁରୁଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାରେ ବିଦ୍ୟାଳୟ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଗଗନ ବିହାରୀ ପ୍ରଧାନ, ଅନ୍ତର୍ଯ୍ୟାମୀ ବିଶ୍ୱାଳ ମଞ୍ଚାସୀନ ଥିଲେ । ବିଦ୍ୟାଳୟ ଶୈକ୍ଷିକ ପ୍ରମୁଖ ରୀତାଞ୍ଜଳି ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କୃତୀ କୁନି ବିଜ୍ଞାନୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଇଚ୍ଛା ମୃତ୍ୟୁ ମାଗିଲେ ଦିବ୍ୟାଙ୍ଗ

## ପ୍ରଶାସନ ଡକାଇ ଆଲୋଚନା କରି ସହାୟତା ପ୍ରତିଶ୍ରୁତି ଦେଲା

**ଭଦ୍ରକ ଅଫିସ, ୨୦।୮**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତ ରଥପଦା ଗାଁର ଦିବ୍ୟାଙ୍ଗ ଯୁବକ ଉମାକାନ୍ତ ଦାସ(୩୧) ଟୁଇଟ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଭଦ୍ରକ ଜିଲାପାଳଙ୍କୁ ଇଚ୍ଛାମୃତ୍ୟୁ ଆଦେଶ ମାଗିଛନ୍ତି। ବି.କମ୍. ପାସ କରିବା ସତ୍ତ୍ୱେ ତାଙ୍କୁ ଚାକିରି ମିଳିନି କି ଭିନ୍ନକ୍ଷମ ଭତ୍ତା ମିଳି ନାହିଁ । ଏପରି ସ୍ଥଳେ ନିଜ ଭବିଷ୍ୟତ ନେଇ ସଂଶୟରେ ପଡିଛନ୍ତି ଉମାକାନ୍ତ । ସେ ମା' ବାପାଙ୍କର ଏକମାତ୍ର ସନ୍ତାନ ହୋଇଥିବାରୁ ସେମାନଙ୍କ ଅନ୍ତେ ତାଙ୍କୁ ଭିକ ମାଗିବାକୁ ପଡିବ ବୋଲି ସାହିପଡିଶା ଲୋକେ କହି ଟାହିଟାପରା କରୁଥିବାରୁ ଏହା ତାଙ୍କ ଲାଗି ଅସହ୍ୟ ହୋଇ ପଡିଛି ବୋଲି ସେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଉମାକାନ୍ତ ଗତ ୧୪ ତାରିଖରେ ସୋସିଆଲ ମିଡିଆରେ ଟୁଇଟ୍ କରି ଇଚ୍ଛାମୃତ୍ୟୁ ମାଗିବା ପରେ ଏହା ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଦୃଷ୍ଟିକୁ ଆସିଥିଲା। ସେ ରି-ଟୁଇଟ୍ କରି ଜିଲା ପ୍ରଶାସନକୁ ଆସି ଦେଖା କରନ୍ତୁ ବୋଲି ତାଙ୍କୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଦିବ୍ୟାଙ୍ଗ ଉମାକାନ୍ତ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆସି ପହଞ୍ଚିଥିଲେ। ଜିଲାପାଳ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ଅତିରିକ୍ତ ଉପଜିଲାପାଳ ମନୋରମା ଭୂୟାଁ, ଅବସରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ ରାୟ ପ୍ରମୁଖ ଉମାକାନ୍ତଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ସାଙ୍ଗକୁ ଭତ୍ତା ପ୍ରଦାନ ଏବଂ ମୁଖ୍ୟସ୍ରୋତରେ ତାଙ୍କୁ ସାମିଲ କରିବା ସକାଶେ ଯଥାସମ୍ଭବ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦିଆଯାଇଥିଲା। ଏଭଳି ପ୍ରତିଶ୍ରୁତି ପାଇ ସେ ଘରକୁ ଫେରିଯାଇଛନ୍ତି। ଉମାକାନ୍ତ ୬ ବର୍ଷର ହୋଇଥିବା ବେଳେ ପୋଲିଓରେ ଆକ୍ରାନ୍ତ ହେବା ଯୋଗୁ ତାଙ୍କ ବାମ ଗୋଡ ସରୁ ହୋଇଯାଇଛି। ସେ ଭଲରେ ଚଲାବୁଲା କରି ପାରନ୍ତି ନାହିଁ କି କଥାବାର୍ତ୍ତା କହି ପାରନ୍ତି ନାହିଁ । ସେ ପ୍ରଶାସନଠାରୁ ପାଇଥିବା ଭିନ୍ନକ୍ଷମ ପ୍ରମାଣପତ୍ରକୁ କେବଳ ଘରେ ସାଇତି ରଖିଥିବା କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବ୍ୟାଙ୍ଗ ଉମାକାନ୍ତ।

# ଅନ୍ତରାଷ୍ଟ୍ରୀୟ ବୈଦିକ ବ୍ରାହ୍ମଣ ମହାସଂଘର ବୈଠକ

**ସୋନପୁର,୨୦।୮(ନି.ପ୍ର.)**

ସହରର ମା' ଦୁର୍ଗାଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନ୍ତରାଷ୍ଟ୍ରୀୟ ବୈଦିକ ବ୍ରାହ୍ମଣ ମହାସଂଘ ସୁବର୍ଣ୍ଣପୁର ଓ ବଲାଙ୍ଗୀର ଶାଖାର ମିଳିତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଶାଖାର ଅଧକ୍ଷ ସଦାନନ୍ଦ ପାଣ୍ଡିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଲାଙ୍ଗୀର ଜିଲାର ଅଧକ୍ଷ ଶତ୍ରୁଘ୍ନ ପୁରୋହିତ, ଶମ୍ଭୁପ୍ରସାଦ ଶତପଥୀ ଓ ସତ୍ୟବ୍ରତ ହୋତା ପ୍ରମୁଖ ଯୋଗଦେଇ ସୁବର୍ଣ୍ଣପୁର ଜିଲା ପାଇଁ କାର୍ଯ୍ୟକର୍ତ୍ତା ମନୋନୟନରେ ସହଯୋଗ କରିଥିଲେ। ଏଥିରେ ସର୍ବସମ୍ମତିକ୍ରମେ ସୁବର୍ଣ୍ଣପୁର ଶାଖାର ଅଧକ୍ଷଭାବେ ପୁନର୍ବାର ସଦାନନ୍ଦ ପାଣ୍ଡିଆ, କାର୍ଯ୍ୟକାରୀ ଅଧକ୍ଷ ନାରାୟଣ ପୁରୋହିତ, ପ୍ରଭାରୀ ବିଜୟ ମିଶ୍ର, ସହପ୍ରଭାରୀ ଯଦୁମଣି ଦାଶ, ମହାସଚିବ ରାଧେଶ୍ୟାମ ପୁରୋହିତ, ସଚିବ ନବୀନ ଷଡଙ୍ଗୀ, ଉପାଧକ୍ଷ ଶିବନାରାୟଣ ପୂଜାରୀ, ସହ ଉପାଧକ୍ଷ ସଚ୍ଚିଦାନନ୍ଦ ଦାଶ, ନଗର ମହାସଚିବ ଦାମୋଦର ନନ୍ଦ, ନଗର ସଚିବ ରଘୁନାଥ ମିଶ୍ର, ମହା ସଂଗଠକ ଗଣେଷ ଦାଶ, ସଂଗଠକ ରାମାନୁଜ ପୂଝାରୀ ଓ ଆଇନ ପରାମର୍ଶଦାତାଭାବେ ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କୁ ମନୋନୀତ କରା ଯାଇଥିଲା। ପ୍ରାରମ୍ଭରେ ବିଶ୍ୱଶାନ୍ତି ପାଇଁ ଶାନ୍ତି ପାଠ କରାଯାଇ ବ୍ରାହ୍ମଣ ସମାଜ ନିଷ୍ଠା ଓ ନିଜର ପରାକାଷ୍ଠା ବଜାୟ ରଖି ବିଶ୍ୱକୁ ଏକଜୁଟ କରିପାରି ଭାରତକୁ ବିଶ୍ୱଗୁରୁର ମାନ୍ୟତା ପ୍ରଦାନ କ୍ଷେତ୍ରରେ ସହାୟକ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପରେ ସ୍ଥାନୀୟ ଶଶିସେଣା ମନ୍ଦିର ପ୍ରାଙ୍ଗଣରେ ସମାଜ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା।




ସୋନପୁରରେ ଅନୁଷ୍ଠିତ ମହାସଂଘର ବୈଠକରେ ଉପସ୍ଥିତ ବ୍ରାହ୍ମଣମାନେ ।



ସିନିୟର ନକଆଉଟ୍ ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍‌ରେ ଦୁଇଦଳର ଖେଳାଳିଙ୍କ ସହ ଅତିଥି ।

ବଲାଙ୍ଗୀର ଫୁଟବଲ ଲିଗ୍ ଉଦ୍‌ଘାଟିତ

# ଶାନ୍ତିପଡ଼ା ଟିୱାଇସିକୁ ହରାଇ ଡୁଙ୍ଗିରିପଡ଼ା ଏଫ୍‌ଏ ବିଜୟୀ

**ବଲାଙ୍ଗୀର ଅଫିସ, ୨୦।୮**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ନକଆଉଟ୍ ଓ ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ସ୍ଥାନୀୟ ମିଶନ ପଡିଆ ଠାରେ ଉଦ୍‌ଘାଟିତ ହୋଇଛି । ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ବଲାଙ୍ଗୀର ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡୁଙ୍ଗୁରିପଡା ଏଫଏ ଦଳ ୨-୧ ଗୋଲରେ ଶାନ୍ତିପଡା ଟିୱାଇସିକୁ ହରାଇ ବିଜୟୀ ହୋଇଥିଛି। ବିଜୟୀ ଦଳ ତରଫରୁ ସରୋଜ ଭୋଇ ଓ ସରୋଜ ନାଗ ଗୋଲ ସ୍କୋର କରିଥିଲେ । ଶାନ୍ତିପଡା ତରଫରୁ ସୁମନ ମଲ୍ଲିକ ଗୋଟିଏ ଗୋଲ ସ୍କୋର କରିଥିଲେ । ଟୁର୍ନାମେଣ୍ଟ କମିଟି ଅଧକ୍ଷ କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ପ୍ରଭାତ କୁମାର ମିଶ୍ର, ଫୁଟବଲ ସମ୍ପାଦକ ନିଶାରକାନ୍ତ ନାଗ, ଜୋନ ସଂଯୋଜକ ହେମନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ । ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଡ. ସିଦ୍ଧେଶ୍ୱର ମିଶ୍ର, ଡିଏସ୍ଆଇ କିଶୋର ଚନ୍ଦ୍ର ମଲ୍ଲିକ, କ୍ରୀଡାବିତ ଶ୍ରୀକାନ୍ତ ରାଉତ, ପ୍ରଫୁଲ୍ଲ ବଗର୍ତ୍ତୀ ସମେତ ହୋମଗାର୍ଡ ସ୍ପୋର୍ଟିଂ କ୍ଲବ ସଭ୍ୟମାନେ ସହଯୋଗ କରିଥିଲେ । ଦେବାଶିଷ ବାଗ, ସୁଶାନ୍ତ ନାଗ, ସୁଦର୍ଶନ ସେଠ ଓ ଅବଦୁଲ ମୁଜିବ ଖେଳ ପରିଚାଳନା କରିଥିଲେ । ବୁଧବାର ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିରେ ବାଗଡିଆ ବନାମ ଛତାବାହାଲ, ଲୋଇସିଂହା ମିନି ଷ୍ଟାଡିୟମଠାରେ ବଡଟିକା ବନାମ ୟୁଏଫଏ ବୁର୍ଡା, ଚୁଡାପାଲିଠାରେ ଆଡେନଡୁଙ୍ଗୁରି ବନାମ ଭୁଣ୍ଡିମୁହାଣ, ଜରାସିଂହାଠାରେ ଶୀରାବାହାଲ ବନାମ ନାଇକେନଶିରା, ଖୋଲାନ ପଡିଆରେ ଡିଡିଏସ ଖୋଲାନ ବନାମ ୱାଇଏସ ମୁରିବାହାଲ, ମିଶନ ପଡିଆରେ କାଲସାଏପାଲି ବନାମ ଜନକପୁର ମଧରେ ଖେଳ ଅନୁଷ୍ଠିତ ହେବ।



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍



## ସଂକ୍ଷେପରେ




### ପିଏଲ୍ କଲେଜରେ ନବାଗତଙ୍କୁ ସ୍ୱାଗତ

**ଟିକ୍ରାପଡା,୨୦।୮(ଡି.ଏନ.ଏ.):** ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ପଦ୍ମଲୋଚନ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପରାଶର ସାହୁ ସଭାରେ ଅଧକ୍ଷତା କରିଥିଲେ। ଛାତ୍ରୀ ସୌଦାମିନୀ ରାଜପଲିଆ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅଧାପକ ଜୟକୃଷ୍ଣ ସାହୁ, ଅଭୟ କୁମାର ଚୌଧୁରୀ, ଲୋକନାଥ ବେହେରା, ଅନ୍ତର୍ଯାମୀ ରାଜପଲିଆ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ର ଜୀବନରେ ସମୟାନୁବର୍ତ୍ତିତା, ଶୃଙ୍ଖଳା, ପରିଶ୍ରମ, ଲକ୍ଷ୍ୟ ପ୍ରତି ନିଷ୍ଠା, ସମ୍ମାନବୋଧ ଓ ସ୍ୱଦେଶ ପ୍ରେମ ସମ୍ବନ୍ଧରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଚିନ୍ମୟୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ସାମାଜିକ ସମୀକ୍ଷା, ଗ୍ରାମ ସଭା ବୈଠକ

**ଖପ୍ରାଖୋଲ, ୨୦।୮(ଡି.ଏନ.ଏ.):** ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାମାଜିକ ସମୀକ୍ଷା ସହ ଗ୍ରାମ ସଭା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ପ୍ରତିନିଧି ଜୟନ୍ତୀ ଦଣ୍ଡସେନା ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ସାମାଜିକ ସମୀକ୍ଷା କରାଯାଇଥିଲା। ଗ୍ରାମ୍ୟ ସମ୍ବଳ କର୍ମୀମାନେ ୧୫ ଦିନ ଧରି ଗାଁ ଗାଁ ବୁଲି ସଂଗ୍ରହ କରିଥିବା ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। କେସ ରେକର୍ଡ, ମଷ୍ଟର ରୋଲ, ଏମ.ବି ଆଦି ସମସ୍ତେ ଦେଖିବାକୁ କୁହାଯାଇଥିଲା । ସେହିପରି ଜାତୀୟ ସମାଜିକ ସହାୟତା କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିଥିବା ଇନ୍ଦିରା ଗାନ୍ଧୀ ଜାତୀୟ ବିଭିନ୍ନ ଭତ୍ତା ଓ ଅନ୍ନପୂର୍ଣ୍ଣା ଚାଉଳର ସାମାଜିକ ସମୀକ୍ଷା କରାଯାଇଥିଲା। ଅନେକ ହିତାଧିକାରୀ ମୃତ୍ୟୁ ଘଟିଥିଲେ ବି ଅନଲାଇନରେ ତାଙ୍କ ନାମ ଥିବା ଦେଖିବାକୁ ମିଳିଥିଲା । ମୃତ ହିତାଧିକାରୀଙ୍କ ତାଲିକା ବାଦ୍ ଦେବା ସହ ତାଙ୍କ ସ୍ଥାନରେ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଦେବା ପାଇଁ ଆଲୋଚନା ହୋଇଥିଲା। ନୋଡାଲ ଅଫିସର ତଥା ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସରିତା କୁଜୁର, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ବାହୁବଳେନ୍ଦ୍ର ପୁରୋହିତ, ଜିଆରଏସ୍ ଦୁର୍ଯ୍ୟୋଧନ ଦଣ୍ଡସେନା, ଭିଆରପି ମମତା ମାହାକୁଡ, ଦିଲସାନ ବାଇ, ବନପାଳ ପିଙ୍କୁ ଭୋଇ ପ୍ରମୁଖଙ୍କ ସମେତ ଏସଏଚଜି ମହିଳା, ଗାଁ ସାଥୀ ଏବଂ ବିଭିନ୍ନ ହିତାଧିକାରୀ ଶ୍ରମିକ ଯୋଗ ଦେଇଥିଲେ।

## ଭାରତ ସିକ୍ୟୁରିଟି ସଂସ୍ଥାର ବେଆଇନ କାରବାର

# ସ୍ୱୀକୃତି ନ ଥାଇ ଦିଆଯାଉଛି ନିଯୁକ୍ତି ସମ୍ବନ୍ଧୀୟ ପତ୍ର

**ଯାଜପୁର ଅଫିସ,୨୦।୮**

ରାଜ୍ୟରେ ଦିନକୁ ଦିନ ବେକାରି ସମସ୍ୟା ବଢ଼ିବାରେ ଲାଗିଛି। ଆବଶ୍ୟକ ଅନୁସାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଶିକ୍ଷାଗତ ଯୋଗ୍ୟତା ଥାଇ ମଧ ଚାକିରିଟିଏ ପାଇଁ ଯୁବତୀଯୁବକମାନେ ସରକାରୀ ଦପ୍ତରଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ସଂସ୍ଥାର ଦ୍ୱାରସ୍ଥ ହେଉଛନ୍ତି। ଆଉ ଏହାର ସୁଯୋଗ ନେଇ କିଛି ଘରୋଇ ଠିକା ସଂସ୍ଥା ବେକାର ଯୁବତୀଯୁବକଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ଏପରିକି କିଛି ସଂସ୍ଥା ବିନା କାର୍ଯ୍ୟାଦେଶ ପାଇ ମଧ ଯୁବତୀଯୁବକଙ୍କୁ ନିଯୁକ୍ତି ସଂକ୍ରାନ୍ତୀୟ ପତ୍ର ପ୍ରଦାନ କରି ଟଙ୍କା ଆଦାୟ କରିବାରେ ଲାଗିଛନ୍ତି। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ପାଣିକୋଇଲି ନିକଟରେ ଥିବା ଭାରତ ସିକ୍ୟୁରିଟି ଠିକା ସଂସ୍ଥାରେ। ଦୀର୍ଘଦିନ ଧରି ଏହି ଠିକା ସଂସ୍ଥା ଚଞ୍ଚକତା କରି ବିଭିନ୍ନ ସରକାରୀ ସଂସ୍ଥାରେ ଠିକା ଶ୍ରମିକ (ଆଉଟ ସୋର୍ସିଂ) ଯୋଗାଇ ଦେବା ନାମରେ ବେକାର ଶିକ୍ଷିତ ଯୁବତୀଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଅସୁଲ କରୁଥିବା ଅଭିଯୋଗ ହୋଇଛି। ଏପରିକି ସ୍ୱୀକୃତି ପାଇବା ପୂର୍ବରୁ ଯୁବତୀଯୁବକଙ୍କୁ ଟଙ୍କା ଦେବାକୁ ବାଧ କରାଯାଉଛି ବୋଲି କେତେକ ବେକାର ଯୁବତୀଯୁବକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ପାଣିକୋଇଲି ଥାନା ଏବଂ ଯାଜପୁର ଏସ୍‌ପିଙ୍କ କାର୍ଯ୍ୟାଳୟର ମାତ୍ର ୩୦୦ମିଟର ମଧରେ ଏହି ଠିକା ସଂସ୍ଥା ଏଭଳି କାର୍ଯ୍ୟ କରୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ। ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ଲୋକପ୍ରତିନିଧି ସବୁ କିଛି ଜାଣି ସୁଦ୍ଧା ଚୂପ ରହିବା ଫଳରେ ଏହି ସଂସ୍ଥାର ଚେର ରାଜ୍ୟର ମୟୁରଭଞ୍ଜ, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଜଗତସିଂହପୁର, କୋରାପୁଟ, ରାୟଗଡ଼ା, ବଲାଙ୍ଗୀର, ମାଲକାନଗିରି ଆଦି ଜିଲାକୁ ଲମ୍ବିଛି।

ସୂଚନା ଅନୁସାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଠିକା ଶ୍ରମିକ ଯୋଗାଇ ଦେବାକୁ ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ଅନ୍ୟ ଘରୋଇ ସଂସ୍ଥା ଭଳି ପାଣିକୋଇଲିର ଭାରତ ସିକ୍ୟୁରିଟି ସଂସ୍ଥା ଟେଣ୍ଡର ପେପର ଦାଖଲ କରିଛି। ଏପରି କି ଏହି ସଂସ୍ଥା କାର୍ଯ୍ୟ ହାତେଇବା ପାଇଁ ଅନ୍ୟ ସଂସ୍ଥା ନାମରେ ମଧ ଟେଣ୍ଡର ଦାଖଲ କରିଥିବା ଜଣାପଡ଼ିଛି। ତେବେ ସ୍ୱୀକୃତି ପାଇବା ପୂର୍ବରୁ ଏହି ସଂସ୍ଥା ବିଭିନ୍ନ ଜିଲାର କେତେକ ବେକାର ଯୁବତୀଯୁବକଙ୍କଠାରୁ ଚାକିରି ଦେବା ନାମରେ ଲକ୍ଷାଧିକ ଟଙ୍କା ଅସୁଲ କରୁଥିବା ଅଭିଯୋଗ ହେଉଛି। ୧୮୭/୯୭/୦୪/୨୦୦୨ ନମ୍ବରରେ ରେଜିଷ୍ଟ୍ରେଶନ ଦର୍ଶାଯାଇଥିବା ଏକ ଲେଟରପ୍ୟାଡରେ ଯୁବତୀଯୁବକଙ୍କୁ ନିଯୁକ୍ତି ସମ୍ପର୍କରେ ସୂଚନା ଦିଆଯାଉଛି।


M/s. BHARAT SECURITY SERVICE

- ନିଯୁକ୍ତି ଦେବା ନାମରେ ଲକ୍ଷାଧିକ ଟଙ୍କା ଆଦାୟ
- ପାଣିକୋଇଲିରୁ ବଲାଙ୍ଗୀର, ରାୟଗଡା ଆଦି ଜିଲାକୁ ଲମ୍ବିଛି ଚେର

୩୧।୭।୧୯ରେ ଏହି ସଂସ୍ଥାର ପତ୍ର ସଂଖ୍ୟା ୪୨୪୨/୧୯ରେ ଡୁଙ୍ଗୁରିପାଲି ଅଞ୍ଚଳର ଜନୈକ ଯୁବକଙ୍କୁ ଦିଆଯାଇଥିବା ପତ୍ରରେ ଦର୍ଶାଯାଇଛି ଯେ, ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଆଉଟ ସୋର୍ସିଂରେ ଆପଣ ପୁରୁଷ ଆଟେଣ୍ଡାଣ୍ଟ ଭାବେ ନିଯୁକ୍ତି ପାଇବାକୁ ପ୍ରାଥମିକଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଇଣ୍ଟରଭ୍ୟୁ ଓ ପ୍ରମାଣପତ୍ର ଯାଞ୍ଚ ସହ ଦକ୍ଷତା ପରୀକ୍ଷା ଦେବାକୁ ପଡିବ । ତେଣୁ ଫଟୋ, ଶିକ୍ଷାଗତ ଯୋଗ୍ୟତା, ଆଧାରକାର୍ଡ ଆଦି ନେଇ ଉପସ୍ଥିତ ରହିବାକୁ ପଡ଼ିବ। ଏଥିପାଇଁ ସ୍ଥାନ, ତାରିଖ ଓ ସମୟ ଫୋନ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ଦର୍ଶାଯାଇଛି। ଉକ୍ତ ଯୁବକଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ନେଇ ଏଭଳି ପତ୍ର ଦିଆଯାଇ ଗତ ଅଗଷ୍ଟ ୫ ତାରିଖ ସୁଦ୍ଧା ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଉକ୍ତ ଯୁବକଙ୍କୁ ଏଯାଏ କୌଣସି ନିଯୁକ୍ତି ମିଳିନାହିଁ । ଏ ସଂକ୍ରାନ୍ତରେ ଉକ୍ତ ଯୁବକ ଜଣକ ବାରମ୍ବାର ଭାରତ ସିକ୍ୟୁରିଟି ସଂସ୍ଥାର ଏଜେଣ୍ଟଙ୍କ ନିକଟକୁ ଦୌଡୁଥିଲେ ହେଁ ଦିନ ଗଡ଼ି ଗଡ଼ି ଚାଲିଛି। ଏଭଳି ଶତାଧିକ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସେହିପରି କୋରାପୁଟ ଜିଲାର ଇଗ୍ନୋରେ ୧।୮।୨୦୧୯ ତରିଖରେ ଟାଇପିଷ୍ଟ, ଡ୍ରାଇଭର ଓ ଆଟେଣ୍ଡାଣ୍ଟ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଏଥିରେ ମଧ ଲକ୍ଷାଧିକ ଟଙ୍କାର କାରବାର ହୋଇଛି। ଏହାବାଦ ନେସ୍କୋ, ଓପିଟିସିଏଲ୍, ଯାଜପୁର ଜିଲାର ପ୍ରାୟ ସମସ୍ତ ସରକାରୀ ଡାକ୍ତରଖାନା ପ୍ରଭୃତି ସ୍ଥାନରେ ଠିକାଶ୍ରମିକ ଯୋଗାଇ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଅସୁଲ କରାଯାଇଛି । ଏହାସହ ବିରଜା/ଭାରତ ସିକ୍ୟୁରିଟି ସଂସ୍ଥାରେ ବ୍ୟବହାର ହେଉଥିବା ରେଜିଷ୍ଟରରେ ମଧ ଚଞ୍ଚକତା ହୋଇଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଭାରତ ସିକ୍ୟୁରିଟି ସଂସ୍ଥାର ମୁଖ୍ୟ ବିଜୟ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରୁ ଏଯାଏ ସ୍ୱୀକୃତି ମିଳିନାହିଁ । କେହି ଜଣେ ଚଞ୍ଚକତା କରି ଭାରତ ସିକ୍ୟୁରିଟି ନାମରେ ଲେଟରପ୍ୟାଡ ତିଆରି କରି ଏଭଳି ନୋଟିସ ଦେଉଛି ବୋଲି ସେ କହିଛନ୍ତି। ଭାରତ ସିକ୍ୟୁରିଟି ସଂସ୍ଥା ତରଫରୁ ଏଭଳି କିଛି ପତ୍ର ଦିଆଯାଇ ନ ଥିବା ବିଜୟ ସଫେଇ ଦେଇଛନ୍ତି। ତେବେ ଯଦି ଭାରତ ସିକ୍ୟୁରିଟି ସଂସ୍ଥା ନାମରେ ଅନ୍ୟ କେହି ଲେଟରପ୍ୟାଡ ପ୍ରସ୍ତୁତ କରି ଏଭଳି ଅପବ୍ୟବହାର କରୁଛନ୍ତି, ତେବେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏପରି କି ଥାନାରେ ମଧ ଏନେଇ କୌଣସି ଅଭିଯୋଗ ହେଉନାହିଁ। ଏଭଳି ଘଟଣା ଦ୍ୱାରା ଅନେକ ଯୁବତୀଯୁବକ ଠକେଇର ଶିକାର ହେବାରେ ଲାଗିଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ବନ୍ୟା ପରେ ସ୍ଥିତି ଗମ୍ଭୀର, ରାସ୍ତାଘାଟ ବିଚ୍ଛିନ୍ନ

# ରାସ୍ତା ତିଆରି କଲେ ସ୍କୁଲ ଛାତ୍ରୀଛାତ୍ର

**ଦେଓଗାଁ,୨୦।୮(ଡି.ଏନ.ଏ.)**

ଦେଓଗାଁ ବ୍ଲକ ୨୬ ପଞ୍ଚାୟତ ଅନ୍ତର୍ଗତ ୧୨୬ ଗାଁରେ ବନ୍ୟା ପରେ ସ୍ଥିତି ଗମ୍ଭୀର ହୋଇଛି । ଅନେକଙ୍କ ଘରଦ୍ୱାର ଭାଙ୍ଗି ବେଘର ହୋଇଯାଇଥିବା ବେଳେ ଚାଷ ଉଜୁଡି ଯାଇଛି । ଚାରିଆଡେ ରାସ୍ତାଘାଟ ବନ୍ୟାପାଣିରେ ଧୋଇ ଯାଇଛି। କେତେକ ରାସ୍ତା ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ ହୋଇପଡିଛି। ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ତରଫରୁ ରିଲିଫ ବଣ୍ଟନ କାର୍ଯ୍ୟ ଚାଲିଛି। ରାସ୍ତାଘାଟ ମରାମତିରେ ବିଳମ୍ବ ହେଉଥିବାରୁ ଗମନା ଗମନରେ ଲୋକଙ୍କ ଅସୁବିଧା ହେଉଥିବା ନଜରକୁ ଆସିଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମହଲାଇ ପଞ୍ଚାୟତ ଅନ୍ତର୍ଗତ କୁନ୍ଦେଇମାଲରୁ ସର୍ଗିପାଲି ରାସ୍ତାରେ । କୁନାନିଯୋର ନିକଟସ୍ଥ ଏହି ରାସ୍ତାରେ ଥିବା ଏକ ପୋଲ ବନ୍ୟାରେ ସମ୍ପୂର୍ଣ୍ଣ ରୂପେ ଧୋଇ ହୋଇଯିବାରୁ ରାସ୍ତା ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ଯାତାୟାତ ହୋଇପାରୁନାହିଁ । ଏଣୁ ଗାଁର ୨୦ରୁ ୩୦ ଜଣ ଛାତ୍ରୀଛାତ୍ର ସ୍କୁଲ ଯିବାରେ ବାଧା ଉପୁଜିଥିଲା। ମଙ୍ଗଳବାର ସମସ୍ତ ଛାତ୍ରୀଛାତ୍ର ଏକତ୍ରିତ ହୋଇ ପୋଲର ଦୁଇପାର୍ଶ୍ୱରେ ନିଜସ୍ୱ ଉଦ୍ୟମରେ ମାଟି ପକାଇ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲେ। ଏବେ ଏହି ଘଟଣା ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସୋଲିଆଲ ମିଡିଆରେ ମଧ ଭାଇରାଲ ହୋଇଛି। ସୂଚନାଯୋଗ୍ୟ, ଏହି ପୋଲ ଧୋଇଯିବାରୁ ଗାଁର ଅନ୍ତ୍ର ବାରିକ, ରମେଶ ବାରିକ, ଜର୍ମନ ବାରିକ ଓ ନୃପ ବାରିକ ଆଦି ଚାଷୀଙ୍କ ହାରାହାରି ୫ ଏକର ଚାଷଜମି ବାଲି ଓ ମେଟାଲରେ ପୋତି ହୋଇ ଯାଇଛି।



କୁନ୍ଦେଇମାଲ-ସର୍ଗିପାଲି ରାସ୍ତା ମଝିରେ ଥିବା ଏକ ପୋଲ ବନ୍ୟାରେ ଧୋଇଯାଇ ରାସ୍ତା ବିଚ୍ଛିନ୍ନ ରହିଥିବାରୁ ଛାତ୍ରୀଛାତ୍ର ନିଜସ୍ୱ ଉଦ୍ୟମରେ ମାଟିପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରୁଛନ୍ତି।

## ଏକ୍ସପାଏରି ଔଷଧ ବଣ୍ଟନ

**ସଇଁତଲା,୨୦।୮ (ଡି.ଏନ.ଏ.)**

କୃମିନାଶକ ଔଷଧ ଖାଇ ସଇଁତଲା ବ୍ଲକ ଘୁନସର, ଜାମପଦର ବିଦ୍ୟାଳୟର ଛାତ୍ରୀଛାତ୍ର ଗୁରୁତର ହେବା ଘଟଣାର ବର୍ଷେ ନ ପୂରୁଣୁ ପୁଣି ଅଞ୍ଚଳରେ ଏକ୍ସପାଏରି କୃମିନାଶକ ଔଷଧ ଛାତ୍ରୀଛାତ୍ରଙ୍କୁ ବଣ୍ଟନ ହୋଇଛି। ସଇଁତଲାର ଆଶାକର୍ମୀ ରାସେଶ୍ୱରୀ ଷଡ଼ଙ୍ଗୀ ବିଦ୍ୟାଳୟରେ ବଣ୍ଟନ ପରେ କିଛି କୃମିନାଶକ ଔଷଧ ଘରକୁ ନେଇଥିଲେ। ଘର ପାଖରେ ଥିବା ପ୍ରିୟଦର୍ଶିନୀ ସାହୁ ତାଙ୍କ ଘରେ ଛୋଟ ପିଲା ଥିବାରୁ ଆଶାକର୍ମୀଙ୍କ ଠାରୁ କିଛି ଔଷଧ ନେଇଥିଲେ। ହେଲେ ଉକ୍ତ ଔଷଧର ଏକ୍ସପାଏରୀ ଦେଖି ପ୍ରିୟଦର୍ଶିନୀ ଜିଲା ମୁଖ୍ୟ ଚକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ବିଷୟରେ ଜାଣିବା ପରେ ସିଡିଏମଓ ଡାକ୍ତର ସଂଯୁକ୍ତା ସାହୁ ମଙ୍ଗଳବାର ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ତଦନ୍ତ କରିଛନ୍ତି। ଆଶାକର୍ମୀ ଦେଇଥିବା ଔଷଧ ଏକ୍ସପାଏରି ହୋଇଛି ବୋଲି ସେ ସ୍ୱୀକାର କରିଛନ୍ତି। ଏହି କୃମିନାଶକ ଔଷଧ ଆଶାକର୍ମୀ ଘରକୁ ନେଇ ପାରିବେ ନାହିଁ କିମ୍ବା କାହାକୁ ଦେଇପାରିବେ ନାହିଁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ୧୬ ତାରିଖ ସ୍କୁଲରେ ବଣ୍ଟନ ସରିବା ପରେ ବଳିଯାଇଥିବା କିଛି ଔଷଧ ଘରେ ଥିବା ପିଲାଙ୍କ ପାଇଁ ଆଶାକର୍ମୀ ନେଇଥିଲେ। ପଡୋଶୀ ମାଗିବାରୁ ତାଙ୍କୁ ଦେଇଥିଲେ ବୋଲି ମଧ ସ୍ୱୀକାର କରିଛନ୍ତି।



ଦେଓଗାଁ ବ୍ଲକ ଅନ୍ତର୍ଗତ କୁହିମୁଣ୍ଡା ଗ୍ରାମର ଶିଶୁ, ମହିଳା ଓ ପୁରୁଷମାନେ ଗାଁ ସ୍କୁଲ ଖୋଲିବା ଦାବିରେ ବଲାଙ୍ଗୀର ଡିପିସି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି । (ଫଟୋ-ସୁନୀଲ)

## ଗୋଳାବାରୁଦ କାରଖାନା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# 'ନିଗମୀକରଣ ବନ୍ଦ କର'

**ସଇଁତଲା,୨୦।୮ (ଡି.ଏନ.ଏ.)**

୪୧ଟି ଗୋଳାବାରୁଦ କାରଖାନାକୁ ନିଗମୀକରଣ କରିବାକୁ କେନ୍ଦ୍ରସରକାର ପ୍ରସ୍ତାବ ରଖିଥିବା ଜାଣିବା ପରେ ସର୍ବଭାରତୀୟ ଗୋଳାବାରୁଦ କାରଖାନାର କର୍ମଚାରୀ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ଆନ୍ଦୋଳନ ସେପ୍ଟେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ। ଯଦି କେନ୍ଦ୍ର ସରକାର ନିଗମୀକରଣ ପ୍ରସ୍ତାବକୁ ଖାରଜ ନ କଲେ ତେବେ ଆନ୍ଦୋଳନ ଚାଲୁ ରହିବ ବୋଲି ଭାରତୀୟ ମଜଦୁର ୟୁନିୟନର ସହ-ସଂପାଦକ ରବିନ୍ଦ୍ର ମିଶ୍ର କହିଛନ୍ତି। ବଡ଼ମାଳ ଗୋଳାବାରୁଦ କାରଖାନାର ମଜଦୁର ୟୁନିୟନର ସଂପାଦକ ସତ୍ୟପ୍ରେମ ମାଝି, ଅରୁଣ ପଟେଲ, ପଞ୍ଚୁ ପଟେଲ, ମନୋଜ ଗୌଡ଼ା, ହରିହର ସିଂ, ରାଜକିଶୋର ସାହୁ, ଜୟ ସିଂ ନାଏକ, ଭରତ ମାଝୀ, ଅନୁପ ସାଏ, ନରେନ୍ଦ୍ର ପଧାନ, କଲାକାହ୍ନୁ ମହାନନ୍ଦ, ବିରଞ୍ଚି ମହାନନ୍ଦ, ନିମାଇଁ ଚରଣ ପଧାନ, ପ୍ରଶାନ୍ତ ବେହେରା, ବିଜୟ ସିଂ ଦେଓ, ବିକାଶ ଦାସ, ଛତ୍ରିଆ କୁମ୍ଭାର, ବୀରେନ୍ଦ୍ର ମୁନା, ସୁଧୀର ଦୀପ, ପ୍ରଦୀପ କର ପ୍ରମୁଖ କାରଖାନାର ମୁଖ୍ୟ ଫାଟକରେ ରହି କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ କାରଖାନା ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ରୂପେଲିର ଚିକିତ୍ସା ଲାଗି ଟଙ୍କା ଅଭାବ୍ ଘଟ୍‌ନା

# ଗାଁରେ ପୁହୁଁଚିଲେ ଡାକ୍‌ତରୀ ଦଲ

**ଗୁଡ଼ଭେଲା,୨୦।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଢୁଙ୍ଗିବାହାଲ ଗାଁର ମେଘନାଦ ରଣାଙ୍କର ଝିଅ ହେଉଛନ୍ ରୂପେଲି(୩)। ସେ ଜନମ୍ ହେବାର ଦୁଇ ମାସ ଉତାରୁ ରୂପେଲିର ଦିହିପା ଖରାପ ହେଲା। ମା'ବାପ୍ ଝିଅକେ ପହେଲା ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପଛେ ଜିଲା ମୁଖିଆ ଡାକ୍‌ତରଖାନା ଆର ବୁର୍ଲାକେ ନେଇ ଚିକିତ୍ସା କରାଲେ, ହେଲେ କିଛି ଲାଭ୍ ନାଇଁ ହେଲା। ଇଆଡ଼େ ରୂପେଲିର ମୁଡ଼ ବଢୁଥିଲାବେଲେ ସେ ହିସାବେ ଗୋଡ଼ହାତ୍ ନାଇଁ ବଢ଼ବାର। ବଏସ୍ ବଢୁଥିଲେ ବି ସେ ଚାଲବୁଲ କି କଥାବାରତା ନାଇଁ କରିପାରବାର। ରୂପେଲିର ମୁଡ଼ର ଉଜନ ବଢ଼ବାରେ ଲାଗିଥିଲାବେଲେ ସେ ମୁଡ଼ ସିଧା କରି ରଖି ନାଇଁପାରବାର। ତାହାକୁ ସବୁବେଲେ ସଜେ ବତ୍‌ରେ ପାଇ କଲେଯାଇ, ନାଇଁ ହେଲେ ଅନେକ ସମିଆରେ ତାକର ଗୋଡ଼ହାତ୍ ଭାଂଗି ଯାଉଛେ ଆର ଦିନାକେତେ ଉତାରୁ ତାର ମନ୍‌କେ ଯୁଡ଼ି ହେଇଯାଉଛେ। ଇଆଡ଼ ମେଘନାଦ କୁଲି ମଜୁରି କରି ଦୁଇ ପଏସା ଆନ୍‌ଲେ ଯାଇ ଘରର ଚୁଲି ଜଲୁଛେ। ଏନ୍‌ତାଥି ସେ ଝିଅର ଉଚ ଚିକିତ୍ସା କଥା ଚିନ୍‌ତା କରି ନାଇଁପାରବାର। ସେନ୍‌ତା ଇ ପରିବାରଟା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ବି ସାମିଲ ନାଇଁ ହେଇପାରି। ଇ ବାବ୍‌ଦେ ଗଲା ୧୮ ତାରିଖ୍ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ରୂପେଲିର ଚିକିତ୍ସା ଲାଗି ଟଙ୍କା ଅଭାବ୍, ଚିନ୍‌ତାରେ ଗରିବ୍ ମା'ବାପ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଡା.ପ୍ରଶାନ୍ତ ସିଂ ଧରୁଆ ଆର ଡା.ସ୍ମରଣିକା ପଣ୍ଡାଙ୍କର ମଂଗୁଆଲତିରେ ଗୁଟେ ଡାକ୍‌ତରୀ ମଙ୍ଗଲବାର ମେଘନାଦଙ୍କର ଘରେ ପୁହୁଁଚିଥିଲେ। ଡାକ୍‌ତରୀ ଦଲର କହେବାର ହିସାବେ ରୂପେଲିର ଚିକିତ୍ସା ଲାଗି ତାହାକୁ ଦୁଇ ଥର ବୁର୍ଲା ପଠାଯାଇଥିଲା। ହେଲେ ପରିବାର ଲୋକ୍ ଛୁଆର ଦିହିପାରେ କିଛି ପରିବରତନ୍ ନାଇଁ ହେବାର ଭାବି ଆଗ୍‌କେ ନାଇଁ ବଢ଼ବାର ଲେଖେଁ ଲାଗୁଛେ ବଲି ଡାକ୍‌ତରି ଦଲ୍ କହିଥିଲେ। ହେଲେ ଆମେ ପରିବାର ଲୁକ୍‌କୁ ବୁଝାସୁଝା କରି ରୂପେଲିର ଚିକିତ୍ସା ଲାଗି ପଦକ୍ଷେପ ନେମୁ ବଲି ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ବିବେକ ଧରୁଆ କହିଛନ୍।

ଧରିତ୍ରୀ ପ୍ରଭାବ



ଡାକ୍‌ତରୀ ଦଲ ରୂପେଲିର ମା'ର ସଂଗେ ଆଲୋଚନା କରୁଛନ୍।

# ଅନ୍ତର୍ଜାତୀୟ ପର୍ଯ୍ୟାୟ ସାରଣୀ ବର୍ଷ ପାଳନ

## ୮୫ ପ୍ରତିଯୋଗୀଙ୍କ ସହ ୧୮ ବିଜ୍ଞାନ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ

**ବଲାଙ୍ଗୀର ଅଫିସ, ୨୦।୮**

ବଲାଙ୍ଗୀର ନବଜୀବନ ବିଦ୍ୟାପୀଠ ପରିସରରେ ବଲାଙ୍ଗୀର ବିଜ୍ଞାନ ସାହିତ୍ୟ ପରିଷଦ ପକ୍ଷରୁ ନବଜୀବନ ବିଦ୍ୟାପୀଠ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗିତାରେ ଅନ୍ତର୍ଜାତୀୟ ପର୍ଯ୍ୟାୟ ସାରଣୀ ବର୍ଷ ପାଳନ କରାଯାଇଛି। ଏହି ଉପଲକ୍ଷେ ମୌଳିକ ପଦାର୍ଥ ଗୁଡିକର ପର୍ଯ୍ୟାୟ ସାରଣୀ ଓ ମାନବ କଲ୍ୟାଣରେ ତାହାର ପ୍ରଭାବ ପ୍ରସଙ୍ଗରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଆଲୋଚନା ସଭାରେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ତଥା ବିଜ୍ଞାନ ମଧୁପ ପତ୍ରିକାର ମୁଖ୍ୟ ପ୍ରକାଶକ ଡ. ଅଭିମନ୍ୟୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନା ସଭାକୁ ଉଦ୍‌ଘାଟନ କରିଥିଲେ। ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡ. ଅମରେଶ ମିଶ୍ର, ବୁର୍ଲା ଏନ୍‌ଏସି କଲେଜର ସହଯୋଗୀ ପ୍ରାଧ୍ୟାପକ ଡ. ପ୍ରେମଚାନ୍ଦ ମହାନ୍ତି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ରିଡର ଡ. ଗଜେନ୍ଦ୍ର କୁମାର ପଧାନ ଓ ପୃଥ୍ୱୀରାଜ ହାଇସ୍କୁଲର ବରିଷ୍ଠ ବିଜ୍ଞାନ ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା ବକ୍ତା ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ପର୍ଯ୍ୟାୟ ସାରଣୀର ଇତିହାସ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ଉକ୍ତ ପ୍ରସଙ୍ଗରେ ଗବେଷଣା କରିବା ଓ ଜାତୀୟ ଆଲୋଚନାଚକ୍ରରେ ଯୋଗଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ପର୍ଯ୍ୟାୟ ସାରଣୀର ମୁଖ୍ୟ ଉଦ୍ଭାବକ ବୈଜ୍ଞାନିକ ମେଣ୍ଡେଲିଭ୍‌ଙ୍କ ଅବଦାନ ଉପରେ ଆଲୋକପାତ କରାଯାଇଥିଲା। ସରକାରୀ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସରୋଜ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ। ବୁର୍ଡା ପଞ୍ଚାୟତ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ ସହଯୋଗ କରିଥିଲେ। ସଭାର ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କିଶୋର ବାଗ ସ୍ୱାଗତ କରିଥିଲେ। ପରିଷଦ ସଭାପତି ସନାତନ ଠାକୁର ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉତ୍ସବରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୮୫ ଜଣ ପ୍ରତିଯୋଗୀ ଓ ୧୮ ଜଣ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ସମସ୍ତଙ୍କୁ ସଭା ଶେଷରେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ସଭାରେ ପୁଇଁନ୍ତଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ରାଜେନ୍ଦ୍ର ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ରିଡର ଡ. ଆଦିକନ୍ଦ ଖମାରୀ ଓ ଜିଲା ବିଜ୍ଞାନ ସମିତି ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଶେଷରେ ପରିଷଦ ସମ୍ପାଦକ ଚିତ୍ତରଞ୍ଜନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।




ନବଜୀବନ ବିଦ୍ୟାପୀଠରେ ଅନ୍ତର୍ଜାତୀୟ ପର୍ଯ୍ୟାୟ ସାରଣୀ ବର୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ମଦ ଜବତ, ୨ ଗିରଫ

**ନୂଆପଡା ଅଫିସ/ଖରିଆରରୋଡ,୨୦।୮ :** ସ୍ଥାନୀୟ ଖରିଆରରୋଡ ଜୋଙ୍କ ଥାନା ପୋଲିସ ଛତିଶଗଡ ସୀମାନ୍ତ ଏକ ମଦକୋଠି ଉପରେ ଚଢାଉ କରି ଲକ୍ଷାଧିକ ଟଙ୍କାର ମଦପାଉଚ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ଏଲଡି ପଡାର ସୁରଜିତ ସିଂ (୩୬) ଏବଂ ଲକ୍ଷ୍ମଣ ସିଂ(୪୨)। ପୋଲିସ ସୂତ୍ରରୁ ମିଳିଥିବା ସୂଚନାମୁତାବକ ଛତିଶଗଡ ସୀମାନ୍ତ ଅର୍ଥାତ ନର୍ରା ରୋଡରେ ଦୀର୍ଘ ଦିନ ଧରି ଏକ ମଦକୋଠି ଚାଲିଥିଲା । ଏଠାରୁ ବହୁ ପରିମାଣର ମଦ ନେଇ ବିକ୍ରି କରାଯାଉଥିଲା । ଏହାକୁ ନେଇ ବିଭିନ୍ନ ସମୟରେ ମହିଳାମାନେ ଆନ୍ଦୋଳନ କରିଆସୁଥିଲେ । ଏହା ଉପରେ ପୋଲିସ ଗୁରୁତ୍ୱ ଦେଇଥିଲା । ଜୋଙ୍କ ଥାନାଧିକାରୀ ଯୁଗଳ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ଟିମ ଏଲଡିପଡା ଏବଂ ନର୍ରା ଛକ ଉପରେ ଚଢାଉ କରିଥିଲା। ସେଠାରୁ ମୋଟ ୨୨ବସ୍ତା ଅର୍ଥାତ ୨୨୦୦ ମଦ ପାଉଚ ମିଳିଥିଲା । ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ, ସୋମବାର ସନ୍ଧ୍ୟାରେ ଚଢାଉ କରାଯାଇଥିବା ବେଳେ ମଙ୍ଗଳବାର ମଧ୍ୟାହ୍ନରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

■ ବାଇକ୍- ପିକ୍ଅପ୍ ଭ୍ୟାନ ମୁହାଁମୁହିଁ ଧକ୍କା

### ବାଇକ ଆରୋହୀ ମୃତ, ଜଣେ ଗୁରୁତର

**ନୂଆପଡା ଅଫିସ/କୋମନା, ୨୦।୮(ଡି.ଏନ.ଏ.):** ଜିଲା ସଦର ମହକୁମାଠାରୁ ମାତ୍ର ୧୦ କିମି ଦୂର ଠାକୁରପାଲି ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୪ଟାରେ ଏକ ପିକଅପ୍ ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଲଖନା ପୁରୁଣା ବସ୍ତିର ସୁରେନ୍ଦ୍ର ମାଝି (୨୮)। ଅନ୍ୟ ଜଣେ ନୃପ ମାଝି (୧୫) ଗୁରୁତର ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଖରିଆରରୋଡରୁ ବଲାଙ୍ଗୀର ଜିଲା ଲାଠୋର ଅଭିମୁଖେ ଯାଉଥିବା ଏକ ପିକଅପ ଭ୍ୟାନ ସହ ଲଖନାରୁ ଆସୁଥିବା ଏକ ବାଇକ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ ଆରୋହୀ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ନୃପଙ୍କୁ ଗୁରୁତର ଭାବେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।



### ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନମେଳା

**ନୂଆପଡା ଅଫିସ/ବୋଡେନ,୨୦।୮:** ନୂଆପଡା ଜିଲା ବୋଡେନ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ମେଳା ବିଦ୍ୟାଳୟର ୬୫ଟି ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଦୁଆରଶନି ହାଇସ୍କୁଲ, କେରାପଦର ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରମାଣିକ, କେରାପଦର ପ୍ରାଥମିକ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସଞ୍ଜିବ ଟୋଲଥିଆ, ଫରସରା ବୁଢାଦେଓ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଗୁରୁବାରୁ ମେହେର ଉପସ୍ଥିତ ହୋଇ ସାହାଯ୍ୟ କରିଥିଲେ । ପ୍ରଧାନ ଗୁରୁଜି ତ୍ରିନାଥଙ୍କ ପରିଚାଳନ କରିଥିବା ବେଳେ ଗୁରୁଜି ଗୁରୁମାମାନେ ସହଯୋଗ କରିଥିଲେ। ନୂଆପଡା ବିଭାଗ ପ୍ରମୁଖ ଗୟାଧର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସୁଜନେଶ୍ୱର ସିଂ ମଲ୍ଲିକ, ସମ୍ପାଦକ ହରି ମାଝି, ସହ ସମ୍ପାଦକ ଟିକେଶ୍ୱର ନାଗ, ଉପଦେଷ୍ଟା ସଦସ୍ୟ ରୋହିକ କୁମାର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

■ ପରାଜିତ ପ୍ରାର୍ଥୀ ସରପଞ୍ଚ ହେବା ମାମଲା

# ପଦାସୀନ ସରପଞ୍ଚ ଅଯୋଗ୍ୟ ଘୋଷିତ

**ଅଗ୍ରେନ ପଞ୍ଚାୟତ**

■ ଅଢେଇ ବର୍ଷ ପରେ ମିଳିଲା ନ୍ୟାୟ

**ନୂଆପଡା ଅଫିସ,୨୦।୮**

ଗତ ପଞ୍ଚାୟତ ନିର୍ବାଚନରେ ନୂଆପଡ଼ା ଜିଲା କୋମନା ବ୍ଲକ ଅଗ୍ରେନ ପଞ୍ଚାୟତରେ ଜଣେ ସରପଞ୍ଚ ପ୍ରାର୍ଥିନୀ ବୁଥରେ ଭୋଟ ଗଣତି ବେଳେ ବିଜୟୀ ହୋଇଥିବାବେଳେ ବ୍ଲକ କାର୍ଯ୍ୟାଳୟ ଗଣତିରେ ପରାଜୟ ହୋଇଥିଲେ। ସେହିଦିନଠାରୁ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ଅଢେଇ ବର୍ଷ ପ୍ରତିଦ୍ୱନ୍ଦି ପ୍ରାର୍ଥିନୀ ସରପଞ୍ଚ ଦାୟିତ୍ୱରେ ରହିଥିଲେ। ହେଲେ ବର୍ତ୍ତମାନ ନୂଆପଡା ଏସଡିଜେଏମ୍ଙ୍କ କୋର୍ଟ ପଦାସୀନ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷିତ କରିଛନ୍ତି । ବିବରଣୀମତେ ଗତ ନିର୍ବାଚନରେ ଅଗ୍ରେନ ପଞ୍ଚାୟତରେ ୨ ଜଣ ପ୍ରାର୍ଥୀ ମାଳତୀ ମାଝି ଏବଂ ସତ୍ୟଭାମା ମାଝି ପ୍ରତିଦ୍ୱନ୍ଦିତା କରୁଥିଲେ। ସେତେବେଳେ ୪ ନମ୍ବର ବୁଥରେ ମାଳତୀ ମାଝି ୧୮୨ ଖଣ୍ଡ ଭୋଟ ପାଇଥିଲେ। ଅନ୍ୟପକ୍ଷେ ସତ୍ୟଭାମା ମାଝି କୌଣସି ଭୋଟ ପାଇ ନ ଥିଲେ। ଏହା ସେହି ବୁଥରେ ଭୋଟ ଗଣତି ସମୟରେ ଜଣାପଡିଥିଲା। ପରବର୍ତ୍ତି ସମୟରେ କୋମନା ବ୍ଲକ କାର୍ଯ୍ୟାଳୟରେ ଗଣତି କରାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଭୁଲବଶତଃ ଓଲଟା ଫଳ ବାହାରିଥିଲେ। ମାଳତୀଙ୍କୁ କୌଣସି ଭୋଟ ମିଳି ନ ଥିବାବେଳେ ସତ୍ୟଭାମା ୧୮୨ଖଣ୍ଡ ଭୋଟ ପାଇ ବିଜୟୀ ଘୋଷିତ ହୋଇଥିଲେ। ଏହା ପରେ ମାଳତି ନୂଆପଡା ଏସଡିଜେଏମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସେହି ଦିନଠାରୁ ମାମଲା (ନ. ୫/୧୭) ବିଚାରାଧୀନ ଥିଲା । ଶେଷରେ ଆଜିକୁ ୬ ମାସ ତଳେ କୋର୍ଟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇଥିଲା। ସେହି ଅନୁଯାୟୀ ମଙ୍ଗଳବାର ଏସଡିଜେଏମ ତଥା ସିଭିଲ ଜଜ୍ ସିନିୟର ଡିଭିଜନ ସୋମାଲିନା ମିଶ୍ର ସତ୍ୟଭାମା ମାଝିଙ୍କୁ ଅଯୋଗ୍ୟ ଘୋଷିତ କରିଥିବାବେଳେ ମାଳତୀ ମାଝିଙ୍କୁ ସରପଞ୍ଚ ଭାବେ ଅଭିହିତ କରିଛନ୍ତି। ଏ ନେଇ ମାଳତୀଙ୍କ ଓକିଲ ନିର୍ମଳ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଅଧିକାରୀମାନଙ୍କ ସାମାନ୍ୟ ତ୍ରୁଟି ଯୋଗୁ ଜଣେ ପ୍ରାର୍ଥିନୀ ଅଢେଇ ବର୍ଷକାଳ ପଦଚ୍ୟୁତ ହୋଇ ରହିଥିବାରୁ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଦେଖିବାକୁ ବାକି ରହିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ଗଙ୍ଗାଧର ଜୟନ୍ତୀ

**ସିନାପାଲି,୨୦।୮(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ରବିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ବୈଷମ୍ପାୟନ ମେହେର ସଭାପତିତ୍ୱ କରିଥିଲେ। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ବ୍ୟଙ୍ଗ କବି ଡ.କୁଳାଙ୍ଗାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀସ ପ୍ରସାଦ ଖମାରୀ, ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ଯୁବକବି ଡ. ହୃଷୀକେଶ ମେହେର ଓ ଡ. ସୁଶାନ୍ତ କୁମାର ବିଶି ପ୍ରମୁଖ ସମ୍ମାନିତ ଅତିଥି ଏବଂ ଅଧ୍ୟାପକ ଉମେଶ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମିତି ସଭାପତି ବୈଷ୍ଣବ ମେହେର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଜନ୍ମେଜୟ ପାତ୍ର, ବିଶିଷ୍ଟ କବି ବଳଭଦ୍ର ମହାଉତି, ଯୁବକବି ଜୟଦ୍ରଥ ସୁନା, ଯୁବକବି ହୃଷୀକେଶ ମେହେର ଓ ବିଶିଷ୍ଟ ହାସ୍ୟ କବି ଡ. କୁଳାଙ୍ଗର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଅନୁଷ୍ଠାନ ସ୍ମରଣିକା ଅମୃତଗଙ୍ଗା ଉନ୍ମୋଚନ କରାଯାଇଥିଲ। ଅଧ୍ୟାପକ ଶିବପ୍ରସାଦ ମେହେର ପୁରସ୍କାର ବିତରଣ ଓ ଧ୍ରୁବଚରଣ ପ୍ରଧାନ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅଧ୍ୟାପକ ଗୋବିନ୍ଦ ସାହୁ ପରିଚାଳନା କରିଥିଲେ। ଏହା ପୂର୍ବରୁ ଅପରାହ୍ନରେ ଅନୁଷ୍ଠାନ ସଭାପତି ବୈଷ୍ଣବ ମେହେରଙ୍କ ସଭାପତିରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ସିନାପାଲି ଥାନାଧିକାରୀ ଜତିରଞ୍ଜନ ଗୌଡ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ, ଡ. ହୃଷୀକେଶ ମେହେର, ଡମ୍ବରୁଧର ମେହେର, ରାଜେଶ ମୁଣ୍ଡ, ତପନ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାୟାଧର ସରାଫ ଓ ଅଧ୍ୟାପକ ଧ୍ରୁବଚରଣ ପ୍ରଧାନ କବିତା ସଂଯୋଜନା କରିଥିଲେ।

## ଭତାରୁ ବଁଚିତ୍ ବୁରୁଧ୍ ଅର୍ଜୁନ

**କୋମନା, ୨୦।୮ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ କାଣ୍ଡେତରା ଗାଁର ବୁରୁଧ୍ ଅର୍ଜୁନ ରଣା(୭୦)। ଆଏକ୍କେ ପାଖାପାଖି ୧୦ ବଛର ହେଲା ସେ ପଁଚେତ୍‌ନୁ ମୂଳ କରି ବ୍ଲକ ତକ୍ ଭତାର ଲାଗି ଆବେଦନ କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଇ ବାବ୍‌ଦେ କୋମନା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମିଥୁନ କୁମାର ତାଣ୍ଡିଙ୍କୁ ପଚରାଲାରୁ ମୁଇଁ ନୂଆଁକରି ଦାଇତିଅ ନେଇଛେଁ, ଇ ବାବ୍‌ଦେ ମୋର ପାସେ କିଛି ସୂଚନା ନାଁଇଁନ ବଲି ସେ କହିଥିଲେ। ହେଲେ ବୁରୁଧ୍ ଅର୍ଜୁନକଁର ଉପରେ ଥାନୀୟ ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ଯେତେ ଜଲ୍‌ଦି ହେବା ଭତା ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।



ଅର୍ଜୁନ ରଣା।





କଂଗ୍ରେସ ପକ୍ଷରୁ କୋମନାରେ ଚାରାରୋପଣ କରାଯାଉଛି ।

## ରାଜୀବ ଗାନ୍ଧୀଙ୍କ ଜନ୍ମବାର୍ଷିକୀରେ ଚାରାରୋପଣ

**କୋମନା,୨୦।୮(ଡି.ଏନ.ଏ.)**

ନୂଆପଡା ଜିଲା ଯୁବ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ ତମ ଜନ୍ମ ବାର୍ଷିକି ଉପଲକ୍ଷେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ କଂଗ୍ରେସ ଉପସଭାପତି ଅମିତ ଅହିରଙ୍କ ନେତୃତ୍ୱରେ କୋମନା ବସଷ୍ଟାଣ୍ଡ ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କଂଗ୍ରେସ ଉପସଭାପତି ଅସାଡୁ ଦୁରିଆ, ଯୁବ କଂଗ୍ରେସ ଲୋକ ସଭା ସାଧାରଣ ସମ୍ପାଦକ ପାଶା ମହାନନ୍ଦ, ସାଧାରଣ ସମ୍ପାଦକ କଇଲାସ ଖେର, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶାହାରୁଖ ଖାନ, ଓଡିଶା ପିସିସି ସଦସ୍ୟ ବିରଞ୍ଚି ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଇନଚାର୍ଜ ଡା. ଦିବାକର ଓଝାଙ୍କ ଉପସ୍ଥିତିରେ ରୋଗୀମାନଙ୍କୁ ଫଳ ବଣ୍ଟନ ସହ ହସ୍ପିଟାଲ ପ୍ରାଙ୍ଗଣରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ କୋମନାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସିଦ୍ଧେଶ୍ୱର ସାହୁଙ୍କ ଉପସ୍ଥିରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରାଯାଇଥିଲା।





କର୍ମଶାଳାରେ ଯୋଗଦେଇଥିବା ନିର୍ବାଚିତ ମହିଳାପୁରୁଷ ପ୍ରତିନିଧି ମଣ୍ଡଳୀ ।

## ନିର୍ବାଚିତ ମହିଳା, ପୁରୁଷ ପ୍ରତିନିଧିଙ୍କ କର୍ମଶାଳା

**ନୂଆପଡା ଅଫିସ/ବୋଡେନ,୨୦।୮**

ନୂଆପଡା ଜିଲା ବୋଡେନ ରାଜିବ ଗାନ୍ଧୀ ସେବା କେନ୍ଦ୍ରଠାରେ ନିର୍ବାଚିତ ପୁରୁଷ ଓ ମହିଳା ପ୍ରତିନିଧିମାନଙ୍କ ଏକ ବୈଠକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ବୋଇରଗାଁ, ଲିଟିସର୍ଗି, ଫରସରା ଓ ଖଇରା ଗ୍ରାମପଞ୍ଚାୟତ ୩୦ରୁ ଅଧିକ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। କର୍ମଶାଳାରେ ଆୟୁ ସ୍କାମର ନର୍ଦ୍ଦେଶକ ଡ. ଅଜିତ କୁମାର ପାଣ୍ଡା କାର୍ଯ୍ୟ ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଅଲିବା ମହା ସଂଘ ସଭାନେତ୍ରୀ ଡିଗ୍ରି ଶା ବୈଠକ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ୩ଟି ଗ୍ରାମପଞ୍ଚାୟତରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା, ମହିଳା ହିଂସାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଦର୍ଶ ଗ୍ରାମପଞ୍ଚାୟତ ଗଠନ ପାଇଁ କି ପ୍ରକାର ପଦକ୍ଷେପ ନିଆଯାଇ ପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ଦି ଆୟୁ ସ୍କାମ ଆୟୋଜକ କରିଥିବା ବେଳେ ଦି ହଙ୍ଗର ପ୍ରକଳ୍ପ ନୂଆଦିଲ୍ଲୀ ସହଯୋଗ କରିଥିଲେ। ପ୍ରକଳ୍ପ ସଂଯୋଜକ ଚୈତନ୍ୟ ସା ପରିଚାଳନା କରିଥିବା ବେଳେ ସତ୍ୟ ମେହେର ସହଯୋଗ କରିଥିଲେ।

■ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ

## ଚାରାରୋପଣ କଲେ କଂଗ୍ରେସ କର୍ମକର୍ତ୍ତା

**ନୂଆପଡା ଅଫିସ,୨୦।୮**

ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଉତ୍ସବରେ ଜିଲା କଂଗ୍ରେସ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ହରିପୁର ଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଘାସିରାମ ମାଝି ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହାଲ୍ଲା ସିଂ, ଜଗଦିଶ ସାହୁ, ଗୋଡଫୁଲା ସରପଞ୍ଚ ହରି ମାଝି, ମୋତି ରାଓ୍ୱଲ, ରବୀନ୍ଦ୍ର ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବକ୍ତାମାନେ ସ୍ୱର୍ଗତ ପ୍ରଧାନମନ୍ତ୍ରୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଭାପତିଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଗାଁ ଚତୁଃପାର୍ଶ୍ୱରେ ଚାରାରୋପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସେବାଦଳ ପ୍ରମୁଖ ଜଗଦିଶ ସାହୁ, ଲମ୍ବୋଦର ମାଝି, କୈବଲ ମାଝି, ନିର୍ମଳ ହଂସ, କିର୍ତ୍ତନ ମାଝି, ସିର୍ତନ ମାଝି, ସିଦନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାରଙ୍କ ନେତୃତ୍ୱରେ ନଗର ଯୁବ କଂଗ୍ରେସ ସଭାପତି ଗୋଲି ତିୱାରୀ, ପଙ୍କଜ ଜାଲ, ଜଗନ୍ନାଥ ନାଏକ, ଈଶ୍ୱର ମହାରାଜ, ଭୀମ ଯାଦବ ପ୍ରମୁଖ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଜିଲାର ଖରିଆରରୋଡ ହସ୍ପିଟାଲରେ ରୋଗୀ ସେବା କରିବା ସହ ସଫେଇ କାର୍ଯ୍ୟ କରାଯାଇଥିଲା।



ହରିପୁର ଗାଁରେ କଂଗ୍ରେସ ତରଫରୁ ଚାରାରୋପଣ କରାଯାଉଛି ।

## ଯୁବକ ସଂଘର ଗାଁ ସଫେଇ

**ନୂଆପଡା ଅଫିସ/ବୋଡେନ,୨୦।୮**

ନୂଆପଡା ଜିଲା ବୋଡେନ ବ୍ଲକ ବୁଢାପରାଗାଁରେ ମା' ଛୋଟିବୁଢି ଯୁବକ ସଂଘର କର୍ମକର୍ତ୍ତାମାନେ ଗାଁ ସଫେଇ କରିଥିଲେ। ଗାଁର ନାଳ ନର୍ଦ୍ଦମା, ଅଳିଆ ଆବର୍ଜନା ହୋଇଥିବାରୁ ବିଭିନ୍ନ ସମୟରେ ମଶା, ମାଛି, କିଟ, ପତଙ୍ଗ ଘର ଭିତରକୁ ପଶି ଆଶି ଆସିଥିବାରୁ ଲୋକେ ଅନେକ ପ୍ରକାର ରୋଗରେ ଆକ୍ରାନ୍ତ ହୋଇଛନ୍ତି। ରୋଗରୁ ମୁକ୍ତି ପାଇବା ପାଇଁ ବୁଢାପଡାର ମା' ଯୁବକ ସଂଘରୁ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାଙ୍କ ସହ ଗାଁର ବଦ୍ଧିଜୀବୀମାନେ ସହଯୋଗ କରିଥିଲେ। ଗାଁ ଦାଣ୍ଡ, ପୋଖରୀ, ରାସ୍ତାଘାଟ, ଗାଁର ପ୍ରତ୍ୟେକ ନଳକୂପ ଓ ସ୍କୁଲ ପରିସର ସଫା କରିଥିଲେ। ଏଥିରେ ଯୁବକ ସଂଘର ନବକିଶୋର ମାଝି, ନଳାମ୍ବର ମାଝି, ହେରମ୍ବ ମାଝି, ଜୁନ ଶାଗର ମାଝି, ବସନ୍ତ ମାଝି, ତୁଳସି ରାଉତ, ଉଗ୍ରେଶ୍ୱର ରାଉତ, ବିକାଶ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ବିଜ୍ଞାନମେଳାରେ ୩୧୬ ପ୍ରକଳ୍ପ ପ୍ରଦର୍ଶିତ

**ଜୁନାଗଡ,୨୦।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ମଙ୍ଗଳବାର ଏକ ବିଜ୍ଞାନ ମେଳା ପ୍ରଦର୍ଶିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଚାର୍ଯ୍ୟ ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିନାୟକ ଯୋଷୀ, ଅଭିଭାବକ ଲକ୍ଷ୍ମୀ ନାରାୟଣ ବାଣୁଆ ପ୍ରମୁଖ ଯୋଗଦେଇଥିଲେ।



ଜଣେ ଛାତ୍ରଙ୍କ ପ୍ରକଳ୍ପକୁ ଅତିଥି ଦେଖୁଛନ୍ତି।

ଜ୍ଞାନବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ୩୧୬ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେହିପରି ୨୧ଜଣ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏବିଇଓ ନବକିଶୋର ପାଢି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ରାଜ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ହେମନ୍ତ କୁମାର ପ୍ରଧାନୀ ପରିଚାଳନା କରିଥିଲେ। ସେହିପରି ସନ୍ତୋଷ କୁମାର ସାହୁ, ଉମାକାନ୍ତ ଗୁରୁ, ଧର୍ମେନ୍ଦ୍ର ବାଗ, ଲଲାଟେନ୍ଦୁ ଘି, ଦୁଷ୍ମନ୍ତ ଖଡିକାର, ଫଗନୁ ନାଏକ, ସୋମ୍ୟ ରଞ୍ଜନ ଖମାରୀ, ଦାମୋଦର ଟୋଲଟିଆ ପ୍ରମୁଖ ଗୁରୁଜୀ ସହଯୋଗ କରିଥିଲେ।

■ ସନ୍ତାନ ପ୍ରସବ କରି ମହିଳାଙ୍କ ମୃତ୍ୟୁ

## ଉତ୍ତେଜନା, ଡାକ୍ତରଖାନା ସମ୍ମୁଖରେ ଧାରଣା

**କର୍ଲାମୁଣ୍ଡା,୨୦।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଜଣେ ଗର୍ଭବତୀ ସନ୍ତାନ ପ୍ରସବ କରି ମୃତ୍ୟୁବରଣ କରିବାକୁ ନେଇ ଉତ୍ତେଜନା ଦେଖାଦେଇଛି। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହାର ତଦନ୍ତ ଦାବିରେ ରେଗେଡା ସମିତି ସଭ୍ୟ ଅରବିନ୍ଦ ଚୌଧୁରୀଙ୍କ ନେତୃତ୍ୱରେ ପୌରକେଲା ସମିତି ସଭ୍ୟ ସୀମାଞ୍ଚଳ ଭୋଇ, ସରଗୁଲ ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ, ତାରାକାନ୍ତ ସାହୁ, ରାଧେଶ୍ୟାମ ବାଗ, କର୍ଲାମୁଣ୍ଡା ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ ଓ ଜନସାଧାରଣ ପକ୍ଷରୁ ଗଣେଶ ବାଗ, ପର୍ଶୁରାମ ସାହୁ, ଅର୍ଜୁନ ସାହୁ, ଟିକେଧର ରଣା ପ୍ରମୁଖ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ସ୍ଥାନୀୟ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶଚନ୍ଦ୍ର ବିଶ୍ୱାସ, ରିଷିଡା ଫାଣ୍ଡି ଅଧିକାରୀ ଲବରାମ ଛତ୍ରିଆ ଧାରଣା ସ୍ଥଳକୁ ଆସି ଧାରଣାରତ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଖବର ଲେଖା ହେବା ଯାଏ ଧାରଣା ଜାରି ରହିଥିବା ଜଣାପଡ଼ିଛି। ନବଜାତ ଶିଶୁ କନ୍ୟାଙ୍କୁ ଚାଇଲ୍ଡଲାଇନକୁ ଦିଆଯାଇଥିବା ବେଳେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଜଣାପଡିଛି। ସୂଚନା ଅନୁସାରେ କର୍ଲାମୁଣ୍ଡା ବ୍ଲକ ପୌରକେଲା ଗ୍ରାମର ସଜନା ଦୁର୍ଗା ନାମକ ଜଣେ ଗର୍ଭବତୀ ନିଜ ବାପ ଘରେ ଶିଶୁ କନ୍ୟାଙ୍କୁ ପ୍ରସବ ଦେଇ ଗୁରୁତର ହୋଇଥିଲେ। ତାଙ୍କୁ କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସଜନା ଦୁର୍ଗା ପୌରକେଲା ଗ୍ରାମର ହୋଇଥିବା ବେଳେ ସେ ଗୋଲାମୁଣ୍ଡା ବ୍ଲକ ବନ ଦୁର୍ଗାଙ୍କୁ ବିବାହ କରିଥିଲେ। ତାଙ୍କର ପୂର୍ବରୁ ଗୋଟିଏ ପୁତ୍ର ସନ୍ତାନ ରହିଛି। ସ୍ୱାମୀଙ୍କ ସହ ମତାନ୍ତର ହେବାରୁ ସେ ଶ୍ୱଶୁର ଘର ଛାଡି ନିଜ ଭଉଣୀ ଘର ମ.ରାମପୁର ବ୍ଲକ କେନ୍ଦୁବନ୍ଧରେ କିଛି ମାସ ରହିବା ପରେ ଏବେ ବାପା ଘର ପୌରକେଲାରେ ରହୁଥିଲେ। ସେ ଗର୍ଭବତୀ ଥିବା ନେଇ କୌଣସି ତଥ୍ୟ ସ୍ଥାନୀୟ ଅଙ୍ଗୱାଡି କର୍ମୀଙ୍କୁ ଦେଇ ନ ଥିଲେ। ତେଣୁ ତାଙ୍କର ନାମ ପଞ୍ଜୀକୃତ ମଧ ହୋଇ ନ ଥିଲା। ମଙ୍ଗଳବାର ସେ ଶିଶୁ କନ୍ୟା ନିଜ ବାପ ଘରେ ଜନ୍ମ ଦେଇଥିଲେ। ବାପ ଘର ଲୋକେ କର୍ଲାମୁଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ଅନ୍ୟପଟେ ଶିଶୁ କନ୍ୟାର ଉପଯୁକ୍ତ ଚିକିତ୍ସା ପାଇଁ ସ୍ଥାନୀୟ ସିଡିପିଓ ପାର୍ବତୀ ସାହୁଙ୍କ ନେତୃତ୍ୱରେ ଆଇସିଡିଏସ ସୁପରଭାଇଜର ଉର୍ମିଳା ସାହୁ, ପୌରକେଲା ଅଙ୍ଗନୱାଡି କର୍ମୀ ଚନ୍ଦ୍ରକାନ୍ତି ସୁନା ୧୦୨ ଆମ୍ବୁଲାନ୍ସ ଯୋଗେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ଜଣାପଡିଛି। ଏ ନେଇ ସିଡିଏମଓଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ଭୁବନେଶ୍ୱରେ ଅଛି, କେଉଁ କାରଣରେ ମହିଳାଙ୍କ ମୃତ୍ୟୁ ଘଟିଛି ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି।



ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଛନ୍ତି।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ଡହଗାଁରେ ପ୍ରାଣୀ ସମ୍ପଦ ଚିକିତ୍ସା ଶିବିର

ଭବାନୀପାଟଣା,୨୦।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଡହଗ୍ରାମରେ ଜିଲା ପ୍ରାଣୀ ସମ୍ପଦ ସହାୟତାରେ ରିଲାଇନ୍ସ ଫାଉଣ୍ଡେଶନ୍ ତରଫରୁ ପ୍ରାଣୀ ସମ୍ପଦ ଉପରେ ଉପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରେ ମୋଟ ୨୬୨ଟି ଗାଈ, ମେଣ୍ଢା ଓ ଛେଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟ ସମସ୍ୟା ଅନୁସାରେ ମେଡିସିନ୍ ତଥା ଭିଟାମିନ୍ ଦିଆଯାଇଥିଲା। ଏଥିରେ ଗାଈମାନଙ୍କ ଗର୍ଭ ମଧ ପରୀକ୍ଷା କରାଯାଇ ମେଡିସିନ୍ ଦିଆଯାଇଥିଲା। ଶିବିରରେ ଧର୍ମଗଡ଼ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ ମିଶ୍ର, କୋକସରା ବି.ଭି.ଓ. ଡ. ସଂଗ୍ରାମ କେଶରୀ ବେହେରା, ଧର୍ମଗଡ ଅଭାସ ଡ. ନିହାର ରଞ୍ଜନ ଦାପ୍ତା, ମୋଟେର ଭି.ଏ.ଏସ.ଏସ. ଡ. କୃତି ମଣ୍ଡଳ, ଡହଗାଁ ଏଲ୍.ଆଇ. ଗିରିଶ ସାହୁ, ରେଙ୍ଗାଲପାଲି ଏଲ୍.ଆଇ. କୈଳାସ ଚନ୍ଦ୍ର ସାହୁ ଏବଂ ଡହଗାଁ ଗୋମିତ୍ରା ଅଚ୍ୟୁତାନନ୍ଦ ନାଏକ ପ୍ରମୁଖ ଯୋଗଦେଇଥିଲେ। ରିଲାଇନ୍ସ ଫାଉଣ୍ଡେଶନ୍ର ଜିଲା ସଂଯୋଜକ ଅଶୋକ କୁମାର ମଲ୍ଲିକ ଏବଂ ପ୍ରଯୋଜକ ଅକ୍ଷୟ କୁମାର ନାଗ ଏହି ଶିବିରକୁ ଅନୁଷ୍ଠିତ କରିଥିଲେ।

### ଇରିଗେସନ କଲୋନୀ ଦୁର୍ଗାପୂଜା କମିଟି

ଭବାନୀପାଟଣା,୨୦।୮(ଡି.ଏନ.ଏ.): ସ୍ଥାନୀୟ ଇରିଗେସନ କଲୋନୀ ପ୍ରାଥମିକ ବିଦ୍ୟାଳୟଠାରେ ନିମାଇଁ ପାଣିଙ୍କ ଆହ୍ୱାନକ୍ରମେ ଏକ ସାଧାରଣ ସଭାର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶରତ ମିଶ୍ର ସଭାପତିତ୍ୱ କରିଥିଲେ। ଇରିଗେସନ କଲୋନୀଠାରେ ଦ୍ୱିତୀୟ ବର୍ଷର ସାର୍ବଜନୀନ ଦୁର୍ଗାପୂଜା କରିବା ପାଇଁ ସର୍ବସମ୍ମତିକ୍ରମେ ପୂଜା କମିଟି ଗଠନ କରାଗଲା। ସଭାପତି ଭାବେ ଧବଳେଶ୍ୱର ମହାପାତ୍ର, ଉପସଭାପତି ଉତ୍ପଳ ଦାଶ ଓ ମାନସ ସାହୁ, ସାଧାରଣ ସମ୍ପାଦକ ଗିରିଜା ପ୍ରସାଦ ବାବୁ, ସମ୍ପାଦକ ଅଜୟ ପଟ୍ଟନାୟକ, ଅରୁଣ ରଥ, ରଘୁ ବେହେରା, ଆକାଶ ଜ୍ୟୋତି ଲେଙ୍କା, ଜଗନ୍ନାଥ ପାନ, କୋଷାଧ୍ୟକ୍ଷ ସଂଜୟ ପଟ୍ଟନାୟକ, ପୂଜା ସମ୍ପାଦକ ମନୋଜ ନନ୍ଦ, ଜଗବନ୍ଧୁ ସାହୁ ଓ ସଂଜୟ ପଟ୍ଟନାୟକ, ପୂଜା ସମ୍ପାଦକ ମନୋଜ ନନ୍ଦ, ଜଗବନ୍ଧୁ ସାହୁ ଓ ସଂଜୀବ କୁମାର ଦାଶ, ସାଂସ୍କୃତିକ ସମ୍ପାଦକ ଜ୍ଞାନରଂଜନ ଭୁଜବଳ, ପୂଜାକର୍ତ୍ତା ଭାବେ ପ୍ରଦୀପ କୁମାର ଦାଶ (କାଳିଆ) ମନୋନୀତ ହୋଇଛନ୍ତି। ଏହି ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହିତ ଯେପରି ସମ୍ପନ୍ନ ହେବ ସେଥିପାଇଁ ସମସ୍ତ ଜନସାଧାରଣଙ୍କୁ କର୍ମକର୍ତ୍ତା ଅନୁରୋଧ କରିଥିଲେ।

## ■ ଜିଲା ମଙ୍ଗଳ ବିଭାଗ

# ଅନୁସୂଚିତ ଜାତି, ଜନଜାତି ପିଲାଙ୍କୁ ଛାତ୍ରବୃତ୍ତି ମିଳିନି

**ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟ ଘେରାଉ ଚେତାବନୀ**

ଲାଞ୍ଜିଗଡ଼,୨୦।୮(ଡି.ଏନ.ଏ.)

ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚତର ଶିକ୍ଷା ପାଇଁ ସହାୟତା ବାବଦକୁ ସରକାର ଛାତ୍ର ବୃତ୍ତି ବ୍ୟବସ୍ଥା ଲାଗୁ କରିଛନ୍ତି। ଏହି ଯୋଜନାରେ ଆବଶ୍ୟକ କାଗଜପତ୍ର ଦାଖଲ ପରେ ଶିକ୍ଷା ବର୍ଷ ଶେଷରେ ଛାତ୍ରବୃତ୍ତି ବାବଦକୁ ଆର୍ଥିକ ସହାୟତା ମିଳିଥାଏ। କିନ୍ତୁ କଳାହାଣ୍ଡି ଜିଲା ମଙ୍ଗଳ ବିଭାଗ ଅବହେଳା ଯୋଗୁ ଗତ କିଛି ବର୍ଷ ହେଲା ଏହି ବର୍ଗର ଛାତ୍ରୀଛାତ୍ରମାନେ ଛାତ୍ରବୃତ୍ତି ପାଇବାରେ ବିଳମ୍ବ ହେଉଥିବାବେଳେ ଚଳିତବର୍ଷ ଅପେକ୍ଷାର ସୀମା ଟପିଯାଇଛି। ଫଳରେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଦୁର୍ବଳ ହଜାର ହଜାର ସଂଖ୍ୟକ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ଛାତ୍ରୀଛାତ୍ର ନିରାଶ ହୋଇପଡିଛନ୍ତି। ଶିକ୍ଷା ବର୍ଷର ଶେଷରେ ଏହି ଛାତ୍ରବୃତ୍ତି ମିଳିଲେ ଏହି ବର୍ଗର ଛାତ୍ରୀଛାତ୍ରମାନେ ପୁନଶ୍ଚ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ ହୋଇଥାନ୍ତି। କିନ୍ତୁ ଚଳିତବର୍ଷ ଜିଲା ମଙ୍ଗଳ ବିଭାଗର ଅବହେଳା ଯୋଗୁ ଏହି ବର୍ଗର ଅନେକ ଗରିବ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ବସିଛି। ଏପରିକି ଛାତ୍ରବୃତ୍ତିକୁ ନଜରରେ ରଖି ଅନେକ ମେଧାବୀ ଓ ଗରିବ ଶ୍ରେଣୀର ପିଲା ବିଭିନ୍ନ ଉଚ୍ଚତର ଶିକ୍ଷା, ଗବେଷଣା ଓ ଦୂରଶିକ୍ଷା ପାଇଁ ନାମ ଲେଖାଇ ସାରିଥିବାବେଳେ ଅନେକେ ପରୀକ୍ଷାରେ ପାସ୍ କରି ଉଚ୍ଚତର ଶ୍ରେଣୀ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗୋଟିଏ ଶିକ୍ଷା ବର୍ଷ ଶେଷ ହୋଇ ଆଉ ଏକ ଶିକ୍ଷା ବର୍ଷର ଅଧା ହୋଇସାରିଥିଲେ ହେଁ ସେମାନଙ୍କୁ ଛାତ୍ରବୃତ୍ତି ମିଳିନାହିଁ। ଏହି ଗରିବ ଶ୍ରେଣୀ ଛାତ୍ରଛାତ୍ରୀମାନେ ଧାର କରଜ କରି ନାମ ଲେଖାଇ ପାଠ ପଢୁଥିବାବେଳେ ଛାତ୍ରବୃତ୍ତି ନ ମିଳିବାରୁ ମୁଣ୍ଡରେ ହାତଦେଇ ବସିଛନ୍ତି। ଏପରିକି ଅନଲାଇନ୍ ଯୋଗେ ପ୍ରେରଣା ଛାତ୍ରବୃତ୍ତି ଆବେଦନ ଓ ଶିକ୍ଷାନୁଷ୍ଠାନଗୁଡିକ ଦ୍ୱାରା ଭେରିଫିକେସନ ସତ୍ତ୍ୱେ ସେମାନଙ୍କୁ ଛାତ୍ରବୃତ୍ତି ନ ମିଳିବାରୁ ଏଥିପାଇଁ ଜିଲା ମଙ୍ଗଳ ବିଭାଗ ଦାୟୀ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନେକ ଛାତ୍ରୀଛାତ୍ର ହତାଶ ହୋଇ ଜିଲା ମଙ୍ଗଳ ବିଭାଗ ସହ ଯୋଗାଯୋଗ କଲେ ସେମାନଙ୍କୁ ବିଭିନ୍ନ ଆଳ ଦେଖାଇ ଫେରାଇ ଦେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ଏହି ବର୍ଗର ଅନେକ ଛାତ୍ରୀଛାତ୍ରଙ୍କ ଉଚ୍ଚତର ଶିକ୍ଷା, ଗବେଷଣା ଆଦି ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ତୁରନ୍ତ ଛାତ୍ରବୃତ୍ତି ପ୍ରଦାନ ପାଇଁ ପଦକ୍ଷେପ ନ ନେଲେ ନିରାଶ ଛାତ୍ରୀଛାତ୍ରମାନେ ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇ ଥିଲେ ହେଁ ତାହା ସମ୍ଭବ ହୋଇନାହିଁ।



ରକ୍ତଦାନ ପାଇଁ ଆୟୋଜିତ ସଚେତନତା ଶୋଭାଯାତ୍ରା।

# ରକ୍ତଦାନ ପାଇଁ ସଚେତନ ଶୋଭାଯାତ୍ରା

ଭବାନୀପାଟଣା,୨୦।୮(ଡି.ଏନ.ଏ.)

ସୋସିଆଲ ଏକ୍ଟିଭିଷ୍ଟ ଅଫ କଳାହାଣ୍ଡି ସଙ୍ଗଠନ ଓ ଏପୋଲୋ ଡାଇଗ୍ନୋଷ୍ଟିକ ପକ୍ଷରୁ ରବିବାର ରକ୍ତଦାନ ପାଇଁ ଏକ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ର କଲେଜଛକଠାରୁ ଏକ ଶୋଭାଯାତ୍ରରେ ବାହାରି ଷ୍ଟେଚ୍ୟୁଛକ ପର୍ଯ୍ୟନ୍ତ ଯାଇଥିଲେ। ଜନସାଧାରଣଙ୍କୁ ରକ୍ତଦାନର ଉପାଦେୟତା ସମ୍ପର୍କରେ ବୁଝାଇବା ସହ ଏ ନେଇ ପ୍ରଚାରପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋସିଆଲ ଏକ୍ଟିଭିଷ୍ଟ ସଙ୍ଗଠନ ସଭାପତି ନବୀନ କୁମାର ସା, ସମ୍ପାଦକ ପ୍ରମୋଦ ସାହୁ, ଛାତ୍ରନେତା ମହେଶ୍ୱର ସୁନାନୀ, ଲୋକେଶ ସାହୁ, ଡ. ବିରଞ୍ଚି ମହାପାତ୍ର, ଅବିନାଶ ଠାକୁର, କେ. ପ୍ରବୀଣ କୁମାର, ଶିବାନନ୍ଦ ସାହୁ, ଉତ୍କଳ ହରପାଲ, ବିରେନ୍ଦ୍ର ଚୌଧୁରୀ, ହେମରାଜ ପ୍ରମୁଖ ଉପସ୍ଥିତ ରହିଥିଲେ।



ସମ୍ବର୍ଦ୍ଧନା ସଭାରେ ଏମପି ବସନ୍ତ ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

# କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

ଜୁନାଗଡ,୨୦।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନରେ ସୋମବାର ସନ୍ଧ୍ୟାରେ କଳାହାଣ୍ଡି ଏମ୍‌ପି ତଥା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡାଙ୍କୁ ଜୁନାଗଡ ଭାଜପା ଓ ସ୍ଥାନୀୟ ନଗରବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳୀୟ କର୍ମୀମାନେ ସହରର ପ୍ରିୟ ଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରୁ ଏମ୍‌ପିଙ୍କୁ ଏକ ବାଇକ୍ ରାଲି କରି ଅଗ୍ରସେନ ଭବନ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଅନୁଷ୍ଠିତ ସ୍ୱାଗତ ସମାରୋହରେ ଏମ୍‌ପି ପଣ୍ଡା ଯୋଗଦେଇ ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସେ ଅନବରତ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପଣ୍ଡାଙ୍କୁ ବିଭିନ୍ନବର୍ଗ, ଅନୁଷ୍ଠାନ ଓ ସ୍ଥାନୀୟ ସିଟିଜେନ ଫୋରମ ପକ୍ଷରୁ ଶୁଭେଚ୍ଛା ଜଣାଯିବା ସହ ଅଞ୍ଚଳର ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ୱାଗତ ସମାରୋହରେ ଏମପି ପଣ୍ଡାଙ୍କ ସହ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସାମାଜିକ କର୍ମୀ ନିର୍ମଳ ମହାନ୍ତି, କୈଳାସ ପାଣିଗ୍ରାହୀ, ଚନ୍ଦ୍ର ଶେଖର ତ୍ରିପାଠୀ, ବେଦ ପ୍ରକାଶ ଗୋଏଲ, ସତ୍ୟ ନାରାୟଣ ପଣ୍ଡା, ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝି, ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, ଯାଜ୍ଞସିନୀ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ପୂର୍ବତନ କାଉନସିଲର ତଥା ଭାଜପା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ସଂସ୍କାର ଭାରତୀ ପକ୍ଷରୁ ଜନ୍ମାଷ୍ଟମୀ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା

ଭବାନୀପାଟଣା,୨୦।୮(ଡି.ଏନ.ଏ.)

ଜନ୍ମାଷ୍ଟମୀକୁ ଧୁମଧାମରେ ପାଳନ କରିବା ପାଇଁ ସଂସ୍କାର ଭାରତୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗତ ୧୮ ତାରିଖରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ସଂସ୍କାର ଭାରତୀର ନଗର ସଭାପତି ଜ୍ୟୋତିରାଣୀ ଦାସ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଭାସଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ତଥା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଜୟନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂ, ସରସ୍ୱତୀ ଓ ମା' ମାଣିକେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଚିତ୍ରାଙ୍କ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଂସ୍କାର ଭାରତୀର ସଂଘମିତ୍ରା କାନୁନଗୋ, ନରେନ୍ଦ୍ର ପଣ୍ଡା, ହରେକୃଷ୍ଣ ଭୋଇ, ପ୍ରମୋଦ ପଟ୍ଟନାୟକ, ଧାନାନନ୍ଦ ପଣ୍ଡା, ଚିଣ୍ଟୁ ପ୍ରସାଦ ନାଏକ, ପ୍ରଦୀପ ସିଂହ, ସଂଯୁକ୍ତା ସାହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଧାୟକଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ

ରିଷିଡା,୨୦।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ନର୍ଲା ବିଧାୟକ ଭୂପିନ୍ଦର ସିଂ ପରିଦର୍ଶନ କରିଛନ୍ତି। ସେ ପୌରକେଲାର ବନ୍ୟା, ବର୍ଷା ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନ କରିବାକୁ ଯାଇଥିଲେ। ସେ ଏହି ପଞ୍ଚାୟତର ପୌରକେଲା, କୁନ୍ଦେଇପାଲି, ବୁଢ଼ୀପଦର ଅଞ୍ଚଳ ବୁଲି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେହି ସମୟରେ ଉତ୍ତେଇ କେନାଲ ଟେଲ ଅଞ୍ଚଳରେ ପାଣି ପାଉ ନ ଥିବାରୁ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ଏଥିସହ କୁନ୍ଦେଇପାଲିର ପାନୀୟ ଜଳ ସମସ୍ୟା, ପୌରକେଲା ଆଦିବାସୀ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ କରିବା ପାଇଁ ସମିତି ସଭ୍ୟ ସୀମାଞ୍ଚଳ ଭୋଇଙ୍କ ସମେତ ଚାଷୀ ଓ ଜନସାଧାରଣ ଦାବି କରିଥିଲେ। ବିଧାୟକ ରିଷିଡା ଡାକ୍ତରଖାନା ପରିଦର୍ଶନ କରି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ରିଷିଡା ଡାକ୍ତରଖାନାକୁ ଏରିଆ ହସ୍ପିଟାଲରେ ପରିଣତ କରିବା ପାଇଁ ଦାବି କରିଥିବା ବେଳେ ଡାକ୍ତରଖାନା ପରିସରରେ ଡାକ୍ତର, ଫାର୍ମାସିଷ୍ଟ, ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ସାହୁ, ପ୍ରେମାନନ୍ଦ ପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ରିଷିଡାକୁ ପାନୀୟ ଜଳ ଯୋଗାଣ, କେନାଲ ପାଣି ଯୋଗାଣର ସୁବ୍ୟବସ୍ଥା, ମିନିଷ୍ଟାଡିୟମ କାମର ଅଗ୍ରଗତି ସମ୍ପର୍କରେ ବିଧାୟକଙ୍କ ଆଲୋଚନା କରିଥିଲେ। ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ଧର୍ମଗଡ ଓ କେସିଙ୍ଗା ତହସିଲରୁ ୪ଜଣ ରାଜସ୍ୱ ଅଧିକାରୀ ସ୍ୱତନ୍ତ୍ର ଭାବେ କର୍ଲାମୁଣ୍ଡା ବ୍ଲକକୁ ପଠାଯାଇଥିବା ବିଧାୟକ ପ୍ରକାଶ କରିଥିଲେ ଏବଂ ପ୍ରତ୍ୟକ କ୍ଷତିଗ୍ରସ୍ତ କ୍ଷତିପୂରଣ ପାଇବେ ବୋଲି କହିଥିଲେ ।

## ■ ସମ୍ଭାବ୍ୟ ମରୁଡି ପରିସ୍ଥିତିକୁ ନେଇ କୃଷି ବିଭାଗର ପ୍ରସ୍ତୁତି

# ମାଓବାଦୀ ପ୍ରବଣ ଅଞ୍ଚଳରେ ଧାଡ଼ିରୁଆ ପାଇଁ ପଦକ୍ଷେପ

ଲାଞ୍ଜିଗଡ଼,୨୦।୮(ଡି.ଏନ.ଏ.)

ଚଳିତବର୍ଷ ଖରିଫ ଋତୁରେ ବିଳମ୍ବିତ ବର୍ଷା ଯୋଗୁ ସମ୍ଭାବ୍ୟ ମରୁଡି ପରିସ୍ଥିତି ଦେଖାଦେଇଥିବା ବେଳେ ବୁଣାବୁଣି, ରୁଆରୁଇ ମଧ ପଛେଇଯାଇଛି। ବିଳମ୍ବରେ ବର୍ଷା ଯୋଗୁ ଚାଷୀ ଥଳକୁଳ ପାଉ ନ ଥିବାବେଳେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏ ଦିଗରେ ଅଣ୍ଟା ଭିଡି ଚାଷୀଙ୍କ ପଛରେ ଠିଆ ହେବା ଦେଖିବାକୁ ମିଳିଛି। ପ୍ରଥମ ପର୍ଯ୍ୟାୟରେ ରବିଋତୁରେ କୁଆପଥର ମାଡ ଖାଇ କ୍ଷତିଗ୍ରସ୍ତ ଗୋବର୍ଦ୍ଧନପୁର ପଞ୍ଚାୟତ ଅଞ୍ଚଳର ଚାଷୀଙ୍କୁ ବିଜିଆର୍‌ଆଇ ଯୋଜନାରେ ଧାନ ବିହନ ଯୋଗାଇ ଦେଇଥିବାବେଳେ କୃଷି କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଧାଡିରୁଆ ପାଇଁ ପ୍ରବର୍ତ୍ତାଯାଉଛି। ସେହିପରି ବ୍ଲକର ମାଓବାଦୀ ପ୍ରବଣ ମାଳିପୁବାଙ୍ଗ, ବିଜେପୁର ଆଦି ପଞ୍ଚାୟତରେ ପ୍ରଥମ ଥର ପାଇଁ ପାରମ୍ପରିକ ଧାନଚାଷରୁ ପରିବର୍ତ୍ତିତ କରି ଧାଡିରୁଆ ଚାଷ କରିବାକୁ ଚାଷୀଙ୍କୁ ବୁଝାଯାଉଥିବା ବେଳେ ପାହାଡିଆ ତଥା ବୃଷ୍ଟିରହିତ ଅଞ୍ଚଳରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଅତିରିକ୍ତ କୃଷି ଅଧିକାରୀ ସୁଧାଂଶୁ କୁମାର ମେହେରଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମକୁ କୃଷିକ୍ଷେତ୍ରରେ ଗ୍ରାମ୍ୟ କୃଷି କର୍ମଚାରୀମାନେ କାର୍ଯ୍ୟକାରୀ କରୁଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଆସନ୍ନ ମରୁଡିକୁ ଦୃଷ୍ଟିରେ ରଖି ବ୍ଲକ କୃଷି ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ନିଆଯାଇଥିବା ପଦକ୍ଷେପ ସଫଳ ସାବ୍ୟସ୍ତ ହୋଇଥିବା ବେଳେ ବ୍ଲକର ଶହଶହ ଚାଷୀ ବୀମାଭୁକ୍ତ ହୋଇପାରିଥିଲେ।


ମାଓବାଦୀ ପ୍ରବଣ ଅଞ୍ଚଳରେ ଧାଡ଼ି ରୁଆ କରାଯାଉଛି।

# ଶିକ୍ଷକ ନିଯୁକ୍ତି ଦାବିରେ ୧୧ ଦିନ ହେଲା ସ୍କୁଲରେ ତାଲା

ଭବାନୀପାଟଣା,୨୦।୮(ଡି.ଏନ.ଏ.)

ଶିକ୍ଷକ ଦାବିରେ ଭବାନୀପାଟଣା ସଦର ବ୍ଲକ କର୍ଲାପଡା କ୍ଲଷ୍ଟର ଅନ୍ତର୍ଗତ ପରିଆ ୟୁପି ସ୍କୁଲରେ ୧୧ ଦିନ ହେଲା ତାଲା ପଡ଼ିଛି। ଏଥିଯୋଗୁ ପାଠପଢା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ପିଲାଙ୍କ ଭବିଷ୍ୟତ ନେଇ ଅଭିଭାବକଙ୍କ ଚିନ୍ତା ବଢିବାରେ ଲାଗିଛି। କିନ୍ତୁ ଶିକ୍ଷା ବିଭାଗ ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାସ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିବା ବ୍ୟବସ୍ଥା ରହିଛି। ଏଠାରେ ମୋଟ ୨୬୬ ଛାତ୍ରୀଛାତ୍ରଙ୍କ ପାଇଁ ୫ ଜଣ ଶିକ୍ଷକ ଥିବାରୁ ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଛି। ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ବିଇଓଙ୍କୁ ଅଭିଯୋଗ କରି ଆସୁଥିଲେ। ହେଲେ ସୁଫଳ ନ ମିଳିବାରୁ ସ୍କୁଲରେ ତାଲା ପକାଇ ୧୧ ଦିନ ହେଲା ଗ୍ରାମବାସୀ ଧାରଣାରେ ବସି ରହିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଭବାନୀପାଟଣା-ଖରିଆର ରାସ୍ତା ଅବରୋଧ କରାଯିବ ବୋଲି ସ୍କୁଲ କମିଟି ସଭାପତି ସମ୍ପୂର୍ଣ୍ଣ ଶବର, ଲକ୍ଷପତି ମାଝି, ଡିଙ୍ଗର ପୁଟେଲ, ଭୀମସେନ ମାଝି, ହେମରାଜ ନାଏକ, ଡମ୍ବରୁଧର ମାହାର, ସୁଶାନ୍ତ ବାଗ, ବରୁଣ ଶବର, ଧବଳେଶ୍ୱର ଶବର, ହେମରାଜ ମାଝି ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବିଇଓ ଜଗନ୍ନାଥ ପୁରୋହିତଙ୍କୁ ପଚାରିବାରୁ ଚଳିତ ମାସ ଶେଷ ସୁଦ୍ଧା ସମ୍ପୃକ୍ତ ସ୍କୁଲରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଥିଲେ ।

## ■ ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟ

# ଧାର୍ଯ୍ୟ ତାରିଖ ୩ ଦିନ ପୂର୍ବରୁ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ

କେସିଙ୍ଗା,୨୦।୮(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ରହିଛି। ୧୯୫୬ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ୫ ଶ୍ରେଣୀ ଯାଏ ୧୩୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସ୍କୁଲ ସମ୍ମୁଖରେ ଥିବା ୬୩ ବର୍ଷର ପୁରୁଣା ଶ୍ରେଣୀ ଗୃହ ଭାଙ୍ଗି ଯିବା ପରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଜାତୀୟ ରୁର୍ବାନ ମିଶନ ପକ୍ଷରୁ ୧୨ ଲକ୍ଷ ୫୦ ହଜାର ୫୯୯ ଟଙ୍କା ବ୍ୟୟ ଅଟକଳରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏହି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ୨୦୧୯ ଫେବୃୟାରୀ ୨୧ ତାରିଖରୁ କାର୍ଯ୍ୟ ଆରମ୍ଭ କରି ଅଗଷ୍ଟ ୨୦ ତାରିଖରେ ସମ୍ପୂର୍ଣ୍ଣ କରିବାକୁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଠିକାଦାରଙ୍କ ମନମୁଖି ଯୋଗୁ ଧାର୍ଯ୍ୟ ତାରିଖରେ ନିର୍ମାଣ ଶେଷ ନ ହେବା ଏବଂ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଗତ ୬ ତାରିଖରେ ଧରିତ୍ରୀରେ ଏହି ଖବର ପ୍ରକାଶ ହୋଇଥିଲା। ଏହା ପରେ ବ୍ଲକ ପ୍ରଶାସନ ଓ ଠିକାଦାର ଧାର୍ଯ୍ୟ ତାରିଖର ୩ ଦିନ ପୂର୍ବରୁ ଅର୍ଥାତ ୧୭ ତାରିଖରେ ଅତିରିକ୍ତ ଶ୍ରେଣୀ ଗୃହର ଫାଉଣ୍ଡେଶନ ଓ କଲମ ବାନ୍ଧା କାମ ଆରମ୍ଭ କରାଯାଇଛି। ଏ ସଂକ୍ରାନ୍ତ ସ୍କୁଲ ଶିକ୍ଷା କମିଟି, ପ୍ରଧାନଶିକ୍ଷକ ରତ୍ନାକର ଶତପଥୀ ଓ ଅଭିଭାବକମାନଙ୍କୁ ପଚାରିବାରୁ ଯଦିଓ ୬ ମାସ ଭିତରେ ନିର୍ମାଣ କାର୍ଯ୍ୟ ଶେଷ ନ କଲେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି କହିଛନ୍ତି ।


ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାମ କାର୍ଯ୍ୟ ଆରମ୍ଭ ହୋଇଛି।

# ମା' ଘାଟି ମୁଣ୍ଡିଆଣୀଙ୍କ ଡଙ୍ଗରଯାତ୍ରା

କୋକସରା/ଭବାନୀପାଟଣା, ୨୦।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ରହିଥିବା ଏକ ଦୁର୍ଗମ ଅଞ୍ଚଳରେ ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣୀ ପୂଜାପାଇ ଆସୁଛି। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦେବୀ ସର୍ବ ମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜା କରାଯାଏ। ଏହା ପୂର୍ବରୁ ଗ୍ରାମର ପୂଝାରୀ ଓ ଗ୍ରାମବାସୀ ମିଳିତ ଭାବେ କାଳଶି ଓ ଗ୍ରାମ ପୂଝାରୀଙ୍କ ଗହଣରେ ଗୋତମୁଣ୍ଡା ଗ୍ରାମରୁ ପ୍ରାୟ ୩ କି.ମି. ରାସ୍ତା ଚାଲି କାଳଶି ଓ ଲାଠି ଯାତ୍ରାରେ ବାହାରି ଦେବୀଙ୍କ ଆସ୍ଥାନରେ ପହଞ୍ଚି ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଜଙ୍ଗଲ ପରିବେଶ ମଧ୍ୟରେ ଥିବା ଦେବୀଙ୍କ ମନ୍ଦିରରେ ପୂଜକ ପୂର୍ବ ରାତିରେ ଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଦଣ୍ଡପାଟ ଅଞ୍ଚଳର ଦେବୀ ଦଣ୍ଡପାଟିଆଣି ଦେବୀ ଏଠାରେ ପ୍ରଥମେ ପୂଜା ପାଉଥିବାବେଳେ ଏହା ପରେ ଦଣ୍ଡପାଟ ଅଞ୍ଚଳର ଲୋକମାନେ ନୂଆଖାଇ ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ଏହି ଡଙ୍ଗରଯାତ୍ରାରେ ଶତାଧିକ ମାନସିକଧାରୀମାନେ ମା'ଙ୍କ ନିକଟରେ ଶୁକ୍ଲ ଭୋଗ ସହ ପାରା, କୁକୁଡା ଓ ବୋଦା ଆଦି ବଳି ଦେଇ ନିଜର ମାନସିକ ପୂରଣ କରିଥାନ୍ତି । ପଶୁପକ୍ଷୀଙ୍କ ରକ୍ତରେ ଦେବୀଙ୍କ ପୀଠ ରକ୍ତରିତ ହୋଇଥାଏ। ପଡୋଶୀ ଛତିଶଗଡ, ବସ୍ତର ଓ ନବରଙ୍ଗପୁର ଜିଲାରୁ ଶତାଧିକ ଶ୍ରଦ୍ଧାଳୁ ଏହି ଯାତ୍ରାକୁ ଆସିଥାନ୍ତି। ମା' ସର୍ବମଙ୍ଗଳାଙ୍କ ପୂଝାରୀ ମନୋହର ପୂଝାରୀ ଦେବୀଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଗୋତୋମୁଣ୍ଡା ଗ୍ରାମର ଗଣା ଉପେନ୍ଦ୍ର ବାଗ, ଦେବିସିଂ ମାଝି, ଅଖିଳ ମାଝି, ହେମନ୍ତ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକ, ଭରତ ପୂଝାରୀ, ଜଦୁମଣୀ ଦୁର୍ଗା, ରତନ ମାଝି, ଉମାଶଙ୍କର ପୂଝାରୀ, ବଳରାମ ମାଝି, ମୁକୁନ୍ଦ ନାଗେସ, ବିଦ୍ୟାଧର ଖରସେଲ, ହରିହର ବାଗ, ପାର୍ଥବ ମାଝି ପ୍ରମୁଖ ଯାତ୍ରାରେ ସହଯୋଗ କରିଥିଲେ। ଏହି ଅବସରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ମା'ଙ୍କ ପାଖରେ ଶୁକ୍ଲେ ଭାଗ ସହ ରକ୍ତଭୋଗ ଅର୍ପଣ କରି ନିଜର ମାନସିକ ପୂରଣ କରିଥିଲେ।


କାଳଶି, ଲାଠିଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।

- ଲେନିନ୍

## ସଂକ୍ଷେପରେ

### ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଲାଠୋର, ୨୦।୮(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସଂପାଦକ ତଥା ଅବସର ପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଂପାଦକ ଗୋବିନ୍ଦରାମ ଅଗ୍ରୱାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବର୍ତ୍ତମାନ ଯୁଗରେ ବିଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ ଏଥିରେ ଅଧକ୍ଷତା କରିଥିଲେ। ଶିଶୁ ବାଟିକା ବିଭାଗରେ ୫୬ଟି ପ୍ରକଳ୍ପ, ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୬୩ ପ୍ରକଳ୍ପ, ଶିଶୁ ବର୍ଗରେ ୩୦ ପ୍ରକଳ୍ପ, ବାଳ ବର୍ଗରେ ୩୩ ପ୍ରକଳ୍ପ ଓ କିଶୋର ବର୍ଗରେ ୩୯ ପ୍ରକଳ୍ପ ଏହିପରି ସର୍ବମୋଟ ୨୨୧ଟି ପ୍ରକଳ୍ପକୁ କୁନି ଗବେଷକମାନେ ପ୍ରଦର୍ଶିତ କରିଥିଲେ। ଏହା ସହିତ ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ସୃଷ୍ଟସ୍ୱରୂପା ବାରିକ, ଜ୍ୟୋତ୍ସ୍ନାରାଣୀ ବରିହା, ଶାଶ୍ୱତ କୁମାର ଦାଶ, ନିଖିଳ ଅଗ୍ରୱାଲ, ଜୟପ୍ରକାଶ ଅଣ୍ଡିଆ, ଆଶୁତୋଷ ମେହେର, କେଶବ ଅଗ୍ରୱାଲ, କୁମକୁମ ପାଣିଗ୍ରାହୀ ଓ ସୁରଜ ମେହେର ବେଲପଡାଠାରେ ହେବାକୁ ଥିବା ସଂକୁଳସ୍ତରୀୟ ବିଜ୍ଞାନମେଳାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୌମ୍ୟରଞ୍ଜନ ପ୍ରଧାନ ଓ ମାନସ ସାହୁଙ୍କ ସଂଯୋଜନା କରିଥିଲେ।

ଲୋଇସିଂହା ପଞ୍ଚାୟତ ସମିତି ବୈଠକ

# ବନ୍ୟା କ୍ଷୟକ୍ଷତି, କିଡ୍‌ନୀ ରୋଗକୁ ନେଇ ଚିନ୍ତା

ଲୋଇସିଂହା,୨୦।୮ (ଡି.ଏନ.ଏ.)



ଲୋଇସିଂହା ବ୍ଲକ୍ ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ସରକାରୀ ଅଧିକାରୀ।

ଲୋଇସିଂହା ବ୍ଲକ୍ ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକରେ ଆଗାମୀ ୩ ବର୍ଷ ମଧ୍ୟରେ ଯେଭଳି କେହି ଆବାସ ଯୋଜାନ, ସାମାଜିକ ଭତ୍ତା ଏବଂ ଖାଦ୍ୟ ସୁରକ୍ଷା ଯୋଜାନରୁ କେହି ବଞ୍ଚିତ ନ ହେବେ ସେ ଦିଗରେ ଅଧିକାରୀ ଏବଂ ଜନପ୍ରତିନିଧିମାନେ କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ମୋ ସ୍କୁଲ ଯୋଜାନ ଏକ ମହତ ଯୋଜନା। ଏଣୁ ଏଥିରେ ସରପଞ୍ଚମାନେ ସହାୟତାର ହାତ ବଢାଇବାକୁ ସେ ଅନୁରୋଧ କରିଥିଲେ। ବ୍ଲକ ଅଧକ୍ଷା କାନ୍ତା ସେଠ ବୈଠକରେ ଅଧକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ବିଡିଓ ରାମଚନ୍ଦ୍ର ଖାଡିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତି କୃଷି ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ବ୍ଲକର ୨ଟି ପଞ୍ଚାୟତରେ ୧ଶହ ହେକ୍ଟର ଜମିରେ ବିଜିଆରଆଇ ଯୋଜାନରେ ଧାନଚାଷ କରାଯାଉଥିବା ସେ କହିଥିଲେ। ଏହାବଦ ବ୍ଲକକୁ ଆସିଥିବା ବିଭିନ୍ନ କୀଟନାଶକ ସାର ଓ ଔଷଧ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରି ବନ୍ୟା କ୍ଷୟକ୍ଷତି ସର୍ଭେ କରାଯାଉଥିବାରୁ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସହକାରୀ କଷି ଉଦ୍ୟାନ ଅଧିକାରୀ ନିହାରିକା ସାହୁ କୃଷି ଉଦ୍ୟାନ ସମ୍ପର୍କରେ ତଥ୍ୟ ରଖିଥିଲେ। କେତେକ କ୍ଷେତ୍ରରେ ଲୋଇସିଂହା ପ୍ରଥମ ଥିବା ସେ କହିଥିଲେ। ଅଫିସରେ ଅଧିକାରୀ, କର୍ମଚାର ଦେଖା ନ ମିଳିବା, ଅନେକ ସମୟରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖୁଥିବା କେତେକ ସଭ୍ୟ କହିଥିଲେ। କୃଷି, ଉଦ୍ୟାନ ବିଭାଗର ସଫଳତାକୁ ଖୋଦ ବ୍ଲକ ଉପାଧ୍ୟକ୍ଷ ଯତୀନ୍ଦ୍ର କୁମାର ପଟେଲ ମଧ୍ୟ ସଂଶୟ ପ୍ରକଟ କରିଥିଲେ। ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ନିକଟରେ ହୋଇଥିବା ବନ୍ୟାରେ ଲୋଇସିଂହା, ସୁଜିଆ ସମେତ ୪ଟି ପାନୀୟ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିବା କହିଥିଲେ। ହେଲେ ସୁଜିଆ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ କ୍ଷତିଗ୍ରସ୍ତ କହିବାକୁ ନେଇ ସ୍ଥାନୀୟ ସରପଞ୍ଚ ଆପତ୍ତି ଉଠାଇଥିଲେ। ଅଚଳ ପ୍ରକଳ୍ପ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ପାଖରେ ତଥ୍ୟ ନ ଥିବାରୁ ଯୋଗୀସର୍ଡା ସରପଞ୍ଚ ଏବଂ ସମିତି ସଭ୍ୟ ମଧ କ୍ଷୋଭ ପ୍ରକାଶ କରିଥିଲେ। ବାଦିମୁଣ୍ଡା ପଞ୍ଚାୟତ ବିରକେଲ ଗ୍ରାମରେ ବର୍ଷା ଦିନରେ ମଧ୍ୟ ପିଇବା ପାଣି ସମ୍ୟାକୁ ନେଇ ସ୍ଥାନୀୟ ସମିତି ସଭ୍ୟା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଲୋଇସିଂହା ପଞ୍ଚାୟତ ଅଧୀନ କର୍ଲିପାଟ ଗ୍ରାମରେ କିଡ୍‌ନୀ ରୋଗରେ ୧୦ରୁ ୧୨ ଜଣଙ୍କ ମୃତ୍ୟୁ ଘଟିଲାଣି। ଆଉ କେତେକ ଆକ୍ରାନ୍ତ ଜୀବନ ସହ ସଂଗ୍ରାମ କରୁଥିବାରୁ ସ୍ଥାନୀୟ ସମିତି ସଭ୍ୟ ଦୁଃଖ ପ୍ରକାଶ କରିଥିଲେ। ତେବେ ଏ ସମ୍ପର୍କରେ ବିଧାୟକ ମହାଲିଙ୍ଗ ଅବଗତ ଥିବା କହିବା ସହ ଏକ କେନ୍ଦ୍ରୀୟ ଟିମ୍ ସ୍ଥିତି ପରଖିବା କାର୍ଯ୍ୟକ୍ରମ ରହିଥିବା ସୂଚନା ଦେଇଥିଲେ। ଏହି ଗାଁର ପାନୀୟ ନମୁନା ସଂଗ୍ରହ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପରେ ନଳକୂଅଗୁଡିକରେ ଗୋଳିଆ ପଣି ବାହାରୁ ଥିବାରୁ ବିଶୋଧନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବିପିଏମ ସନ୍ତୋଷ ଦୋରା ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା କରିଥିଲେ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସମସ୍ୟା ରହିଥିବାବେଳେ ବ୍ଲକର ୧୪ଟି ଏଏନଏମ କେନ୍ଦ୍ର ମଧ୍ୟରୁ ତଲିଉଡାରକୁ ଛାଡି ବାକି କେନ୍ଦ୍ରରେ କେହି ସ୍ୱାସ୍ଥ୍ୟ କର୍ମୀ ରହୁ ନ ଥିବାରୁ ବ୍ଲକ ଉପାଧ୍ୟକ୍ଷ କ୍ଷୋଭ ପ୍ରକାଶ କରିଥିଲେ। କୁଶଙ୍ଗ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ପୂର୍ବାହ୍ନ ୧୧ଟା ପରେ ଡାକ୍ତର କିମ୍ବା କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ସ୍ଥାନୀୟ ସମିତିସଭ୍ୟ ଅଭିଯୋଗ କରିଥିଲେ। ସେହିପରି ବିଇଓ ରୀନା ବେହେରା, ସିଡିପିଓ ପ୍ରଜ୍ଞା ବାରିକ, ବ୍ଲକ୍ ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ ଉନ୍ନୟନ କାମ ସମ୍ପର୍କରେ ଆଲୋଚନା କରିଥିଲେ। ନିକଟରେ ବନ୍ୟାରେ ଧୋଇ ଯାଇଥିବା ରାସ୍ତା ଗୁଡିକ ଯୁଦ୍ଧକାଳିନ ଭିତ୍ତିରେ ମରାମତି କରିବାକୁ ବିଧାୟକ କହିଥିଲେ। ବୈଠକରେ ବ୍ଲକର ବିଭିନ୍ନ ପଦାଧିକାରୀ ଏବଂ ବିଧାୟକଙ୍କ ସମର୍ଥକ ଉପସ୍ଥିତ ଥିଲେ।

## ଧରିତ୍ରୀ ପ୍ରଭାବ

### ଖବର ପ୍ରକାଶ ପରେ ଜନସ୍ୱାସ୍ଥ୍ୟ ବିଭାଗ ତତ୍ପର: ପାଇପ୍ ଜଳ ଯୋଗାଣ ଆରମ୍ଭ

ଗୁଡଭେଲା,୨୦।୮(ଡି.ଏନ.ଏ.)

ତୁଷୁରା ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୮ ଦିନ ପରେ ମଙ୍ଗଳବାର ପାଇପ ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇ ଯାଇଛି। ପ୍ରଥମେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଏ ନେଇ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ସହ ଯୋରସୋରରେ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପମ୍ପ ହାଉସକୁ ବିଦ୍ୟୁତ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ଯୋଗାଇ ଦେଇଥିଲେ ମଧ ସ୍ଥାନୀୟ କର୍ମଚାରୀଙ୍କ ଆନ୍ତରିକତା ଅଭାବରୁ ଜଳ ଯୋଗାଣ ହୋଇପାରୁ ନ ଥିଲା। ଏଣୁ ସହରବାସୀ ପାନୀୟ ଜଳ ଟିକିକ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ମଧ ସହରର କଟକିଆ ପଡା, ବସଷ୍ଟାଣ୍ଡ, ଲକେଶ୍ୱରୀ ପଡା, ହାଇସ୍କୁଲପଡା ଆଦି କେତେକ ସ୍ଥାନରେ ପାଇପ ଯୋଗେ ଜଳ ଯୋଗାଣ ସ୍ୱାଭାବିକ ହୋଇ ପାରିନି। ଯଥା ଶୀଘ୍ର ସବୁ ଅଞ୍ଚଳକୁ ଜଳ ଯୋଗାଣ ହୋଇଯିବ ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି।

# ଗଣ୍ଡାବଜାରର ବାର୍ଷିକ ଉତ୍ସବ

ବଲାଙ୍ଗୀର ଅଫିସ, ୨୦।୮

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଗଣ୍ଡାବାଜା ପତ୍ରିକାର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ତ୍ରିଲୋଚନ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ନାଏକ, ବିଦ୍ୟାଧର ଦୁରିଆ, ମୁଖ୍ୟବକ୍ତା ଭାବେ ରାଜୀବ ସଗରିଆ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଧାୟକ ମୁଦୁଲି ତାଙ୍କ ବକ୍ତବ୍ୟରେ ସାଧାରଣ ଲୋକେ ନିଜର ଅଧିକାର ହାସଲ କରିବା ପାଇଁ ଲଢ଼େଇ କରିବାକୁ ପଡିବ ବୋଲି କହିଥିଲେ। ସମାଜରୁ ବିସମତାକୁ ଲୋପ କରିବାକୁ ହେଲେ ଆନ୍ଦୋଳନ ଏକ ପ୍ରମୁଖ ମାଧମ ବୋଲି ସେ କହିଥିଲେ। ଆଜିକାର ବ୍ୟୟବହୁଳ ନିର୍ବାଚନ ପ୍ରକ୍ରିୟାରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ସେ ବିଜୟୀ ହେବାର କଥା ମଧ କହିଥିଲେ। ଲୋକଙ୍କ ସହ ରହିଲେ ରାଜନୀତିରେ ଅର୍ଥ ବାଧକ ହେବ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ସଗରିଆ ଆଜିକାର ଲୁଟ୍‌ତନ୍ତ୍ରର କିଭଳି ସକ୍ରିୟ ହୋଇ ପରିବେଶକୁ ଦହନ କରୁଛି ତାହା କହିଥିଲେ। ଏହି ଅବସରରେ ବରଗଡ ଜିଲାର କୃତି ଆଦିବାସୀ ମହିଳା ସୁରେଖା ଭୋଇ ଓ ଦଳିତ ମହିଳା ଜ୍ୟୋତ୍ସ୍ନାରାଣୀ ଦୀପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେଖା ଭୋଇ ତାଙ୍କ ବକ୍ତବ୍ୟରେ ପ୍ରତିମିନିଟ୍‌ରେ ହେଉଥିବା ନାରୀ ପ୍ରତି ଅତ୍ୟାଚାର ଓ ବଳାତ୍କାର ସମ୍ପର୍କରେ କହି ଏଭଳି ପରିସ୍ଥିତିରେ ଆମର ମହାନ ପରମ୍ପରା ରାଖୀର ଅସ୍ତିତ୍ୱ ଆଉ କ'ଣ ରହିଛି ବୋଲି ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତରଣୀସେନ୍ ଦୀପ ପରିଚାଳନା କରିଥିଲେ। ଅଧ୍ୟାପକ କୌତୁକ ପନ୍ଦର ଧନ୍ୟବାଦ ଦେଇଥିଲେ



ମୁଖ୍ୟଅତିଥି ବିଧାୟକ ମକରନ୍ଦ ମୁଦୁଲି କୃତୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନମେଳା

# କଦମପଡ଼ାରେ ୧୧୫, ମହୀମୁଣ୍ଡାରେ ୧୪୭ ପ୍ରକଳ୍ପ ପ୍ରଦର୍ଶିତ

ବଲାଙ୍ଗୀର ଅଫିସ, ୨୦।୮



କଦମପଡା ସରସ୍ୱତୀ ଶିଶୁ ମନ୍ଦିରରେ ଜଣେ କୁନି ବିଜ୍ଞାନୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

ବଲାଙ୍ଗୀର କଦମପଡାସ୍ଥିତ ଶିଶୁ ବିଦ୍ୟା ମନ୍ଦିର ଓ ମହୀମୁଣ୍ଡା ଶିଶୁ ମନ୍ଦିରରେ ପୃଥକ୍ ଭାବେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। କଦମପଡାରେ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଗଜେନ୍ଦ୍ର ପ୍ରଧାନ ଯୋଗଦେଇ ବିଜ୍ଞାନ ହିଁ ସମାଜର ପଥ ପ୍ରଦର୍ଶକ ବୋଲି କହିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନ ମଞ୍ଚ, ବିଜ୍ଞାନ ପତ୍ର ବାଚନ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରକଳ୍ପ, ଗଣିତ ପ୍ରଶ୍ନ ମଞ୍ଚ, ଗଣିତ ପତ୍ର ବାଚନ, ଗଣିତ ପ୍ରୟୋଗ, ସଂସ୍କୃତି ବୋଧ, କଥା କଥନ, ସଂସ୍କୃତି ବୋଧ ପରିଯୋଜନା ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ମେଳାରେ ଛାତ୍ରୀଛାତ୍ରଙ୍କ ୧୧୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜ୍ଞାନ ବିଜ୍ଞାନ ମେଳାର ଉଦ୍‌ଯାପନୀ ଉତ୍ସବରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ପ୍ରତିଯୋଗୀ ସ୍ମୃତି ପିପାସା ନନ୍ଦ, ବଂଶିକା ସ୍ୱାଇଁ, ଓମ୍‌କାର ଇପସିତ୍ ତ୍ରିପାଠୀ, ପ୍ରତୀକ ସେଠ, ସୁସ୍ମିତା ପଟେଲ, ଅନିମା ଦାଶ ଚଳିତ ମାସ ୨୪ ଓ ୨୫ ତାରିଖରେ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ସରସ୍ୱତୀ ଶିଶୁ ମନ୍ଦିରରେ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଯୋଗ ଦେବେ। କାର୍ଯ୍ୟକ୍ରମରେ ପରିଚାଳନା ସମିତି ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ, ସୁରେଶ ଷଡଙ୍ଗୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ ଓ ସେବିକା ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଧନ୍ୟବାଦ ଦେଇଥିଲେ।

ପୁଇଁତଲା ବ୍ଲକ ଅନ୍ତର୍ଗତ ମହୀମୁଣ୍ଡା ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳାରେ ୧୪୭ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ମୁଖ୍ୟଅତିଥି ଭାବେ କୁରୁଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାରେ ବିଦ୍ୟାଳୟ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଗଗନ ବିହାରୀ ପ୍ରଧାନ, ଅନ୍ତର୍ଯ୍ୟାମୀ ବିଶ୍ୱାଳ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଶୈକ୍ଷିକ ପ୍ରମୁଖ ରୀତାଞ୍ଜଳି ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କୃତୀ କୁନି ବିଜ୍ଞାନୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବଲାଙ୍ଗୀର ଡ୍ୟାମପଡ଼ାରେ ରିଲିଫ୍ ବଣ୍ଟନ

ବଲାଙ୍ଗୀର ଅଫିସ, ୨୦।୮

ବଲାଙ୍ଗୀର ଡ୍ୟାମପଡାର ବନ୍ୟାପୀଡିତଙ୍କୁ ତୁଲସୀନଗରପଡାର ମହିଳାମାନେ ରିଲିଫ୍ ବଣ୍ଟନ କରିଛନ୍ତି। ଶୁଖିଲା ଖାଦ୍ୟ, ଲୁଗାପଟା ସଂଗ୍ରହ କରି ବନ୍ୟା ପୀଡିତଙ୍କୁ ବଣ୍ଟନ କରାଯାଇଛି। ଛୋଟ ଶିଶୁମାନଙ୍କ ସକାଶେ ଜୋତା, ଚପଲ ବଣ୍ଟନ ହୋଇଛି। ଗତ ୧୨, ୧୩ ତାରିଖ ପ୍ରବଳ ବନ୍ୟାରେ ସହରର ଡ୍ୟାମପଡା ବିଶେଷ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପାଣିରେ ବହୁ ଲୋକଙ୍କ ଘର ଭାଙ୍ଗିଯିବା ସହ ସେମାନଙ୍କ ଖାଦ୍ୟ ସାମଗ୍ରୀ, ଲୁଗାପଟା, ଆସବାବପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏପରିସ୍ଥଳେ ବନ୍ୟା ପୀଡିତମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତରଫରୁ ପଲିଥିନ୍ ଓ ରନ୍ଧାଖାଦ୍ୟ ଦିଆଯାଉଥିଲେ ମଧ୍ୟ ସର୍ବହରା ପାଲଟି ଯାଇଥିବା ବନ୍ୟା ପୀଡିତମାନେ ବହୁ କଷ୍ଟରେ ରହୁଛନ୍ତି। ଏହି ବନ୍ୟା ପୀଡିତଙ୍କ ସକାଶେ ତୁଲସୀନଗରପଡାର ମହିଳାମାନେ ଗୋଷ୍ଠୀଗତ ଭାବେ ରିଲିଫ୍ ସାମଗ୍ରୀ କିଣି ବନ୍ୟା ପୀଡିତଙ୍କୁ ବଣ୍ଟନ କରିଛନ୍ତି। ତୁଲସୀନଗରପଡାର ସବିତା ପଟ୍ଟନାୟକ, ସୁକାନ୍ତି ମିଶ୍ର, ରୀତାଞ୍ଜଳି ମେହେର, ଗୀତାଞ୍ଜଳି ନାୟକ, ସଞ୍ଜୁ ବାଗ ଓ ଅନ୍ୟମାନେ ରିଲିଫ୍ ବଣ୍ଟନ କରିଥିଲେ।



ତୁଲସୀନଗରର ମହିଳାମାନେ ବଲାଙ୍ଗୀର ଡ୍ୟାମପଡାରେ ରିଲିଫ୍ ବଣ୍ଟନ କରୁଛନ୍ତି।

# ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ବଲାଙ୍ଗୀର ଅଫିସ, ୨୦।୮

ବଲାଙ୍ଗୀର ଫଟୋଗ୍ରାଫର ସଂଘ ତରଫରୁ ସୋମବାର ସ୍ଥାନୀୟ ସାମ୍ବାଦିକ ଭବନରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ବିଶେଷ ସଭାରେ ସଭାପତି ସୁଶାନ୍ତ ନନ୍ଦ ଉପସ୍ଥିତ ସଦସ୍ୟମାନଙ୍କୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନର କାରଣ ଓ ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ ଫଟୋଗ୍ରାଫି ତାଲିମ କାର୍ଯ୍ୟକ୍ରମ, କର୍ମଶାଳା ଓ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଆରପିଏଲ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ସୁଧାଂଶୁ ଯୋଷୀ ସଂଘର ବିଭିନ୍ନ ସୁବିଧା ଅସୁବିଧା ସମ୍ବନ୍ଧରେ ଆଲୋଚନା କରି ନଭେମ୍ବର ୧୨ ତରିଖରେ ସଂଘର ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଫଟୋଗ୍ରାଫିର ନୂତନ ଜ୍ଞାନକୌଶଳକୁ ଅନୁଧ୍ୟାନ ଓ ଅନୁକରଣ କରିବାକୁ କାର୍ଯ୍ୟକାରୀ ସଦସ୍ୟ ସମରଜିତ ପୂଝାରୀ ଉପସ୍ଥିତ ସମସ୍ତ ଫଟୋଗ୍ରାଫର୍‌ଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ସଂଘ ଯୁଗ୍ମ ସମ୍ପାଦକ ରବି ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ କୋଷାଧ୍ୟକ୍ଷ ବୁଲୁ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ସୁଦୀପ୍ତ ବେହେରା, ନୀଳଗୋବିନ୍ଦ ବନଛୋର, ରମେଶ ବାଗ ଓ ଜିଲାର ବିଭିନ୍ନ ସ୍ଥାନରୁ ୪୦ ଜଣ ସଦସ୍ୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ବିଶ୍ୱ ଫଟୋଗ୍ରାଫି ଦିବସରେ ଉପସ୍ଥିତ ଫଟୋଗ୍ରାଫର ସଂଘ ସଦସ୍ୟ।

ବଲାଙ୍ଗୀର ଫୁଟବଲ ଲିଗ୍ ଉଦ୍‌ଘାଟିତ

# ଶାନ୍ତିପଡ଼ା ଟିୱାଇସିକୁ ହରାଇ ଡୁଙ୍ଗିରିପଡ଼ା ଏଫ୍‌ଏ ବିଜୟୀ



ସିନିୟର ନକଆଉଟ୍ ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍‌ରେ ଦୁଇଦଳର ଖେଳାଳିଙ୍କ ସହ ଅତିଥି।

ବଲାଙ୍ଗୀର ଅଫିସ, ୨୦।୮

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ନକଆଉଟ୍ ଓ ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ସ୍ଥାନୀୟ ମିଶନ ପଡିଆ ଠାରେ ଉଦ୍‌ଘାଟିତ ହୋଇଛି। ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡୁଙ୍ଗୁରିପଡା ଏଫଏ ଦଳ ୨-୧ ଗୋଲରେ ଶାନ୍ତିପଡା ଟିୱାଇସିକୁ ହରାଇ ବିଜୟୀ ହୋଇଥିଛି। ବିଜୟୀ ଦଳ ତରଫରୁ ସରୋଜ ଭୋଇ ଓ ସରୋଜ ନାଗ ଗୋଲ ସ୍କୋର କରିଥିଲେ। ଶାନ୍ତିପଡା ତରଫରୁ ସୁମନ ମଲ୍ଲିକ ଗୋଟିଏ ଗୋଲ ସ୍କୋର କରିଥିଲେ। ଟୁର୍ନାମେଣ୍ଟ କମିଟି ଅଧକ୍ଷ କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ପ୍ରଭାତ କୁମାର ମିଶ୍ର, ଫୁଟବଲ ସମ୍ପାଦକ ନିଶାରକାନ୍ତ ନାଗ, ଜୋନ ସଂଯୋଜକ ହେମନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ। ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଡ. ସିଦ୍ଧେଶ୍ୱର ମିଶ୍ର, ଡିଏସ୍ଆଇ କିଶୋର ଚନ୍ଦ୍ର ମଲ୍ଲିକ, କ୍ରୀଡାବିତ ଶ୍ରୀକାନ୍ତ ରାଉତ, ପ୍ରଫୁଲ୍ଲ ବଗର୍ତ୍ତୀ ସମେତ ହୋମଗାର୍ଡ ସ୍ପୋର୍ଟିଂ କ୍ଲବ ସଭ୍ୟମାନେ ସହଯୋଗ କରିଥିଲେ। ଦେବାଶିଷ ବାଗ, ସୁଶାନ୍ତ ନାଗ, ସୁଦର୍ଶନ ସେଠ ଓ ଅବଦୁଲ ମୁଜିବ ଖେଳ ପରିଚାଳନା କରିଥିଲେ। ବୁଧବାର ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିରେ ବାଗଡିଆ ବନାମ ଛତାବାହାଲ, ଲୋଇସିଂହା ମିନି ଷ୍ଟାଡିୟମଠାରେ ବଡଟିକା ବନାମ ୟୁଏଫଏ ବୁର୍ଡା, ଚୁଡାପାଲିଠାରେ ଆଡେନଡୁଙ୍ଗୁରି ବନାମ ଭୁଣ୍ଡିମୁହାଣ, ଜରାସିଂହାଠାରେ ଶୀରାବାହାଲ ବନାମ ନାଇକେନଶିରା, ଖୋଲାନ ପଡିଆରେ ଡିଡିଏସ ଖୋଲାନ ବନାମ ୱାଇଏସ ମୁରିବାହାଲ, ମିଶନ ପଡିଆରେ କାଲସାଏପାଲି ବନାମ ଜନକପୁର ମଧରେ ଖେଳ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ମଦ ଜବତ: ୪ ଗିରଫ

ବେଦବ୍ୟାସ, ୨୦।୮ (ଡି.ଏନ.ଏ)- ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ସୋମବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଶାନଟୋଲା ଡୁମରନ୍ ନିବାସୀ ଜୟ କିଶାନ (୪୫), ବୁଚାହୁଣ୍ଡା ନିବାସୀ ବେନେଡିକ୍ଟ ବେକ୍ (୩୨), ଟାଇଁସର ନିବାସୀ ଜିତେନ୍ଦ୍ର ଓରାମ (୫୪), ବିରକେଲା ନିବାସୀ ଲଛୁ ଖାଲଖୋ (୫୮)। ଏନେଇ ପୃଥକ ପୃଥକ ଭାବେ ବ୍ରାହ୍ମଣୀତରଙ୍ଗ ଥାନାରେ ମାମଲା ରୁଜୁ ହୋଇଛି। ଚଢ଼ାଉ ଦଳରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଲୁଙ୍ଗା ଫାଣ୍ଡି ଅଧିକାରୀ ସୁବ୍ରତ ପଣ୍ଡା, ଏସଆଇ ବିକାଶ କଲେଟ, ଏଏସଆଇ ମାଗଧାତା ପ୍ରଧାନ, ଏଏସଆଇ କିଶୋର କୁମାର ମହାକୁଡ ପ୍ରମୁଖ ସାମିଲ ଥିଲେ।

### ଜିଲା କନିଷ୍ଠ ମହିଳା ବକ୍ସିଂ ଚୟନ ଶିବିର ୨୭ରେ

ସୁନ୍ଦରଗଡ଼, ୨୦।୮ (ଡି.ଏନ୍.ଏ)- ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚଳିତ ମାସ ୨୭ରେ ଜିଲାର କନିଷ୍ଠ ମହିଳା ବକ୍ସିଂ ଚୟନ ଶିବିର ସ୍ଥାନୀୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳିମାନେ ଏହି ଦିନ ସକାଳ ୯ଟାରେ ନିଜର ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ଆଫିଡେଭିଟ ଦାଖଲ କରି ନିଜର ନାମ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ଏହି ଖେଳାଳିମାନଙ୍କ ଜନ୍ମ ତାରିଖ ୧।୧।୨୦୦୩ରୁ ୩୧।୧୨।୨୦୦୪ ମଧ୍ୟରେ ହୋଇଥିବା ଆବଶ୍ୟକ। ଆସନ୍ତା ୩୦ରେ କଟକ ବାରବାଟୀ ଷ୍ଟାଡିୟମଠାରେ ହେବାକୁ ଥିବା ଆନ୍ତଃଜିଲା କନିଷ୍ଠ ମହିଳା ବକ୍ସିଂ ପ୍ରତିଯୋଗିତାରେ ଜିଲାରୁ ଚୟନ ହୋଇଥିବା କନିଷ୍ଠ ବକ୍ସିଂ ଖେଳାଳିମାନେ ଯୋଗଦେବେ। ଏସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ସହିତ ଯୋଗାଯୋଗ କରିବାକୁ ସବିଶେଷ ଅନୁରୋଧ।

# ଜିଲା ବାହାର ଜମିପଟ୍ଟାରେ ଧାନକିଣା

**ବଡ଼ଗାଁ**

- ସାହାଜବାହାଲ ଲ୍ୟାମ୍ପ୍ସ
- କର୍ମଚାରୀ, ଧାନ ବେପାରୀଙ୍କ ଅସାଧୁମେଣ୍ଟ

ବଡ଼ଗାଁ, ୨୦।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମସ୍ଥିତ ସମବାୟ ସମିତି (ଲ୍ୟାମ୍ପ୍ସ)ରେ ୨୦୧୦ ମସିହାରୁ ହୋଇ ଆସିଥିବା ଅନିୟମିତତା ଗୋଟିଏ ପରେ ଗୋଟିଏ ପର୍ଦ୍ଦାଫାଶ ହେବାରେ ଲାଗିଛି। ୨୦୧୪ ଓ ୨୦୧୫ ରେ ଲ୍ୟାମ୍ପ୍ସରେ ଭୂତ କର୍ମଚାରୀଙ୍କ ନାମରେ ଟଙ୍କା ଉଠାଣ, ଜାଲିଆତି କରି କୃଷିଋଣ ଉଠାଣ କରାଯାଇଥିବା ଜଣାପଡିଥିଲା ବେଳେ ଜିଲା ବାହାରର ଜମି ପଟ୍ଟାରେ ଧାନ କିଣା ଯାଇଥିବା ବର୍ତ୍ତମାନ ଜଣାପଡିଛି। ନିୟମାନୁଯାୟୀ, ଲ୍ୟାମ୍ପ୍ସ ଅଞ୍ଚଳର ଚାଷୀମାନେ ତାଙ୍କ ଧାନ ଲ୍ୟାମ୍ପ୍ସରେ ବିକ୍ରି କରିପାରିବେ। କିନ୍ତୁ ଅସାଧୁ କର୍ମଚାରୀ ଓ ଧାନ ବେପାରିଙ୍କ ଦ୍ୱାରା ଜାଲିଆତି କରି ଜିଲା ବାହାରର ଜମିପଟ୍ଟାରେ ଧାନ କିଣା ଯାଇଛି। ମିତ୍ରଭାନୁ ନାଏକ, ପିତା- ଜୟମଣୀ ନାଏକ, ଗ୍ରାମ- ମୁଣ୍ଡାଗାଁଙ୍କ କେସିସି ନଂ. ୦୧୨୩୦୬୯୫୪, ବଡଗାଁ ଶାଖା ସମବାୟ ବ୍ୟାଙ୍କ ଏକାଉଣ୍ଟ ନଂ. ୪୪୩୬। ମିତ୍ରଭାନୁ ଯେଉଁ ଜମି ପଟ୍ଟା ଧାନ ବିକ୍ରି ପାଇଁ ଦେଇଥିଲେ ତାହା କଳାହାଣ୍ଡି ଜିଲା ଉଲ୍ଲେଖ ରହିଛି। ଗ୍ରାମ/ ମୌଜା- ରୂପ୍ରାରୋଡ, ରୁପଫୁଡା ଦର୍ଶାଯାଇଛି। ଏହାସତ୍ତ୍ୱେ ଏହି ଜମି ପଟ୍ଟାକୁ ଏଠାରେ ନିୟମ ଖିଲାପ କରି ରେଜିଷ୍ଟ୍ରେସନ କରାଯାଇଥିଲା। ଏହା ଜଣାପଡିବା ପରେ କେତେକ ଡାଇରେକ୍ଟର ଗତବର୍ଷ ଜୁନ ୧୩ ତାରିଖ ଭୁବନେଶ୍ୱର ରେଜିଷ୍ଟାରଙ୍କୁ ଲିଖିତ ଅଭିଯୋଗ ପଠାଇଥିଲେ। ଲ୍ୟାମ୍ପ୍ସରେ ସାର ହେରଫେର ଓ ଜିଲା ବାହାର ଜମି ପଟ୍ଟାରେ ଧାନ କିଣା ଉପରେ ରେଜିଷ୍ଟାରଙ୍କଠାରେ ଅଭିଯୋଗ ହେଲାପରେ ସେ ତାଙ୍କ ଚିଠି ନଂ. ୧୫୪୮/୯/୮/୨୦୧୮ରେ ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ସୁନ୍ଦରଗଡ ଡିଆରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଆର ଚିଠି ନଂ. ୨୧୭୧ରେ ଏଆରଙ୍କୁ ୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଆର ଏସ୍ଏଆରସିଏସ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ତଦନ୍ତ କରି ରିପୋର୍ଟ ଦେବା ବଦଳରେ ଘଟଣାକୁ ଚାପି ଦିଆଯାଇଥିବାରୁ ବର୍ଷେ ବିତିଗଲା ପରେ ମଧ୍ୟ କାହାରି ଚିନ୍ତା ନାହିଁ। ଉଚ୍ଚ ଅଧିକାରୀ ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ମାଗିଥିଲେ ମଧ୍ୟ ବର୍ଷେ ବିତିଯିବା ଦେଖିଲେ ଦୁର୍ନୀତିଗ୍ରସ୍ତଙ୍କ ପତିଆରା ଓ ଅର୍ଥ ବଳଠାରେ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ କିପରି ମୂଲ୍ୟହୀନ ହୋଇଥାଏ ସ୍ପଷ୍ଟ ଜଣାପଡୁଛି। ସାହାଜବାହାଲ ଲ୍ୟାମ୍ପ୍ସରେ ହୋଇଥିବା ଅନିୟମିତତାର ସମସ୍ତ ପ୍ରମାଣ ଥିବାସତ୍ତ୍ୱେ ଅଧିକାରୀମାନେ ହାତବାନ୍ଧି ବସି ରହିବା ନାନାଦି ସନ୍ଦେହକୁ ଉତ୍ପନ୍ନ କରୁଛି। ଲ୍ୟାମ୍ପ୍ସର ଏଜିବି ସଭାରେ ଏହାକୁ ନେଇ ଡାଇରେକ୍ଟରମାନେ ଅସନ୍ତୋଷ ପ୍ରକାଶ କରିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀମାନେ କେଉଁ କାରଣରୁ ପଦକ୍ଷେପ ଗ୍ରହଣ କରୁନାହାନ୍ତି ତାକୁ ନେଇ ଚାଷୀ ମହଲରେ କଟୁକ୍ତି ଶୁଣାଯାଉଛି। ପ୍ରଶାସନିକ ଅଧିକାରୀମାନେ ଦୁର୍ନୀତିଗ୍ରସ୍ତଙ୍କୁ ମୁଣ୍ଡରେ ବସାଇ ତାଙ୍କ କଳାକାରନାମାକୁ ବର୍ଷ ବର୍ଷ ଘୋଡାଇ ରଖିବା ଦ୍ୱାରା ସେମାନଙ୍କୁ ପ୍ରରୋକ୍ଷରେ ଦୁର୍ନୀତି କରିବାକୁ ପ୍ରୋତ୍ସାହନ ମିଳୁଛି।




ଲୋକେ ଥାନା ଘେରାଉ କରିଛନ୍ତି।

**ଅଜଣା ଗାଡି ଧକ୍କାରେ ଗୁରୁତର ବୋଲବମ ଭକ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ**

# କ୍ଷତିପୂରଣ ଦାବିରେ ଥାନା ଘେରାଉ

ବେଦବ୍ୟାସ, ୨୦।୮ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଗୋଶାଳା ନିକଟରେ ଗତ ୧୧ ତାରିଖ ରାତି ୧୨ଟାରେ ଜଣେ ମହିଳା ବୋଲବୋମ ଭକ୍ତ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇଥିଲେ। ଆଇଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ନାମ ନୀଳାବତୀ ରାଉତ (୩୨)। ସେ ରାଉରକେଲା ଶାନ୍ତି କଲୋନୀ ବସ୍ତି ନିବାସୀ। ନିଳାବତୀଙ୍କ ମୃତ୍ୟୁଖବର ପାଇ ମଙ୍ଗଳବାର ସନ୍ଧ୍ୟା ୫ଟାରେ ଶାନ୍ତିକଲୋନୀ ବସ୍ତିର ଶତାଧିକ ମହିଳା ଓ ପୁରୁଷ କ୍ଷତିପୂରଣ ଦାବିରେ ବ୍ରାହ୍ମଣୀତରଙ୍ଗ ଥାନା ଘେରାଉ କରିଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା, ମହିଳା ଏସଆଇ ଚମ୍ପାବତୀ ସୋରେନ ପ୍ରମୁଖ ଉତ୍ତେଜିତ ମହିଳା ଓ ପୁରୁଷଙ୍କୁ ବୁଝାସୁଝା କଲାପରେ ଶାନ୍ତି ବାତାବରଣ ସୃଷ୍ଟି ହୋଇଥିଲା। ମଙ୍ଗଳବାର ନିଳାବତୀଙ୍କ ମୃତଦେହ ବ୍ୟବଚ୍ଛେଦ କଲା ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ. ୨୧୧/୧୯ ରୁଜୁ କରାଯାଇଛି।

# ସୁନ୍ଦରଗଡ଼ରେ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ

ସୁନ୍ଦରଗଡ଼, ୨୦।୮ (ଡି.ଏନ୍.ଏ)

ସୁନ୍ଦରଗଡ ବ୍ରାହ୍ମଣ ସମାଜ ପକ୍ଷରୁ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ନିମନ୍ତେ ଏକ ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ବ୍ରାହ୍ମଣସମାଜର ସଭାପତି ଚିନ୍ମୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଭାଦ୍ରବ ଶୁକ୍ଳପକ୍ଷ ଋଷି ପଞ୍ଚମୀ ତିଥି ଇଂରାଜୀ ତା ୩।୯।୨୦୧୯ରିଖ ମଙ୍ଗଳବାର ସୁନ୍ଦରଗଡ ରାଜପରିବାର ତରଫରୁ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଠାରେ ସକାଳ ୮ଟା ୩୦ ମିନିଟ ଠାରୁ ୯ ଘଟିକା ମଧ୍ୟେ ନବାନ୍ନ ଲାଗି ନିମନ୍ତେ ଲଗ୍ନଧାର୍ଯ୍ୟ ହୋଇଛି। ଏ ବୈଠକରେ ବେଣୁମାଧବ ତ୍ରିପାଠୀ, ଅବନୀ ପୁରୋହିତ, କେଶବ ସାଙ୍କ ସମେତ କର୍ମକାଣ୍ଡି ପଣ୍ଡିତମାନେ ଉପସ୍ଥିତ ଥିଲେ।



ନୂଆଁଖାଇ ଲଗ୍ନ ଧାର୍ଯ୍ୟ ନିମନ୍ତେ ବ୍ରାହ୍ମଣ ସମାଜ ଉପସ୍ଥିତ।

ଜିଲାପାଳଙ୍କ ଅଭିଯୋଗ ଶୁଣାଣି

# ମଦ ବନ୍ଦ, ବିଦ୍ୟୁତ୍ ବିଭ୍ରାଟର ସ୍ଥାୟୀ ସମାଧାନ ଦାବି

ଲେଫ୍ରିପଡା,୨୦।୮(ଡି.ଏନ.ଏ)

ଲେଫ୍ରିପଡା ବ୍ଲକ୍ ବୈଠକ ଗୃହଠାରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୋଟ ୮୦ ଅଭିଯୋଗ ଶୁଣାଣି କରାଯାଇଥିଲା। ଏଥିମଧ୍ୟରେ ୫୬ଟି ବ୍ୟକ୍ତିଗତ ରହିଥିବା ବେଳେ ସାମୂହିକ ଭାବେ ୨୩ ଏବଂ ରେଡକ୍ରସ୍‌ରେ ଗୋଟିଏ ଅନ୍ତର୍ଭୁକ୍ତ ଥିଲା। ବ୍ୟକ୍ତିଗତ ମଧ୍ୟରେ ଭତ୍ତା, ଗୃହ ନିର୍ମାଣ ଇତ୍ୟାଦି ରହିଥିଲା। ସାମୂହିକ ଭାବେ ମଦ ବନ୍ଦ କରାଯିବା, ଲେଫ୍ରିପଡା ସେକ୍ସନ୍ ଅନ୍ତର୍ଗତ ଡୁମାବାହଲ ଫିଡରରେ ବିଦ୍ୟୁତ୍ ବିଭ୍ରାଟ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା, ଡୁମାବାହଲଠାରୁ ବିଛୁଆବାହାଲ ରାସ୍ତାକୁ ନିର୍ମାଣ କରାଯିବା ଇତ୍ୟାଦି ସମସ୍ୟା ସମାଧାନ ଦିଗରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ସୁନ୍ଦରଗଡ ଜିଲା ଭାଜପା ନେତା ଡା.ହିମାଂଶୁ ଷଡଙ୍ଗୀ ସ୍ୱଚ୍ଛ ଭାରତ ଯୋଜନାରେ ଲେଫ୍ରିପଡା ବ୍ଲକ୍‌ରେ ପାଇଖାନା ନିର୍ମାଣରେ ଦୁର୍ନୀତି କରାଯାଉଥିବା ଅଭିଯୋଗ କରିଥିଲେ।




ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ମଞ୍ଚାସୀନ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତିଆରିରେ ଜମି ନୀରିକ୍ଷଣ କରାଯାଇ ବ୍ଲକ୍ ପ୍ରଶାସନ ପକ୍ଷରୁ ଅନିୟମିତତା କରାଯାଉଥିବା ସହ ବିଭିନ୍ନ ବାଟମାରଣା କରାଯାଉଥିବାରୁ ଏହାର ପଦକ୍ଷେପ ଗ୍ରହଣ କରାଯିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହିତ ଡା.ଷଡଙ୍ଗୀ ଜିଲାପାଳଙ୍କୁ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ବିଭିନ୍ନ ଯୋଜନାରେ ଭିନ୍ନକ୍ଷମଙ୍କ ପାଇଁ ଟ୍ରାଇସାଇକେଲ, ଭତ୍ତା ଇତ୍ୟାଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଆରକ୍ଷୀ ଅଧୀକ୍ଷକ ସୌମ୍ୟା ମିଶ୍ରା, ସିଡିଏମ୍‌ଓ ଡା.ପଙ୍କଜ କୁମାର ପଟେଲ, ଉପଜିଲାପାଳ ଡୋଲାମଣୀ ପଟେଲ, ପିଡିଡିଆରଡିଏ ଭୈରବ ସିଂ ପଟେଲ, ଡିଏଫ୍‌ଓ ଡା. ଅରୁଣ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜ୍, ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ, ଉପାଧ୍ୟକ୍ଷ ଅମୀର କୁମାର ନାଏକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏଥିରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ମଧ୍ୟାହ୍ନ ବିରତି ପରେ ଜିଲାପାଳ ଲେଫ୍ରିପଡା ଲ୍ୟାମ୍ପସକୁ ଯାଇ ଚାଷୀଙ୍କ ଧାନ ସଂଗ୍ରହ ଦିଗରେ ସ୍ୱଚ୍ଛତା କରାଯାଇ ସୂଚାରୁ ଭାବେ ସମ୍ପାଦନ କରାଯିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପରେ ଲେଫ୍ରିପଡା ବାଳିକା ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଥିବା ଆଦର୍ଶ ବିଦ୍ୟାଳୟକୁ ପରିଦର୍ଶନ କରି ଅଭିଭାବକ ଏବଂ ଶିକ୍ଷାପ୍ରଶାସନ ସହ ବିଭିନ୍ନ ସମସ୍ୟା ଦିଗରେ ଆଲୋଚନା କରିଥିଲେ। ଶ୍ରେଣୀଗୃହକୁ ଯାଇ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସମସ୍ୟା ଉପରେ ପଚାରିଥିଲେ। ଛାତ୍ରୀଛାତ୍ର ସରକାରଙ୍କ ପକ୍ଷରୁ ପୋଷାକ, ହଷ୍ଟେଲ ସୁବିଧା କରାଯିବା ଏବଂ ମଧ୍ୟାହ୍ନ ଭୋଜନରେ ବିଳମ୍ବ ହେଉଥିବା ଜିଲାପାଳଙ୍କୁ ଜଣାଇଥିଲେ। ପରେ ଜିଲାପାଳ ଏହିସବୁ ସମସ୍ୟା ଦିଗରେ ଏହାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ଆଠ ପ୍ରକାର କ୍ଷୁଦ୍ର ଶସ୍ୟର ଚାଷ ପ୍ରକ୍ରିୟାକୁ ଅନୁଧ୍ୟାନ

ସୁନ୍ଦରଗଡ଼, ୨୦।୮ (ଡି.ଏନ୍.ଏ)

ପୂର୍ବପୁରୁଷରୁ ମାଣ୍ଡିଆ, ଗୁଲଜି, ସୁଆଁ, କାଙ୍ଗୁ, ଗଙ୍ଗେଇ ଆଦି କ୍ଷୁଦ୍ରଶସ୍ୟ ଚାଷ କରି ତାହାକୁ ଖାଦ୍ୟରେ ସାମିଲ କରାଯାଉଥିଲା। ସେଥିରେ ଅଧିକ ମାତ୍ରାରେ ଫାଇବର, ପୁଷ୍ଟିସାର ତଥା କାଲସିୟମ ଭରପୁର ଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେଉଥିବାରୁ ଲୋକେ ନୀରୋଗ ରହି ଅଧିକ ଦିନ ବଞ୍ଚିପାରୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବର୍ତ୍ତମାନ ଏହି କ୍ଷୁଦ୍ରଶସ୍ୟ ଚାଷ କମିବା ସହ ଖାଦ୍ୟରେ ଏହାର ବ୍ୟବହାର ମଧ୍ୟ କମିକମି ଯାଉଛି। ଶିଶୁ ତଥା ଯୁବତୀ ଯୁବକମାନେ ଫାଷ୍ଟଫୁଡକୁ ପ୍ରାଥମିକତା ଦେଇ ଅଧିକ ପସନ୍ଦ କରୁଥିବା ଦେଖାଯାଉଛି। ଏଭଳି କ୍ଷୁଦ୍ରଶସ୍ୟର ଉପକାରିତା, ବ୍ୟବହାର ଓ ତାର ଉଚିତ ମୂଲ୍ୟର ଅଧିକ ପ୍ରଚାର, ପ୍ରସାର ନିମନ୍ତେ ସୁନ୍ଦରଗଡର ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଟିମ୍ ଦ୍ୱାରା କୁତ୍ରା ଓ ରାଜଗାଙ୍ଗପୁର ବ୍ଲକର ୪୦ଟି ଗ୍ରାମର ୧୮ଶହ ଜଣ ଚାଷଙ୍କୁ ନେଇ ମାଣ୍ଡିଆ, ଗୁଲଜି, ଗଙ୍ଗେଇ, ସୁଆଁ, କାଙ୍ଗୁ ଇତ୍ୟାଦି କ୍ଷୁଦ୍ରଶସ୍ୟ ଚାଷ କରାଯାଉଛି। ସୁନ୍ଦରଗଡ ଜିଲାର ଅନ୍ୟାନ୍ୟ ବ୍ଲକର ମହିଳା ପୁରୁଷ ଏହି ଚାଷ ପରିଦର୍ଶନ ପାଇଁ ଯାଇ ନିଜ ଅଞ୍ଚଳରେ କିଭଳି ଏହି କ୍ଷୁଦ୍ରଶସ୍ୟ ଚାଷ କରି ଉପକୃତ ହେବେ ସେ ନେଇ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ପରିଦର୍ଶନକାରୀ ଦଳ ବିନା ରାସାୟନିକ ସାରରେ ପ୍ରାକୃତିକ ଜୈବିକ ପ୍ରକ୍ରିୟାରେ ଚାଷ କରାଯାଉଥିବା ସମ୍ପର୍କରେ ଚାଷୀଙ୍କ ଠାରୁ ପଚାରି ବୁଝିଥିଲେ। ନିଜ ଅଞ୍ଚଳରେ ମଧ୍ୟ ନିଜେ ଏହି ଚାଷ କରିବା ସହ ଅନ୍ୟ ଚାଷୀମାନଙ୍କୁ ଏହି କ୍ଷୁଦ୍ରଶସ୍ୟ ଚାଷକୁ କିଭଳି ଗୁରୁତ୍ୱ ଦେବେ ସେ ଦିଗରେ ଉଦ୍ୟମ କରିବେ ବୋଲି କହିଥିଲେ। ଅନୁଷ୍ଠାନର ଗୋପାଳ ଚନ୍ଦ୍ର ପେରୁଆ, ସୟଦ ସାକିଦ୍, ଆବ୍ରାହାମ ଲାକ୍ରା ପ୍ରମୁଖ ଏହି ଚାଷୀ ପ୍ରତିନିଧି ଦଳ ଚାଷୀମାନଙ୍କୁ ଏହି କ୍ଷୁଦ୍ରଶସ୍ୟ ଚାଷ ସମ୍ପର୍କରେ ବୁଝାଇଥିଲେ।



ଚାଷୀ ପ୍ରତିନିଧି ଦଳ କ୍ଷୁଦ୍ରଶସ୍ୟ ଚାଷ ସମ୍ପର୍କରେ ବୁଝୁଛନ୍ତି।

# ମା' ବଲାଣୀପାଟ ଦେବୀଙ୍କ ଦ୍ୱିବାର୍ଷିକ ପୂଜା ଉତ୍ସବ ପାଇଁ ପ୍ରସ୍ତୁତି

ବଣାଇ, ୨୦।୮(ସ୍ୱ.ପ୍ର.)

ବଣାଇ ବ୍ଲକ ଅନ୍ତର୍ଗତ ଇନ୍ଦ୍ରପୁର ଗ୍ରାମ ଠାରେ ଅବସ୍ଥିତ ମା' ବଲାଣୀପାଟ ଦେବୀଙ୍କ ଦ୍ୱିବାର୍ଷିକ ପୂଜା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚପାଲି ନାମରେ ପୂଜା ପାଉଥିବା ମା' ବଲାଣୀପାଟ ଦେବୀଙ୍କ ଆସ୍ଥାନ ଇନ୍ଦ୍ରପୁର ଠାରେ ପ୍ରତ୍ୟେକ ଦୁଇବର୍ଷରେ ଥରେ ପଡୁଥିବା ଏହିପୂଜା ଉତ୍ସବ ସେପ୍ଟେମ୍ବର ୮ ତାରିଖ ରବିବାର ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି। ଇନ୍ଦ୍ରପୁର, ବନ୍ଦପାଲି, ନୂଆଗାଁ, କଣ୍ଟାପାଲି, ଝିଡାପାଲି, ମାରଡିହି, ବିଜାକୁଲି ଗ୍ରାମର ଆରାଧ୍ୟ ଦେବୀ ଭାବେ ପରିଚିତ ମା' ବଲାଣୀପାଟଙ୍କ ପୂଜକ ଭାବେ ଚିନ୍ତାମଣି କାଲୋ ଓ ନିର୍ମଳ କାଲୋଙ୍କ ସମେତ ସହଯୋଗୀମାନେ ଏହି ପୂଜା ଉତ୍ସବ କରି ଆସୁଥିବାବେଳେ ବହୁ ଦୂର ଦୂରାନ୍ତରୁ ମା'ଙ୍କ ଭକ୍ତମାନେ ଆସି ମାନସିକ ରଖି ପୂଜାପାଠ ସହ ମନସ୍କାମନା ପୂରଣ ପାଇଁ ପୂଜା କରିଥାନ୍ତି। ସେହିପରି ଚଳିତବର୍ଷ ଏହି ପୂଜା ଉତ୍ସୋବକୁ ସଫଳ କରିବା ପାଇଁ ମା' ବଲାଣୀପାଟ ପୂଜା କମିଟି ଗଠିତ ହୋଇ ଏହାର ସଭାପତି ନିତ୍ୟାନନ୍ଦ ବେହେରା, ସମ୍ପାଦକ ଭାବେ ଚିତ୍ତରଞ୍ଜନ ଖମାରୀଙ୍କୁ ମନୋନିତ କରାଯାଇଛି। ପୂଜା ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ସେହିପରି ପୂଜା ଉତ୍ସବରେ ହେଉଥିବା ଭିଡକୁ ଲକ୍ଷ୍ୟକରି ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରି ସୁବ୍ୟବସ୍ଥା କରିବା ପାଇଁ କମିଟି ପ୍ରସ୍ତୁତି କାର୍ଯ୍ୟ ତ୍ୱରାନୀତ କରାଯାଇଛି। ଏଥିରେ ବହୁ ସଂଖ୍ୟକ ସ୍ଥାନୀୟ ଭକ୍ତଙ୍କ ସହ ଦେବଗଡ, ସମ୍ବଲପୁର, କୁଚିଣ୍ଡା, ରାଉରକେଲା, ସୁନ୍ଦରଗଡ଼ ଓ କେନ୍ଦୁଝର ଅଞ୍ଚଳରୁ ଭକ୍ତମାନେ ଆସି ଭିଡ ଲଗାଇଥିବା ବେଳେ ବହୁ ସଂଖ୍ୟାରେ ଭକ୍ତ ଚଳିତବର୍ଷର ପୂଜାରେ ଯୋଗଦେବାପାଇଁ ଆୟୋଜକ କମିଟିର ସଭାପତି ଅନୁରୋଧ କରିଛନ୍ତି।

# ଜିଲା କଂଗ୍ରେସ କମିଟି ତରଫରୁ ରାଜୀବ ଜୟନ୍ତୀ

ସୁନ୍ଦରଗଡ,୨୦।୮ (ଡି.ଏନ୍.ଏ)

ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଜିଲା ଉପସଭାପତି ଅଜିତ ପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ଯୋଗଦେଇ ସ୍ୱର୍ଗତଃ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଜୀବଙ୍କ ଦେଶ ପ୍ରେମ, ରାଜନୈତିକ ଦୂରଦୃଷ୍ଟି ବିଚାରଧାରା ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ତାରାକାନ୍ତ ରକ୍ସା, ସୁବ୍ରତ ପୁରୋହିତ, ସତ୍ୟ ନାରାୟଣ ସାହୁ, ଆଇନଜୀବୀ ମନୋଜ ମହାରଣା, କମଳେଶ ଦେନିୱାଲ, ବିଶ୍ୱଜିତ ପଟ୍ଟନାୟକ, ନୀରୋଦ କୁମାର ଦାଶ, ଏମ୍.ଡି ମନସୁର ଅଲ୍ଲୀ, ଅଲତମାସ ଅଲ୍ଲୀ, ଆଶୀଷ ଯୋଶୀ, ନରେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ।



ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ କଂଗ୍ରେସ ନେତା।

# ଜିଏଫ୍‌ସି କିଞ୍ଜିରକେଲା ଉଦ୍ଧପଡ଼ା ଚାମ୍ପିୟନ

ବାଲିଶଙ୍କରା, ୨୦।୮ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକ ଡୁମଲିଆ ପଞ୍ଚାୟତର ଏସଏନଟି ସ୍ପୋର୍ଟ ଏବଂ କଲଚରାଲ ଆସୋସିଏସନ୍ ଡୁମଲିଆ ଆନୁକୂଲ୍ୟରେ ଗତ ୧୬ ରୁ ଚାଲିଥିବା ବିଜୁ ପଟ୍ଟନାୟକ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସର୍ବମୋଟ ୧୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ସମ୍ବଲପୁର ଜିଲାର କେସେଇବାହାଲ ଓ ଜିଏଫସି କିଞ୍ଜିରକେଲା ଉଦ୍ଧପଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ଏଥିରେ କିଞ୍ଜିରକେଲା ଉଦ୍ଧପଡା ୧ ଗୋଲରେ ଚାମ୍ପିୟନ ହୋଇଥିଲେ। ଚାମ୍ପିୟନ ଦଳକୁ ୧୫ ହଜାର ଓ ଟ୍ରଫି, ରନର୍ସ ଅପ୍ ଦଳ କେସେଇବାହାଲକୁ ୧୦ ହଜାର ଟଙ୍କା ସହ ଟ୍ରଫି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ ଯୋଗଦେଇ ତାଙ୍କ ବକ୍ତବ୍ୟରେ କ୍ରୀଡାର ବିକାଶ ପାଇଁ ସବୁବେଳେ ସହଯୋଗ କରିବି ବୋଲି ମତରଖିଥିଲେ। ସମ୍ମାନିତ ଅତିଥି ଜିଲା ବିଜେଡି ଯୁବ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ବନଡେଗା ସମାଜସେବୀ ତଥା ଗୌନ୍ତିଆ ମହମ୍ମଦ ହାରୁନ ରସିଦ, ସବଡେଗା ବ୍ଲକ ବିଜେଡି ସଭାପତି ମନୋଜ କୁମାର ପଟେଲ, ବିଜୁ ବାହିନୀ ସଂଯୋଜକ ଚନ୍ଦ୍ରମଣି ପ୍ରଧାନ, ସବଡେଗା ବ୍ଲକ ଭାଜପା ସଭାପତି ପ୍ରଶାନ୍ତ ସେଠ, ମଧୁ ମାଝି, ଭୀମ ମାଝି, ଯୁବ ବିଜେଡି ନେତା ରଞ୍ଜନ ସିଂ, ଜିଲା ଯୁବ ବିଜେଡି ସମ୍ପାଦକ ତାପସ ପଣ୍ଡା, କୃଷ୍ଣ ସାହୁ, ଅବଦୁଲ ହସେନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ଏସଏନଟି କ୍ଲବର ସଭାପତି ସୁବଳ ମାଝି, ନରେଶ ଲାକ୍ରା ସମ୍ପାଦକ, ଅକ୍ଷ ଭୈସାଲ, କୁଳଦୀପ ମାଝି, ଅମୂଲ୍ୟ ମାଝି ଏହିପରି ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟକୁ ସକ୍ରିୟ ଭାବେ ପରିଚାଳନା କରିଥିଲେ। ଖେଳ ପରିଚାଳନା କରିଥିଲେ କ୍ଷେତ୍ରମଣି ଦେହୁରୀ, ରୋମାଞ୍ଚ ଭୈସାଲ, କୁମରମଣି ଛତ୍ରିଆ, ନିତ୍ୟାନନ୍ଦ ମେହେର।



ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପୂଜା ଚାନ୍ଦା ନ ଦେବାରୁ ଦୁର୍ବ୍ୟବହାର

ଲଖନପୁର,୨୦।୮ (ଡି.ଏନ୍.ଏ.)

ରବିବାର ସନ୍ଧ୍ୟାରେ ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଏମ୍‌ସିଏଲ୍ କଲୋନୀର କେତେଜଣ ଯୁବକ ଏମ୍‌ସିଏଲ୍ କ୍ୱାର୍ଟର୍ସ ନଂ. ଏମ୍-୪୨୬କୁ ଯାଇ ଗଣେଶ ପୂଜା ଚାନ୍ଦା ମାଗିଥିଲେ। କ୍ୱାର୍ଟର୍ସ ମାଲିକ ସଞ୍ଜୀବ କୁମାର ସେନାପତି ଚାନ୍ଦା ନ ଦେବାରୁ ସମ୍ପୃକ୍ତ ଯୁବକମାନେ ତାଙ୍କୁ ମାରପିଟ କରିବା ସହ ଗାଳିଗୁଲଜ କରିଥିବା ବନ୍ଧବାହାଲ ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ବନହରପାଲି ଥାନା କେଶ ନଂ ୧୦୦/୧୯ ରୁଜୁ କରି ତଦନ୍ତ ଚଳାଇଛି।

### ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ

କୋଲାବିରା,୨୦।୮ (ଡି.ଏନ୍.ଏ.)

ଅବସରପ୍ରାପ୍ତ ପୋଲିସ ଅଧିକାରୀ କୋଲାବିରା ଗ୍ରାମର ବସନ୍ତ ହୋତାଙ୍କର ୭୬ ବର୍ଷ ବୟସରେ ମଙ୍ଗଳବାର ଭୋର୍ ସମୟରେ ପରଲୋକ ଘଟିଛି। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ପୋଲିସ ଗୋଇନ୍ଦା ବିଭାଗରେ ଇନ୍ସପେକ୍ଟର ଭାବେ କାର୍ଯ୍ୟକରି ସେ ଅବସର ନେବା ପରେ ଘରେ ରହୁଥିଲେ। କିଛିଦିନ ପୂର୍ବେ ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିଲା। ହୋତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ତିନି ପୁଅ ଏବଂ ଜଣେ ଝିଅ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ବଡ଼ପୁଅ ବାବୁଲି ହୋତା ମୁଖାଗ୍ନି ଦେଇଥିଲେ। ବହୁ ସଂଖ୍ୟାରେ ଗ୍ରାମବାସୀ ତାଙ୍କ ଶେଷଦର୍ଶନ କରିଥିଲେ।

■ଗର୍ଜିଲା ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି

# ଜମି ପ୍ରତିବନ୍ଧକ, ରାଜ୍ୟ ସରକାର ଦାୟୀ

ରାଉରକେଲା ଅଫିସ,୨୦।୮



ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ମଙ୍ଗଳବାର ଆହୂତ ସଭାରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ।

ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତିର ପୂର୍ବ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ସକାଳ ୯ଟାରେ ବିର୍ଶା ଛକରୁ ଏକ ବିରାଟ ଶୋଭାଯାତ୍ରା ଷ୍ଟେଶନ ଅଭିମୁଖେ ବାହାରି ଥିଲା। ସଂଗ୍ରାମ ସମିତିର ନେତୃମଣ୍ଡଳୀ ବିର୍ଶା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ବିର୍ଶା ରୋଡ ଦେଇ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଏହା ପହଞ୍ଚି ଥିଲା। ଶୋଭାଯାତ୍ରା ରାଉରକେଲା ଷ୍ଟେଶନରେ ପହଞ୍ଚିବା ପରେ ସଂଗ୍ରାମ ସମିତି ସଭାପତି ଅଦ୍ୱୈତ ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମସ୍ତ ରାଜନୈତିକ ଦଳ, ଶ୍ରମିକ ସଂଗଠନ, ସାହିତ୍ୟ ଓ ସାଂସ୍କୃତିକ ସଂଗଠନ, ସାମାଜିକ ସଂସ୍ଥା ତଥା ସଂଗଠନର କର୍ମକର୍ତ୍ତା ଓ ପ୍ରତିନିଧି ଯୋଗ ଦେଇଥିଲେ।

ସଭାପତି ବିଶ୍ୱାଳ କହିଥିଲେ, ୫୦ ବର୍ଷ ତଳେ ଏଭଳି ଏକ ଆନ୍ଦୋଳନ ରାଉରକେଲା ଛାତ୍ର କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ହୋଇଥିଲା। ଏହି ରେଳପଥ ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଏଣୁ ପୁଣି ସଂଗ୍ରାମ ସମିତି ତାଳଚେର-ବିମଳାଗଡ ରେଳପଥ ଆନ୍ଦୋଳନକୁ ଗତିଶୀଳ କରିବାକୁ ଗତ ବର୍ଷ କମିଟି ଗଠନ କରାଯାଇଛି। ସହରବାସୀ ୫୦ ବର୍ଷ ତଳର ଆନ୍ଦୋଳନକୁ ଭୁଲି ପାରି ନାହାନ୍ତି। ଗତ ବର୍ଷ ସଂଗ୍ରାମ ସମିତି ଗଠନ ହେବା ପରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ପୂର୍ବତଟ ରେଳପଥ ଅଧିକାରୀ, ଜିଲାପାଳଙ୍କୁ ଭେଟି ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦିଆଯାଇ ଥିଲା। ଗତ ମାସରେ ସମସ୍ତ ଜଙ୍ଗଲ ଜମି ପ୍ରାୟ ୬୬୭ ଏକର ମିଳି ସାରିଥିବାରୁ ଏବଂ ରାଜ୍ୟ ସରକାର ସରକାରଙ୍କ ଅଧୀନରେ ଥିବା ୪୨୨ ଏକର ଜମି ଦେଇ ଦେଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରନ୍ତା ବୋଲି ବିଶ୍ୱାଳ କହିଥିଲେ। ପ୍ରଧାନମନ୍ତ୍ରୀ ଏହି ରେଳପଥକୁ 'ପ୍ରଗତି ଯୋଜନା'ରେ ଅନ୍ତର୍ଭୁକ୍ତ କରି ନିୟମିତ ବ୍ୟବଧାନରେ ଏହାର କାର୍ଯ୍ୟକୁ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଶ୍ରମିକ ନେତା ବିଷ୍ଣୁ ମହାନ୍ତି ପୂର୍ବ ଆନ୍ଦୋଳନ ସଂପର୍କରେ ପ୍ରକାଶ କର ରାଉରକେଲାବାସୀ ସମସ୍ତ ମତଭେଦ ଭୁଲି ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ସଂଗ୍ରାମ ସମିତିର ଅନ୍ୟତମ ନେତା ହରିହର ରାଉତରାୟ ତାଙ୍କ ଭାଷଣରେ ଏହି ଆନ୍ଦୋଳରେ ସଂପୃକ୍ତ ଥିବା ବହୁ ନେତା, ବ୍ୟକ୍ତି ଇହଧାମ ତ୍ୟାଗ କରିଥିବା କହିଛନ୍ତି। ଯେଉଁମାନେ ଜୀବିତ ଅଛନ୍ତି ଓ ରାଉରକେଲାରେ ଅଛନ୍ତି ସେମାନେ ଆସି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କହିଥିଲେ। ଏହି ରେଳପଥ ବିଳମ୍ବ ପାଇଁ ରାଜ୍ୟ ସରକାର ମୁଖ୍ୟତଃ ଦାୟୀ। ପୂର୍ବତଟ ରେଳପଥ ଅଧିକାରୀମାନେ ପରିଷ୍କାର କହିଥିଲେ ଯେ ରାଜ୍ୟ ସରକାର ଆବଶ୍ୟକ ଜମି ଯୋଗାଇ ଦେଲେ ତାଳଚେର ଓ ବିମଳାଗଡ ପଟୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ପାରିବ। ମାତ୍ର ସରକାରଙ୍କ ଏ ଦିଗରେ ଅବହେଳା ଅକ୍ଷମଣୀୟ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସୁନ୍ଦରଗଡ, ଦେବଗଡ ଓ ଅନୁଗୋଳ ଜିଲାପାଳ ଜମି ଅଧିଗ୍ରହଣ କରିବାକୁ ଗୁରୁତ୍ୱ ଦେଉ ନାହାନ୍ତି। ଜିଲାର ସରକାରୀ ଜମି ଜିଲାପାଳଙ୍କ ଅଧୀନରେ ରହିଛି। ଏତିକି ଜମି ଦେବାକୁ ସରକାରଙ୍କୁ ୫୦ ବର୍ଷ ଲାଗିଲାଣି। ଏହାଠାରୁ ବଳି ଦୁଃଖର କଥା ଆଉ କ'ଣ ହୋଇପାରେ ବୋଲି ସେ କହିଥିଲେ। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବୀରମିତ୍ରପୁର ପୂର୍ବତନ ବିଧାୟକ ଜର୍ଜ ତିର୍କୀ, କଂଗ୍ରେସ ନେତା ବୀରେନ ସେନାପତି ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେବା ସହିତ ଏହାକୁ ତୀବ୍ର କରିବାକୁ ଆହ୍ୱାନ ଦେଇଥିଲେ। ରାଉରକେଲା ଅଫିସର ସଂଘର କର୍ମକର୍ତ୍ତା ବିମଳ ବିଶି ନିଜ ସମର୍ଥନ ଜ୍ଞାପନ କରି ସମସ୍ତେ ଚେଷ୍ଟା କଲେ ଏହି ୧୫୦ କିମି ରେଳପଥ ନିର୍ମାଣ କରିବାକୁ ବେଶି ସମୟ ଲାଗିବ ନାହିଁ ବୋଲି କହିଥିଲେ। ଶ୍ରମିକ ନେତା ପ୍ରଭାତ ମିଶ୍ର, ଏସ.କେ. ଚାଟାର୍ଜୀ, ରାଜ କିଶୋର ମାନସିଂହ, ଅରୁଣ ଦାସ, ସିପିଏମ ତଥା ସିଟୁ ପକ୍ଷରୁ ଶ୍ରୀମନ୍ତ ବେହେରା, ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ସୁରେନ୍ଦ୍ର ଦାସ, ବିନୋଦିନୀ ଦାସ, ବିଜୁ ଜନତା ଦଳ ପକ୍ଷରୁ ସୁଧୀର ସୁନ୍ଦରରାୟ, ଆନନ୍ଦ ମହାନ୍ତି, ମିନତୀ ବିଶ୍ୱାଳ, ସତ୍ୟାନନ୍ଦ ବେହେରା, ଭାଜପା ପକ୍ଷରୁ ନିହାର ରାୟ, ଜଗବନ୍ଧୁ ବେହେରା, ଲତିକା ପଟ୍ଟନାୟକ, ଏସୟୁସିଆଇ ନେତା ସତ୍ୟପ୍ରିୟ ମହାନ୍ତି, ଛବି ମହାନ୍ତି, ବ୍ରଜ କିଶୋର ରାଉତ, ନିହାର ଦାସ, ସତ୍ୟାନନ୍ଦ ବେହେରାଙ୍କ ସମେତ ବିଭିନ୍ନ ସାଂସ୍କୃତିକ ସଂଗଠନ କର୍ମକର୍ତ୍ତା ରାଧାକାନ୍ତ ନାୟକ, ଭବାନୀ କବି, କୈଳାଶ ମିଶ୍ର, ମହେଶ୍ୱର ଭୋଇ ପ୍ରମୁଖ ନିଜ ବକ୍ତବ୍ୟରେ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିଲେ। ରାଉରକେଲା ବାର ଆସୋସିଏଶନର ବହୁ ଓକିଲ, ବିଶିଷ୍ଟ ବ୍ୟକ୍ତି, ଜନସାଧାରଣ ଏବଂ ଟ୍ରେନ ଯାତ୍ରୀ କିଛି ସମୟ ଛିଡା ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ଅନୁରୋଧ କରିଥିଲେ। ଶେଷରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ରକୁ ରାଉରକେଲା ରେଳବାଇର ଏରିଆ ମ୍ୟାନେଜର ଶ୍ରୀନିବାସ ସାମନ୍ତ ଧାରଣା ସ୍ଥଳକୁ ଆସି ଗ୍ରହଣ କରିଥିଲେ।

### କାଦୋବାହାଲରେ ୩ ଘର ଭାଙ୍ଗିଲେ ହାତୀ



କିର୍ମିରା,୨୦।୮ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକରେ ହାତୀ ଉପଦ୍ରବ ଚରମସୀମାରେ ପହଞ୍ଚିଛି। ବାଗଡିହି ବନ ବିଭାଗ ଅନ୍ତର୍ଗତ ଭଉଁରା, ଭୀମଯୋର, ବୁଢ଼ାପରା, ନକ୍ସାପାଲି, ଗୌଡ଼ପାନପାଲି ଅଞ୍ଚଳରେ ଗତ ଏକ ମାସରୁ ଉର୍ଦ୍ଧ୍ୱ ହେବ ହାତୀ ଆତଙ୍କ ଲାଗି ରହିଛି। ହାତୀ ନିକଟବର୍ତ୍ତୀ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେବା ମାତ୍ରେ ନିକଟସ୍ଥ ଗ୍ରାମଗୁଡ଼ିକରେ ପଶି ଲୋକଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ଯାଉଛନ୍ତି। ବନ ବିଭାଗ ହାତୀଙ୍କୁ ଟ୍ରାକିଂ ନ କରିବା, ପାଟ୍ରୋଲିଂ ନ ହେବା ଦ୍ୱାରା ହାତୀ ଉପଦ୍ରବ ଜାରି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର ରାତି ୧୨ଟାରେ ୩ଟି ହାତୀ ଗୌଡ଼ପାନପାଲି ପଞ୍ଚାୟତ କାଦୋବାହାଲ ଗ୍ରାମରେ ପଶି ଅନିରୁଦ୍ଧ ରୋହିଦାସଙ୍କ ଘର ଭାଙ୍ଗି ଗହମ ବସ୍ତା ଖାଇଛନ୍ତି। ସେହିପରି ଅନୀଲ ଦୀପ ଏବଂ ଶେବାଲି କଂସରାଲିଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି।

■ବୋଲେରୋ ଧକ୍କାରେ ମହିଳାଙ୍କ ମୃତ୍ୟୁ ମାମଲା

## ଗାଡ଼ି ଜବତ, ଫେରାର ଡ୍ରାଇଭର ଗିରଫ

ବେଲପାହାଡ଼,୨୦।୮ (ଡି.ଏନ୍.ଏ.)

ଦୁର୍ଘଟଣା ଘଟାଇ ଫେରାର୍ ଥିବା ବୋଲେରୋ ଡ୍ରାଇଭର ନେତ୍ରାନନ୍ଦ ପ୍ରଧାନ (୩୨)ଙ୍କୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ଗିରଫ କରିଛି। ତାଙ୍କ ଘର ଜାମକାନି ଗାଁରେ। ଏଥିସହ ପୋଲିସ ଦୁର୍ଘଟଣା ଘଟାଇଥିବା ଓଆର୍୨୩-ଡି୨୬୨୩ନଂ ବୋଲେରୋ ଜବତ କରିଛି। ଗତ ୬ ତାରିଖ ସନ୍ଧ୍ୟାରେ ବେଲପାହାଡ଼ ଫାଟକ ନିକଟରେ ଏକ ବୋଲେରୋ ନଜମା ବିବି (୫୬) ନାମକ ଜଣେ ମହିଳାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ନଜମାଙ୍କୁ ବୁର୍ଲା ମେଡିକାଲ ପଠାଯାଉଥିବା ସମୟରେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ନଜମାଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଜଣା ଗାଡ଼ି ନାଁରେ ମାମଲା (ନଂ. ୧୦୩/୨୦୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଦୁର୍ଘଟଣା ଘଟାଇ ବୋଲେରୋ ବେଲପାହାଡ଼ ରେଳ ଷ୍ଟେଶନ ଅତିକ୍ରମ କରି ଲଖନପୁର ଆଡ଼କୁ ପଳାଇଥିଲା ବୋଲି କେତେଜଣ ଯୁବକ ପୋଲିସକୁ ସୂଚନା ଦେଇଥିଲେ। ମାତ୍ର ଗାଡ଼ିର ନମ୍ବର ସମ୍ପର୍କରେ ପୋଲିସକୁ କୌଣସି ସୂଚନା ମିଳିପାରି ନ ଥିଲା। ଦୁର୍ଘଟଣାର ୧୦ ଦିନ ପରେ କୌଣସ ସୂତ୍ରରୁ ଖବର ପାଇ ପୋଲିସ ପ୍ରଥମେ ଜାମକାନି ଗାଁରେ ରହୁଥିବା ବୋଲେରୋ ମାଲିକ ସହଦେବ କଣ୍ଟାଙ୍କୁ ୯୧ ସିଆର୍‌ପିସିରେ ଏକ ନୋଟିସ କରିଥିଲା। ଗାଡ଼ି ଓ ଡ୍ରାଇଭରଙ୍କୁ ଜିମା ଦେବା ପାଇଁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ସକାଳେ ସହଦେବ ବୋଲେରୋ ଓ ଡ୍ରାଇଭର ନେତ୍ରାନନ୍ଦଙ୍କୁ ପୋଲିସ ଜିମା ଦେଇଥିଲେ। ଦୁର୍ଘଟଣା ପରେ ନେତ୍ରାନନ୍ଦ ବୋଲେରୋ ଧରି ଜଣେ ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ ବୋଲି ପୋଲିସ କହିଛି। ମଙ୍ଗଳବାର ଅପରାହ୍ଣରେ ପୋଲିସ ନେତ୍ରାନନ୍ଦଙ୍କୁ ଦଫା ୨୭୯ ଓ ୩୦୪ (ଏ) ଆଇପିସିରେ ଗିରଫ କରି କୋର୍ଟ ଚାଲାଣ କରିଛି।





ବେଲପାହାଡ଼ ପୋଲିସ ଜବତ କରିଥିବା ବୋଲେରୋ ଗାଡ଼ି।

### କେନ୍ଦ୍ରୀୟ ପୂଜା କମିଟି ଫଳାଫଳ ୨୨ରେ

ରାଉରକେଲା ଅଫିସ,୨୦।୮

ସହରରେ ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜା ଉତ୍ସବ କେନ୍ଦ୍ରୀୟ ପୂଜା କମିଟି ଆନୁକୂଲ୍ୟରେ ଦୀର୍ଘ ବର୍ଷ ହେବ ପାଳିତ ହୋଇ ଆସୁଛି। ଏଥିରେ ବିଭିନ୍ନ ପୂଜା କମିଟିର ଶ୍ରେଷ୍ଠ ମେଢ ଗୁଡିକୁ ପୁରସ୍କାର ପ୍ରଦାନ କରାଯାଇ ଥାଏ। ଚଳିତ ବର୍ଷ ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ପୂଜା କମିଟି ଅଧ୍ୟକ୍ଷ ଡଃ ଯେଦୁଲା ବିଜୟଙ୍କ ତତ୍ୱାବଧାନରେ ଆସନ୍ତା ୨୨ରେ ପୁରସ୍କାର ଘୋଷଣା କରାଯିବ। ଉଦିତନଗର ଆଇଟିଡିଏ ହଲଠାରେ ଅପରାହ୍ଣ୫ଟାରେ ଅନୁଷ୍ଠିତ ହେବାକୁ ଯାଉଥିବା କେନ୍ଦ୍ରୀୟ ପୂଜା କମିଟି ବୈଠକରେ ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜାର ଫଳାଫଳ ଘୋଷଣା କରାଯିବ। ଏଥିରେ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଯୋଗ ଦେବାକୁ କେନ୍ଦ୍ରୀୟ ପୂଜା କମିଟି ସଂପାଦକ ଚୌଧୁରୀ ବିଜୟ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଏ ନେଇ ଜିଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

■ପଞ୍ଚାୟତ ଅଫିସ ଛାତରୁ ଠେଲି ଯୁବକଙ୍କୁ ହତ୍ୟା ମାମଲା

## ରାତି ଜଗୁଆଳ ସହ ୨ ଗିରଫ

ଝାରସୁଗୁଡ଼ା ଅଫିସ/ ଲଖନପୁର, ୨୦।୮ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ତାଳପଟିଆ ଫାଣ୍ଡି ଅଧୀନ ଦୁର୍ଲଗା ପଞ୍ଚାୟତ କାର୍ଯ୍ୟାଳୟ ଛାତରୁ ଠେଲି ରବିବାର ବିଳମ୍ବିତ ରାତିରେ ଦୁର୍ଲଗା ଗ୍ରାମର ତପନ ସାହୁ (୨୨)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ପଞ୍ଚାୟତ କାର୍ଯ୍ୟାଳୟ ରାତି ଜଗୁଆଳି ଦେବେନ୍ଦ୍ର କାହାଳୀ (୨୨)ଙ୍କୁ ଦୁର୍ଲଗା ଗ୍ରାମରୁ ଓ ଦୁବରାଜ ସିଂହ (୩୫)ଙ୍କୁ ଖିଣ୍ଡା ଗ୍ରାମରୁ ଗିରଫ କରିଛି। ଏମାନଙ୍କ ବିରୋଧରେ ମାମଲା (ନଂ.୫୨୦/୧୯) ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଦୁବରାଜଙ୍କ ଘର ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ପଞ୍ଚରା ଗ୍ରାମ। ସେ ସମ୍ବଲପୁର ଜିଲା ଖିଣ୍ଡାରେ ଭଡ଼ାରେ ରହି ଟ୍ରାକ୍ଟର ଚାଳକ ଭାବେ କାମ କରୁଥିଲେ। ମୃତ ତପନ ମଧ୍ୟ ଟ୍ରାକ୍ଟର ଚାଳକ ଭାବେ କାମ କରୁଥିଲେ। ଏହି ଦୃଷ୍ଟିରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ତପନ ଓ ଦେବେନ୍ଦ୍ର ଗୋଟିଏ ଗ୍ରାମର ହୋଇଥିବାରୁ ସେମାନଙ୍କ ମଧ୍ୟରେ ମଧ୍ୟ ସମ୍ପର୍କ ଥିଲା। ରବିବାର ରାତିରେ ତିନିହେଁ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଜି କରି ଖିଆପିଆ କରିଥିଲେ। ପରେ ମୋବାଇଲକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦେବେନ୍ଦ୍ର ଓ ଦୁବରାଜ ତପନଙ୍କୁ ମାରପିଟ କରିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଛାତରୁ ତଳକୁ ଠେଲିଦେଇ ଘଟଣା ସମ୍ପର୍କରେ ଉକ୍ତ ରାତିରେ ତପନଙ୍କ ଘରେ କହିଥିଲେ। ତପନଙ୍କ ପରିବାର ଲୋକେ ପଞ୍ଚାୟତ କାର୍ଯ୍ୟାଳୟରୁ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତପନଙ୍କୁ ମୃତ ଘୋଷଣ କରିଥିଲେ।



ଗିରଫ ୨ ଅଭିଯୁକ୍ତ ଦେବେନ୍ଦ୍ର କାହାଳି ଓ ଦୁବରାଜ ସିଂହ।

■ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ନିଯୁକ୍ତି ଶିବିର

## ନାମ ପଞ୍ଜୀକୃତ କଲେ ୧୯୨ ଯୁବତୀ ଯୁବକ

କୁଆଁରମୁଣ୍ଡା,୨୦।୮ (ଡି.ଏନ.ଏ.)

ଗ୍ରାମାଞ୍ଚଳର ଅର୍ଦ୍ଧଶିକ୍ଷିତ ଓ ଶିକ୍ଷିତ ବେକାରୀମାନଙ୍କର ଆର୍ଥିକ ଅବସ୍ଥା ସୁଦୃଢ କରିବା ପାଇଁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଉଛି। ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବା ଶିକ୍ଷିତ ବେକାରୀମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ କାର୍ଯ୍ୟକ୍ଷମ କରାଯିବା ପରେ ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଜରିଆରେ ରାଜ୍ୟ ଓ ରାଜ୍ୟ ବାହାରେ ସେମାନଙ୍କୁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଉଛି। ଏହି ନିଯୁକ୍ତି ଯୋଜନା ମଙ୍ଗଳବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସାଧନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୧୧ ଯୁବତୀ/ଯୁବକ ଅଂଶ ଗ୍ରହଣ କରିଥିଲେ। ଅନୁରୂପ ଭାବେ ବିଭିନ୍ନ କୌଶଳ ପ୍ରଦାନକାରୀ ୧୧ଟି ସଂସ୍ଥା ଏହି ଶିବିରରେ ନିଜ ନିଜର ଷ୍ଟଲ ପକାଇ ସେମାନଙ୍କ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମ ସମ୍ପର୍କରେ ଉପସ୍ଥିତ ଯୁବତୀଯୁବକମାନଙ୍କୁ ଅବଗତ କରାଇଥିଲେ ।ତାଲିମ ପ୍ରଦାନକାରୀ ସଂସ୍ଥାର ଅଧିକାରୀମାନଙ୍କ ଠାରୁ ସମସ୍ତ କୌଶଳ ଉପରେ ଅବଗତ ହେଲା ପରେ ୨୧୧ ଜଣଙ୍କ ମଧ୍ୟରୁ ୧୯୨ ଜଣ ଯୁବତୀଯୁବକ ନିଜ କୌଶଳ ଶିକ୍ଷାଲାଭ ପାଇଁ ନିଜ ନାମ ପଞ୍ଜିକୃତ କରାଇଥିବା କୁଆଁରମୁଣ୍ଡା ବ୍ଲକ ଓଏଲଏମ୍ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, ଉପାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ବିଡିଓ ପିୟୁଷ ଲୋହାର, ଓଏଲଏମ୍ ବିପିଏମ୍ ପ୍ରସନ୍ନ ମୋଦି ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।



ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ନିଯୁକ୍ତି ଶିବିରରେ ଉପସ୍ଥିତ ଯୁବତୀଯୁବକମାନେ।

## ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଜାତିଆଣ ଆକ୍ଷେପ ଅଭିଯୋଗ

କିର୍ମିରା,୨୦।୮ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅଞ୍ଚଳର ଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀଙ୍କୁ ସେହି ସ୍କୁଲର ପ୍ରଧାନ ଶିକ୍ଷକ ଜାତିଆଣ ଆକ୍ଷେପ ସହ ଅସଦାଚରଣ କରିଥିବା ଲଇକେରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସମ୍ପୃକ୍ତା ଶିକ୍ଷୟିତ୍ରୀ ସ୍କୁଲରେ ଯୋଗଦାନ କରିବା ପରଠାରୁ ପ୍ରଧାନ ଶିକ୍ଷକ ତାଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ୨୦୧୮ ଡିସେମ୍ବରରେ ଶିକ୍ଷୟିତ୍ରୀ ନିଜ ପାରିବାରିକ ସମସ୍ୟା ନେଇ ସହକର୍ମୀ ଶିକ୍ଷକଙ୍କ ସହ ଆଲୋଚନା କରୁଥିବା ବେଳେ ପାଠପଢ଼ା ସମୟରେ କାହିଁକି କଥା ହେଉଛ, ତୁମର ଟ୍ରାନ୍ସଫର କରିଦେବି ବୋଲି ପ୍ରଧାନ ଶିକ୍ଷକ ଧମକ ଦେଇଥିଲେ। ଏଥିସହ ଜାତିଆଣ ଆକ୍ଷେପ ମଧ୍ୟ କରିଥିଲେ। ଶିକ୍ଷୟିତ୍ରୀ ବିଇଓଙ୍କୁ ଏ ବିଷୟରେ ଅବଗତ କରି ସମାଧାନ ପାଇଁ ଲିଖିତ ନିବେଦନ କରିଥିଲେ। ତେବେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଗତ ଫେବୃୟାରୀ ୨୮ରେ ସେ ଏ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ ଗତ ୧୪ ତାରିଖ ସ୍ୱାଧୀନତା ଦିବସ ପ୍ରସ୍ତୁତି ସମୟରେ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବଚସା ଓ ପାଟିତୁଣ୍ଡ ହୋଇଥିଲା। ଏହାର ସମାଧାନ ପାଇଁ ବିଇଓଙ୍କ ତରଫରୁ ୧୯ ତାରିଖରେ ସ୍କୁଲରେ ଏକ ବୈଠକ ବସିଥିଲା। ବୈଠକରେ କୌଣସି ସମାଧାନ ବାଟ ନ ଫିଟିବାରୁ ବାଧ ହୋଇ ଶିକ୍ଷୟିତ୍ରୀ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକଙ୍କୁ ପଚରାଯିବାରୁ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ମତେ ଫସାଇବାକୁ ଏହା ଶିକ୍ଷୟିତ୍ରୀଙ୍କ ଏକ ଚାଲ। ଶିକ୍ଷାଦାନରେ ଅବହେଳା ପ୍ରଦର୍ଶନ କରୁଥିବାରୁ ପୂର୍ବରୁ ମୁଁ ସମ୍ପୃକ୍ତା ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକଙ୍କୁ ବାରମ୍ବାର ତାଗିଦ କରି ଆସୁଥିଲି। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଶିକ୍ଷକଙ୍କର ବଦଳି ହୋଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଶିକ୍ଷୟିତ୍ରୀ ଜଣକ ମତେ ମିଥ୍ୟା ମାମଲାରେ ଫସାଇବାକୁ ଚେଷ୍ଟା କରୁଛନ୍ତି ବୋଲି ପ୍ରଧାନ ଶିକ୍ଷକ କହିଥିଲେ। ଲଇକେରା ଥାନା ଅଧିକାରୀ ବିଶ୍ୱପତି ପଣ୍ଡାଙ୍କୁ କହିଲେ, ଅଭିଯୋଗ ମିଳିଛି। ମାମଲା ସହ ଜଡ଼ିତ ବ୍ୟକ୍ତିଙ୍କ ମତାମତ ଗ୍ରହଣ କରାଯିବା ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ବିମଳାଗଡ଼ ଷ୍ଟେଶନରେ ସିପିଏମ୍ ପକ୍ଷରୁ ବିକ୍ଷୋଭ

ଲହୁଣୀପଡ଼ା, ୨୦।୮ (ଡି.ଏନ.ଏ)

ବହୁ ପ୍ରତିକ୍ଷୀତ ତାଳଚେର-ବିମଳାଗଡ ରେଳପଥ ତୁରନ୍ତ ସମ୍ପୂର୍ଣ୍ଣ କରିବା ନେଇ ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତି ମଙ୍ଗଳବାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ଅବସରରେ ସିପିଆଇଏମ୍ ପକ୍ଷରୁ ବିମଳାଗଡ ରେଳଷ୍ଟେସନଠାରେ ଗଣବିକ୍ଷୋଭ ସହିତ ସାଧାରଣ ସଭା କରାଯାଇଛି। ଏହି ଅବସରରେ ବିମଳାଗଡ ରେଳ ଷ୍ଟେସନଠାରେ ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାନ୍ତଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ ସାମଲ, ଜାମୁଡିହି ସରପଞ୍ଚ ସୁଶିଳା ମୁଣ୍ଡା, ବିମଳାଗଡ ସରପଞ୍ଚ ଗାଙ୍ଗୀ ସଏ, ସମିତି ସଭ୍ୟା ଶୋଭାଦେବୀ ସାହୁ,ସମିତି ସଭ୍ୟ ମନୋଜ ପୂର୍ତ୍ତି, ହୃଦାନନ୍ଦ ଯାଦବ, ବରିଷ୍ଠ ଦଳୀୟ ନେତା ଆନନ୍ଦ ମାସୀ ହରୋ, କୃଷ୍ଣଚନ୍ଦ୍ର ବାରିକ, ଲିଲ ମୋହନ ଗୋପ, କାଳତା ସରପଞ୍ଚ ଭୀମସେନ ଦେହୁରୀ, ପୂର୍ବତନ ସରପଞ୍ଚ ସୁଶିଳା ମୁଣ୍ଡା, ଓମନ୍ତ କୁମାର ମହାନ୍ତ, ଲିଲି ସରିତା ଗୁଡିଆ ପ୍ରମୁଖ ଉପସ୍ଥିତ ଜନସମାବେଶକୁ ଉଦବୋଧନ ଦେଇଥିଲେ। ତାଳଚେର-ବିମଳାଗଡ ରେଳପଥ ଇତିହାସର ଇତିବୃତ୍ତି, ରେଳପଥର ଗୁରୁତ୍ୱ, ଯାତ୍ରୀ ଗମନାଗମନର ସୁବିଧା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ବାବଦରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ ନ ହେଲେ ଭବିଷ୍ୟତରେ ଅର୍ଥନୈତିକ ଅବରୋଧ ପାଇଁ ଯୋଗଦେଇଥିବା ସଂଗ୍ରାମ ସମିତିର କର୍ମକର୍ତ୍ତା ତଥା ସିପିଆଇଏମ ଦଳର ସମ୍ପାଦକ ପ୍ରମୋଦ କୁମାର ସାମଲଙ୍କ ନେତୃତ୍ୱରେ ସହସ୍ରାଧିକ ଜନସାଧାରଣ ବଜ୍ର ଶପଥ ନେଇଛନ୍ତି। ବିମଳାଗଡ ୨୧୫/୫୨୦ ନମ୍ବର ଜାତୀୟ ରାଜପଥ ଛକରୁ ପ୍ରାୟ ୨ହଜାର ଜନସାଧାରଣ ଏକ ଶୋଭାଯାତ୍ରାରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଆସି ଠିକାଦାର ରୋହିତ କୁମାର ଦାସଙ୍କ କ୍ୟାମ୍ପ ସମ୍ମୁଖରେ ବିକ୍ଷୋଭ କରିଥିଲେ ।୨୧୫/୫୨୦ ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡାଠାରୁ -କାଳତା-କୋଇଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଏବଂ ରାସ୍ତା ମରାମତି କରୁ ନଥିବା ପ୍ରତିବାଦରେ ଏହି ବିକ୍ଷୋଭ କରାଯିବା ସହିତ ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ ଜାତୀୟ ରାଜପଥଟି ଯାତାୟାତ ଯୋଗ୍ୟ ନ ହେଲେ ରୋହିତ କୁମାର ଦାଶଙ୍କ ଠିକାଦାର କ୍ୟାମ୍ପକୁ ଘେରାଉ କରାଯିବ ବୋଲି ଦଳର ସମ୍ପାଦକ ପ୍ରମୋଦ କୁମାର ସାମଲ ଚେତାବନୀ ଦେଇଛନ୍ତି। ଏହାପରେ ବିମଳାଗଡ ମୁଖ୍ୟ ରାସ୍ତାରେ ବାହାରି ରେଳଷ୍ଟେସନରେ ପହଞ୍ଚି ସଭା ଆୟୋଜନ କରିବା ସହିତ ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ ଗଣଧାରଣାରେ ବସି ରହିଥିଲେ। ଏଥିରେ ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀ ମାଜଷ୍ଟ୍ରେଟ ଭାବେ ମୃତୟନ ହୋଇଥିବାବେଳେ,ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟଙ୍କ ନେତୃତ୍ୱରେ କେ.ବଲାଙ୍ଗ ଥାନା ଅଧିକାରୀ, ମହୁଲପଦା ଥାନା ଅଧିକାରୀ,ବନ୍ଦମୁଣ୍ଡା ରେଳବାଇ ଥାନା ଅଧିକାରୀ ଉପସ୍ଥିତ ଥିଲେ।



ବିମଳାଗଡ ରେଳଷ୍ଟେଶନଠାରେ ଗଣବିକ୍ଷୋଭ କରାଯାଉଛି।

## ରାଉରକେଲାରୁ ୨ଛାତ୍ରଙ୍କୁ ନେଲା ବାରିପଦା ପୋଲିସ

ରାଉରକେଲା ଅଫିସ,୨୦।୮

ରାଉରକେଲା ଟାଙ୍ଗରପାଲି ପୋଲିସ ୨ ଜଣ ଛାତ୍ରଙ୍କୁ ଉଦ୍ଧାର କରିଛି। ଏମାନେ ବାରିପଦା ଶିରିଶବଣୀ ସ୍ୱାମୀ ବିବେକାନନ୍ଦ ସ୍କୁଲ ହଷ୍ଟେଲର ୯ମ ଶ୍ରେଣୀ ଛାତ୍ର। ଏମାନଙ୍କ ଭିତରୁ ଜଣକର ଘର ରାଉରକେଲାରେ। ଅନ୍ୟ ଜଣେ ବାଲେଶ୍ୱର ଜିଲାରେ। ଗତ ୧୬ ତାରିଖରେ ୩ଜଣ ଛାତ୍ର ମିଶି ବନ୍ଧେ ଚାଲି ଯାଇଥିଲେ। ସୋମବାର ଦୁଇ ଛାତ୍ର ରାଉରକେଲା ଷ୍ଟେଶନରେ ଓହ୍ଲାଇ ଫର୍ଟିଲାଇଜର ଟାଉନଶିପକୁ ଫେରୁଥିଲେ। ହେଲେ ପୋଲିସ ହାବୁଡରେ ପଡିଥିଲେ। ଏମାନଙ୍କ ହାବଭାବ ଉପରେ ପୋଲିସ ସନ୍ଦେହ କରି ଥାନାକୁ ଧରି ନେଇଥିଲା। ପଚରା ଉଚରା କରିବାରୁ ଘଟଣା ନଜରକୁ ଆସିଥିଲା। ସୂଚନା ପାଇ ବାରିପଦା ପୋଲିସ ରାଉରକେଲାରେ ପହଞ୍ଚି ଦୁଇ ଛାତ୍ରଙ୍କୁ ସାଙ୍ଗରେ ନେଇଛି। ସେଠାରେ ସେମାନଙ୍କୁ ପଚାରାଉଚରା କରାଯିବ ବୋଲି ସମ୍ପୃକ୍ତ ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ପ୍ରକାଶ କରିଛନ୍ତି।